# ଶ୍ରମଣ ପଧ୍ତି

# ଶ୍ରମଣ ପଧ୍ତିର ପୁରାତତ୍ୱ

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ

ନିଗ୍ରନ୍ଥ ନାତପୁତ୍ ଏବଂ ବୁଧ୍ଙ୍କ ସମୟରେ ବ୍ରାହ୍ମଣମାନଙ୍କର ସମାଜରେ ଆଧିପତ୍ୟ ରହିଥିଲା । ପୂଜକଙ୍କ ଜରିଆରେ ହିଁ ସେମାନଙ୍କର କୌଳିକ ପ୍ରଥା କର୍ମଗୁଡ଼ିକ ସଂପନ୍ନ କରାଯାଉଥିଲା । "ବିଶ୍ୱମଙ୍ଗଳ ନିମନ୍ତେ ବିଶେଷତଃ ପୃଥିବୀ ତିଷ୍ଠିରହିବା ତଥା ଦେବତାମାନଙ୍କର ସ୍ଥାୟୀତ୍ୱ ସେମାନଭ୍କର ପୂଜାପାଠ ପଧ୍ତି ଉପରେ ନିର୍ଭର କରେ ବୋଲି ବ୍ରାହ୍ମଣମାନେ ଦାବି କରୁଥିଲେ । ଏହା ସେତେବଳେ ବିରାଟ ଏବଂ ଜଟିଳ ଆକାର ଧାରଣ କରିସାରିଥିଲା ।୧। ସେମାନଙ୍କର "ପୂଜାପାଠ ଏବଂ ପର୍ବପର୍ବାଣୀ ସବୁ ବିଶ୍ୱର ଇତିହାସ ଏବଂ ସାହିତ୍ୟବଳୀରେ ବିସ୍ତୃତ ରୂପ ଓ ବ୍ୟାଖ୍ୟା ସହିତ ଏପରିଭାବରେ ସ୍ଥାନ ପାଇଥିଲା ଯେ ମଣିଷର ମନ ଭିତରେ ତାହାର ଆଉ କୌଣସି ସମାନ ବିକଳ୍ପ ଢୁକିବା ଅସମ୍ଭବ ହୋଇ ଯାଇଥିଲା । ୨।

## ବୈଦିକ ପଧ୍ତି

ବୈଦିକ ସାହିତ୍ୟର ପ୍ରାରମ୍ଭରୁହିଁ ବ୍ରାହ୍ମଣ ପରମ୍ପରା ପ୍ରଚଳିତ । ବ୍ରାହ୍ମଣ ଶବ୍ଦଟି 'ବୃ' ଧାତୁରୁ ଆନୀତ । ବୃ'ର ଅର୍ଥ ହେଉଛି ବୃଧି, ପ୍ରସାରଣ, ଉନ୍ନତି ଆତ୍ମାର ପରିବ୍ୟାପ୍ତି ।୩। ସଂପୃକ୍ତ ବିଚାରଣା ସଂପନ୍ନ ପ୍ରାର୍ଥନା ଗୁଡ଼ିକର ତତ୍ୱାବଧାନ ସାଜିଥିବା ବ୍ରାହ୍ମଣମାନେ ବୈଦିକ ସମାଜରେ ଉଚାଙ୍ଗ ଆଧାତ୍ମ୍ ଆଧିପତ୍ୟର ଅଧିକାରୀ ଥିଲେ । ସେମାନଙ୍କୁ ସୃଷ୍ଟିର ଦେବତା ପ୍ରଜାପତିଙ୍କ ସଂତତି ଭାବରେ ଗଣାଯାଉଥିଲା । "ବ୍ରାହ୍ମଣୋ ବିପ୍ରସ୍ୟ ପ୍ରଜାବତେର୍ଭା ଅପତ୍ୟମିତି ବ୍ରାହ୍ମଣୋ" କେବଳ ବ୍ରାହ୍ମଣମାନଙ୍କ ଆଧାତ୍ମିକ ନେତୃତ୍ୱକୁ ବଳପିତର ରଖିବା ନିମନ୍ତେ ବ୍ୟାପକ ତ୍ୟାଗ, ବଳୀର ପରମ୍ପରାଗଢ଼ି ଉଠିଥିଲା । ଏହି ତ୍ୟାଗ/ବଳୀକୁ ଶାଶ୍ୱତ ବୋଲି ବିବେଚନା କରାଯାଉଥିଲା । ଏପରିକି ତ୍ୟାଗ/ବଳୀ ବଳରେ ହିଁ ବିଶ୍ୱର ସୃଷ୍ଟି ବୋଲି ମଧ୍ୟ ବିଶ୍ୱାସ କରାଯାଉଥିଲା । ଜଣଙ୍କର ଶତ୍ରୁ କ୍ଷତିକରିବା ଏବଂ ପାର୍ଥିବ ଆନନ୍ଦ ଉପଭୋଗ ପାଇଁ ପୂଜାପାଠ କରାଯାଉଥିଲା ।

## ଉତ୍ର ବୈଦିକ ସାହିତ୍ୟ

ଉତ୍ର ବୈଦିକ ସାହିତ୍ୟ କାଳରେ ପ୍ରକୃତ ତ୍ୟାଗର ମୂଲ୍ୟବୋଧ ପ୍ରତୀକାତ୍ମକ ପ୍ରତିନିଧିତ୍ୱ ଏବଂ ଧ୍ୟାନରେ ରୂପାନ୍ତରିତ ହୋଇଗଲା । ୪। ପରବର୍ତ୍ତୀ ସମୟରେ ଔପନିଷଦିକ ଚିନ୍ତାବିତ୍ମାନେ ଆତ୍ମାର ପ୍ରକୃତିକୁ କେବଳ ନୈତିବାଦୀ ଢ଼ାଞ୍ଚାରେ ବର୍ଣ୍ଣନା କରାଯାଇପାରିବ ବୋଲି ଅନୁଭବ କଲେ । ଆତ୍ମନ୍ ଅଥବା ଆତ୍ମାଟି ଏହା ନୁହେଁ କିମ୍ବା ତାହା ମଧ୍ୟ ନୁହେଁ ସମସ୍ତେ ପାପ, ଜରା, ମୃତ୍ୟୁ, ଦୁଃଖ, କ୍ଷୁଧା ଏବଂ ତୃଷ୍ଣାଠାରୁ ବିମୁକ୍ତ ବୋଲି ସମସ୍ତେ ମାନିନେଲେ । ଆତ୍ମାର ଇଚ୍ଛା ସତ୍ୟ ଅଟେ । ଏହାର ଅବବୋଧ ସତ୍ୟ ଅଟେ । ଯେଉଁ ମନୁଷ୍ୟ ଏହି ଆତ୍ମାକୁ ଚିହ୍ନିପାରେ ସେ ନିଜର ସମସ୍ତ ଆକାଂକ୍ଷା ଏବଂ ସମଗ୍ର ବ୍ରାହ୍ମଣକୁ ପ୍ରାପ୍ତ ହୁଏ ।୫। ଆତ୍ମା କିମ୍ବା ବ୍ରହ୍ମ ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁରେ ପରିବ୍ୟାପ୍ତ ହୋଇରହିଛି । ବ୍ରହ୍ମାଣ୍ଡର ଉତ୍ପତି ବ୍ରହ୍ମରୁ ।

ଏହିପରି ଭାବରେ ବୈଦିକ ମନ୍ତ୍ରାବଳୀରେ ଥିବା ସରଳ ବିଶ୍ୱାସ ଏବଂ ଅନୁରକ୍ତିକୁ ଏକ ପକ୍ଷରେ ତ୍ୟାଗପୂତ ପୂଜାବିଧିର ଜଟିଳ ପଧ୍ତି, ପରମ୍ପରା ଅଭିବୃଧି ଅଜାୟଜବରଦସ୍ତ ଅଧିକାର କରିନେଲା ଏବଂ ଅନ୍ୟପକ୍ଷରେ ବ୍ରହ୍ମାଣ୍ଡର ବିକଳ୍ପ ବାସ୍ତବତାର ଦାର୍ଶନିକ ଜ୍ଞାନ ଅଥବା ଏକେଶ୍ୱରବାଦୀ ଭାବନା ଆଡ଼କୁ ମୁହାଁଇ ଦେଲା ।୬।

ବୈଦିକ ପଧ୍ତି / ପରମ୍ପର ପ୍ରଥାର ସାମାଜିକ ଦୃଷ୍ଟିଭଙ୍ଗୀ ଏବଂ ଜୀବନର ଲକ୍ଷ୍ୟ ଉଭୟେ ଜାତିପ୍ରଥା ଉପରେ ପର୍ଯ୍ୟବେସିତ । ତଥାକଥିତ ଶୂଦ୍ର ଯେଉଁମାନେ ନୀତସଂପ୍ରଦାୟଭୁକ୍ତ, ସେମାନଙ୍କୁ ପୂଜାପାଠ କରିବାକୁ ବାରଣ କରାଯାଇଥିଲା ।୭।

**ଶ୍ରମଣ ପଧ୍ତି**

ବ୍ରାହ୍ମଣ ଅଥବା ବୈଦିକ ଧାରାଠାରୁ ସଂପୂର୍ଣ୍ଣ ଭିନ୍ନ ଓ ସ୍ୱାଧୀନଭାବରେ ସେହି ସମୟରେ ଅନ୍ୟ ଏକ ସାଂସ୍କୃତିକ ଧାରା ମଧ୍ୟ ପ୍ରଚଳିତ ଥିଲା । ଏହା ସମ୍ଭବତଃ ପୂର୍ବୋକ୍ତ ଧାରାଠାରୁ ପ୍ରାଚୀନ ମଧ୍ୟ ହୋଇପାରେ ।

ଶ୍ରମଣ ଶବ୍ଦଟି ଶ୍ରମରୁ ଆନୀତ । ଶ୍ରମର ଅର୍ଥ ଉଦ୍ୟମ କରିବା, ପରିଶ୍ରମ କରିବା, କିମ୍ବା କୃଚ୍ଛସାଧନା କରିବା । କିନ୍ତୁ ଏହି ଅର୍ଥକୁ ଭ୍ରମଣକାରୀ ପରିବ୍ରାଜକ ଅର୍ଥ ସହିତ ମିଶାଇ ଦିଆଯାଇଛି ।୮। ଯିଏ ସନ୍ତାପ କରେକିମ୍ବା କଠୋର ବୈରାଗ୍ୟ, ସନ୍ନ୍ୟାସୀ ଆଚରଣ କରେ ତାକୁ ଶ୍ରମଣ କୁହାଯାଏ । (ଶ୍ରମୟତି ତପସ୍ୟାରତି ଶ୍ରମଣଃ) ।୯।

ଶ୍ରମଣ ସାଂସ୍କୃତି ପ୍ରଥା ସମତା ଉପରେ ଆଧାରିତ ଥିଲା । ଏହା ଅନୁସାରେ ଜଣେ ନିଜ କାମ ପାଇଁ ଦାୟୀ । ତେଣୁ ଯେ କେହି ମୁକ୍ତି ପାଇପାରେ । ବ୍ୟକ୍ତିର ପୁନର୍ଜନ୍ମ ଚକ୍ରକୁ ଦୈନ୍ୟ ଦୁର୍ଦ୍ଦଶାର କାରଣ ଏବଂ ମୌଳିକ ଉପାଦାନ ବୋଲି ଏହା ବିବେଚନା କରେ । ପୁନର୍ଜନ୍ମର କୁଣ୍ଡଳୀରୁ ମୁକୁଳିବା ପ୍ରତ୍ୟେକ ମନୁଷ୍ୟର ଧ୍ୟେୟ ଥିଲା । ଶ୍ରମଣଙ୍କର ପ୍ରତ୍ୟେକ ସଂପ୍ରଦାୟ ନିଜ ନିଜ ଧାରାରେ ମୁକ୍ତି ମାର୍ଗ ସଂପର୍କରେ ଶିକ୍ଷା ଦେଇଥିଲେ । କିନ୍ତୁ ସେମାନେ ସମସ୍ତେ ଗୋଟିଏ କଥାରେ ଏକମତ ଥିଲେ । ତାହାହେଉଛି ନିଯୁକ୍ତି ନିମନ୍ତେ ପୂଜାପାଠକୁ କମ୍‌କରିବା ଏବଂ ସଂସାରର ନଶ୍ୱରତା କବଳରୁ ଉଧାର ପାଇବା ସକାଶେ ନୈତିକ, ମାନସିକ ଏବଂ ଆଧାତ୍ମିକ ଉନ୍ନତିର ମାର୍ଗ ପ୍ରସ୍ତୁତି କରିବା ।

ଏହିପରି ଭାବରେ ବୈଦିକ ସାଂସ୍କୃତି ପଧ୍ତି ଶ୍ରମଣ ସାଂସ୍କୃତି ପଧ୍ତିଠାରୁ ତିନୋଟି କ୍ଷେତ୍ରରେ ପୃଥକ ବୋଲି ବିବେଚନା କରାଯାଏ । (କ) ସାମାଜ ପ୍ରତି ମନୋଭାବ (ଖ) ଜୀବନର ଲକ୍ଷ୍ୟ (ଗ) ଜୀବଜନ୍ତୁଙ୍କ ସମ୍ପର୍କରେ ଦୃଷ୍ଟିଭଙ୍ଗି । ପରିଣାମତଃ ଏହି ଉଭୟ ସଂସ୍କୃତି ପରସ୍ପରର ଏତେ ବିରୋଧୀ ଭାବରେ ଜଣାଶୁଣାଯେ ପାଣିନି ଏବଂ ପତଞ୍ଜଳି ଏହାକୁ ଶାଶ୍ୱତ ବିରୋଧ ଏବଂ ଗେବ୍ୟାଘ୍ରବତ୍ ବିରୋଧ ଭାବରେ ବର୍ଣ୍ଣନା କରିଛନ୍ତି ।

**ଶ୍ରମଣ ସାଂସ୍କୃତିକ ପଧ୍ତିର ସ୍ୱାଧୀନ ଉଭବ**

ଶ୍ରମଣ ସଂସ୍କୃତିର ଉଦ୍ଭବ ସମ୍ପର୍କରେ ଦୁଇଟି ମୁଖ୍ୟମତ ରହିଛି । ପ୍ରଥମଟି ହେଲା - କମ ହେଉ କିମ୍ବା ବେଶି ହେଉ, ଧର୍ମନିଷ୍ଠ ବୈଦିକ ସଂସ୍କଅତି ବିରୁଧ୍ୱରେ ଏହା ଏକ ପ୍ରତିବାଦ । ଅନ୍ୟଯି ହେଲା - ଏହା ଅନ୍ୟ ଏକ ସ୍ୱାଧୀନ ଏବଂ ମୌଳିକ ଚିନ୍ତାଧାରା । ଓ୍ୱି□ରନିଜ, ରିଜ୍‌ଡ଼େଭିଡ୍, ଇ.ଲୁନ୍ୟମ୍ୟାନ, ପ୍ରମୁଖ ଏହି ପ୍ରଥମ ଅଭିମତର ସମର୍ଥକ । କିନ୍ତୁ ଅଧିକାଂଶ ଜୈନ ବିଦ୍ୱାନ ଏହାକୁ ସମର୍ଥନ କରନ୍ତି ନାହିଁ ।୧୨।

ଶ୍ରମଣ ସାଂସ୍କୃତିକ ପଧ୍ୱତିର ମୂଳଭିତ୍ ସମ୍ପର୍କିତ ବିଭିନ୍ନ ତତ୍ୱକୁ ଅନୁଶୀଳନ କରି ଦେଓ ଏହି ନିଷ୍ପତି୍ରେ ପହ□ଛନ୍ତି ଯେ ପ୍ରତ୍ୟେକ ଗୋଟିଏ ନିର୍ଦ୍ଦିଷ୍ଟ ଦିଗପ୍ରତି ଗୁରୁତ୍ୱ ଦେଇଛନ୍ତି । (କ) କ୍ଷତ୍ରିୟର ପ୍ରତିବାଦ (ଖ) ସଂଗଠିତ ଶିଷ୍ଟ ପରବ୍ରାଜକ (ଗ) ବ୍ରହ୍ମଚାରୀଙ୍କ ଗୁଣ (ଘ) ସନ୍ନ୍ୟାସ ସମ୍ପର୍କୀତ ବ୍ରାହ୍ମଣ ନିୟମାବଳୀର ନକଲ (ଙ) ଭାରତର ପୂର୍ବା□ଳରେ ମାଗଧୀୟ ଧର୍ମର ଉପସ୍ଥିତି । ଏହି ସମସ୍ତ ବିଷୟ ଶ୍ରମଣଙ୍କର ମହାନ୍ ପରିବ୍ରାଜକ ସଂପ୍ରଦାୟ ନିର୍ମାଣରେ ସାହାଯ୍ୟ କରିଥିଲା । ବ୍ରାହ୍ମଣଙ୍କର ଯଜ୍ଞ/ବଳି ପ୍ରଥାକୁ କ୍ଷତ୍ରିୟଙ୍କ ବିରୋଧ ପ୍ରସଙ୍ଗଟିକୁ ସେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରନ୍ତି । ସେ କହନ୍ତି ଶ୍ରମଣମାନେ ବ୍ରାହ୍ମଣଙ୍କ ଅଧଃପତନ ପୂଜାରୀପଣିଆ ପ୍ରତି ଅସନ୍ତୁଷ୍ଟ ହୋଇ ବ୍ରାହ୍ମଣ ବିରୋଧୀ ଚିନ୍ତାଧାରା ପ୍ରକାଶ କରିଥିଲେ ।

କିନ୍ତୁ ଏହି ଉପସଂହାରଟି ଏକାବେଳେକେ ଠିକ୍ ନୁହେଁ । କାରଣ, ଦୃଢ଼ ସାହିତ୍ୟ ଏବଂ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଭିତ୍ତିରେ ଜଣାପଡ଼ିଛି ଯେ ବ୍ରାହ୍ମଣବାଦ ପୂର୍ବରୁ ଜୈନଙ୍କର ଶ୍ରମଣ ସାଂସ୍କୃତି ପଧ୍ୱତି ପ୍ରଚଳିତ ଥିଲା । ଏହା ହେଉଛି ବୈଦିକ ସାହିତ୍ୟର ତଥାକଥିତ ବ୍ରାତ୍ୟା ।୧୪। ଶ୍ରମଣ ଧାର୍ମିକ ପଧ୍ୱତିର ମହାନ୍ ପୁରାତତ୍ୱ ପ୍ରତି ଗବେଷକମାନେ ବିଶେଷ ଗୁରୁତ୍ୱ ଦେଇନଥିଲେ । କାରଣ ଐତିହାସିକ ସମୟକୁ ବ୍ରାହ୍ମଣ ସଂସ୍କୃତି ଅଧିକ ପ୍ରଭାବଶାଳୀ ଏବଂ ବିସ୍ତାରିତ ଥିଲେ । ପୁନରୁ□ାନ ଥିଲା, ବ୍ରାହ୍ମଣମାନଙ୍କର ପୂଜାପାଠ ବିରୁଧ୍ୱରେ ପ୍ରତିବାଦ ଜରିଆରେ ହିଁ ନିଜର ଗୁରୁତ୍ୱ ବୃଧି କରିପାରିଲେ । ତେଣୁ, କେତେକ ଗବେଷକ ବ୍ରାହ୍ମଣଙ୍କ ଯଜ୍ଞ ପ୍ରଥା ବିରୋଧୀ ପ୍ରତିବାଦର ପରିଣତ ଭାବରେ ଶ୍ରମଣ ସାଂସ୍କୃତିକ ପଧ୍ୱତିକୁ ଗ୍ରହଣ କରିଥାନ୍ତି ।

**ଶ୍ରମଣଙ୍କ ଶ୍ରେଣୀ ବିଭାଗ**

ଶ୍ରମଣ (ସମଣ-ପାଲି)ଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି । ସୁତ୍‌ନିପାତ ଅନୁସାରେ ଏହା ଚାରି ପ୍ରକାରର । ମଗ୍‌ଜିନ୍, ମଗ୍‌ଦେସକ, କିମ୍ବା ମ୍‌ଗଦେଶୀ, ମଗ୍‌ଜୀବନୀ ଏବଂ ମଗ୍‌ଦୁସି । ୧୫। ସେମାନଙ୍କ ଭିତରେବିବାଦ ମୁଣ୍ଡ ଟେକିଥିଲା ।୧୬। ଫଳରେ ବୁଧ୍ୱଙ୍କ ସମୟକୁ ଏକାଧିକ ଦାର୍ଶନିକ ଶାଖାଙ୍କର ଆବିର୍ଭାବ ଘଟିଥିଲା । ଏଗୁଡ଼ିକୁ ସାଧାରଣତଃ ଦି□ ବୋଲି କୁହାଯାଇଥିଲା ।୧୭। ବୁଧ୍ ବୋଟ ବାଷଠି ପ୍ରକାର ଭ୍ରାନ୍ତ ଦୃଷ୍ଟିକୋଣ (ମିଚ୍ଛାଦି□) ସମ୍ପର୍କରେ ଆଲୋକପାତ କରିଛନ୍ତି । ବ୍ରହ୍ମଜାଲସୁଭରେ ଏହାର ଉଲ୍ଲେଖ ଅଛି ।

ଏହି ଗ୍ରନ୍ଥିରେ ଶ୍ରମଣମାନଙ୍କର ବିବାଦୀୟ ବୋଲି କୁହାଯାଇଛି (ବାଦଶୀଳ) ଏବଂ ଦି□ୟ । ଆଜୀବନ ଏବଂ ନିଗନ୍ଥ ନାମରେ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଏମାନଙ୍କୁ ବୌଧ୍ ଧର୍ମର ପ୍ରତିଦ୍ୱନ୍ଦୀ ଭାବରେ ବର୍ଣ୍ଣନା କରାଯାଇଛି । ତାମିଲ୍‌ରେ ମଧ୍ୟ ଏହା ବର୍ଗୀକରଣ ହୋଇଛି । ଯଥା : ଅଣୁବାଦୀ (ପକୁଧ୍ କେଶାୟନ ଗୋଷ୍ଠୀ) ଆଜୀବନ ଏବଂ ଜୈନ । ୧୯ ।

ଶ୍ୱେତାମ୍ବର ଜୈନଙ୍କର ମହାନ୍ ଗ୍ରନ୍ଥ ଠଣାଙ୍ଗ ।୨୦। ସମଣମାନଙ୍କର ପା□ଟି ଗୋଷ୍ଠୀର ପ୍ରମାଣ ମିଳେ । ନିଗ୍ରନ୍ଥ, ସକ, ତାବସ, ଗେରୁଅ ଏବଂ ଅଜୀବ । ଏଠାରେ ସକ କହିଲେ ବୌଧିଙ୍କୁ ବୁଝାଉଛି । ଅଜୀବ କହିଲେ ଅଜୀବକଙ୍କୁ ବୁଝାଉଛି । ମଗ୍‌ଲି ଗୋସାଲକଙ୍କ ଅନୁଗାମୀମାନଙ୍କୁ ଅଜୀବନ କୁହାଯାଉଥିଲା । ଲୋହିତ ବସ୍ତ୍ର ପରିଧାନକାରୀ ଗେରୁଅ ଏବଂ ବଣରେ ନିବାସ କରୁଥିବା ଜଟାଧାରୀ ତାବସମାନଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ ।୨୧। ଅଜୀବନ ମାନେ ଏବେ ଆଉ ନାହାଁନ୍ତି । କେବଳ ନିଗନ୍ଥ ଏବଂ ବୌଧ୍ ଇତିହାସର କାଳଚକ୍ରରେ ତିଷ୍ଠି ରହିଛନ୍ତି ।

**ଶ୍ରମଣମାନଙ୍କର ସାଧାରଣ ଲକ୍ଷଣ**

ଚୀନା ବୌଧ୍ ଅଭିଧାନରେ ଶ୍ରମଣ ସମ୍ପର୍କରେ କୁହାଯାଇଛି, ସମସ୍ତ ପ୍ରକାରର ସାଧୁ : ସମନଇ କିମ୍ବା ସମନଓଇ ଅଥବା ଗ୍ରୀସ୍‌ର ଜର୍ମାନ୍‌ଇ । ଏହା ସମ୍ଭବତଃ ଟୁଙ୍ଗୁସୀୟ ସମଣ ବା ଶ୍ରମଣ ସମ୍ପର୍କିତ । ଶ୍ରମଣଙ୍କ ସାଧାରଣ ଲକ୍ଷଣ ସମ୍ପର୍କରେ ଏଥିରେ ଆହୁରି କୁହାଯାଇଛି ଯେ - ସେ ନିଶ୍ଚିତ ଭାବରେ ସତ୍ୟବେତ୍ତା ହୋଇଥିବେ । ସମସ୍ତ ଇଚ୍ଛାକୁ ନିୟନ୍ତ୍ରଣ କରିପାରୁଥିବେ । ବାହ୍ୟ ଆକର୍ଷଣ ତାଙ୍କୁ ସ୍ପର୍ଶ କରିନଥିବ । ସମସ୍ତଙ୍କ ପ୍ରତି ଦୟାଳୁ ହୋଇଥିବେ ଏବଂ କାହାରି ପ୍ରତି କୈତବ ଆଚରଣ କରୁନଥିବେ । ସେ ସୁଖରେ ଆହ୍ଲାଦିକ କିମ୍ବା ଦୁଃଖରେ ବିଷାଦଗ୍ରସ୍ତ ହେଉନଥିବେ । ଯେ କୌଣସି ପରିସ୍ଥିତିକୁ ସହ୍ୟ କରିବାକୁ ସକ୍ଷମ ହୋଇଥିବେ ।

ବୁଧ୍ ମଧ୍ୟ କହିଛନ୍ତି ଯେ ଅସେଲକ (ନଗ୍ନତା) ପ୍ରକୃତ ସମଣଙ୍କର କେବଳ ଚରିତ୍ରବତ୍ତା ନୁହେଁ । ତାଙ୍କ ମତରେ ସେହି ହେଉଛନ୍ତି ପ୍ରକୃତ ଶ୍ରମଣ । ଯିଏ ଲୋଲୁପୀ ନୁହଁନ୍ତି, ଯିଏ ଅଜ୍ଞତା ବା ମୂଢ଼ତାରୁ ଉର୍ଦ୍ଧ୍ୱରେ ଏବଂ ବନ୍ଧୁତା, କରୁଣା, ଦୟାଶୀଳ ଆନନ୍ଦ ଏବଂ ବିରୋଧିତା ଶୂନ୍ୟ।୨୨। ଅନ୍ୟ ଏକ ସ୍ଥାନରେ ସେ କହିଛନ୍ତି, "ସେହିଁ ପ୍ରକୃତ ସମଣ ଯିଏ କାୟମନୋବାକ୍ୟରେ ସାର୍ଥକ ଭାବରେ ପବିତ୍ର ଆଚରଣ ଯୁକ୍ତ । ଯିଏ ଇନ୍ଦ୍ରିୟଙ୍କୁ ନିୟନ୍ତ୍ରଣରେ ରଖିଛନ୍ତି । ଭୋଜନରେ ଅତ୍ୟନ୍ତ ପରିମିତ, ସତର୍କତା କ୍ଷେତ୍ରରେ ଅଭିନିର୍ବିଷ୍ଟ, ଏକାଗ୍ରତାର ଅଧିକାରୀ ଏବଂ ସଂପୂର୍ଣ୍ଣ ଜ୍ଞାନ, ସନ୍ଦେହ ବିମୁକ୍ତି ନିମନ୍ତେ ଦୂର ଅରଣ୍ୟରେ ନିବାସ କରନ୍ତି । ପ□ବିଘ୍ନ ଦୂରରେ ଏବଂ ଗୋଟିକ ପରେ ଗୋଟିଏ ଚାରିଟି ଧ୍ୟାନରେ ପ୍ରବେଶରୁ ଉପଲବ୍ଧ ଅନୁଭୂତିର ଆନନ୍ଦରୁ ଦୂରରେ ରହିଥାନ୍ତି । ୨୩।

ଏହି ସବୁ ସୂଚନାକୁ ସ୍ପଷ୍ଟ ଜଣାପଡୁଛିଯେ ବୌଧ୍ ସାହିତ୍ୟରେ ଶ୍ରମଣଙ୍କୁ ସାଧାରଣ ସନ୍ନ୍ୟାସୀ ଭାବରେ ଗଣାଯାଉଥିଲା । ସମ୍ଭବତଃ କେବଳ ବ୍ରାହ୍ମଣଙ୍କୁ ବାଦ୍‌ଦେଇ ଯେ କୌଣସି ଜାତିର ଲୋକେ ଶ୍ରମଣ ହୋଇପାରୁଥିଲେ । ଆୟସ୍ୱାମୀ ଶାସ୍ତ୍ରୀ ତାମିଲ୍ ସାହିତ୍ୟରୁ ଏହିପରି ଧାର୍ମିକ ଗୋଷ୍ଠିମାନଙ୍କ ଭିତରେ ଥିବା କେତେକ ସାଦୃଶ୍ୟକୁ ଏକତ୍ର କରୁଛନ୍ତି । ଯଥା :-

୧. ସେମାନେ ବେଦର ପ୍ରାଧିକାରକୁ ଚ୍ୟାଲେଞ୍ଜ କରିଥିଲେ ।

୨. ସମାଜର ସବୁଲୋକଙ୍କୁ ନିଜର ସାମାଜିକ ପଦବୀ ଏବଂ ଧାର୍ମିକ ସ୍ଥିତି (ବର୍ଣ୍ଣ ଏବଂ ଆଶ୍ରମ) ନିର୍ବିଶେଷରେ ସେମାନେ ନିଜର ଉପସନାସ୍ଥଳୀରେ ଯୋଗଦେବାକୁ ଅନୁମତି ଦେଉଥିଲେ ।

୩. ସେମାନେ ନୀତିଶାସ୍ତ୍ରୀୟ ନିୟମ ପାଳନ କରୁଥିଲେ ।

୪. ପାର୍ଥୀବ ଜୀବନ ଇତ୍ୟାଦିଠାରୁ ନିଜକୁ ଦୂରେଇ ରଖିବା ପାଇଁ ସେମାନେ ନିଃସଙ୍ଗ ଜୀବନଯାପନ କରୁଥିଲେ ।

୫. ଜୀବନ ବାହୁଲ୍ୟ କ୍ଷେତ୍ରରେ ସେମାନେ ବୈରାଗ୍ୟ (ପ୍ରବଜ୍ୟା)କୁ ପାଥେୟ କରିନେଉଥିଲେ ।

ଶ୍ରୀଦେଓ ମଧ୍ୟ ସେହି ଗୋଷ୍ଠୀଗୁଡ଼ିକ ମଧ୍ୟରେ ପ୍ରଚଳିତ ଥିବ । ଏହିପରି କେତେକ ସର୍ବଗ୍ରାହ୍ୟ ପ୍ରସଙ୍ଗର ଉଦାହରଣ ଦେଇଛନ୍ତି, ସେଗୁଡ଼ିକ ହେଲା :

୧. ଏହିପରି ଗୋଷ୍ଠୀର ସଦସ୍ୟମାନେ ସଂସାରସୁଖ ଛାଡ଼ି ସମାଜରୁ ସଂପର୍କ ବୁଝାଇ ଦେଇ ବାରବୁଲା ଜୀବନଯାପନ କରୁଥିଲେ ।

୨. ସମାଜ ଉପରେ ଯଥା ସମ୍ଭବ କମ୍ ନିର୍ଭରଶୀଳ ହେବା ପାଇଁ ସେମାନେ ଭିକ୍ଷା ବୃତି୍ କରିଚଳୁଥିଲେ ।

୩. ଘର ନଥାଇ ସେମାନେ ପରିବ୍ରାଜକ ବା ବାରବୁଲା ଜୀବନ ବିତାଉଥିଲେ । କିନ୍ତୁ ଜୀବନ୍ତ ଲୋକର କ୍ଷତିକୁ ଏଡ଼ାଇବା ପାଇଁ ସେମାନେ ବର୍ଷା ଋତୁରେ ଗୋଟିଏ ସ୍ଥାନରେ ବାସ କରୁଥିଲେ ।

୪. ଶେଷରେ ସେମାନେ କୌଣସି ଜାତିପ୍ରଥାର ବନ୍ଧରେ ଆବଧ୍ ନଥିବା ଜଣାପଡ଼େ । ଏବଂ ସେଥିପାଇଁ ସମାଜର ବିଭିନ୍ନ ପ୍ରଭାବ ଲକ୍ଷଣ ସେମାନଙ୍କ ମଧ୍ୟରେ ଦେଖିବାକୁ ମିଳେ ।

ସମବାୟାଙ୍ଗରେ ଶମଣମାନଙ୍କର ଦଶପ୍ରକାର ଆଚରଣବିଧି ଦେଖିବାକୁ ମିଳେ । ସେଗୁଡ଼ିକ ହେଉଛି - କ୍ଷାନ୍ତି, ମୁକ୍ତି, ଆର୍ଜଭ, ମାର୍ଦ୍ଦଭ, ଲାଘଭ, ସତ୍ୟ, ସଂଯମ, ତପ, ତ୍ୟାଗ ଏବଂ ବ୍ରହ୍ମଚର୍ଯ୍ୟବାସ, ଅନ୍ୟଗୋଟିଏ ଜାଗାରେ କେତେକ ବିଭିନ୍ନ ପ୍ରକାର ଆଚରଣବିଧି କଥା କୁହାଯାଇଛି । ଯଥା : ଉପଧି, ଶ୍ରୁତ, ଭକ୍ତିପାଣ, ଅଞ୍ଜଳିପ୍ରଗହ, ଦାନ, ନିମନ୍ତ୍ରଣ, ଅଭ୍ୟୁ□ାନ, କୃତିକର୍ମ, ବୟାକୃତ୍ୟ, ସମଭଶରଣ - ସମ୍ମିଳନ, ସଂନିଷଦ୍ୟା ଏବଂ କଥା ପ୍ରବନ୍ଧ ।

ଅଙ୍ଗୁତ୍ର ନିକାୟ ।୨୮। ରେ ବୁଧ୍ ଭିକ୍ଷୁଙ୍କ ପାଇଁ ତିନୋଟି କ୍ରିୟା କଥା କହିଛନ୍ତି । (୧) ଉଚ୍ଚତର ନୈତିକତାବୋଧ ସଂପର୍କରେ ତାଲିମ୍ (୨) ଉଚ୍ଚତର ଅନୁଚିନ୍ତା ଏବଂ (୩) ଉଚାଙ୍ଗ ଅନ୍ତର୍ଦୃଷ୍ଟି । ତା'ପରେ ସେ କହନ୍ତି ଯେ ଜଣେ ସନ୍ନ୍ୟାସୀ ନିଶ୍ଚିତ ଭାବରେ ଏହାକୁ ଯତ୍ନର ସହ ଅନୁସରଣ କରିବା ଉଚିତ୍ । ନଚେତ୍ ଗାବଳପଲ ଭିତରେ ଗଧଟିଏ ରହିବା ଯାହା, ଭିକ୍ଷୁମାନଙ୍କ ଗହଣରେ ତାହର ଉପସ୍ଥିତି ମଧ୍ୟ ସେହିପରି ବିବେଚିତ ହେବ ।

**ବୌଧ୍ ସାହିତ୍ୟରେ ସନ୍ନ୍ୟାସୀ**

ବୌଧ୍ ସାହିତ୍ୟରେ ସମସ୍ତ ସନ୍ନ୍ୟାସୀ ବା ପରିବ୍ରାଜକ ଗୋଷ୍ଠୀଙ୍କୁ ସମଣ ବୋଲି କୁହାଯାଉଥିଲା । କେତେକ କ୍ଷେତ୍ରରେ ସେମାନଙ୍କୁ ତି□ୟ, ପରିବ୍ରାଜକ, ଅକିଳେକ, ମୁଣ୍ଡସାଭକ, ତେଡ଼ଣ୍ଡିକ, ମାଗଣ୍ଡିକ,

ଅଭିରୁଧିକ, ଜଟିଳକ, ଗୋଟମକ, ମଗ୍‌ଦେଶିନ୍, ମଗଦୁସିନ୍ ବୋଲି ମଧ୍ୟ କୁହାଯାଉଥିଲା । ବ୍ରହ୍ମଜାତ ସୁତ୍ ।୨୯।ର ବାଷଠି ପ୍ରକାରର ଭ୍ରାନ୍ତ ଅବଧାରଣା (ମିଚ୍ଛାଦି□) ଏବଂ ସୂତ୍ରିକୃତାଙ୍ଗରେ ଉଲ୍ଲିଖିତ ବେଦରୁ ଉଧୃତ୍ ଏବଂ ଅନ୍ୟଗୁଡ଼ିକ ସମଣମାନଙ୍କ ନୀତଶିକ୍ଷାରୁ ଆନୀତି ବୋଲି କୁହାଯାଇପାରେ ।

## ସମଣମାନଙ୍କର ଗୁରୁତ୍ୱ

ସାଧୁ ସନ୍ନ୍ୟାସୀ ମାନଙ୍କର ଏହି ଅସଂଖ୍ୟ ଗୋଷ୍ଠି ଭିତରେ ସମଣମାନଙ୍କୁ ହି ସବୁବେଳେ ବୌଧ୍ ଏବଂ ଜୈନ ସାହିତ୍ୟମାନଙ୍କରେ ଗୁରୁତ୍ୱ ଦିଆଯାଇଛି । ଉପାଧ୍ୟାୟ କହିଛନ୍ତି, "ପ୍ରାଚୀନ ଭାରତର ସମସ୍ତ ବୌଧିକ କାର୍ଯ୍ୟକଳାପ କେବଳ ବ୍ରାହ୍ମଣମାନଙ୍କ ମଧ୍ୟରେ ସୀମାବଧ୍ ନଥିଲା । କେବଳ ବ୍ରାହ୍ମଣଙ୍କର କୃତି ନୁହେଁ । ପରିବ୍ରାଜକ, ଶ୍ରମଣ, କିମ୍ବା ସନ୍ନ୍ୟାସୀମାନଙ୍କର ମଧ୍ୟ କୃତି ସମୂହ ସେତେବେଳେ ବିଦ୍ୟମାନ ନଥିଲା । ପ୍ରାଚୀନ ଭାରତରେ ଏହି ଦୁଇ ବୌଧିକ ଏବଂ ଆଧ୍ୟାତ୍ମିକ ଜୀବନଧାରାକୁ ପବିତ୍ର ବୌଧ୍‌ଗ୍ରନ୍ଥାବଳୀର ସମଣ-ବ୍ରାହ୍ମଣ, ବୌଧ୍ ଅଭିଲେଖ, ସମେତ ମୋଗସ୍ଥିନିସ୍‌ଙ୍କ ବ୍ରାହ୍ମଣାଇ ଏବଂ ସମଣାଇ ମଧ୍ୟରେ ତୁଳନାତ୍ମକ ଦୃଷ୍ଟିଭଙ୍ଗୀରୁ ସ୍ୱୀକୃତି ମିଳିଥିବା ସୁସ୍ପଷ୍ଟ ହୋଇଛି ।୩୩।

## ଜୈନ ଏବଂ ବୌଧ୍ ସାହିତ୍ୟରେ ସମଣ

ଜୈନ ଏବଂ ବୌଧ୍ ସାହିତ୍ୟରେ ସମଣମାନଙ୍କୁ 'ଶ୍ରମିକ' (ଶ୍ରମ) ପ୍ରତିନିଧି ଭାବରେ ଗ୍ରହଣ କରାଯାଇଛି । ନିଜ ଉଦ୍ୟମରେ ସେମାନେ ଆଧ୍ୟାତ୍ମିକ କ୍ଷେତ୍ରରେ ମୋକ୍ଷଲାଭ କରନ୍ତି ବୋଲି ଏଥିରେ କୁହାଯାଇଛି । ସେମାନେ ନିଜ ଗୋଷ୍ଠୀ ଭିତରେ ଏବଂ ବାହାରେ ଉଚ୍ଚ ସମ୍ମାନ ପାଉଥିଲେ । ଭିକ୍ଷୁମାନେ ସମଣମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ ବୋଲି ମହାବଗ୍‌ରେ କୁହାଯାଇଛି । ପାଲି ସାହିତ୍ୟରେ ବୁଧ୍‌ଙ୍କ ବ୍ୟତୀତ ଗୁରୁଶିଷ୍ୟ ପରମ୍ପରାର ବାହାକଭାବରେ ସମାଜରେ ପ୍ରସିଧି ଅର୍ଜନ କରିଥିବା ଛଅଜଣ ସମଣଙ୍କ ସଂପର୍କରେ ଉଲ୍ଲେଖ ଅଛି ।

ପାଲି ସାହିତ୍ୟର କେତେକ ସ୍ଥାନରେ ପ୍ରତିଷ୍ଠିତ ଗୁରୁଙ୍କ ନିକଟରେ ବିବେଶଷଣ ଆକାରରେ ସମଣ ଶବ୍ଦ ବ୍ୟବହାର ହୋଇଥିବା ଦେଖାଯାଏ । ସ୍ୱୟଂ ବୁଧ୍‌ଙ୍କୁ ମହାସମଣ ଏବଂ ତାଙ୍କର ଅନୁଗାମୀମାନଙ୍କୁ ସାକ୍ୟପୁତ୍ରୀୟ ସମଣ ।୩୪। ଭାବରେ ବର୍ଣ୍ଣନା କରାଯାଇଛି । ତେଣୁ ନିଗନ୍ଥ ନାତପୁତ୍‌ଙ୍କ ଶିଷ୍ୟମାନଙ୍କୁ ସମଣନିଗନ୍ଥ ଅଥବା ନିର୍ଦ୍ଦିଷ୍ଟ ଭାବରେ କହିଲେ ନିଗନ୍ଥନାମା ସମଣଜାତିକା ବୋଲି କୁହାଯାଉଥିଲା ।୩୫।

## ଜୈନ ଏବଂ ବୌଧ୍ ସାହିତ୍ୟରେ ସମଣ-ବ୍ରାହ୍ମଣ

ବୌଧ୍ ସାହିତ୍ୟ ବିଶେଷତଃ ପାଲି ଅନୁଶାସନରେ ଗୋଟିଏ ଯୌଗିକ ଉପାଧିର ବ୍ୟବହାର କରାଯାଇଛି । ତାହା ହେଉଛି ସମଣ-ବ୍ରାହ୍ମଣ । ବ୍ରାହ୍ମଣ ଏବଂ ତାଙ୍କର ପୂଜାପାଠ ଜାତିଗତ ପ୍ରାଧାନ୍ୟକୁ ବିରୋଧ କରୁଥିବା ଗୋଟିଏ ଧାର୍ମିକ ଗୋଷ୍ଠିପାଇଁ ଏବହ ବ୍ୟବହାର କରାଯାଇଛି । ଏହିପରି ଭାବରେ ଜୈନ ସାହିତ୍ୟ ମଧ୍ୟ ସମଣ ମାହଣା ।୩୬। ଏବଂ ମାହଣା - ସମଣ ।୩୭। ର ଉଲ୍ଲେଖ କରିଛନ୍ତି ।

ଟି.ଡ଼ବ୍ଲୁ. ରିସ୍ ଡ଼େଭିଡ଼୍ସ ଯଥାର୍ଥରେ କହିଛନ୍ତି ସମଣ ବିଧିରେ ସନ୍ନ୍ୟାସ ଏବଂ ଆନ୍ତରିକ ଆନନ୍ଦ ଉଭୟ କଥା ବର୍ଣ୍ଣନା କରାଯାଇଛି । ତାଙ୍କ ମତରେ "ସମଣ ବ୍ରାହ୍ମଣ କଥାଟି ସେଇଥିପାଇଁ ଦର୍ଶାଉଛି ଯେ ଯେକୌଣସି ଘରେ ଜନ୍ମ ହେଲେବି ଜଣେ ଲୋକ ନିଜ ସାଧୁପ୍ରକୃତି ନିଜର ସଂସାର ତ୍ୟାଗ ମନୋବୃତ୍ ଏବଂ ଧାର୍ମିକ ଚିନ୍ତାନାୟକତ୍ୱର ପ୍ରସିଦ୍ଧି ମଳରେ ବ୍ରାହ୍ମଣକକ୍ଷସ୍ଥିତି ଲୋଭ କରୁଥିଲେ ଏବଂ ଜଣେ ଜନ୍ମଗତ ବ୍ରାହ୍ମଣ ।୩୮।କୁ ଲୋକମାନେ ଯେତିକି ସମ୍ମାନ ଦେଉଥିଲେ, ସେ ମଧ୍ୟ ସେତିକି ସମ୍ମାନର ଅଧିକାରୀ ହେଉଥିଲେ । ଜୈନ ସାହିତ୍ୟରେ ମଧ୍ୟ ଏହି ଶବ୍ଦ ପାଇଁ ସମାନ କଥା କୁହାଯାଇଛି ।

ପାଲି ସାହିତ୍ୟରେ ବେଳେବେଳେ ସମଣ ବ୍ରାହ୍ମଣ ପ୍ରୟୋଗଟି ବ୍ରାହ୍ମଣ ଗୋଷ୍ଠୀର ଅନୁଗାମୀ ମାନଙ୍କ ପାଇଁ ପ୍ରୟୋଗ କରାଯାଇଛି । ବ୍ରହ୍ମଜାଲସୁତ୍ ଏବଂ ଅନ୍ୟକେତେକ ସୂତ୍ରରେ ଏହାକୁ କ୍ୱିଚିତ୍ ସମଣ ବ୍ରାହ୍ମଣ ବୋଲି କୁହାଯାଇଛି । ଅନ୍ୟ କେତେକ ସ୍ଥାନରେ ମିଛାଦି□ ଅଥବା ବାଷଠି ପ୍ରକାରର ଅବଧାରଣା ମଧ୍ୟ ଯେକୌଣସିଟିକୁ ଗ୍ରହଣ କରୁଥିବା ଯେକୌଣସି ଗୋଷ୍ଠି ପାଇଁ ମଧ୍ୟ ବ୍ୟବହାର କରାଯାଇଛି । ଏହିପରି ଭାବରେ ସମଣ ବ୍ରାହ୍ମଣ କଥାଯି ବୌଧି ସାହିତ୍ୟରେ ଅତି ଗୌଣ ଅର୍ଥରେ ବିନିଯୁକ୍ତ ହୋଇଛି । ୪୦। ତେଣୁ, ମୁଁ ସମଣ ବ୍ରାହ୍ମଣ ଜନିତ ଦୃଷ୍ଟିଭଙ୍ଗୀର ତର୍ଜମାକରି ନିଗନ୍ଥନାଥପୁତ୍‌ଙ୍କ ଶିକ୍ଷାକୁ ମଧ୍ୟ ସେମାନେ ଗ୍ରହଣ କରୁଥିଲେ ।

ସମଣ ବ୍ରାହ୍ମଣର ଉତ୍ପତ୍ତି କେଉଁଠୁ, ତାହା କହିହେବ ନାହିଁ, କିନ୍ତୁ ଆମେ ପାଣିନି (ବୁଧିଙ୍କ ପୂର୍ବବର୍ତ୍ତୀ ୪୧।) ଏବଂ ପତଞ୍ଜଳୀ (ଖ୍ରୀଷ୍ଟପୂର୍ବ ୨ ଶତାବ୍ଦୀ)ଙ୍କ କୃତିରୁ ଏହାର ଆଭାସ ପାଉ । ଅହିନକୁଳ ଭିତରେ ଥିବା ଚିରସ୍ଥାୟୀ ଶତ୍ରୁତା (ଶାଶ୍ୱତ ବିରୋଧ)କୁ ଏଥିରେ ସମର ବ୍ରାହ୍ମଣଙ୍କ ପାଇଁ ପ୍ରୟୋଗ କରାଯାଇଛି । ୪୨। ଅଶୋକଙ୍କ ଶିଳାଲେଖରେ ମଧ୍ୟ ଏହାର ଉଲ୍ଲେଖ ଅଛି । କେବଳ ଏହି ଶିଳାଲେଖରେ ସମଣ ବ୍ରାହ୍ମଣ ପରିବର୍ତ୍ତେ ବ୍ରାହ୍ମଣ ସମଣ ବୋଲି ଦର୍ଶାଯାଇଛି । ୪୩ ।

ସୁକୁମାର ଦତ୍‌ଙ୍କ ମତରେ ଅଶୋକଙ୍କ ଶିଳା ଲେଖରେ ଥିବା ଫରକର କାରଣ ହେଉଛି ସମଣ ଶ୍ରେଣୀର ଲେଖ । ଶିଳାଲେଖ କଥାନକକୁ ସଜାଡ଼ିବାବେଳେ ନିଜକୁ ପ୍ରାଧାନ୍ୟ ଦେବାକୁ ଇଚ୍ଛା କରିଥିବେ । ଅପରପକ୍ଷରେ ଜନସଂଖ୍ୟା ଦୃଷ୍ଟିରୁ ଅଶୋକଙ୍କ ସମୟରେ ବ୍ରାହ୍ମଣ ମାନଙ୍କ ସଂଖ୍ୟା ଗରିଷ୍ଠତା ଥାଇପାରେ, ଯାହା ଫଳରେ କି ବ୍ରାହ୍ମର ଶବ୍ଦଟି ପ୍ରଥମେ ସ୍ଥାନ ପାଇପାରିଥାଏ । ଶିଳାଲେଖରେ ବୌଧି ଦୃଷ୍ଟିକୋଣରୁ ସମଣ ବ୍ରାହ୍ମଣ ବର୍ଣ୍ଣନାଟି ସ୍ଥାନ ପାଇବା ଏହି ଦୃଷ୍ଟିରୁ ଯୁକ୍ତିସଂଗତ ଅଟେ । ୪୪ ।

ସମଣ ବ୍ରାହ୍ମଣ ଏବଂ ବ୍ରାହ୍ମଣ ସମଣ ପରି ଯୁଗ୍ମ ଶବ୍ଦ ବ୍ୟବହାର ପାଇଁ ସମଣ ସାଂସ୍କୃତିକ ପରମ୍ପରାର ପୁରାତତ୍ୱ ଏବଂ ତାହା ସହିତ ବ୍ରାହ୍ମଣୀୟ ସାଂସ୍କୃତିକ ପରମ୍ପରାର ବିକାଶ ପ୍ରସଙ୍ଗକୁ ପ୍ରୟୋଗ କରାଯାଇଥିବା ବହୁ ସମ୍ଭବ । ଭାତର ଧାର୍ମିକ ଜୀବନରେ ସମଣମାନଙ୍କର ଭୂମିକାକୁ ଗୌଣ ବୋଲି ଦେଖାଇବା ପାଇଁ ବ୍ରାହ୍ମଣ ପରମ୍ପରାର ପ୍ରଭାବ ବ୍ରାହ୍ମଣ ସମଣ ଯୁଗ୍ମ ଶବ୍ଦ ପ୍ରୟୋଗ କରି ବ୍ରାହ୍ମଣ ଶବ୍ଦକୁ ଆଗକୁ ଆଣିଥାଇପାରେ ।

ନାସ୍ତିକ / ବିଧର୍ମୀଗୁରୁ

ବୌଧି ସାହିତ୍ୟରେ ଶ୍ରମବାଦର ଗୁରୁମାନଙ୍କୁ ଅସ୍ତିକ ବିଧର୍ମୀ ଗୁରୁ ଭାବରେ ବର୍ଣ୍ଣନା କରାଯାଇଛି ।

ଏହି ତତ୍‌କାଳୀନ ଗୁରୁମାନେ ରକ୍ଷଣଶୀଳ ବ୍ରାହ୍ମଣବାଦୀ ପଧ୍‌ତି ବିରୋଧରେ ସ୍ୱୟଂ ବୁଧ୍‌ଙ୍କ ପରି ଅସନ୍ତୋଷର ତରଙ୍ଗରେ ଭାସୁଥିଲେ ବୋଲି ନିର୍ଦ୍ୱନ୍ଦରେ କୁହାଯାଇପାରେ । ପାଲି ଗ୍ରନ୍ଥରେ ଏହିପରି ଛଅଜଣ ଗୁରୁଙ୍କ ନାମ ଉଲ୍ଲେଖ ଅଛି । ୧. ପୁରାଣକ ସ୍‌ପ (୨) ମଗ୍‌ଲି ଗୋସାଲ (୩) ଅଜିତ କେଶକମ୍ୱଲି (୪) ପକୁଧ୍‌ କଚ୍ଚାୟନ (୫) ସଞ୍ଜୟ ବେଲ□ପୁତ୍‌ (୬) ନିଗନ୍ଥନାଥପୁତ୍‌ । ସାମନ୍ନଫଳସୁତ୍‌ରେ ସଂପୃକ୍ତ ପ୍ରତ୍ୟେକ ଗୁରୁଙ୍କ ଭୂରିଭୂରି ପ୍ରଶଂସା କରାଯାଇଛି । (ଗଣିନୋ ଗଣାଚାର୍ଯ୍ୟ) : ପ୍ରତ୍ୟେକଙ୍କୁ ଅତି ପରିଚିତ (ଣାତା) ପ୍ରସିଧ୍‌ (ସାଧୁସମ୍ମତ ବହୁଜନସ୍‌) ଦୀର୍ଘକାଳୀନ ପରିବ୍ରାଜକ (ଚିତ୍‌ପବ୍ୱଜିତ) ଏବଂ ବର୍ଷୀୟାନ୍‌ (ବାୟନୁପତ୍‌) ।୪୬। ଭାବରେ ବର୍ଣ୍ଣନା କରାଯାଇଛି । ବରୁଆରୋଙ୍କ ମତରେ ସେମାନେ ଆଧୁନିକ ଯୁଗର ଦାର୍ଶନିକ କିମ୍ୱା ଧର୍ମତତ୍ୱବିତ୍‌ ଅଟନ୍ତି । କିନ୍ତୁ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ବ୍ରାହ୍ମଣ ଏବଂ ଶ୍ରମଣ ଗୋଷ୍ଠୀର ଆଚାର୍ଯ୍ୟମାନେ ବିଭିନ୍ନ ପ୍ରକାର ପ୍ରଚାର କରିବା ଫଳରେ ନାନାପ୍ରକାର ବିବାଦୀୟ ତତ୍ୱସବୁ ମୁଣ୍ଡଟେକିଥିବା କୁହାଯାଏ ।

ସାମନ୍ନଫଳସୁତ୍‌ରେ ସଂପୃକ୍ତ ପୁରୁଷାନୁକ୍ରମିକ ଗୁରୁମାନଙ୍କ ସଂପର୍କରେ ବିସ୍ତୃତି ବର୍ଣ୍ଣନା ରହିଛି । ତେବେ, ଏଠାରେ ଗୋଟିଏ କଥା ଉଲ୍ଲେଖ କରିବାର ଅଛି ଯେ ଏହି ମତଗୁଡ଼ିକୁ "ଅତି ସାବଧାନତାର ସହିତ ଅନୁଧ୍ୟାନ କରିବା ଦରକାର । କାର ଉକ୍ତ ଧର୍ମମତମାନଙ୍କ ସଂପର୍କରେ ଲେଖକମାନଙ୍କର ଖୁବ୍‌ କମ୍‌ ଧାରଣା ଥିବାର ପ୍ରମାଣ ମିଳିଛି । ଧର୍ମବିମୁଖତାକୁ ଆଖି ଆଗରେ ରଖି ଏହି ଜ୍ଞାନ ଅର୍ଜନ କରାଯାଇଛି ।

ଅଜାତସତ୍ରୁ ଆଧ୍ୟାତ୍ମିକତା ସଂପର୍କରେ ଜାଣିବାକୁ ଇଚ୍ଛା କରିବା ପରେ ତାଙ୍କର ଛଅଜଣ ମନ୍ତ୍ରୀ, ଷଡ଼ନାସ୍ତିକ ଗୁରୁଙ୍କ ଅନୁଗାମୀ ଜଣକ ପରେଜଣେ ରାଜା ସେମାନଙ୍କର ଗୁରୁଙ୍କ ସହିତ ସାକ୍ଷାତ କରି ନିଜର ସନ୍ଦେହ ମୋଚନ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଅଜାତସତ୍ରୁ ସେମାନଙ୍କୁ ନିକଟକୁ ଯାତ୍ରାକରି ନିମ୍ନମତେ ପ୍ରଶ୍ନ କରିଥିଲେ : ସଂସାରର ବିଭିନ୍ନ ବୃତ୍‌ି ଓ ଧନ୍ଦାର ସାଧାରଣ ପରଣତି କଥା ସନ୍ତୋଷ ଜାଣନ୍ତି । କିନ୍ତୁ ଏଇ ଜୀବନରେ ସନ୍ନ୍ୟାସରୁ କୌଣସି ପ୍ରଶଂସାଯୋଗ୍ୟ ପ୍ରଶଂସାର୍ହଲାଭ ମିଳୁଛି ବୋଲି ପ୍ରମାଣିତ କରି ହେବକି ? (ସନ୍ଦ□କମ୍‌ ସାମାନ୍ୟ ଫଳମ୍‌) ସେମାନଙ୍କ ଦ୍ୱାରା ପ୍ରଦତ୍‌ ଉତ୍‌ର ଅଜାତ୍‌ସତ୍ରୁଙ୍କୁ ସନ୍ତୁଷ କରିପାରିନଥିଲା । ଏହାପରେ ବୁଧ୍‌ଙ୍କୁ ସେ ପ୍ରଶ୍ନ କରିବା ସାକଶେ ତାଙ୍କୁ ପରାମର୍ଶ ଦିଆଗଲା । ବୁଧ୍‌ହିଁ ନିଜର ବିଦଗ୍ଧ ଶୈଳୀରେ ତାଙ୍କର ସମସ୍ୟାର ସମାଧାନ କରିଥିଲେ ବୋଲି କୁହାଯାଏ । ବିଭିନ୍ନ ସୁତ୍‌ରେ ଥବବା ପୁରାଣ କସ୍‌ପ ଏବଂ ଅନ୍ୟମାନଙ୍କର ଶିକ୍ଷା ସଂପର୍କରେ ପାଲିଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ଯଦିଓ ସଂପୃକ୍ତ ସମସ୍ତ ଉଲ୍ଲେଖଗୁଡ଼ିକ ଏକା ପ୍ରକାରର । ତଥାପି ବୌଧ୍‌ମାନଙ୍କ ସଂପର୍କରେ ସେମାନଙ୍କର ବକ୍ତବ୍ୟ କ'ଣ ତାହା ସଂପର୍କରେ ସେଗୁଡ଼ିକ ସୁନ୍ଦର ସଂକ୍ଷିପ୍ତ ସାରମର୍ମ ଉଲ୍ଲେଖ କରିଥାନ୍ତି । କେବଳ ନିଗନ୍ଥନାଥପୁତ୍‌ଙ୍କୁ ବାଦ୍‌ ଦେଲେ ଯେତେବେଳ ସେମାନଙ୍କର ନିର୍ଦ୍ଦିଷ୍ଟତାକୁ ଖୁ□ନା□ ଦେଖିବାକୁ ଆମ ପାଖରେ ଯଥେଷ୍ଟ ପ୍ରମାଣ ନାହିଁ, ସେତେବେଳେ ଅନ୍ତଃ ପାଲିଗ୍ରନ୍ଥ ଗୁଡ଼ିକର ଉଲ୍ଲେଖୁ ଭିତ୍‌କରି ଆମେ ଛଅ ଗୁରୁଙ୍କ ମଧ୍ୟରୁ ଅନ୍ତତଃ ଦୁଇଜଣଙ୍କ ସଂପର୍କରେ ଜାଣିବାକୁ ସକ୍ଷମ ହୋଇପାରିଛୁ । ୪୯।

୧. ପୁରାଣ କସ୍‌ପ

କୌଣସି କାର୍ଯ୍ୟର ଗୁଣ କିମ୍ବା ଅବିଗୁଣ ବୋଲି କିଛିନାହିଁ - ଏହାହିଁ ସଂପୃକ୍ତ ଗୁରୁଙ୍କ ମତ । ସେ କହନ୍ତି, "ଯିଏ କାମକରେ କିମ୍ବା କାମରେ ପରିଣତ କରାଏ.. (କରୋତା ଖୋ କାର୍ଯ୍ୟତୋ ଘଣ ଆତ୍ମପୟତୋ) ଚୋର, ଘରଭଙ୍ଗା, ଲୁଟେରା, ବିଚ୍‌ରାସ୍ତା ଡ଼କାୟତ, ଅପମିଶ୍ରଣକାରୀ ଏବଂ ମିଥ୍ୟାବାଦୀ ଯିଏ ଜୀବନ ନଷ୍ଟ କରେ ସେ କୌଣସି ପାପ କରେନାହିଁ । ତୀକ୍ଷ୍ଣଧାରା ସଂପନ୍ନ କଟାରରେ ଯେଉଁ ଲୋକଟି ସାରା ଦୁନିଆର ଜୀବନମାନଙ୍କୁ ମାଂସପିଣ୍ଡୁଳାରେ ପରିଣତ କରିଦିଏ ସିଏ ମଧ୍ୟ କୌଣସି ପାପ କରେ ନାହିଁ । ସେ ଯଦି ଗଙ୍ଗାର ଦକ୍ଷିଣ ପଟକୁ ଆସ ହତ୍ୟାକରିବ, ବିକଳାଙ୍ଗ କରିବା ଏବଂ ନିର୍ଯ୍ୟାତନାରେ ନିଜକୁ ଜଡ଼ିକ କରେ ଏବଂ ଅନ୍ୟମାନଙ୍କୁ ଏହାର ଶିକାର କରେ, ତାହାହେଲେ ସୁଧ୍ୱା ସେ ପାପକରେ ନାହିଁ କିମ୍ବା ପାପତାକୁ ସ୍ପର୍ଶ କରେ ନାହିଁ । ସେହିପରି ଭାବରେ ଜଣେ ଲୋକ ଯଦି ଗଙ୍ଗାର ଉତ୍‌ର ପଟକୁ ଯାଏ, ଭିକ୍ଷା ଦିଏ ତ୍ୟାଗ ସ୍ୱୀକାର କରେ ତାହାଦ୍ୱାରା ସେ କୌଣସି ସଦ୍‌ଗୁଣ ଲାଭ କରେ ନାହିଁ କିମ୍ବା ତାକୁ କୌଣସି ସମ୍ମାନର୍ହତା ସ୍ପର୍ଶ କରେ ନାହିଁ... ଉଦାରତା, ଆତ୍ମସଂଯମ, ନିବୃତ୍ ଏବଂ ସାଧୁତାରୁ ଗୁଣାଗୁଣ ଜନ୍ମନିଏ ନାହିଁ କିମ୍ବା ଗୁଣାଗୁଣର ମାର୍ଗ ପ୍ରଦର୍ଶନ କରେନାହିଁ । ୫୦ ।

ଏହି ମତବାଦଟି ଅକ୍ରିୟାବାଦ ଉପରେ ପର୍ଯ୍ୟବେସିତ । ଅକ୍ରିୟାବାଦ କ୍ରିୟାହୀନତା ସମ୍ପର୍କୀତ ତତ୍ତ୍ୱ ଅଯେ । ଆମବା କାମକରେ ନାହିଁ, ଶରୀରହିଁ କାମ କରେ ବୋଲି ଅକ୍ରିୟା ବାଦର ମତ । ବରୁଆଙ୍କ ମତାନୁସାରେ, ଏହା ହେଉଛି ଅଧିଚ୍ଛାସ ମୁପ୍ପନ୍ନିକବାଦ (କୌଣସି କାରଣ କିମ୍ବା ସର୍ତ୍ ବିନା ଘଟଣା ଆକସ୍ମିକ ଭାବରେ ଘଟେ । ୫୧।) ଜୈନ ଭାଷ୍ୟକାର ଶିଳାଙ୍କ ପୁରାଣ କସ୍‌ପଙ୍କ ମତାମତ ସାଂଖ୍ୟମତର ସମଧର୍ମୀ ଭାବରେ ବିବେଚନା କରନ୍ତି । ୫୨। କିନ୍ତୁ ନଳିନାକ୍ଷଦତ୍ତଙ୍କ ମତରେ ଯଦିଓ ପୁରୁଷ କେବଳ ଜଣେ ନୀରବଦ୍ରଷ୍ଟା ଏବଂ ନିଷ୍କ୍ରିୟ ସତ୍‌ା ଏବଂ ପ୍ରକୃତି ହିଁ ସକ୍ରିୟ ଶକ୍ତି ବୋଲି ସାଂଖ୍ୟ କହେ ତଥାପି କସ୍‌ପଙ୍କ ନୀତିଶିକ୍ଷାଗୁଡ଼ିକ ସାଂଖ୍ୟ ମତାପେକ୍ଷୀ ବୋଲି କହିବା ବାହୁଲ୍ୟ ହେବ ।୫୩। ପ୍ରକୃତିରେ କହିବାକୁ ଗଲେ କସ୍‌ପଙ୍କ ନୀତିଶିକ୍ଷା ଗୁଡ଼ିକ ଏତେ ବିଚିତ୍ର ଯେ ଆମ୍ଭେମାନେ ଛଅଜଣଯାକ ଦାର୍ଶନିକଙ୍କ ଭିତରେ କୌଣସି ସାମ୍ୟ ଦେଖିବାକୁ ପାଇବାନାହିଁ ।

ସଂଯୁତ୍ ନିକାୟ ।୫୪। ଏବଂ ଅଙ୍ଗୁତ୍ର ନିକାୟ ।୫୫। ରେ ତାଙ୍କୁ ଅହେତୁବାଦୀ ବୋଲି କୁହାଯାଇଛି । ଏହି ନାମଟି ସାମାନ୍ନଫଳସୁତ୍‌ରେ ମଗ୍‌ଲି ଗୋସାଳଙ୍କ ପାଇଁ ମଧ୍ୟ ବ୍ୟବହୃତ ହୋଇଛି । ତାଙ୍କୁ ସର୍ବଜାଣ ଭାବରେ ମଧ୍ୟ ଦର୍ଶାଯାଇଛି । ୫୬।

ପୂରାଣ କସପଙ୍କ ଜୀବନୀ ସଂପର୍କରେ ବୁଧ୍‌ଘୋଷ କି□ତ୍ ଆଲୋକପାତ କରିଛନ୍ତି । ତାଙ୍କ ମତରେ ଗୋଟିଏ ଘରେ ଶହେତମ କ୍ରୀତଦାସ ଜନ୍ମ ପୁରଣ (ପୂର୍ଣ୍ଣ) ହୋଇଥିବା କସ୍‌ପଙ୍କ ନାମରୁ ସୁସ୍ପଷ୍ଟ । ଏହି ତଥ୍ୟ ଅନୁସାରେ ସେ ନିଜର କାମ ସନ୍ତୋଷଜନକ ଭାବରେ ନକଲେ ସୁଧ୍ୱା ତାଙ୍କୁ କେବଳ ଦୋଷୀ ସାବ୍ୟସ୍ତ କରାଯାଉନଥିଲା । ଏହା ସତ୍ତ୍ୱେ ସେ ଅସନ୍ତୁଷ୍ଟ ରହୁଥିଲେ ଏବଂ ଶେଷକୁ ଦିନେ ମୁନିବ ଘରୁ ଲୁଚି ପଳାଇଲେ । ପରେ ତାଙ୍କର ଲୁଗାପଟା ଚୋରି ହୋଇଗଲା ଏବଂ ସେ ନିର୍ବସ୍ତ୍ର ହୋଇ ଘୁରୁ ବିଲିଲେ ।୫୭।

ଧମ୍ମପଦ ଭାଷ୍ୟରେ ଅନ୍ୟଗୋଟିଏ କଥାର ଉଲ୍ଲେଖ ଅଛି । ଏହି ଅନସ୍ୱାରେ ଯେତେବେଳେ ବୁଧ୍‌ଙ୍କର

ଯାଦୁକରୀ ଶକ୍ତି ଅଗାରେ ଏହି ନାସ୍ତିକ ଗୁରୁମାନେ ତିଷ୍ଠି ପାରିଲେ ନାହିଁ ସେମାନେ ସେଠାରୁ ପଳାୟନ କଲେ । ପଳାଇ ଯାଉଥିବା ଅବସ୍ଥାରେ ପୁରାଣ କସ୍ପ ଗୋଟିଏ ଗରା ଏବଂ ଦଉଡ଼ି ଧରିଥିବା ନିଜର ଜଣେ ଅନୁଗାମୀର ସଂସ୍ପର୍ଶରେ ଆସିଲେ । ଅନୁଗାମୀମାନଙ୍କୁ ପୁରାଣ ସାବ□ୀ ନଦୀକୂଳକୁ ନେଇଗଲେ ଏବଂ ନିଜବେକରେ ଗରାକୁ ବାନ୍ଧି ଦେଲେ । ତା'ପରେ ସେ ନଦୀକୁ ଡ଼େଇଁ ପଡ଼ି ଆତ୍ମହତ୍ୟା କଲେ । ୫୮ ।

## ମକ୍ଖଲି ଗୋଶାଲ

ମକ୍ଖଲି ଗୋଶାଲ ପାର୍ଶ୍ୱନାଥ ସଂପ୍ରଦାୟର ଜୈନ ଥିଲେ । ନିଗନ୍ଥ ନାଥପୁତ୍ ସଂପ୍ରଦାୟର ଗଣଧର ଭାବରେ ତାଙ୍କୁ ଗ୍ରହଣ କରାନଯିବାରୁ ସେ ଜୈନ ସଂଘ ଛାଡ଼ି ଅଜୀବନ ସଂପ୍ରଦାୟର ପ୍ରତିଷ୍ଠା କରିଥିଲେ । ୫୯ । ସେ ମଧ୍ୟ ଜଣେ ଦିଗମ୍ବର ସନ୍ନ୍ୟାସୀ ଥିଲେ ।

ସେ ନିୟତିବାଦର ପ୍ରବର୍ତ୍ତକ ଥିଲେ । ଏହି ମତ ଅନୁସାରେ ପ୍ରାଣୀଙ୍କ ଦୁଃଖର କୌଣସି କାରଣ କିମ୍ବା ଭିତ୍ ନାହିଁ । ସେମାନେ ବିନାକାରଣ ଏବଂ ଭିତ୍‌ରେ ପାପୀ ପାଲଟି ଯାଆନ୍ତି । ପ୍ରାଣୀଙ୍କ ପୂଣ୍ୟର କୌଣସି କାରଣ କିମ୍ବା ଭିତ୍ ବୋଲି କିଛି ନାହିଁ । ବିନାଭିତ୍ ଏବଂ କାରଣରେ ସେ ପୂଣ୍ୟାତ୍ମା ପାଲଟିଯାନ୍ତି । ନିଜ କର୍ମ କିମ୍ବା ଅନ୍ୟମାନଙ୍କର କର୍ମ ଜଣକର ଭବିଷ୍ୟତର ଜନ୍ମକୁ ପ୍ରଭାବିତ କରେ ନାହିଁ । କୌଣସି ମାନବିକ କର୍ମ, କୌଣସି ବଳ, କୌଣସି ସାହସ, କୌଣସି ସହନଶୀଳତା କିମ୍ବା ପରାକ୍ରମ, ଐହି ହେଲେ ଏହି ଜୀବନରେ ଜଣକର ଭାଗ୍ୟକୁ ପ୍ରଭାବିତ କରିପାରିବେ ନାହିଁ । ଯେଉଁ ମାନଙ୍କର ଜନ୍ମ ଅଛି, ଯେଉଁମାନଙ୍କର ଜନ୍ମ ଅଛି, ଯେଉଁମାନଙ୍କର ଜୀବନ ଅଛି, ଶକ୍ତି, ବଳ ଓ ସାଦାଚାର ବିହୀନ କିନ୍ତୁ ଭାଗ୍ୟ ସୁଯୋଗ ଏବଂ ପ୍ରକୃତି କୋଳେରେ ବଢ଼ିଛନ୍ତି ଏବଂ ଜୀବନର ଛଅଟି ପର୍ଯ୍ୟାୟରେ ଦୁଖ ସୁଖକୁ ଅଙ୍ଗେ ନିଭାଇଛନ୍ତି । ତାଙ୍କ ମତରେ ଯୁକ୍ତି କେବଳ ସ୍ଥିତି ଓ ମୃତ୍ୟୁରେ ପ୍ରାପ୍ତ ହୁଏ । ଏହା ଅପରିବର୍ତ୍ତନୀୟ ନିୟତ । ତେଣୁ ସୁଖଦୁଃଖ କାହାରି ଉପରେ ନିର୍ଭର କରନ୍ତି ନାହିଁ କିମ୍ବା କୌଣସି ପ୍ରଭାବ ପକାନ୍ତି ନାହିଁ ।

ଜୈନ ଧର୍ମର ମଜ୍ଝିମ ନିକାୟ । ୬୧ । ଏହାକୁ ଅହେତ୍ୟୁଦେ□ ଅଥବା ଅକ୍ରିୟା ଦି□ ବୋଲି କହନ୍ତି । ଅଥଚ ସୂତ୍ରକୃତାଙ୍ଗ (୧:୧୨୭) ଦର୍ଶନ ସାରା । ୬୨। ଏବଂଗୋମତ୍‌ସାର ଜୀବବନ୍ଦ । ୬୩। ଏହାକୁ ଅଜ୍ଞାନବାଦ ବୋଲି କୁହନ୍ତି ।

ନାସ୍ତିକ ଗୁରୁମାନଙ୍କ ମଧ୍ୟରୁ ମଗଲିଙ୍ଗୁ ବୁଧ୍ ସବୁଠାରୁ ବିପଦପୂର୍ଣ୍ଣ ବୋଲି ବିଚାର କରୁଥିଲେ । ସେ କହିଛନ୍ତି, ମଗଲିଙ୍କ ମୋହଗ୍ରସ୍ତ, ଦେବତା ଓ ମାନବଙ୍କ ପ୍ରତି ଦୁଃଖଦାୟୀ, ଅସୁସ୍ଥ, ସଂକୀର୍ଣ୍ଣମନା ବ୍ୟକ୍ତିକୁ ମୁଁ ଦେଖିନାହିଁ । ୬୪। ନିମ୍ନଲିଖିତ ଉଧୃତ୍ ବୁଧ୍ ତାଙ୍କୁ ଚରମ ସଂକୀର୍ଣ୍ଣମନା ଭାବରେ ବିଚାର କରୁଥିବା ଜଣାପଡ଼େ । "ବୁଣା ହୋଇଥିବା ସବୁ ଜିନିଷ ଭିତରେ କମ୍ବଳକୁ ଯେମିତି ନିକୃଷ୍ଟତମ ଜିନିଷ ଭାବରେ ବିବେଚନା କରାଯାଏ, ସେହିପରି ସମସ୍ତ ପରିବ୍ରାଜକଙ୍କ ଭିତରେ ମଗଲି ହେଉଛି ସବୁଠାରୁ ନିକୃଷ୍ଟତମ ।" ୬୫।

ଦୀଘଗନିକାୟ ଭାଷ୍ୟ ।୬୬। ରେ ବୁଧ୍‌ଘୋଷ ତାଙ୍କୁ କିପରି ମଗଲି ଗୋସାଲି ଡ଼କାଗଲା, ସେ

ସଂପର୍କରେ ବର୍ଣ୍ଣନା କରୁଛନ୍ତି ତାଙ୍କ ମତରେ ମଗଲି ଦିନେ ଚାକର ଥିଲେ । ଥରେ ସେ କାଦୁଅ ରାସ୍ତାରେ ତୈଳପତ୍ର ନେଇ ଯାଉଥିବା ବେଳେ ବଶତଃ ମୁନିବଙ୍କ ତାଗିଦ୍ ମାଗଲି (ଅସ୍ଥିର ହୁଅ ନାହିଁ) ଅସାବଧାନତା ବଶତଃ ତହେଳ ପଡ଼ିଗଲେ । ତାହାପରଠାରୁ ତାଙ୍କୁ ମଗଲି ନାମରେ ଡ଼କାହେଲା । ସେ ଗୁହାଳରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଗୋସାଲ ବୋଲି କୁହାଯାଉଥିଲା । ପାଣିନି ।୬୭। ତାଙ୍କୁ ମସ୍କରୀ (ବାଉଁଶ ଠେଙ୍ଗା ଧରିଥିବା ବ୍ୟକ୍ତି) ବୋଲି ବର୍ଣ୍ଣନା କରିଛନ୍ତି । ଉଭାସକ ସଦା ଓ ତାଙ୍କୁ ମଗଲିପୁତ୍ । ୬୮। ବୋଲି କହନ୍ତି ।

**ଅଜିତ୍ କେଶକମ୍ବଳି**

ଅଜିତ କେଶକମ୍ବଳି ଜଣେ ବସ୍ତୁବାଦୀ ଥିଲେ । ସେ ଉତ୍ତମ କିମ୍ବା ମନ୍ଦ କର୍ମର ଅବସ୍ଥିତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ମତରେ ଭିକ୍ଷାଦାନ, ତ୍ୟାଗ ଅଥବା ଦାନ ଦ୍ୱାରା ପୂଣ୍ୟଅର୍ଜ୍ଜନ କରିହୁଏନାହିଁ । ଭଲ କିମ୍ବା ମନ୍ଦ କାମର କୌଣସି ପରିଣତି କିମ୍ବା ଫଳାଫଳ ନାହିଁ ।

ଏହି ପୃଥିବୀରୁ ଅନ୍ୟତ୍ର ଚାଲିଯିବା କଥାଟି ଠିକ୍ ନୁହେଁ । ୬୯। ପିତା କିମ୍ବା ମାତାଙ୍କ ସେବାରୁ କୌଣସି ସୁଫଳ ମିଳିବା କତା ମଧ୍ୟ ଠିକ୍ ନୁହେଁ । ଜୀବନ ପରବ□ୀ କଥା କିଛି ନାହିଁ । ସଠିକ୍ ମାର୍ଗରେ ଯାଇ ମୋକ୍ଷ ପାଇଥିବା ସାଧୁ ଓ ବ୍ରାହ୍ମଣ କେହି ନାହାନ୍ତି । ଏହି ବିଶ୍ୱ ଏବଂ ବିଶ୍ୱାତୀତକୁ ଜାଣି ଏବଂ ଉପଲବ୍ଧି କରି ନିଜର ଜ୍ଞାନକୁ ପ୍ରକାଶ କରିଥିବା ବ୍ୟକ୍ତି ମଧ୍ୟ କେହି ନାହାନ୍ତି । ମନୁଷ୍ୟ ଚାରୋଟି ଉପାଦାନରେ ଗଢ଼ା । ତାର ଯେତେବେଳେ ମୃତ୍ୟୁ ହୁଏ ସେ ପୁଣିଥରେ ପୃଥିବୀକୁ ଫେରିଯାଏ, ସେହିପରି ଜଳରୁ ଜଳକୁ, ଅଗ୍ନିରୁ ଅଗ୍ନିକୁ ଏବଂ ବାୟୁରୁ ବାୟୁକୁ । ଜାରିଜଣ ଲୋକ କୋକେଇରେ ଶବକୁ ନେଇଯିବା ବେଳେ ସେହି ମୃତବ୍ୟକ୍ତିଟି ସଂପର୍କରେ ମଶାଣି ପର୍ଯ୍ୟନ୍ତ ଗପସପ କୁରୁଥାନ୍ତି । ୭୦। ତା'ର ହାଡ଼ସବୁ କପୋତର ଡ଼େଣା ରଙ୍ଗ ଧରିବା ପରେ ତା'ର ସବୁ ଅବଦାନ ପାଉଁଶରେ ପରିଣତ ହୋଇଯାଏ, ଯେଉଁମାନେ ଭିକ୍ଷା ଦେବା ପାଇଁ ପ୍ରଚାର କରନ୍ତି, ଆଧଭୌତିକ ଅବସ୍ଥିତ କଥା କହନ୍ତି, ସେମାନେ ବେକାର ଏବଂ ବୃଥା କଥାହିଁ କହିଥାନ୍ତି । ଯେତେବେଳେ ଶରୀର ମୃତ୍ୟୁ ମୁଖରେ ପଡ଼େ, ସେତେବେଳେ ସାଧୁ ହେଉ କିମ୍ବା ବୋକା ଉଭୟଙ୍କର ଜୀବନ ଚାଲିଯାଏ ଏବଂ ନିଶ୍ଚିହ୍ନ ହୋଇଯାଏ । ମରଣପରେସେମାନେ ଆଉ ବ□ନ୍ତି ନାହିଁ । ୭୧ ।

ଅଜିତଙ୍କ ଦର୍ଶନକୁ ଚାର୍ବାକ୍ ଦର୍ଶନ ସହିତ ତୁଳନା କରଯାଇପାରେ । ବ୍ରହ୍ମଜାଲସୁତ୍ରେ ଏହାକୁ ଉଚ୍ଛେଦବାଦ (ମୃତ୍ୟୁପରେ .... ମତବାଦ) ଅଥବା ତମ୍ଜୀବମ୍ ତମ୍ ଶରୀରମ୍ (ଆତ୍ମା ଏବଂ ଶରୀରର ପରଚୟ ମତବାଦ) । ମହାବୋଧ ଡାଜକରେ କୁହାଯାଇଛି ଯେ ବାରଣାସୀର ରାଜାଙ୍କ ପ□ନାସ୍ତିକ ଗୁରୁ ମଧ୍ୟରୁ ଜଣେ ହୋଇ ଅଜିତ୍ ପୂର୍ବ ଜନ୍ମରେ ଜନ୍ମଲାଭ କରିଥିଲେ । ସେତେବେଳେ ମଧ୍ୟ ସେ ଉଚ୍ଛେଦବାସ ସଂପର୍କରେପ୍ରଚାର କରିଥିଲେ । ସେ ମନୁଷ୍ୟ କେଶରେ ତିଆରି ହୋଇଥିବା କମ୍ବଳ ଘୋଡ଼ାଇ ହୋଇଥିବାରୁ କେଶ କମ୍ବଳ ଭାବରେ ଆଖ୍ୟାତ ହେଉଥିଲେ । ଏହାକୁ ଅତି ଦୟନୀୟ ବସ୍ତ୍ର ଭାବରେ ବର୍ଣ୍ଣନା କରାଯାଇଛି, ଶୀତ ଋତୁରେ ଏହା ଥଣ୍ଡା ହୋଇଯାଉଥିଲା ଏବଂ ଖରାଦିନେ ଗରମ କଥା.... ।୭୨।

ପକୁଧ୍ କଚାୟନ

ପକୁଧ୍ କଚାୟନଙ୍କ ଅନୁସାରେ ୭ଟି ସାଧାରଣ ସ୍ତର (ସାତପଦାର୍ଥ) କାହାରି ଦ୍ୱାରା ନିର୍ମିତ ହୋଇନାହିଁ କିମ୍ୱା ଆଦିଷ୍ଟ ହୋଇନାହିଁ । ଏହା କାରଣଭୂତ ନୁହେଁ କିମ୍ୱା ନିର୍ମିତ ନୁହେଁ । ସେଗୁଡ଼ିକ ଅପ୍ରସୂ - ପର୍ବତ ପରି ଦୃଢ଼ ଏବଂ ସ୍ତମ୍ଭ ପରି ସ୍ଥିର । ସେଗୁଡ଼ିକ ଚଳପ୍ରଚଳ କରନ୍ତି ନାହିଁ, ଉନ୍ନତ କରନ୍ତି ନାହିଁ, ସେମାନେ ଅନ୍ୟକୁ ଆହତ କରନ୍ତିନାହିଁ କିମ୍ୱା ଅନ୍ୟର ସୁଖଦୁଃଖ ଉପରେ ସେମାନଙ୍କର କୌଣସି ପ୍ରଭାବ ନାହିଁ । ଏହି ସାତଟି କ'ଣ ? ବସୁଧା, ଜଳ, ଅଗ୍ନି, ବାୟୁ, ଆନନ୍ଦ ଦୁଃଖ ଏବଂ ସପ୍ତମଟି ହେଲା ଜୀବନ । କୌଣସି ମଣିଷ ହତ୍ୟା କରେ ନାହିଁ କିମ୍ୱା ହତ୍ୟା କରିବା ପାଇଁ କାରଣ ହୁଏନାହିଁ । ସେହିପରି ଶୁଣିବା କିମ୍ୱା ଶୁଣିବା ପାଇଁ କାରଣ ହେବ, ଜାଣିବା କିମ୍ୱା ଜଣାଇବା ପାଇଁ କାରଣ ହେବ । ଜଣେ ଲୋକ ଗୋଟିଏ ଧାରୁଆ ଖଣ୍ଡାରେ ଅନ୍ୟର ମୁଣ୍ଡକାଟ କଲେ ସୁଧ୍ା, ସେ ଜୀବନ ନେଇପାରେ ନାହିଁ । କାରଣ ତରବାରୀରେ ଛେଦନ କେବଳ ସପ୍ତ ପଦାର୍ଥ ନେଇ ଚାଲିଥାଏ ।୭୩ ।

ବ୍ରହ୍ମଜାଲସୁତ୍‌ରେ ଏହି ତତ୍ୱଯି ଅକ୍ରିୟା ବାଦ ଏବଂ ଶାଶ୍ୱତବାଦ ଭାବରେ ବର୍ଗୀକୃତ ହୋଇଛି । ପକୁଧ୍‌ଙ୍କ ଅନୁସାରେ ଭଲ କିମ୍ୱା ମନ୍ଦ କାମ ଚିରନ୍ତନପଦାର୍ଥକୁ ସ୍ପର୍ଶ କରନ୍ତି ନାହିଁ । ଉଚ୍ଛେଦବାଦ ପରି ଏହି ଶିକ୍ଷାକୁ ମଧ୍ୟ ବୌଧ୍ ସାହିତ୍ୟରେ ସମାଲୋଚନା କରାଯାଇଛି ।

ପକୁଧ୍‌କଚାୟନ ଥଣ୍ଡାପାଣିକୁ ଏଡ଼ାଇ ସବୁବେଳେ ଗରମପାଣି ବ୍ୟବହାର କରୁଥିଲେ ବୋଲି ବୁଧ୍‌ଘୋଷ ବର୍ଣ୍ଣନା କରିଛନ୍ତି । ଯେତେବେଳେ ଗରମ ପାଣି ମିଳେ ନାହିଁ, ସେ ଗାଧାନ୍ତି ନାହିଁ, ଯଦି ସେ ଗୋଟି, ଝରଣାକୁ ଅତିକ୍ରମ କରନ୍ତି, ତେବେ ଏହାକୁ ପାପ ବୋଲି ବିବେଚନା କରନ୍ତି ଏବଂ ମାଟି ଉପରେ କୁଦଟିଏ ତିଆରି କରି ପ୍ରାୟଶ୍ଚିତ କରନ୍ତି ।୭୪।

**ସଞ୍ଜୟ ବୋଲଥ୍‌ପୁତ୍**

ସଞ୍ଜୟ ବେଲ□ପୁତ୍ ...... ଅଥବା ଅନିଶ୍ଚିତତାବାଦର ପ୍ରବକ୍ତା ଅଟନ୍ତି । ସେ କହନ୍ତି ଯେ ଯଦି ତୁମେ ମତେ ଅନ୍ୟ ଗୋଟିଏ ପୃଥିବୀ ଅଛି କି ବୋଲି ପଚାରିବ, ଏବଂ ମୁଁ ଯଦି ତାହା ଅଛି ବୋଲି ବିଚାରିବ, ତା'ହେଲେ ମୁଁ ସେହି ଅନୁସାରେ କହିବି । କିନ୍ତୁ ମୁଁ ଯାହା କହିବି, ତାହା ଠିକ୍ ନହୋଇପାରେ । ତାହା ସେପରି ବୋଲି ମୁଁ କହୁନାହିଁ କିମ୍ୱା ତାହା ସେପରି ନୁହେଁ ବୋଲି ମୁଁ କହୁନାହିଁ ।୭୫।

ବୌଧ୍ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ସାରିପୁତ୍ ଏବଂ ମୋଗଲାନ ସଞ୍ଜୟଙ୍କ ଶିଷ୍ୟ ଥିଲେ ବୋଲି କୁହାଯାଏ ।୭୬। ମୋଗଲାନ ଏବଂ ସଞ୍ଜୟଙ୍କୁ ଜୈନ ଶାସ୍ତ୍ରରେ ଜୈନମୁନି ଭାବରେ ବର୍ଣ୍ଣନା କରାଯାଇଛି । ୭୭।

**ଜୈନ ସାହିତ୍ୟ ଶାସ୍ତ୍ର**

ସ୍ୟାଦ୍‌ବାଦର ଜୈନ ସିଧ୍ାନ୍ତ ସଞ୍ଜୟଙ୍କ ଶିକ୍ଷାଦ୍ୱାରା ପ୍ରଭାବିତ ବୋଲି କୁହାଯାଏ । ମଲଲସେକ୍‌ରଙ୍କ ମତରେ ସବୁବେଳେ କଳ୍ପନା ଆଧାରିତ ଉତର ଦିଆଯିବାପରି ପ୍ରଶ୍ନାବଳୀ ସଂପର୍କରେ ନିଜର ନିଷ୍ପ□ ଶୁଣାଇବାକୁ ସମ୍ଭବତଃ ସଞ୍ଜୟ ସ୍ଥଗିତ ରଖିଥିଲେ । ଏହି ପ୍ରଶ୍ନାବଳୀ ଚୂଡ଼ାନ୍ତ ଉତ୍ର କଳ୍ପା ବହିର୍ଭୁତ ବୋଲି ସେ ନିଜର ଅନୁଗାମୀମାନଙ୍କୁ ସମ୍ଭବତଃ ଦର୍ଶାଇବାକୁ ଚାହୁଁଥିଲେ । ଏବଂ ସେମାନଙ୍କ ଲକ୍ଷ୍ୟକୁ ନିଷ୍ଫଳ ଅନୁସନ୍ଧାନରୁ

ହଟାଇ ମାନସିକ ସମରସତା / ସମଚିତ୍ତାର ଅବଧାରଣରେ ନିୟୋଜିତି କରିବାକୁ ଇଚ୍ଛା କରୁଥିଲେ ।୭୮। କିନ୍ତୁ ସଞ୍ଜୟଙ୍କ ଶିକ୍ଷା ଅନିଶ୍ଚିତତା ଆଧାରିତ ଥିଲା । ଅଥଚ ସ୍ୟାଦ୍‌ବାଦରେ ଉତ୍ତର ସୁନିଶ୍ଚିତ ଥିଲା । ତେଣୁ ସଞ୍ଜୟଙ୍କ ତତ୍ୱକୁ ଜୈନମାନେ ସମାଲୋଚନା କରୁଥିଲେ । ତେବେ, ସଞ୍ଜୟ ଜୈନମୁନି ଥାଆନ୍ତୁ କିମ୍ବା ନଥାଆନ୍ତୁ, ତାଙ୍କର ଶିକ୍ଷାଗୁଡ଼ିକ ଜୈନ ସିଧାନ୍ତ ଦ୍ୱାରା କେତେକ ପରିମାଣରେ ପ୍ରଭାବିତ ଥିଲା ନିଶ୍ଚୟ । ସୂତ୍ରକୃତାଙ୍ଗରେ ତାଙ୍କର ନାମୋଲ୍ଲେଖ କରାଯାଇନାହିଁ । ପାଲି ସାହିତ୍ୟ/ଶାସ୍ତ୍ରରେ ଅମର ବିକ୍ଷେପବାଦ ଭାବରେ ସଞ୍ଜୟଙ୍କର ମତକକୁ ସମାଲୋଚନା କରାଯାଇଛି ।

ନିଗନ୍ଥନାତପୁତ୍

ସାମାନ୍ୟ ଫଳସୁତ୍ରେ ନିଗନ୍ଥନାତପୁତ୍ଙ୍କୁ ଚତୁଯାମସମ୍ୱର ମତବାଦର ପ୍ରବର୍ତ୍ତକ ବୋଲି କୁହାଯାଇଛି । ଜଣେ ନିଗନ୍ଥଙ୍କୁ ଚତୁଃସ୍ତରୀୟ ସଂଯମର ପ୍ରତିରୋଧକ ଘେରି ରହିଛି । ସେ କିପରି ଭାବରେ ଘେରି ରହିଛନ୍ତି । ... ଜଳ ପ୍ରତି ସଂଯମତା ଅଭ୍ୟାସ କରନ୍ତି, ସବୁ ପାପକୁ ସେ ଏଡ଼ାଇ ଯାଆନ୍ତି, ପାପକୁ ଏଡ଼ାଇବା ଦ୍ୱାରା ତାଙ୍କର ପାପସବୁ ଧୋଇଯାଏ ଏବଂ ସେ ସମସ୍ତ ପାପବିନହୀ ଅବଧାରଣାରେ ମଗ୍ନ ହୋଇଯାଆନ୍ତି ।୮୧। ସେହିପରି ଭାବରେ ଚତୁଃସ୍ତରୀୟ ସଂଯମତାର ବାଡ଼ ଭିତରେ ରହି ତାଙ୍କର ଚିତ୍ ପରିପୂର୍ଣ୍ଣ ନିୟନ୍ତ୍ରିତ ଏବଂ ଦୃଢ଼ / ଅବିଚଳ ହୋଇଯାଏ । ୮୨।

ଯାକୋବିଙ୍କ ମତରେ ନାତପୁତ୍ଙ୍କ ଶିକ୍ଷା ଅତ୍ୟନ୍ତ ଗୂଢ଼ତାପୂର୍ଣ୍ଣ ଥିଲା । ୮୩। ଚୁଦଯାମ ସମ୍ୱରରେ ଜୈନମାନଙ୍କର ଚାରିଟି ଲକ୍ଷଣ ସଂପର୍କରେ କୁହାଯାଉଥିବା ସାମାନ୍ୟ ଫଳସୁତ୍। । ୮୪। ରୁ ଜଣାପଡ଼େ । ପାର୍ଶ୍ୱନାଥଙ୍କ ପରମ୍ପରା । ସେ ଥିବା ପ୍ରକୃତି ଚତୁଯାମ ସମ୍ୱର ସଂପର୍କରେପାଲି ଗ୍ରନ୍ଥରେ ଦେଖିବାକୁ ମିଳେ ।

ବୁଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଅସିବନ୍ଧକପୁତ୍ ଗାମଣି କହନ୍ତି ଯେ ନିଗନ୍ଥ ନାତପୁତ୍ ତାଙ୍କର ଅନୁଗାମୀ ଓରଫ ସାବକମାନଙ୍କୁ ଏହିପ୍ରକାର ଶିକ୍ଷା ଦେଉଥିଲେ : ପ୍ରାଣୀଙ୍କ ବଧ (ଦାଣମ୍ ଅତିପାତେତ୍) ଦ୍ରବ୍ୟ ଅପହର୍ତ୍ତା (ଟାହା ଜଣକୁ ଦିଆଯାଇନାହିଁ । (ଅଦିନ୍ନମ ଆଦିୟତି), ଇନ୍ଦ୍ରିୟାସକ୍ତ (କାମେସୁ ମିଛା କରନ୍ତି) ଏବଂ ମିଥ୍ୟାବାଦୀ – ଏମାନେ ସମସ୍ତେ ନିନ୍ଦାର ପାତ୍ର । ୮୫।

ଏଠାରେ ପାପର ଚାରିଟି କାରଣ କଥା ଉଲ୍ଲେଖ କରାଯାଇଛି । ଅଙ୍ଗୁତ୍ତରସୂତ୍ରେ ନିଗନ୍ଥ ନାତପୁତ୍ଙ୍କ ପାପର ପ□କାରଣ ସମ୍ପର୍କରେ ଉଲ୍ଲେଖିତ ଅଛି । ସେଗୁଡ଼ିକ ହେଲା : ଧ୍ୱଂସପାଇଁ ଅନୁପ୍ରେରଣା (ପାଣାତିପି ହୋତି), ଯାହା ଦିଆଯାଇନାହିଁ, ତାକୁ ଗ୍ରହଣ କରିବା (ଅଦିନ୍ନାଦାୟି ହୋତି) ଅସତ୍ କର୍ମର ମନଭରି ଉପଭୋଗ (ଅବ୍ରହ୍ମଚାରୀ ହୋତି) ମିଥ୍ୟା କହିବା, (ମୁସସାବାଦି ହୋତି) ଏବଂ ସୁରା ଓ ନିଶାରେ ମଗ୍ନ ରହିବା (ସୁରାମେରୟମଜ୍ଜୀମାଦତ୍ ହାୟି ହୋତି) । ୮୬ ।

ଏହି ଉଭୟ ଉଧୃତ୍ ସଠିକ୍ ଭାବରେ ଶୃଙ୍ଖଳିତ ଭାବରେ ନଥିଭୁକ୍ତ କରାଯାଇନାହିଁ । ପାର୍ଶ୍ୱନାଥ ଏବଂ ମହାବୀରଙ୍କ ବ୍ରତକୁ ନେଇ ନିକାୟ ଗୁଡ଼ିକ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ପରିଗ୍ରହ (ମୁଣ୍ଡନ କ୍ରିୟାରେ ଜଡ଼ିତ ହେବା)ଟି ପାର୍ଶ୍ୱନାଥଙ୍କ ସଂପ୍ରଦାୟରେ ଅସତ୍ କର୍ମର ମନଭରି ଉପଭୋଗ ଜନିତ କାରଣର ଅନ୍ତର୍ଭୁକ୍ତ ।

ନିକାୟରେ ଏହି ବିଷୟ ଲେଖାଯାଇ ନାହିଁ । ଅଥଚ ନିଗଣ୍ଠନାତପୁତ୍ ଅବ୍ରହ୍ମଚର୍ଯ୍ୟକୁ ପରିଗ୍ରହର ବାଦ୍‌ଦେବା ବିଷୟର ଉଲ୍ଲେଖ ରହିଛି ।

ଜୈନଙ୍କର ଅହିଂସା ମୁଖ୍ୟ ବିଷୟ ଥିଲା ବୋଲି ପାଲିଗ୍ରନ୍ଥରେ ଲିଖିତ ଅଛି । ନିଗନ୍ତ ମାନେ ଅନ୍ୟ ଜୀବନ୍ତ ପ୍ରାଣୀଙ୍କ ପରି ଶୀତଳ ଜଳ ବ୍ୟବହାର କରୁନଥିଲେ । ୮୭ । ଗୋଟିଏ ନିର୍ଦ୍ଦିଷ୍ଟ ଇଲାକାକୁ ଛାଡ଼ି ସେମାନେ ଅନ୍ୟତ୍ର ନଯିବାକୁ ସଂକଳ୍ପ କରିଥିଲେ । ତେଣୁ ଅନ୍ୟତ୍ର ଯିବା ବାଟରେ ଜୀବନାବସାନ ଘଟିବା ଘଟଣା ନାମମାତ୍ରକୁ ଖସି ଆସିଥିଲା । ୮୮। ମନୋଦଣ୍ଡା ମାନସିକ କାର୍ଯ୍ୟ ଅପେକ୍ଷା କାୟଦଣ୍ଡ (ଶାରୀରିକ କର୍ମ) କୁ ଅଧିକ ଦାୟୀ କରାଯାଉଥିଲା । ୮୯ । ଉଦ୍ଦେଶ୍ୟ (ଭାବ କିମ୍ବା ମନୋଦଣ୍ଡ) ହିଁ ହିଂସାର ମୁଖ୍ୟସୂତ୍ରଧର ଭାବରେ ବିବେଚିତ ହେଉଥିଲା । ଯଦି ଉଦ୍ଦେଶ୍ୟମୂଳକ ଭାବରେ ଶରୀର ଦ୍ୱାରା ଆହତ ଭାବରେ ବିବେଚିତ ହେଉଥିଲା । ଯଦି ଉଦ୍ଦେଶ୍ୟମୂଳକ ଭାବରେ ଶରୀର ଦ୍ୱାରା ଆହତ କରାଯାଉଥିଲା, (ଭାବନା), ତେବେ ଏହାକୁ ଅଧିକ ଦାୟୀ ଯୋଗ୍ୟ ବୋଲି ବିବେଚନା କରାଯାଉଥିଲା । ଜୈନ ଧର୍ମର ମାସଂଭକ୍ଷଣ ସଂପୂର୍ଣ ନିଷିଧ୍ ସହ ସେନାପତି ବୁଧ୍ ଏବଂ ତାଙ୍କର ଅନୁଗାମୀମାନଙ୍କୁ ମାଂସ ପରିବେଷଣ କରିବା ବେଳେ ନିଗନ୍ଥମାନେ ସେହିକାର୍ଯ୍ୟର ପ୍ରତିବାଦ କରିବା ସହିତ ସମାଲୋଚନା କରିଥିଲେ । ୯୦ ।

ନଗ୍ନତା (ଅକିଳକତ୍ୱ କିମ୍ବା ଦିଗମ୍ବରତ୍ୱ) ସହିତ ମନର ନିୟନ୍ତ୍ରର, ସମସ୍ତ ପ୍ରକାରର ମୋହବନ୍ଧନର ଅବରୋଧ ଏବଂ ଯଥାର୍ଥଜ୍ଞାନ ସହିତ କଠୋର ଉପାସନା ସର୍ବଜ୍ଞତା ଏବଂ ମୁକତିରି ମୁଖ୍ୟ ମାଧମ ଅଟେ । ୯୧। ସ୍ୟାଦବାଦ ଏବଂ ନବତତ୍ତ୍ୱର ମୂଳତତ୍ତ୍ୱ ସମ୍ପର୍କରେ ପାଲି ଗ୍ରନ୍ଥମାନଙ୍କରେ ପ୍ରଚୁର ମାତ୍ରାରେ ଉଲ୍ଲେଖ କରାଯାଇଛି । ପରବର୍ତ୍ତୀ ସମୟରେ ବିକାଶ ଲାଭ କରିଥିବା ବୌଧ୍ ଦାର୍ଶନିକ ସାହିତ୍ୟ ଜ୍ଞାନ ମୀମାଂସା ଏବଂ ତର୍କ ସଂପର୍କିତ ଉନ୍ନତତର ଜୈନ ମତବାଦକୁ ଖଣ୍ଡନ ଏବଂ ମଣ୍ଡନ କରିଛି ।

ପାଲି ଶାସ୍ତ୍ରରେ ଶ୍ରମରବାଦର ପ୍ରବକ୍ତାମାନଙ୍କ ସମ୍ପର୍କରେ ଉଲ୍ଲିଖିତ ପ୍ରସଙ୍ଗର ସଂକ୍ଷିପ୍ତାଂଶ ନିମ୍ନ ଉଧୃଥିରୁ ଦୁଇଟି ଶୀର୍ଷରୁ ଜଣାପଡ଼ିବ :

୧. ଅଜବିକବାଦ ସଂପର୍କରେ ପୁରାଣ, ବସ୍ସୁପ, ମଗଲି ଗୋଶାଲ ବଚ୍ଚାୟନ ଶିକ୍ଷା ଦେଉଥିଲେ ଏବଂ

୨. ଜୈନବାଦ ସଂପର୍କରେ ପାର୍ଶ୍ୱନାଥ ଏବଂ ନିଗନ୍ଥ ନାତପୁତ୍ ଶିକ୍ଷାପ୍ରଦାନ କରୁଥିଲେ ।

ସଞ୍ଜୟ ବେଲ□ପୁତ୍‌ଙ୍କ ସିଦ୍ଧାନ୍ତ ଏହି ଦୁଇଗୋଷ୍ଠୀଙ୍କ ମଧ୍ୟରୁ କାହାରି ଅନ୍ତର୍ଭୁକ୍ତ ନୁହେଁ । କିନ୍ତୁ ନଳିନାକ୍ଷଦତ୍‌ଙ୍କ ମତରେ ସଞ୍ଜୟଙ୍କ ଶିକ୍ଷା କେବଳ ବୁଧ୍‌ଙ୍କ ଆଡ଼କୁ ଯାଇଥିବା ପାହାଚାର ପଥର ।୯୩ । ଜୈନବାଦ, ଅଜିବକବାଦ ଏବଂ ବୌଧ୍ ମତ ପରି ତିନୋଟି ପ୍ରସିଧ୍ ଧାର୍ମିକ ପ୍ରଥା ମଧ୍ୟରେ ଥିବା ସଂପର୍କ ପ୍ରସଙ୍ଗରେ ବିଚାର କରିବା ।

**ଜୈନବାଦ ଏବଂ ଅଜିବକବାଦ**

ଅଜିବକ ସଂପ୍ରଦାୟର ପ୍ରତିଷ୍ଠାତା ମକ୍ଖଲି ଗୋସାଲ ନିଜର ସ୍ୱତନ୍ତ୍ର ମତ ପ୍ରତିଷ୍ଠା ପୂର୍ବରୁ ଜୈନବାଦର

ଜଣେ ଅନୁଗାମୀ ଥିଲେ । ୯୪। ତେଣୁ ତାଙ୍କ ଶିକ୍ଷାରେ ଜୈନ ମତର ପ୍ରଭାବ ପଡ଼ିବା ବିଚିତ୍ର ନୁହେଁ । ଅଜିବିକ ଏବଂ ଜୈନମାନେ ଏକାପ୍ରକାରର ବ୍ରତାଚରଣ କରୁଥିଲେ । ଉଭୟେ ସାଧାରଣତଃ ଉଲଗ୍ନ ରଜ୍ଜୁ ଥିଲେ ଏବଂ ଖାଦ୍ୟ ଗ୍ରହଣ କ୍ଷେତ୍ରରେ ଏକାପ୍ରକାର ନୀତି ଅବଲମ୍ବନ କରୁଥିଲେ । ୯୫। ନିଗନ୍ତ ଏବଂ ଅଜିବକ ମାନଙ୍କରେ ସ୍ପଷ୍ଟ ପାର୍ଥକ୍ୟକୁ ବାଛିବାପାଇଁ ଏହି କାରଣୁ ପାଲି ସାହିତ୍ୟ ଗୁଡ଼ଇକ ଅସମର୍ଥ ହୋଇଛନ୍ତି । ସୁତ୍‌ନିପାତ । ୯୬। ଅନ୍ୟ ସଂପ୍ରଦାୟଠାରୁ ଅଜିବକମାନଙ୍କ ପାର୍ଥକ୍ୟକୁ ଦର୍ଶାଇଛି । ଅଥଚ ମଜ୍ଝିମନିକାୟ । ୯୭। ଅଜୀବକ ଭିତରେ ସବୁ ନାସ୍ତିକ ଗୁରୁମାନଙ୍କୁ ଅନ୍ତର୍ଭୁକ୍ତ କରିଦେଇଛି ।

ନିଜର ଧମ୍ମପଦ ଭାଷ୍ୟ । ୯୮ । ପୁସ୍ତକରେ ବୁଧ୍‌ଘୋଷ ଅଜୀବକ ଏବଂ ନିଗନ୍ଥମାନଙ୍‌କ ସମେତ ସମସ୍ତଙ୍କ ଦ୍ୱାରାରେ କରାଘାତ କରୁଥିବା ଜଣେ ସାଧୁଙ୍କ ସମ୍ପର୍କରେ ଉଲ୍ଲେକ କରିଛନ୍ତି । କିନ୍ତୁ, ସେହି ଏକା କୃତୀରେ ନଗ୍ ସମ୍ମଣ, ଅଜିବକ ଏବଂ ଅକିଳକଙ୍କ ସମ୍ପର୍କରେ ଅବିଚାରିତ ଭାବରେ ଉଲ୍ଲେଖ କରାଯାଇଛି । ୯୯। ସେହିପରି ଭାବରେ ଅଶୋକଙ୍କ କାହାଣୀରେ ଦିବ୍ୟାବଦା ।୧୦୦। ଅଜୀବନ ଏବଂନିଗନ୍ଥ ଶବ୍ଦକୁ ସମାନ ଅର୍ଥରେ ବ୍ୟବହାର କରିଛନ୍ତି ।

ଚୀନ ଏବଂ ଜାପାପନର ବୌଧ୍ ସାହିତ୍ୟରେ ଆଶିବକ (ଅଜିବକ) ଏବଂ ନିକେନ୍ଦବର ଓରଫ ନିଗ୍ରନ୍ଥଙ୍କୁ କଠୋର ତପଚାରୀ ଭାବରେ ଦର୍ଶାଇଛନ୍ତି । ଉଭୟେ ଭାବୁଥିଲେ ଯେ ପାପପୂର୍ଣ୍ଣ ଜୀବନକୁ ଶୀଘ୍ର ହେଉ କିମ୍ବା ଡ଼େରିରେ ହେଉ ଦଣ୍ଡ ନିଶ୍ଚୟ ମିଳିବ । ତେଣୁ ଜୀବନକୁ ସୁଖମୟ କରିବାକୁ ଖୋଲା ରଖିବା ଦରକାର । ସେମାନଙ୍କର ଆଚରଣ ତପସ୍ୱୀ ସୁଲଭ ଥିଲା, ଉପବାସ, ନୀରବତା, ଅ□ଳତା ଏବଂ ନିଜକୁ ବେକ ପର୍ଯ୍ୟନ୍ତ ନିଆଁ ଭିତରେ ରଖିବା ସେମାନଙ୍କର ତପସ୍ୟା / ସାଧନାର ଅଂଶ ସ୍ୱରୂପ ଥିଲା ।

ହୋର୍‌ନଲ୍ ଅଜିବଙ୍କ ମାନଙ୍କୁ ଦିଗମ୍ବର ଜୈନ ଭାବରେ ଚିହ୍ନଟ କରିଛନ୍ତି । ନିଜ ମତ ସପକ୍ଷରେ ସେ ହଳାୟୁଧ ।୧୦୨। କୁ ଉଲ୍ଲେଖ କରନ୍ତି । ଏଥିରୁ ଶ୍ୱେତାମ୍ବର ଏବଂ ଦିଗମ୍ବର ନାମକ ଦୁଇ ଗୋଷ୍ଠିଙ୍କର ବିପୁଳ ସଂଖ୍ୟକ ନାମ ଆଖି ଆଗକୁ ଆସେ । ଦିଗମ୍ବରଙ୍କୁ ଅଜୀବ ବୋଲି କୁହାଯାଏ । ଏହା ଅଜିବକ ଶବ୍ଦର ସଂକ୍ଷିପ୍ତ ରୂପ ମାତ୍ର । ଏଥିରୁ ପ୍ରମାଣିତ ହୁଏ ଯେ, ନିଗନ୍ଥ ଏବଂ ଅଜିବକ ଜୈନ ଧର୍ମର ଦୁଇଟି ସଂପ୍ରଦାୟ ଯାହାକି ଶ୍ୱୋତମ୍ବର ଏବଂ ଦିଗମ୍ବର ଭାବରେ ଆମର ପରିଚିତ ।୧୦୩।

ହର୍ଣ୍ଣଲଙ୍କ ପରବର୍ତ୍ତୀ ପ୍ରସ୍ତାବ ହେଉଛି ଯେ ନିଗ୍ରନ୍ଥ କେବଳ ଶ୍ୱେତାମ୍ବର ଜୈନ ପାଇଁ ହିଁ ପ୍ରଯୁଜ୍ୟ । ଏହି ଉପସଂହାର ସପକ୍ଷରେ କୌଣସି ପ୍ରମାଣ ନାହିଁ । ସେ ଯେଉଁ ଉଧୃତ ଦେଇଛନ୍ତି । ସେଥିରେ ସେପରି ସମଧର୍ମା ଶବ୍ଦବାଳୀ ମଧ ନାହିଁ । ଏହା କେବଳ ବିଭିନ୍ନ ଶାଖା ସଂପର୍କରେ ଉଲ୍ଲେଖ କରିଛି । ଏହି ପ୍ରସଙ୍ଗରେ ଭାସ୍‌ମ କହିଛନ୍ତି ଯେ ହଳାୟୁଧ ଏବଂ ଯାଦବଙ୍କ ସମେତ ନିଗ୍ରନ୍ଥଙ୍କ ସଂପର୍କିତ ପ୍ରମାଣରୁ ସେମାନେ ଗୋଟିଏ ପର୍ଯ୍ୟାୟର ବୋଲି ଜଣାପଡୁଥିବାରୁ ପୂର୍ବମତକୁ ଖଣ୍ଡନ କରିବା ପାଇଁ ତାହା ଯଥେଷ୍ଟ । ଯେ କୌଣସି ପ୍ରକାରର ଜୈନଙ୍କ ପାଇଁ ଏହି ପରିଭାଷାଟି ବ୍ୟବହୃତ ହେଉଥିଲେ ।୧୦୪।

ନିଗନ୍ଥ ବା ନିଗ୍ରନ୍ଥକୁ ପ୍ରାଚୀନ କୃତିମାନଙ୍କର ସବୁବେଳେ ଦିଗମ୍ବର ମୂଳରେ ଦର୍ଶାଯାଇଛି । ପରବର୍ତ୍ତୀ

ସମୟରେ ଖ୍ରୀଷ୍ଟପୂର୍ବ ଶତକର ପ୍ରାରମ୍ଭବେଳେ ଜୈନବାଦର ବସର୍ଜନ ହେବାବେଳେ ଶ୍ୱେତାମ୍ବରର ପ୍ରୟୋଗ ଦେଖିବାକୁ ମିଳିଲା ।

ସୁତ୍ରକୃତାଙ୍ଗର ଭାଷ୍ୟକାର ଶିଳାଙ୍କ କହନ୍ତି, 'ଗୋସାଳଙ୍କ କିମ୍ବା ବୋଟିକ (ଦିଗମ୍ବର । ୧୦୫ । ମତବାଦକୁ ଅନୁସରଣ କରୁଥିବା ସେହିମାନେ ହେଉଛନ୍ତି ଅଜିବକ । ଏହି ଉଦାହରଣ ଭିତ୍ରେ ହୋର୍ଣ୍ଣେଲ ସଠିକ୍ କହିଛଛନ୍ତି ଯେ ପରବର୍ତ୍ତୀ ସମୟରେ ଅଜୀବକମାନେ ଦିଗମ୍ବର ଜୈନଙ୍କ ସହିତ ମିଶିଗଲେ । ତାଙ୍କ ମତରେ, 'ଶିଳାଙ୍କ ଅଜିବକ ବା ଦିଗମ୍ବରଙ୍କ ବିଷୟରେ ହିଁ କହିଛନ୍ତି । ଏହାକୁ ଦେଖି ଏକାକାମର ଅନ୍ୟତ୍ର ମତଦେବାକୁ କଯାଇ ସେ ଅଜିବକଙ୍କୁତେରାସିୟ (ସଂସ୍କୃତରେ ତ୍ରୈରସିକ) ସହିତ ସମାନ ବୋଲି ତୁଳନା କରିଛନ୍ତି । ଶିଳାଙ୍କ ମତରେ ଗୋସାଲି, ଅଜୀବକ, ତେରସିକ ଏବଂ ଦିଗମ୍ବରମାନେ ଏକା ଭିକ୍ଷୁ ଶ୍ରେଣୀର । ୧୦୬ ।

ଭାସମ ଯେତେବେଳେ ଆଜିବକମାନେ ମାଡ୍ରାସ ମହୀଶୂର ଏବଂ ଆନ୍ଧ୍ରରେ ୧୪ଶହ ଶତାବ୍ଦୀ ପର୍ଯ୍ୟନ୍ତ ଥିଲେ ଏବଂ ମଗଲ୍ଲି ଗୋସାଲଙ୍କ ମୌଳକି ଅଭିମତରେ ଦିଗମ୍ବର ଜୈନଙ୍କ ମତ ସହିତ ମିଶ୍ରଣ ଘଟିଥିଲା ବୋଲି ସେ ଯେତେବେଳେ କହନ୍ତି, ସେତେବେଳ ସେ ଏହି ମତକୁ ସମର୍ଥନ ହିଁ କରନ୍ତି । ୧୦୭ ।

କିନ୍ତୁ, ଅଜୀବକ ଏବଂ ଦିଗମ୍ବର ଏକ ବୋଲି ଶିଳାଙ୍କ ସ୍ପଷ୍ଟ ଭାବରେ କେଉଁଠି କେହି ନାହାନ୍ତି । ଏଥିରୁ ଜଣାପଡୁଛି ଯେ ଉଲଗ୍ନପଣ ଭିତ୍ରେ ହଳାୟୁଧ ଶିଳାଙ୍କ ଇତ୍ୟାଦି ଯେଉଁ ପ୍ରୟୋଗ କରିଛନ୍ତି । ସେ ସବୁର ଅର୍ଥ ଗୋଟିଏ । ୧୦୮ ।

ଜୈନଧର୍ମର ଏବଂ ବୌଧ୍ଧର୍ମ

ଏକା ଐତିହାସିକ ସମୟରେ, ଏକା ଭୌଗୋଳିକ ଅ□ଳରେ ଉଭୟ ଜୈନବାଦ ଏବଂ ବୌଧ୍ମର ଶିକ୍ଷା ଦିଆଯାଇଥିଲା । ତେଣୁ ପରସ୍ପର ଉପରେ ପାରସ୍ପରିକ ଆଦର୍ଶଗତ ପ୍ରଭାବ ପଡ଼ିବା ଅନିବାର୍ଯ୍ୟ । ବୁଧ୍ତ୍ୱ ପ୍ରାପ୍ତି ନିମନ୍ତେ ଗୌତମବୁଧ୍ ଯେଉଁ ଛଅବର୍ଷକାଳ ପରିଭ୍ରମଣ କରୁଥିଲେ ସେହି ସମୟରେ ସେ ରୁଢ଼ିବାଦୀଜୈନଙ୍କ ସଂସର୍ଗରେ ଆସିଥିବେ ।

ଜୈନ ଏବଂ ବୌଧ୍ ଧର୍ମରେ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳେ । ବୌଧ୍ ଧର୍ମରେ ଚାରି ମହାନ୍ ସତ୍ୟ (ଚଉରି ଅରିୟସସଚାମ୍) : ଦୁଃଖ (ଦୁଖ୍ଖସଚ୍ଚ), ଦୁଃଖର ଅଭ୍ୟୁଦୟ (ଦୁଖ୍ଖ ସମୁଦୟସଚ୍ଚ) ଦୁଃଖର ବିଲୋପ (ଦୁଖ୍ଖ ନିରାଧସଚ୍ଚ) ଏବଂ ଦୁଃଖ ନିବାରଣର ମାର୍ଗ ପ୍ରଦର୍ଶନ (ଦୁଖ୍ଖ-ନିରୋଧ ଗାମନି-ପଟିପଦା-ଅରିୟସଚ୍ଚ) । ଜୈନ ଧର୍ମ ମଧ୍ୟ ଏହି ଏକାଧରରଣ ନୀତିଶିକ୍ଷା ଦିଏ । ଦ୍ୱାଦଶ ଧ୍ୟାନ (ଦ୍ୱାଦଶ ଅନୁପ୍ରେକ୍ଷ) ସମୟରେ ଜଣେ ନିଗନ୍ଥ ଧରିତ୍ରୀ ଏବଂ ଆତ୍ମାର ପ୍ରକୃତି ବିଷୟରେ ଚିନ୍ତାକରେ । ଏହିପରି ଭାବରେ ସେ ପ୍ରତ୍ୟେକ ବନ୍ଧଠାରୁ ଦୂରେଇ ରହିବାକୁ ଚାହେଁ । ଯାହାଫଳରେ ସେ ବିତରାଗତ୍ୱ (ସର୍ବାକ୍‌ଙ୍କ୍ଷାରୁ ବିମୁକ୍ତ) ଅବସ୍ଥାକୁ ପ୍ରାପ୍ତ ହୋଇପାରିବ । ବୌଧ୍ ଧର୍ମ ପରେ ଅବିଦ୍ୟା (ଅଜ୍ଞତା) ହିଁ କର୍ମବନ୍ଧର ହେତୁ ଭାବରେ ବିବେଚିତ । ଏଥିରୁ ସଠିକ୍ ଦୃଷ୍ଟି (ସମ୍ୟକ୍ ଦର୍ଶନ) ସଠିକ୍ ଜ୍ଞାନ (ସମ୍ୟକ୍ ଜ୍ଞାନ) ଏବଂ ସଠିକ୍ ଆଚରଣ (ସମ୍ୟକ ଚରିତ୍ର) ।୧୦୯। ମାଧ୍ୟମରେ ହିଁ ମୁକ୍ତି ମିଳିପାରିବ ।

ବୌଧ୍ ଧର୍ମ ଚତୁଃଧ୍ୟାନ (ଭାବନା), ମେତ୍ (ବନ୍ଧୁତା), କରୁଣା (ସହାନୁଭୂତି) ମୁଦିତା (ଉଚ୍ଛ୍ୱାସ) ଏବଂ ଉପେକ୍ଷା (ଉଦାସୀନ)ର ଉଚ୍ଚ ପ୍ରଶଂସା କରେ, ପ୍ରତ୍ୟେକ ଏହି ଧ୍ୟାନକୁ ଅନୁସରଣ କିରବା ଉଚିତ୍ ବୋଲି ଜୈନ ଶାସ୍ତ୍ରର ମତ (ମୈତ୍ରି  ପ୍ରମୋଦକାରୁଣ୍ୟମାଧ୍ୟସ୍ଥାନି ଚ ସତ୍ୱଗୁଣାଧିକ କ୍ଲିସ୍ୟମାନଭିନୟେସୁ), ଏକାଗ୍ରତା ବଳରେ ସେମାନଙ୍କୁ ଅନୁଭବ କରି ହେବ (ଯୋଗଗମାଣି ନିବାଣମ୍ ଅଛଗମମ୍) ଏବଂ ଏହା ବୟସର ଦାୟରୁ ମୁକତ (ଅଜରମ୍) ଅନେକ ଥର ମୃତ୍ୟୁରୁ ବିମୁକ୍ତି ସହିତ ନିର୍ବାଣ ପ୍ରାପ୍ତ କରିବେ । ଜୈନଧର୍ମରେ ଶିବାଣ ହେଉଛି ପରିଶୁଧ୍ ଆତ୍ମାର ଏକ ଅବସ୍ଥା, ଯିଏକି ସମସ୍ତ କର୍ମ ବନ୍ଧନରୁ ମୁକ୍ତି, ପ୍ରଶାନ୍ତ, ସୁଜ୍ଞାନୀ, ଏବଂ ଚିରନ୍ତନ ।୧୧। ପ୍ରତ୍ୟେକ ମଣିଷ ନିଜର ସାଂପ୍ରତିକ କିମ୍ବା ପରଜନ୍ମରେ ନିଜ ମନ୍ଦ କିମ୍ବା ମହତ୍ କର୍ମର ଫଳ ଭୋଗ କରେ ଏବଂ ନିର୍ବାଣ ପ୍ରାପ୍ତି ପର୍ଯ୍ୟନ୍ତ ପୁନର୍ଜନ୍ମ ଲାଗି ରହିଥାଏ ବୋଲି ଉଭୟ ଧର୍ମ ବିଶ୍ୱାସ କରନ୍ତି ।

ଅହିଂସା ମଧ୍ୟ ଉଭୟ ଧର୍ମରେ ଗୋଟିଏ ସାଧାରଣ କଥା । ଜୈନ ଧର୍ମ ପରି ବୌଧ୍ ଧର୍ମ ମଧ୍ୟ ତାହାର ଅନୁଗାମୀମାନେ ସମସ୍ତ ପ୍ରକାରର ହିଂସାଠାରୁ ଦୂରେଇ ରହିବାକୁ ଚାହେଁ, କିନ୍ତୁ ଏହି କ୍ଷେତ୍ରରେ ଜୈନ ଧର୍ମ ଅଧିକ କଡ଼ା । ମାଂସଭକ୍ଷଣ ବୌଧ୍ ଧର୍ମର ନିଷିଧ୍ ହୋଇନଥିଲେ ସୁଧ୍ା ଜୈନ ଧର୍ମରେ କଡ଼ାକଡ଼ି ଭାବରେନିଷିଧି, ଅନ୍ୟ କଥାରେ କହିଲେ ଜୈନ ଧର୍ମ ଏବଂ ଦର୍ଶନରେ ଅହିଂସାହିଁ ମୂଳ ଭିତି୍ । ସ୍ୟାଦବାଦ ଏବଂ ନୟବାଦରେ ସମାଧାନ / ପ୍ରବୃତି୍ ହିଁ ଏହାର ସାରକଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ସ୍ରଷ୍ଟା ଭଗବାନଙ୍କ ହସ୍ତକ୍ଷେପ ବିନାହିଁ ବିଶ୍ୱବ୍ରହ୍ମାଣ୍ଡ ମଣିଷ ପାଖରେ ପହଞ୍ଚିଛି ବୋଲି ଜୈନଧର୍ମ ଓ ବୌଧ୍ ଧର୍ମ ଉଭୟେ ବିଶ୍ୱାସ କରନ୍ତି । ଉଭୟ ଧର୍ମରେ ନିଜ ଧର୍ମର ସାଧୁମାନଙ୍କର ପ୍ରତିମାପୂଜା ପ୍ରଚଳିତ ।

ଉଭୟଙ୍କ ଭିତରେ ବୈଷାମ୍ୟ କଥା ଉଠିଲେ କୁହାଯାଇପାରେ ଉଭୟଙ୍କ ଭିତରେ ଥିବା ଫରକ ଏତେ ସାଧାରଣ ଯେ ଉଭୟଙ୍କ ଭିତରେ ଥିବା ସାମ୍ୟକୁ ପ୍ରମାଣ କରିବା କଷ୍ଟକର । ବୌଧ୍ ଧର୍ମ ଆତ୍ମାରେ ବିଶ୍ୱାସ କରେ ନାହିଁ । ଅଥଚ ଜୈନଧର୍ମ ଏହାକୁ ମନୁଷ୍ୟର ବ୍ୟକ୍ତିତ୍ୱ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରେ ଏବଂ ନିର୍ବାଣ ନିମନ୍ତେ ଏହାର ଶୁଧ୍ତା ଆବଶ୍ୟକ ବୋଲି ମଧ୍ୟ ବିଚାର କରେ । ବୌଧ୍ ମତରେ ଯାହା ଏବେ ବସ୍ତୁ ଭାବରେ ରହିଛି ତାହା ପରବର୍ତ୍ୀ ସମୟରେ ଉଭାନ ହୋଇପାରେ । ଅନୁଭବ, ଅବଗତି, ନାମ ଏବଂ ଧାରଣା ଗୁଡ଼ିକ ଖଣ୍ଡିତ ଏବଂ କ୍ଷଣସ୍ଥାୟୀ । ପ୍ରଥମ ମୁହୂର୍ତ୍ତଟି ଉପାଦାନ କାରଣ (ଉପାଦାନ) ଏବଂ ଦ୍ୱିତୀୟଟି ପ୍ରଭାବ ଉପାଦେୟା । ଉପାଦାନ ଏବଂ ଉପାଦେୟର ମିଳିତ ଧାରାଟି ଏକ ସ୍ଥାୟୀ ନିଜତ୍ୱର ପ୍ରତ୍ୟୟର ଅଭିବୃଧି୍ ସାଧନ କରେ ।

ଅନ୍ୟ ପକ୍ଷରେ ଜୈନଧର୍ମ ଶାରୀରିକ ମାନସକି ପରିବର୍ତ୍ତନର ନିଶ୍ଚିତତାକୁ ସ୍ୱୀକାର କରୁଥିଲେ ସୁଧ୍ା ଜୀବ (ଆତ୍ମା) ଏବଂ ଅଜିବ (ବସ୍ତୁ)କୁ ଶାଶ୍ୱତ ବୋଲି ମନେ କରେ । କେବଳ ସତ୍ାର ପର୍ଯ୍ୟାୟଗତ ପରିବର୍ତ୍ନ ହୁଏ । କିନ୍ତୁ ସତ୍ାର ଗୁଣ ପରିବର୍ତ୍ନ ଘଟେ ନାହିଁ । ଏହି କାରଣରୁ ବୌଧ୍ ମତବାଦର ପରିବର୍ତ୍ନଶୀଳତାର ସିଧ୍ାନ୍ତକୁ ଜୈନ ଦାର୍ଶନିକମାନେ କଟୁ ସମାଲୋଚନା କରିଛନ୍ତି ।

ଏହି ଉଭୟ ଧର୍ମର ବହୁ ପରିଭାଷା ଏକା ପ୍ରକାରର ଅଟନ୍ତି । ଉଦାହରଣସ୍ୱରକୁ ଜୈନଧର୍ମର ବ୍ୟବହୃତ

ନିଗନ୍ଥ ଶବ୍ଦଟି ଉଭୟ ଧର୍ମ ଗ୍ରନ୍ଥରେ ଦେଖିବାକୁ ମିଳେ । ସବ୍‌ଗ୍ରନ୍ଥପୁହିନ ।୧୧୨। କୁ ବୌଧ୍ ଧର୍ମ ମଧ ନିର୍ବାଣର ସ୍ୱଭାବ ଭାବରେ ଗ୍ରହଣ କରେ । କେବଳ ଏହି ଉଭୟ ଧର୍ମରେ ପୁଦ୍ଗଳ ଶବ୍ଦଟି ବ୍ୟବହାର ହେଲେ ସୁଧା ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହାର କରାଯାଏ । ଜୈନ ଧର୍ମରେ ଏହାକୁ ନିର୍ଜୀବ ଏବଂ ବୌଧ୍ ଧର୍ମରେ ଆତ୍ମା କିମ୍ବା ଜୀବନର ଇନ୍ଦ୍ରିୟ /ବୋଧ ଅର୍ଥରେ ଗ୍ରହଣ କରାଯାଇଥାଏ । ଏହିପରି ଭାବରେ ଅର୍ହତ, ବୁଧି, ଆସବ, ସମ୍ବର, ସାମ୍ମାଦିଥି (ସମ୍ୟକ୍ ଦୃଷ୍ଟି ବାସମ୍ୟକ୍ ଜ୍ଞାନ) ମିଛାଦ୍ୱି, ତିସରଣ, ନରକ ଇତ୍ୟାଦି ଉଭୟ ଧର୍ମରେ ବ୍ୟବହୃତ ସାଧାରଣ ପ୍ରୟୋଗ ଅଟନ୍ତି । ପାଲି ଗ୍ରନ୍ଥ ଅନୁସାରେ ବୁଧ୍ ନିଗନ୍ଥନାତପୁତ୍‌ଙ୍କୁ ଅନେକ ସ୍ଥାନରେ ଖଣ୍ଡନ କରିଥବଲେ ସୁଧା ତାଙ୍କର ନିଗନ୍ଥ ଏବଂ ଜୈନ ଧର୍ମ ଉପରେ ଖୁବ୍ ସପକ୍ଷବାଦୀ ଦୃଷ୍ଟିକୋଣ ଥିଲା ।୧୧୩। ଉଭୟେ ଏକାପ୍ରକାର ସାମାଜିକ ପରିବେଶରୁ ଆସିଥିଲେ, ଉଭୟେ ନୈତିକତା ଉପରେ ଗୁରୁତ୍ୱ ଦେବା ସହିତ ସତ୍ୟର ପ୍ରୟୋଗାତ୍ମକ ପରୀକ୍ଷା ନିରୀକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ଏଥିରୁ ଉଭୟେ ପରସ୍ପର ପ୍ରତି ସମ୍ମାନାର୍ହଥିବା ଜଣାପଡ଼େ ।

**ଉପସଂହାର**

ଉପରୋକ୍ତ ଆଲୋଚନାରୁ ଆମେ ଏହି ନିଷ୍କପଟରେ ପହଞ୍ଚୁଯେ ଜୈନଙ୍କ ନେତୃତ୍ୱାଧଡ଼ ଶ୍ରମଣ ସଂସ୍କୃତି ବା ପଧ୍ତିଟି ବ୍ରାହ୍ମଣ ସଂସ୍କୃତି ପୂର୍ବରୁ ତିଷ୍ଠି ରହିଥିଲା ଏବଂ ସେହି ସମୟରେ ବିଭିନ୍ନ ସଂପ୍ରଦାୟଗୁଡ଼ିକ ଜୈନ ମତ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହି ଧାର୍ମିକ ଗୁରୁମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ ପ୍ରସଙ୍ଗରେ ଜାକୋବି ନିମ୍ନମତେ ଉପସଂହାରରେ ପହଞ୍ଚିଛନ୍ତି ।

"ମଗଲିଗୋଶାଲ ଏବଂ ପୁରାଣ କସପ ପ୍ରମୁଖ ଚାରିଜଣ ତୀର୍ଥଙ୍କର ଜୈନ ପରମ୍ପରାର ଭିନ୍ନ ଭିନ୍ନ ମତବାଦର ଉପାସକ ଥିଲେ, ସମ୍ଭବତଃ ସେମାନେ ନିଜ ଜୈନ ଥିଲେ... ମହାବୀରଙ୍କ ସମୟରେ ଜୈନମତ ଏବଂ ଉପାସନା ବର୍ତ୍ତମାନ ଥିଲା । ଅନ୍ୟାନ ଯୁକ୍ତ ସମେତ ଏହାକୁ ମିଶଇଲେ ନିଗ୍ରନ୍ଥମାନେ (ଜୈନ) ପ୍ରକୃତିରେ ମହାବୀରଙ୍କ ବହୁପୂର୍ବରୁ ରହିଥିଲେ ଏବଂ ସେ ପ୍ରଚଳିତ ଭାବଧାରାର ଜଣେ ସଂସ୍କାରକ ଥିଲେ ବୋଲି ବୁଝିବାକୁ ହେ ।୧୧୪।

**୨. ଜୈନ ଧର୍ମ ଏବଂ ଏହାର ସାହିତ୍ୟ**

ଜୈନ ଧର୍ମ ନିର୍ଦ୍ଦିଷ୍ଟ ବୈଜ୍ଞାନିକ କାରଣ ଉପରେ ପର୍ଯ୍ୟବେସିତ । ଜ୍ଞାନର ସାର୍ଥକତା ଉପରେ ଏହା ଗୁରୁତ୍ୱ ପ୍ରଦାନ କରିଥାଏ ଏବଂ ମନୁଷ୍ୟର ନୈତିକ ପରିବର୍ତ୍ତନକୁ ନିଜର ମୌଳିକ ସିଧାନ୍ତ ଭାବରେ ଶିକ୍ଷା ଦେଇଥାଏ । ଏହା ମୁକ୍ତିର ମାର୍ଗକୁ ଆଲୋକିତ କରେ ଏବଂ ନିତ୍ୟ ଆତ୍ମା ଭିତରୁ ପ୍ରକୃତ ଆନନ୍ଦକୁ ଉପଲବ୍ଧି କରିବାକୁ ଅନୁପ୍ରାଣିତ କରେ । ବାହ୍ୟ ଚାଚେକା ନୁହେଁ ମାନସିକ ପବିତ୍ରତାହିଁ ନିରନ୍ତର ପ୍ରଶାନ୍ତି ଏବଂ ମୁକ୍ତିର ଉତ୍ସ ବୋଲି ଜୈନ ଧର୍ମର ମତ । ଅହିଂସାହିଁ ଜୈନ ଧର୍ମ ଏବଂ ଦର୍ଶନର ମୂଳ ନୀତି ଅଟେ ।

**ଜୈନ ଧର୍ମର ଉଦ୍ଭବ**

ଜୈନ ବିଶ୍ୱାସ ଅନୁସାରେ ଜୈନ ଧର୍ମ ହେଉଛି ଚିରନ୍ତନ ଏବଂ ବିଶ୍ୱବ୍ୟାପୀ । ଏହା କେବଳ ଜାତିବର୍ଣ୍ଣ

ନିର୍ବିଶେଷରେ କେବଳ ମନୁଷ୍ୟ ପାଇଁ ଯେ ଉନ୍ମୁକ୍ତ ତାହା ନୁହେଁ, ପଶୁ, ଦେବତା ଏବଂ ନର୍କଗାମୀ ଆତ୍ମାମାନଙ୍କ ପାଇଁ ସୁଧା ଉନ୍ମୁକ୍ତ । ଜୈନ ପରମ୍ପରାରେ ଚବିଶ ଜଣ ତୀର୍ଥଙ୍କର ପ୍ରତ୍ୟେକ କଳ୍ପରେ ଆବିର୍ଭୁତ ହୁଅନ୍ତି ।୧। ଋଷଭଦେବ ସାଂପ୍ରତିକ କାଳର ପ୍ରଥମ ତୀର୍ଥଙ୍କର ବୋଲି କୁହାଯାଏ । ସେ ପୁରୁଷକୁ ୭୨ କଳା (ବା ଓଭରିମ୍ କଳା) ଏବଂ ମହିଳାକୁ ୬୪ ପ୍ରକାର କଳା ଶିକ୍ଷା ଦେଇଥିବା ପ୍ରକାଶ ସହସ୍ରଯୁଗ ପୂର୍ବରୁ ମନୁଷ୍ୟ ସମାଜର ଉତ୍ପତି କେବଳରୁ ସେ ବିଦ୍ୟମାନ ।୨।

ଜୈନ ଧର୍ମର ପୁରାତତ୍ୱ

ଜୈନ ଧର୍ମ ପ୍ରାକ୍ ବୈଦିକ ଯୁଗର ବୋଲି ବିଶ୍ୱାସ କରାଯାଏ । ଜୈନମାନଙ୍କୁ ବୈଦିକ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ରାତ୍ୟ ।୩। ଭାବରେ ନାମିତ କରାଯାଉଥିଲା । ଜୈନମାନଙ୍କ ନେତୃତ୍ୱାଧୀନ ଶ୍ରମଣ ସାଂସ୍କୃତି ପ୍ରଥାର ସଦସ୍ୟଭାବରେ ସେମାନେ ପରିଗଣିତ ହେଉଥିଲେ । ହିନ୍ଦୁଙ୍କର ସର୍ବ ପୁରାତନ ଗ୍ରନ୍ଥ ଋଗ୍‌ବେଦ ।୪। ସେ ବାରମ୍ବାର ଋଷଭ (ସମ୍ଭବତଃ ଋଷଭନାଥ)ର ଉଲ୍ଲେଖ ମିଳେ ହିନ୍ଦୁ ପୁରାଣ ।୫। ରେ ତାଙ୍କର ଜୀବନୀର ବର୍ଣ୍ଣନା ମିଳେ ଏବଂ ଏହା ଜୈନ ବର୍ଣ୍ଣନା ସହିତ ମିଶିଯାଏ । ପ୍ରତ୍ନତାତ୍ୱିକ ଏବଂ ପୁରାତାତ୍ୱିକ ପ୍ରମାଣ ଅନୁସାରେ କାୟୋତ୍ସର୍ଗ (ଶରୀରତ୍ୟାଗ) ଯୋଗ ଭଙ୍ଗୀରେ ବସିଥିବା ଏବଂ ଠିଆ ହୋଇଥିବା ମୂର୍ତିମାନ ମହେଞ୍ଜୋଦାରୋ, ହରପ୍ପା ଏବଂ ଲୋଥଲରୁ ପ୍ରାପ୍ତ ସିଲରେ ଅଛି । ଏହାକୁ କେତେକ ଗବେଷକ ଋଷଭଙ୍କ ମୂର୍ତି ।୬। ଭାବରେ ଚିହ୍ନଟ କରିଛନ୍ତି । ଖାରବେଳଙ୍କୁ ହାତୀଗୁମ୍ଫା ଶିଳାଲେଖରେ ରାଜାନନ୍ଦ ମଗଧକୁ ଜୀନଙ୍କ ମୂର୍ତ୍ତୀ ନେଇ ଯାଇଥିବା ବିଷୟ ଉଲ୍ଲେଖ ଅଛି ।୭। ଧର୍ମ ଓ ଦର୍ଶନ ଜଗତରେ ପ୍ରସିଧି ଅର୍ଜ୍ଜନ କରିଥିବା ଅନ୍ୟତୀର୍ଥଙ୍କ ସଂପର୍କରେ ମଧ୍ୟ ଏକାପ୍ରକାରର ପ୍ରମାଣ ସବୁ ମିଳିଛି ।

ଆଧୁନିକ ଗବେଷକମାନେ ଜୈନଧର୍ମକୁ ପ୍ରାଚୀନତମ ଏବଂ ଅଣଆର୍ଯ୍ୟଗୋଷ୍ଠୀ ଭାବରେ ଗ୍ରହଣ କରିଛନ୍ତି । ଉଦାହରଣସ୍ୱରୂପ ଡ଼ଃ ଜିମ୍ମର କହନ୍ତି, "ଜୈନଙ୍କ ଧର୍ମଧାରଣା ବହୁପୁରାକାଳୀନ ଏହା ସତ୍ୟ ଅଟେ । ଏହା ପ୍ରାକ୍ ଆର୍ଯ୍ୟକାଳୀନ ଅର୍ଥାତ୍ ତଥାକଥିତ ଦ୍ରାବିଡ୍ ଯୁଗୀୟ । ସିନ୍ଧୁ ଉପତ୍ୟକାରେ ୩ୟ କିମ୍ବା ୪ର୍ଥ ଖ୍ରୀ.ପୂ. ସହସ୍ରାବ୍ଦର ହୋଇଥିବା ଉତ୍ର ପ୍ରସ୍ତର ଯୁଗୀୟ ସହରମାନଙ୍କର ନାଟକୀୟ ଆବିଷ୍କାର ଫଳରେ ଏହା ଅଧିକ ସାବ୍ୟସ୍ତ ହୋଇପାରିଛି ।୮।

ଜୈନ ଧର୍ମ ଏବଂ ବୌଧ୍ ସାହିତ୍ୟର ପୁରାତତ୍ୱ

ସମୟ ଥିଲା, ଯେତେବେଳେ ୟୁରୋପୀୟ ଗବେଷକମାନେ ଜୈନଧର୍ମକୁ ମଧ୍ୟଯୁଗ ଧର୍ମ କିମ୍ବା ବୌଧ୍ ଧର୍ମର ଏକ ଅଂଗ ବୋଲି ମନେ କରୁଥିଲେ ।୯। ପାଲି ଗ୍ରନ୍ଥକୁ ଆଧାର କରି ଜୈନ ଧର୍ମ ଏକ ସ୍ୱାଧୀନ ଧର୍ମ ଧାରା ଏବଂ ଏହା ପ୍ରାକ୍ ବୌଧ୍ୟଯୁଗୀୟ ବୋଲି ୧୮୮୪ ମସିହାରେ ପ୍ରଥମ ଧର ପାଇଁ ଜାକୋବି ପ୍ରମାଣ କଲେ । ସେ ପାର୍ଶ୍ୱନାଥଙ୍କୁ ଜଣେ ଐତିହାସିକ ବ୍ୟକ୍ତିତ୍ୱ ଏବଂ ଜୈନ ଧର୍ମର ସ୍ଥାପୟିତା ଭାବରେ ଘୋଷଣା କରିଥିଲେ । କିନ୍ତୁ ସେ ମଧ୍ୟ ମନ୍ତବ୍ୟ ଦେଇଥିଲେ ଯେ - କିନ୍ତୁ ଜୈନ ଧର୍ମର ପ୍ରତିଷ୍ଠାତା ଯେ ପାର୍ଶ୍ୱନାଥ, ଏଥିପାଇଁ କୌଣସି ପ୍ରକାର ପ୍ରମାଣ ନାହିଁ । ଜୈନ ସଂପ୍ରଦାୟ ଋଷଭଙ୍କୁ ପ୍ରଥମ ତୀର୍ଥଙ୍କର ଭାବରେ ସର୍ବସମ୍ମତ

ଭାବରେ ଗ୍ରହଣ କରିଆସୁଛି । ଏହି ପରମ୍ପରାଗତ କଥାରେ କିଛି ଐତିହାସିକତା ହୁଏତ ଥାଇପାରେ - ଯାହାକି ତାଙ୍କୁ ପ୍ରଥ ତୀର୍ଥଙ୍କରରେ ପରିଣତ କରିଛି ।୧୦।

ପାଲିଗ୍ରନ୍ଥ ନିଗନ୍ଥ ନାତପୁତ୍‌ଙ୍କୁ ଜଣେ ବରିଷ୍ଠ ନାସ୍ତିକ ଗୁରୁ ଭାବରେ ଦର୍ଶାଉଛି । ପାର୍ଶ୍ୱନାଥ ପରମ୍ପରା ସହିତ ନିଗନ୍ଥଙ୍କ କେତେକ ସାମଞ୍ଜସ୍ୟ ରହିଥିବା ମଧ୍ୟ ପାଲିଗ୍ରନ୍ଥରୁ ପ୍ରକାଶ । ଏହାବ୍ୟତୀତ ଋଷବଦେବ, ପଦ୍ମ, ଚଣ୍ଡ, ପୁଷଦନ୍ତ, ବିମଳ, ଧର୍ମ ଏବଂ ଅରିଷ୍ଟନେମି ଜୈନତୀର୍ଥଙ୍କରବୋଲି ବୌଧ ସାହିତ୍ୟରେ ଉଲ୍ଲେଖ ଅଛି ।

ଚୈନିୟ ବୌଧ୍ ସାହିତ୍ୟରେ ଋଷଭଦେବଙ୍କୁ ଜଣେ ଜୈନ ତୀର୍ଥଙ୍କର ବୋଲି କୁହାଯାଇଛି ।୧୧। ମଞ୍ଜୁଶ୍ରୀମୂଳକଳ୍ପି ।୧୨। ବର୍ଧ୍ମାନ ବା ମହାବୀରଙ୍କ ସହିତ ତାଙ୍କର ନାମ ମଧ୍ୟ ଏଥିରେ ଉଲ୍ଲିଖିତ ଅଛି । ଏଠାରେ ସ୍ମରଣୀୟ ଯେ ବୌଧ୍ ଧର୍ମରେ ପଚ୍ଚେକବୁଧ୍ ଏବଂ ବୋଧିସତ୍ୱ ପରି ବୁଧ୍ଙ୍କ ସଂଖ୍ୟା ଓ ନାମ ବହୁଳତା । ଜୈନ ତୀର୍ଥଙ୍କରଙ୍କ ପ୍ରଭାବରେ ହୋଇଛି । ଉଦାହରଣସ୍ୱରୂପ ଦ୍ୱିତୀୟ ତୀର୍ଥଙ୍କର ଅଜିତଙ୍କ ନାମରେ ପଚ୍ଚ୍ୟେକୁବୁଧ୍ଙ୍କୁ ନାମିତ କରାଯାଇଛି ଏବଂ ସେ ଏକାନବେ କପ୍ପ ।୧୪। ପୂର୍ବେ ଅବସ୍ଥାନ କରୁଥିଲେ । କସ୍‌ସପବୁଧଙ୍କର ସପ୍ତମ ତୀର୍ଥଙ୍କର ଥିଲେ । ସେହି ସରେ ରାଜଗହରର ଜନତାଙ୍କୁ ସୁପିୟ ବା ସୁପସ୍‌ଙ୍କର ଅନୁଗାମୀ ଥିଲେ ।୧୫। ଷଷ୍ଠ ତୀର୍ଥଙ୍କର ପ୍ମ ବା ପଦୁଅ ନାମଟି ଚବିଶ ବୁଧିମଧ୍ୟରୁ ଅଷ୍ଟମକୁ ବୁଧ୍ଙ୍କ ନାମରେ ବ୍ୟବହୃତ ହୋଇଛି ।୧୬। ଏହା ମଧ୍ୟ ପଚ୍ଚେମ ବୁଧ୍ଙ୍କ ନାମ ଅଟେ ଯାହାଙ୍କୁ ଅନୁପମ ଥେର କେତେକ ଅକୁଳିଫୁଲ ଅର୍ପଣ କରିଥିଲେ ।୧୭। ଆଠ କପ୍ପପୂର୍ବରୁ ଚକ୍କବର୍ତ୍‌ଙ୍କ ନାମ ମଧ୍ୟ ପଦୁମ୍ ଥିଲା ।୧୮। ଅଷ୍ଟମ ତୀର୍ଥଙ୍କର ଚଣ୍ଡଙ୍କ ନାମ ସିଖ ବୁଧ୍ଙ୍କର ଜଣେ ପଟ୍ଟଶିଷ୍ୟଙ୍କର ନାମ ଥିଲା ।୧୯। ଜାତକରେ ବନାରସର ନାମ ପୁଫବତି ଥିଲା ।୨୦। ଏହି ନାମଟି ଜୈନଙ୍କର ନବମ ତୀର୍ଥଙ୍କର ପୁଷ୍ପଦନ୍ତଙ୍କ ନାମରେ ନାମିତ କରାଇଥିବା ବିଶ୍ୱାସ କରାଯାଏ । ଜନୈକ ପଚ୍ଚ୍ୟେତବୁଧ୍ 'ବିମଳ' ମଧ୍ୟ ତ୍ରୟୋଦଶ ତୀର୍ଥଙ୍କରଙ୍କ ନାମ ଅଟେ, ଏକଷଠୀ କଳ୍ପ ପୂର୍ବେ ଅବସ୍ଥାନ କରୁଥିବା ଜଣେ ରାଜାଙ୍କ ନାମ ମଧ୍ୟ ବିମଳ ଥିଲା ।୨୨। ଏହିପରି ଭାବରେ ଧର୍ମ୍ମ ହେଉଛି ପ□ଦଶ ତୀର୍ଥଙ୍କରଙ୍କ ନାମ । ଦୈବଧରିତ୍ରୀ କାମାବସରରେ ଜଣେ ବୋଧିସତ୍ୱ ଦେବପୁତ୍ ଭାବରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ନାମଟି ମଧ୍ୟ ଏହି ନାମରେ ନାମିତ ।୨୩। ମିଳିନ୍ଦ ପହ୍ନ ।୨୪। ତାଙ୍କୁ ଯକ୍ଷ ବୋଲି କୁହାଯାଇଛି, ଅଦୃଶ୍ୟମଧ୍ୟ ଅରିଷ୍ଟନେମି ବା ନେମି ଯିଏକି ଜୈନଙ୍କର ୨୨ତମ ତୀର୍ଥଙ୍କର ତାଙ୍କର ନାମ ବୌଧ୍ ପାଲିଗ୍ରନ୍ଥରୁ ମିଳେ । ଅଙ୍ଗୁତ୍ର ନିକାୟ ।୨୬। ର ଧମ୍ମିକସୁତ୍‌କର ଅରନେମି ନାମକ ତୀର୍ଥଙ୍କରଙ୍କ ନାମୋଲ୍ଲେଖ ଅଛି । ସେ ଛଅ ଜଣ ତୀର୍ଥଙ୍କରଙ୍କ ଭିତରୁ ଜଣେ (ସତ୍‌ରେ ତର୍ଥକରେ) । ମଜ୍ଝିମନକାୟ ।୨୭। ଚବିଶ ପ୍ରତ୍ୟେକ ବୁଧ୍ଙ୍କ ଭିତରୁ ଅରି□ ନାମକ ଅନ୍ୟତମ ପ୍ରତ୍ୟେକ ବୁଧ୍ଙ୍କ ସଂପର୍କରେ ସୂଚନା ଦେଇଛି ଯିଏକି ଋଷିଗିରି ପର୍ବତରେ ଅବସ୍ଥାନ କରୁଥିଲେ । ଦିଘ୍ନିକାୟ ।୨୮। ଦୃଢ଼ମେିଙ୍କୁ ଚକ୍‌ବତ୍ ଭାବରେ ଉଲ୍ଲେଖ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏଥିରେ ରାଜା ଅରି□ନେମିଙ୍କ ନାମୋଲ୍ଲେଖ ଅଛି ଯେକି ଯକ୍ଷ ।୨୯। ନାମରେ ନାମିତ ହୋଇଥିଲେ । ଅତୀତର ସେହି ସମସ୍ତ ଉଲ୍ଲେଖ ଗୁଡ଼ିକ ସମ୍ଭବତଃ ଜୈନ ତୀର୍ଥଙ୍କର ଅରି□ନେମିଙ୍କ ପ୍ରତି ଉଦ୍ଦିଷ୍ଟ । ଶ୍ରୀଲଙ୍କାରେ ବୌଧ୍ ଧର୍ମର ପ୍ରଚାର ହେବା ପୂର୍ବରୁ ସେଠାରେ ଜୈନ ଧର୍ମ ସେଠରେ ମୁଖ୍ୟ ଧର୍ମ ଥିଲା । ତେଣୁ ସେଠାକାର କେତେକ ସ୍ଥାନ ଜୈନ ତୀର୍ଥଙ୍କରଙ୍କ ନାମରେ ନାମିତ

କରାଯାଇଥିବା ପରିଲିକ୍ଷିତ ହୁଏ । ଉଦାହରଣସ୍ୱରୂପ : ଅରି□ପବ୍ତଟି ଆଧୁନିକ ସମୟରେ ରିତିଗଳ ଭାବରେ ପରିଚିତ । ଏହା ଶ୍ରୀଲଙ୍କାର କେନ୍ଦ୍ରା□ଳରେ ଅବସ୍ଥିତ ।୩୦। ପଣ୍ଡୁକାବ୍ୟ ସେଠାରେ ସାତବର୍ଷ କାଳ ଅବସ୍ଥାନ କରିଥିଲେ । ସେ ନିଜର ସଂପର୍କୀୟଙ୍କ ସହିତ ଯୁଧ୍ କରିବା ନିମନ୍ତେ ସେଠାରେ ଅପେକ୍ଷା କରିଥିଲେ ଏବଂ ଶେଷରେ ସେମାନଙ୍କୁ ପରାସ୍ତ ମଧ କରିଥିଲେ ।୩୧।

ମହାବୀର ଅଥବା ନିଗନ୍ଥନାତପୁତ୍‌ଙ୍କର ଅଢ଼େଇଶହ ବର୍ଷ ପୂର୍ବରୁ ଜୈନଙ୍କର ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ବନାରସରେ ବଢ଼ିଥିଲେ । ସେ ରାଜା ଅଶ୍ୱସେନ୍ ଏବଂ ରାଣୀ ବାମାଙ୍କ ସନ୍ତାନ ଥିଲେ । ସଂପ୍ରତି ପାର୍ଶ୍ୱନାଥ ପାହାଡ଼ ଭାବରେ ପରିଚିତ ସମ୍ମେଦ ଶିଖରରେ ସେ ନିର୍ବାଣ ପ୍ରାପ୍ତି ହୋଇଥିବା ଜଣାଯାଏ ।୩୧। ଜାକରେ ବାରଣାସୀର ରାଜା ଯଥା : ବ୍ରହ୍ମଦତ୍, ଉଗସେନ୍, ଧନଞ୍ଜୟ, ମହାସିଲଭ, ସମ୍ୟମ, ବିସସସେନ ଏବଂ ଉଦୟଭଧ୍ ।୩୨। ଙ୍କ ନାମ ଦେଖିବାକୁ ମିଳେ । ପାର୍ଶ୍ୱନାଥ ଉଗ୍ରବଂଶର ଦାୟାଦ ଥିଲେ । ସମ୍ଭବତଃ ଉଗ୍‌ସେନ ଏବଂ ବିସ୍‌ସେନ ନାମରେ ଏହା ନାମିତ ।୩୩। ବ୍ରହ୍ମଦତ୍ ଜଣେ ଦୈନ ରାଜା ଥିଲେ ଏବଂ ସାରାଜୀବନ ଜୈନ ଧର୍ମର ପ୍ରସାରରେ ବିତାଇ ଥିଲେ । ବୁଧ୍‌ଙ୍କ ମାମୁଁ ବପ୍ପ (ମନୋରଥ......)

ଧର୍ମୋତ୍ର ପ୍ରଦୀପ ମଧ ଅରିଷ୍ଟନେମି ଏବଂ ପାର୍ଶ୍ୱନାଥଙ୍କ ସର୍ମ୍ପକରେ ଉଲ୍ଲେଖ ଅଛି । ଚତୁଯାମସମ୍ୱର, ଯାହକୁ ସାମାନ୍ୟଫଳସୁତ୍‌ରେ ନିଗନ୍ଥନାଥପୁତ୍‌ଙ୍କର ବୋଲି କୁହାଯାଇଛି, ତାହା ପ୍ରକୃତିରେ ପାର୍ଶ୍ୱନାଥଙ୍କ ଉପଦେଶହିଁ ଅଟେ । ପାଲି ସାହିତ୍ୟରେ ଥିବା କେତେକ ନିଗନ୍ଥ ପାର୍ଶ୍ୱନାଥଙ୍କ ଅନୁଗାମୀଙ୍କର ବୋଲି କୁହାଯାଇପାରେ । ଉଦାହରଣ ସ୍ୱରୂପ, ବପ୍ପା ।୩୪। ଉପାଲି ।୩୫। ଅଭୟା ।୩୬। ଅଗ୍‌ବେସୟାନ ସତକ ।୩୭। ଦିର୍ଘତପସ୍‌ସି ।୩୮। ଅସିବନ୍ଧକପୁତ୍‌ଗାମିନି ।୩୯। ଦେବନିଙ୍କ ।୪୦। ଉପତିଖ୍ଣ ।୪୧।, ସିହ ।୪୨। ପୁରୁଷ ଅନୁଗାମୀ ହୋଇଥିବା ବେଳେ ସଚ୍ଚା, ଲୋଳା ଅବବାଦିକା, ପଟଚାରା ।୪୩। ଇତ୍ୟାଦି ପାର୍ଶ୍ୱନାଥଙ୍କ ପରମ୍ପରାର ମହିଳା ଅନୁଗାମୀ ଥିଲେ । ପରବର୍ତ୍ତୀ ସମୟରେ ସେମାନେ ନିଗ୍ରନ୍ଥ ନାଥପୁତ୍‌ଙ୍କର ଅନୁଗାମୀ ସାଜିଥିଲେ ।୪୪। ତେଣୁ ଜାକୋବି ବାସ୍ତବରେ କହିଛନ୍ତି ଯେ ସଂପୃକ୍ତି ପାର୍ଶ୍ୱ ଜଣେ ଐତିହାସିକ ବ୍ୟକ୍ତି ଥିଲେ । ସଂପ୍ରତି ସମସ୍ତେ ଏହାକୁ ସାଧାରଣ ଭାବରେ ମାନି ନେଇଛନ୍ତି ।

ପାଲି ସାହିତ୍ୟର ମହାବୀର ଓରଫ ନିଗନ୍ଥନାତପୁତ୍ ବୈଶାଲୀ ।୪୬।ର ସହର ତଳି ଅଞ୍ଚଳ ମହାବଗ୍‌ର କୁଣ୍ଡଗ୍ରାମ (କୋଟିଗାମା) ।୪୫। ରେ ଜନ୍ମଗ୍ରହଣ କରିଥିଲେ । ଜ୍ଞାତ୍ରିକ୍ଷତ୍ରିୟଙ୍କ ମଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିଲା । ସିଧାର୍ଥ ଏବଂ ତ୍ରିଶଳାଙ୍କର ସେ ପୁତ୍ର ଥିଲେ । ସିଧାର୍ଥ ଜ୍ଞାତ୍ରି ଅଥବା ନାହ ।୪୭। ବଂଶଜ ଥିଲେ । ବିବାହିତ ନଥିଲେ ସୁଧା ତିରିଶ ବର୍ଷ ବୟସରେ ସେ ସାଂସାରିକ ସୁଖ ଲାଭ କରିଥିଲେ ଏବଂ ନିଗନ୍ଥ ସନ୍ନ୍ୟାସୀ ପାଲଟି ଯାଇଥିଲେ । ଏହାପରେ ବାରବର୍ଷ ବ୍ୟାପୀ ସାତଟି ପର୍ଯ୍ୟାୟରେ କୃଚ୍ଛ୍ର ଶାରୀରକି ଆତ୍ମସନ୍ତାପନ କିର ସେ ବସର୍ବଜ୍ଞରେ ପରିଣତ ହୋଇଥିଲେ ।

ମହାବୀରଙ୍କ ବାଲ୍ୟଜୀବନ ସଂପର୍କରେ ପାଲିଗ୍ରନ୍ଥମାନଙ୍କରେ ବିଶେଷ କିଛଇ ଉଲ୍ଲେଖ ନାହିଁ । କେବଳ ତାଙ୍କର ଧର୍ମପ୍ରବକ୍ତା ସମୟ ପ୍ରସଙ୍ଗରେ ଉଲ୍ଲେଖଥିବା ଦେଖିବାକୁ ମିଳେ । ସମସ୍ତ ପ୍ରକାର ବନ୍ଧନରୁ

ମୁକ୍ତହୋଇଥିବାରୁ ତାଙ୍କୁ ନିଗନ୍ଥ କୁହାଯାଉଥିଲା । ତାଙ୍କ ସଂପ୍ରଦାୟର ନାମନାୟ ବା ନାତ ଥିବାରୁ ତାଙ୍କୁ ନାତପୁତ୍ ବୋଲି କୁହାଯାଉଥିଲା ।୪୯। ଯେମିତି ଗୌତମ ବୁଧ୍ ଭାବରେ ସାଧାରଣତଃ ପରିଚିତ ଅଟନ୍ତି, ସେମିତ ଋଷଭ ଏବଂ ଅନ୍ୟ ତୀର୍ଥଙ୍କରମାନଙ୍କୁ ସାଧାରଣତଃ ଜୀନ ଭାବରେ ପରିଚିତ ଥିଲେ । ପାଲିନିକାୟ ଜୀନ ସ୍ଥାନରେ ନିଗନ୍ଥ ଶବ୍ଦର ବ୍ୟବହାର କରିଛି । (ଅମ୍ହାକଂ ଗନ୍ଥନକିଲେସୋ ପଲ୍ଲିବୁଝ୍ଝାନକିଲେସୋ ନ□, କିଲେସଙ୍ଗନ୍ଥରହିଥା ମୟନି ତି ତିଏବମ୍ ବାଦିତାୟଲଦ୍ଧନାମବସେନ ନିଗନ୍ଥୋ ।୫୦) ସମ୍ଭବତଃ ଜୈନ ଧର୍ମର ଆରମ୍ଭରୁହିଁ ଜଣେ ଜୈନ ପାଇଁ ନିଗନ୍ଥ ଶବ୍ଦର ପ୍ରୟୋଗ ପ୍ରଚଳିତ ହୋଇଆସିଛି । ନିଗନ୍ଥନାତପୁତ୍ଙ୍କ ଶିକ୍ଷା ସଂପର୍କରେ ପୂର୍ବରୁ କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବୌଧ୍ ଏବଂ ଜୈନ ଧର୍ମ ଉଭୟେ ଭାରତର ଏକା ଅ□ଳରେ ଏକା ସମୟରେ ମୁଣ୍ଡଟେକି ଥିଲେ ଏବଂ ପ୍ରସାରିତ ହୋଇଥିଲେ । ଉଭୟ ଧର୍ମର ନେତୃବୃନ୍ଦ ଏକା ସମୟରେ କେକେ ନା କେବେ ଅବସ୍ଥାନ କରିଥିଲେ; କିନ୍ତୁ ସମ୍ଭବତଃ କେତେବେଳେ ହେଲେ ସେମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତକାର ହୋଇଥିଲା ।୫୧। ସେମାନଙ୍କର ଅନୁଗାମୀମାନେ ଅବଶ୍ୟ ଆଲୋଚନା ଏବଂ ବିତର୍କ କରୁଥିଲେ ।

ନିଗନ୍ଥନାତ୍ପୁତ୍ଙ୍କ ସମୟ

ନିଗନ୍ଥନାତ୍ପୁତ୍ଙ୍କ ସମୟକାଳ ବୁଧ୍ଙ୍କ ସମୟ କାଳ ପରି ଗବେଷକମାନଙ୍କ ପାଇଁ ଅତିବିବାଦୀୟ ବିଷୟ ।୫୨। ପାଲିଗ୍ରନ୍ଥରେ ମିଳୁଥିବା ଦୁଇଟି ମୁଖ୍ୟ ସୂତ୍ରକୁ ଆଧାରକରି ନାତପୁତ୍ଙ୍କ ବୟସ ଓ ମୃତ୍ୟୁର କଳାନ କାଯାଏ । ଅଜାତଶତ୍ରୁ ବୁଧ୍ଙ୍କ ନିଗନ୍ଥନାତ୍ପୁତ୍ଙ୍କ ସଂପର୍କରେ ବୁଧ୍ଙ୍କୁ ଜଣାଇଥିଲେ ବୋଲି ସମାନ୍ନଫଳସୁତ୍ରେ କୁହାଯାଇଛି ଯେ, "ସେ ଦୀର୍ଘ ପରିବ୍ରାଜକ, ବୃଧ୍ ଏବଂ ବୟସରେ ଭାରାକ୍ରାନ୍ତ । (ଚିରପବଜ୍ଜିତ୍, ଅଦ୍ଧଗତୋ, ବୟୋନୁପତ୍ତୋ ।୫୩। ଅନ୍ୟ ଏକ ପ୍ରମାଣରୁ ଜଣାଯାଏ ଯେ ବୁଧ୍ ସାକ୍ୟଙ୍କ ଅମ୍ବବଣରେ ଥିବାବୋଳ ନିଗନ୍ଥନାତ୍ପୁତ୍ଙ୍କର ପାବାଠାରେ ମୃତ୍ୟୁ ଘଟିଥିଲା । (ଏକମ୍ ସମୟମ୍ ଭଗବା ସକ୍କେସୁ ବିହରତି ବେଧନ୍ନ୍ୟାନମ ସାକ୍ୟତେସମ୍ ଅମ୍ବବଣେ ପାସାଦେ, ତେନ କୋ ପଣ ସମୟେନ ନିଗନ୍ଥନାତ୍ପୁତ୍, ପାଭାୟମ ଅଧୁନା କାଳଙ୍କତୋ ହୋତି ।୫୪। ଆନନ୍ଦ ଅତ୍ୟନ୍ତ ଖୁସି ମନରେ ଏହି ଖବରଟି ବୁଧ୍ଙ୍କୁ ଦେଇଥିଲେ ବୋଲି ଅନୁମାନ କରାଯାଏ ।

ନିଗନ୍ଥନାତ୍ପୁତ୍ଙ୍କୁ ମୃତ୍ୟୁ ବର୍ଷକୁ ଜୈନ କାଳାନୁକ୍ରମରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ ଭାବରେ ବିବେଚନା କରାଯାଏ । ଏହି ବର୍ଷଟିକୁ ଖ୍ରୀ.ପୂ. ୪୬୮ ୪୮୨ ମଧ୍ୟରେ କିମ୍ବା ୫୨୭ ରୁ ୫୪୬ ମଧ୍ୟରେ ବୋଲି ବିବେଚନା କରାଯାଏ, ମହାବୀରଙ୍କ ସମୟ ନିରୂପଣ ପାଇଁ ଉଦ୍ୟମକାରୀଙ୍କ ମଧ୍ୟରେ ସମ୍ଭବତଃ ଜାକୋବି ହିଁ ପ୍ରଥମ ବିଦ୍ୱାନ ନଅଟନ୍ତି । ଅଚାରଙ୍ଗ ସୁତ୍ରର ମୁଖ ବନ୍ଧରେ ବୁଧ୍ ଏବଂ ମହାବୀରଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ସେ କହିନ୍ତ ଯେ ବୁଧ୍ ।୫୫।ଙ୍କ ଜ୍ଞାତସାରରେ ମହାବୀରଙ୍କର ପାବାଠାରେ ମୃତ୍ୟୁ ହୋଇଥିଲା । ତେଣୁ ସେ କଳ୍ପସୂତ୍ର ।୫୬। ରୁ ମୁଖବନ୍ଧ ମତଦେଇଛନ୍ତି ଯେ ତାଙ୍କ ମୃତ୍ୟୁ ପ୍ରାୟତଃ ୪୬୮-୪୬୭ ଖ୍ରୀ.ପୂ.ରେ ହୋଇଥିଲା । ଏହି ଅଭିମତଟି ହେମଚନ୍ଦ୍ରଙ୍କ ପରିଶିଷ୍ଟ ପର୍ବନ୍ ।୫୭। ଉପରେ ପର୍ଯ୍ୟବେସିତ, ଯେଉଁଥିରେ କୁହାଯାଇଛି ଯେ ଚନ୍ଦ୍ରଗୁପ୍ତ ଓରଫ୍ ଗ୍ରୀକ୍ କଥିତ ସଣ୍ଡ୍ରକୋଟସ୍ ମହାବୀରଙ୍କ ଦେହାବସାନର ୧୫୫ ବର୍ଷ ପରେ ସିଂହାସନ

ଆରୋହଣ କରିଥିଲେ । ଜାକୋବିଙ୍କ ମତ ଅନୁସାରେ ଚନ୍ଦ୍ରଗୁପ୍ତଙ୍କ ସିଂହାସନ ଆରୋହଣ ଖ୍ରୀଷ୍ଟପୂର୍ବ ୩୧୩ ରେ ହୋଇଥିଲା । ତେଣୁ ମହାବୀରଙ୍କ ମୃତ୍ୟୁ ନିଶ୍ଚିତ ଭାବରେ ୪୬୮ ଖ୍ରୀ.ପୂ. (୩୧୩+୧୫୫ ଖ୍ରୀ.ପୂ.) ରେ ହୋଇଥିବ । ଚାରପେ□ଅର ।୫୮। ମଧ୍ୟ ତାଙ୍କର ମତକୁ ସମର୍ଥନ କରନ୍ତି, ଯଦି ହେମଚନ୍ଦ୍ରଙ୍କ ହିସାବକୁ ଗ୍ରହଣ କରାଯିବ, ତେବେ ପାଲିଗ୍ରନ୍ଥ ପରମ୍ପରାକୁ ଆଗ୍ରାହ୍ୟ କରିବାକୁ ହେବ । ଜାକୋବି ଏବଂ ଚାରପେ□ଅର୍ ଉଭୟେ ପାଭାଠାରେ ବୁଧ୍ ଥିବାବେଳେ ମହାବୀରଙ୍କ ମୃତ୍ୟୁ ଘଟିଥିଲା ବୋଲି ପାଲିଗ୍ରନ୍ଥରେ ଲିଖିତ ତଥ୍ୟକୁ ବିଭ୍ରାନ୍ତିକର ବୋଲି ମତବ୍ୟକ୍ତି କରନ୍ତି । ବୁଧ୍ଙ୍କ ମୃତ୍ୟୁ ଖ୍ରୀ.ପୂ. ୫୪୩ ରେ ହୋଇଥିବାର ମତକୁ ପ୍ରାୟ ସମସ୍ତେ ଗ୍ରହଣ କରିସାରିଥିବାରୁ ଏବେ ଏହା ଆଉ ଗୋଟିଏ ସମସ୍ୟା ସୃଷ୍ଟି କରେ । ବୁଧ୍ ଓ ମହାବୀରଙ୍କ ମୃତ୍ୟୁକାଳ ଭିତରେ ଅତିବେଶୀରେ ୭୪ ବର୍ଷରୁ ଅଧିକ ଫରକ୍ ନଥିବାର ସମ୍ଭାବନା ଦୃଷ୍ଟିରୁ ଏହି କଥାଯି ଅଧିକ ଗବେଷଣାର ଅପେକ୍ଷା ରଖେ । ଭାସାମ ମଧ୍ୟ ଜାକୋବି ମତକୁ ଉତ୍ସାହିତ କରିଛନ୍ତି । କିନ୍ତୁ ସେ ଭଗବତୀ ସୂତ୍ର ଓ ଅପେକ୍ଷାକୃତ କମ୍ ପ୍ରସିଧି୍ ସମ୍ପନ୍ନ ବୁଧ୍ଙ୍କ ଖ୍ରୀ.ପୂ. ୪୮୩ରେ ପରିନିର୍ବାଣ ଲାଭ କରିବା ସଂପର୍କିତ ତତ୍ୱ ସପକ୍ଷରେ ଯୁକ୍ତି ବାଢ଼ିଥାନ୍ତି । ଯଦି ବୁଧ୍ଙ୍କର ନିର୍ବାଣକୁ ଆମେ ଖ୍ରୀ. ୩୮୪  ଭାବର ମହାବଂଶର ତୁଳନା ଅନୁସାରେ ଗ୍ରହଣ କରିବା, ତା'ହଲେ ଗୋସାଳତୁଙ୍କ ରାଜ୍ୟାଭିଷେକ ନିଶ୍ଚିତ ଭାବରେ ଖ୍ରୀ.ପୂ. ୪୮୧-୪୮୦ରେ ହୋଇଥିବ । ଗୋସାଳଙ୍କ ମୃତ୍ୟୁପରେ ଯେଉଁ ଅଭିଯାନ ଅନୁଷ୍ଠି ହୋଇଥିଲା ତାହା ବୁଧ୍ଙ୍କ ମୃତ୍ୟୁ ଏବଂ ଅଜାତସତ୍ରୁଙ୍କ ସିଂହାସନ ଆରୋହଣର ମଝିଆମଝି ସମୟ ଭିତରେ ନିଶ୍ଚିତ ଭାବରେ ହୋଇଥିବ । ଏହାପରେ ସେ ମତ ଦିଅନ୍ତି ଯେ ପ୍ରଥମ ଅଭିଯାନ ଖ୍ରୀ.ପୂ. ୪୮୪ ରେ ହୋଇଥିଲା ଏବଂ ସେହି ବର୍ଷ ଅର୍ଥାତ୍ ଖ୍ରୀ.ପୂ. ୪୮୪ରେ ଗୋସାଳଙ୍କ ତିରୋଧାନ ହୋଇଥିଲା । ଗୋସାଳଙ୍କ ଅବସାନ ପରେ ମହାବୀର ଆହୁରି ଷୋହଳ ବର୍ଷ ଛଅମାସ ବ□ଥିଲେ ବୋଲି ଭଗବତୀଙ୍କ ବିବୃତି୍କୁ ବିଚାରକୁ ନେଲେ ମହାବୀର ମୃତ୍ୟୁ ୪୬୮-୪୬୭ ଖ୍ରୀ.ପୂ.ରେ ହୋଇଥିଲା ବୋଲି କୁହାଯାଇପାରେ ।୫୯।

ପାଲିଗ୍ରନ୍ଥରେ ଥିବା ନିଗନ୍ଥ ନାତ୍ପୁତ୍ଙ୍କ ସଂପର୍କିତ ପ୍ରମାଣକୁ ଭିତି୍କରି ସେ ମତ ଦେଇଛନ୍ତି ଯେ ପାଲିଗ୍ରନ୍ଥ ମହାବୀରଙ୍କ ପାଭାଠାରେ ମୃତ୍ୟୁ ଘଟିଥିବା ସଂପର୍କରେ ସଠିକ୍ ସୂଚନା ଦେଇନଥାଇପାରେ । କିନ୍ତୁ, ଏଥିରୁ ସାବସ୍ତିରେ ଗୋସାଳଙ୍କ ମୃତ୍ୟୁ ସଂପର୍କରେ ସୂଚନା ମିଳୁଛି । ଭଗବତୀ ସୂତ୍ର ମଧ୍ୟ ଏହି କଥାଟି କଳିତକରାଳ ଓ ଗଣ୍ଡଗୋଳିଆ ପରିସ୍ଥିତି ଭିତରେ ଘଟିଥିଲା ବୋଲି ଦର୍ଶାଇଛନ୍ତି । ପରବର୍ତ୍ତୀ ସମୟରେ ଯେତେବେଳେ ଅଜୀବକବାଦ ବୌଧ୍ଧର୍ମର ମୁଖ୍ୟ ପ୍ରତିଦ୍ୱନ୍ଦୀ ନହୋଇ ଜୈନଧର୍ମ ହେଲା ସେତେବେଳେ ନାମଗତ ଗୁରୁତ୍ୱ ମଧ୍ୟ ଆବଶ୍ୟକତା ଦୃଷ୍ଟିରୁ ବଦଳିଯାଇଥିବ ।୬୦। ପାଲିଗ୍ରନ୍ଥରେ ମହାବୀର ନୁହନ୍ତି ଗୋସାଳଙ୍କ ମୃତ୍ୟୁକଥା ଅଛି ବୋଲି ଭାସ୍ ଯେଉଁ ଯୁକ୍ତ ବାଢ଼ିଛନ୍ତି, ତାହା ସତ୍ୟଠାରୁ ବହୁ ଦୁରରେ ।

ମଜୁମ୍ଦାର ଏବଂ ଚାପଚୌଧୁରୀଙ୍କ ମତରେ ମହାବୀରଙ୍କ ମୃତ୍ୟୁ ୪୭୮ ଖ୍ରୀ.ପୂ.ରେ ହେବା ସମ୍ଭବପର । ନିଜ ମତ ସପକ୍ଷରେ ସେମାନେ କହନ୍ତି ଯେ ମହାବୀର ଅଜାତଶତ୍ରୁଙ୍କ ସିଂହାସନାରୋହଣର ପ୍ରାୟ ୧୬ ବର୍ଷ ପରେ ପଡ଼ୋଶୀମାନଙ୍କ ସହିତ ଯୁଧ୍ ଘଟଣା ପରେ ମୃତ୍ୟୁ ଲାଭ କରିଥିଲେ । ବୁଧ୍ଙ୍କ ମୃତ୍ୟୁ ପରେ ଏହାକୁ ଜୈନଗୁରୁଙ୍କ ନିର୍ବାଣ ବୋଲି କୁହାଯାଇପାରେ କାରଣ ସିହଳୀ ପୁରାବୃତ୍ ବୁଧ୍ ଅଜାତଶତ୍ରୁଙ୍କ ସିଂହାସନ

ପ୍ରାପ୍ତିର ଆଠବର୍ଷପରେ ମୃତ୍ୟୁବରଣ କରିଥିଲେ । ମହାବୀରଙ୍କ ନିର୍ବାଣର ଦେଢ଼ଶହ ବର୍ଷ ପରେ ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିଥିଲେ ବୋଲି ହେମଚନ୍ଦ୍ରଙ୍କ ଦେଇଥିବା ଯୁକ୍ତିକୁ ଏହା ସମର୍ଥନ କରେ । ଚନ୍ଦ୍ରଗୁପ୍ତଙ୍କ ସିଂହସନ ଆରୋହଣ ୩୨୩ ଖ୍ରୀ.ପୂ.ରେ ହୋଇଥିବା ଆମେ ଜାଣିଛୁ । (୩୨୩+୧୫୫ = ୪୭୮ ଖ୍ରୀ.ପୂ. । ୬୧।)

ହୋର୍ଣ୍ଣଲ ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁ ତାରିଖ ଠାବ କରିବାକୁ ଅନ୍ୟ ଏକ ଉଦ୍ୟମ କରିଛନ୍ତି । ତାଙ୍‌କର ଅନୁସାରେ ବୁଧିଙ୍କ ପରିନିର୍ବାଣ ସମୟ ଖ୍ରୀ.ପୂ. ୪୮୨ ହେବା ଅଏକ ଆଂଶିକ ନିଶ୍ଚିତ କଥା । ବିମ୍ବିସାର ନିଜ ପୁଅ ଅଜାତଶତ୍ରୁଙ୍କ ଦ୍ୱାରା ନିର୍ବାଣ ଆଠ ବର୍ଷ ପୂର୍ବରୁ ଅଥବା ଖ୍ରୀ.ପୂ. ୪୯୦ରେ ହତ୍ୟାର ଶିକାର ହୋଇଥିଲେ । ହୋର୍ଣ୍ଣଲ ମନେ କରନ୍ତି ଯେ ଏହାର କିଛି ବର୍ଷ ପୂର୍ବରୁ ଅଜାତଶତ୍ରୁ ବସ୍ତୁତଃ ଶାସକ ପାଲଟି ଯାଇଥିଲେ ଏବଂ ରାଜାହେପା ପରେ ନୁହେଁ, ତାଙ୍କର ଏହି ବସ୍ତୁତଃ ସମୟରେ ହିଁ ଯୁଧି ହୋଇଥିଲା । ଏହି ଘଟଣା ବିମ୍ବିସାରଙ୍କ ମୃତ୍ୟୁର କିଛିଦନି ପୂର୍ବରୁ ହୋଇଥିଲା । ସେ ମହାବୀରଙ୍କ ଏବଂ ଗୋସାଳଙ୍କ ମୃତ୍ୟୁ ବ୍ୟବଧାନ ସମୟ ଷୋହଳ ବର୍ଷର ଭଗବତୀ ତତ୍ୱକୁ ସମର୍ଥନ କରନ୍ତି । ତେଣୁ ସେ ମହାବୀରଙ୍କ ମୃତ୍ୟୁ ସମୟକୁ ୪୮୪ ଖ୍ରୀ.ପୂ. ବୋଲି ଏବଂ ଗୋସଲଙ୍କ ମୃତ୍ୟୁ ସମୟକୁ ୫୦୦ ଖ୍ରୀ.ପୂ. ବୋଲି ମତ ଦିଅନ୍ତି । ଏହି ସମୟକୁ ସେ ଅଜାତଶତ୍ରୁଙ୍କ ଯୁଧି ତଥା ସିଂହାସନ ଅଧିକାରୀ ସମୟ ବୋଲି କୁହନ୍ତି ।୬୨। ହର୍ଣ୍ଣଲଙ୍କ ଅଭିମତଟି ଅଧିକ ଅବଧାର୍ଯ୍ୟ । କାରଣ ମୂଳକଥାଟି ସହିତ ସବୁ ଆନୁଷଙ୍ଗିକ ଘଟଣାକୁ ଧାରାବାହିକ ଭାବରେ ପ୍ରତିପାଦନ କରିବାକୁ ଉଦ୍ୟକ କରିଛନ୍‌ି । ପୂର୍ବୋକ୍ତ ପାଲି ନଥିପତ୍ରରେ କୁଣ୍ଡ ବୁଧିଙ୍କ ମୃତ୍ୟୁପରି ପ୍ରଶ୍ନ ନଉଠୁ ବୋଲି ଅଶା କରିଛନ୍ତି । ଏଥିରୁ ଗୋଟିଏ ସୂଚନା ମିଳୁଛି ଯେ ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁ ସ୍ୱୟଂ ବୁଧି ହୋଇପଡ଼ିଥିବା ବେଳେ - ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁ ଘଟଣା ଆଲୋଚ୍ୟ ବିଷୟ ହୋଇଯାଇଥିଲା । ନିଜର ନେତାଙ୍କ ମ୍ୟତ୍ୟୁପରେ ବୌଧି ଧର୍ମର ଭବିଷ୍ୟତ ନେଇ ବୌଧି ସନ୍ନ୍ୟାସୀମାନେ ଉଦ୍‌ବିଗ୍ନ ହୋଇ ପଡ଼ିଥିଲେ । ବୁଧିଙ୍କ ମୃତ୍ୟୁର ଦୁଇବର୍ଷ ପୂର୍ବରୁ ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁ ସଂପର୍କିତ ହର୍ଣ୍ଣଲଙ୍କ ତଥ୍ୟର ପାଲିଗ୍ରନ୍ଥରେ ଥିବା କୁଣ୍ଡଙ୍କ ତଥ୍ୟାବଳୀ ସହିତ ସାମଞ୍ଜସ୍ୟ ରହିଛି ।

ପ୍ରାଚୀନ ପନ୍ଥୀ ଜୈନ ପରମ୍ପରା ଅନୁସାରେ ଗୃହୀତ ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁକାଳକୁ ଖ୍ରୀ.ପୂ. ୫୨୭କୁ ଗବେଷକମାନେ ସର୍ବସମ୍ମତ ଭାବରେ ଗ୍ରହଣ କରନ୍ତି ନାହିଁ । ଏହି ପାରମ୍ପରିକ ତାରିଖଟିର ନିର୍ଦ୍ଦିଷ୍ଟତା ବିକ୍ରୀ ସମ୍ମତ ଅନୁସାରେ ସ୍ଥିର କରାଯିବା ହିଁ ଏହାର ମୁଖ୍ୟ ସମସ୍ୟା । ଗୋଟିଏ ମତ ଅନୁସାରେ ମହାବୀରଙ୍କ ମୃତ୍ୟୁର ୪୭୦ ବର୍ଷପରେ ବିକ୍ରମ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ସିଂହାସନ ଆରୋହଣ ଏବଂ ମୃତ୍ୟୁ ମହାବୀରଙ୍କ ତିରୋଧାନର ୪୮୮ ଏବଂ ୫୬୮ ବର୍ଷ ପରେ ହୋଇଥିଲା ।୬୩। ଅନ୍ୟ ଏକ ମତରେ ମହାବୀରଙ୍କ ମୃତ୍ୟୁର ୪୧୦ ବର୍ଷ ପରେ ସମ୍ୱତ୍ ଆରମ୍ଭ ହୋଇଥିଲା ।୬୪। ଏହି ତଥ୍ୟ ଅନୁସାରେ ମହାବୀରଙ୍କ ମୃତ୍ୟୁ ମୁଖ୍ୟତଃ ବିକ୍ର ଜୀବନର ଘଟଣା ଯାହାକି ବିକ୍ରସମ୍ୱତ୍ ଆରମ୍ଭ ପାଇଁ ଦାୟୀ ତାହାରି ଉପରେ ନିର୍ଭରଶୀଳ । ଯଦି ବିକ୍ର ସମ୍ୱତ୍‌ନୁବିକ୍ରମଙ୍କ ଜନ୍ମ ବେଳରୁ ଧରାଯାଏ । ତେବେ ମହାବୀରଙ୍କ ମୃତ୍ୟୁ କାଳ ୫୨୭ ଖ୍ରୀ.ପୂ. (୫୭+୪୭୦=୫୨୭ ଖ୍ରୀ.ପୂ ।୬୫। ଯଦି ଏହା ବିକ୍ରମଙ୍କ ସିଂହାସନ ଆରୋହଣରୁ ଆରମ୍ଭ ହୋଇଥାଏ

ତେବେ ତାହା ହେବ ୫୪୫ ଖ୍ରୀ.ପୂ. (୫୭+୪୮୮=୫୪୫ ଖ୍ରୀ.ପୂ. ।୬୬। ଯଦି ବିକ୍ରମଙ୍କ ମୃତ୍ୟୁପରେ ସମ୍ବତ୍ ଆରମ୍ଭ ହୋଇଥିବ ତା'ହେଲେ ମହାବୀରଙ୍କ ମୃତ୍ୟୁ ସମୟକୁ ୬୨୨ ଖ୍ରୀ.ପୂ. ବୋଲି ଧରିବାକୁ ହେବ (୪୭୦+୮୦+୭୨=୬୨୨ ଖ୍ରୀ.ପୂ. ।୬୭।) ଯଦି ଆମେ ପରମ୍ପରାକୁ ମାନିବା, ତେବେ ମହାବୀରଙ୍କ ମୃତ୍ୟୁ ସମୟ ଖ୍ରୀ.ପୂ. ୫୨୭, ୫୪୫, ୬୨୨ କିମ୍ବା ୪୬୭ ଖ୍ରୀ.ପୂ. ହେବ । ଏହି ଫଳାଫଳ କେବଳ ଗୋଳମାଳିଆ ହେବାନାହିଁ କିମ୍ବା ଜଟିଳତା ସୃଷ୍ଟି କରିବନାହିଁ, ଅଧିକନ୍ତୁ ଏହା ବିରାଟ ସମସ୍ୟା ହିଁ ସୃଷ୍ଟି କରିବ ।

ନିଗନ୍ଥନାତପୁତ୍ଙ୍କ ମୃତ୍ୟୁ ସଂପର୍କିତ ପାରମ୍ପରିକ ତାରିଖ ସମ୍ପର୍କରେ ଜାକୋବି କହନ୍ତି, "ଦେବର୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବଲଭି ପରିଷଦରେ ଗୃହୀତ ସର୍ବସମ୍ମତ ନିଷ୍ପତ୍ତି ଅନୁସାରେ ଜୈନସୂତ୍ର ବା ସିଦ୍ଧାନ୍ତର ହ୍ରାସ କରାଗଲା । ଏହି ଘଟଣାର ସମୟ (୯୮୦ କିମ୍ବା ୯୯୩ ଖ୍ରୀଷ୍ଟାବ୍ଦ) । ୪୫୪ ଅଥବା ୪୬୭ ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ ଏହି ଘଟଣା କଳ୍ପସୂତ୍ରରେ ସଞ୍ଜୋଜିତ ହୋଇଛି ।୬୯। ଏହି କ୍ଷେତ୍ରରେ ହେମଚନ୍ଦ୍ରଙ୍କ ପରିଶିଷ୍ଟ ପରବଣର ଅଭିମତ ତାହାଠାରୁ ଅଧିକ ପୁରାତନ ଏବଂ ନିର୍ଭରଯୋଗ୍ୟ ପୁସ୍ତକ ତି□ଗାଲି ପଇନ୍ୟାୟ ତୁଳନାରେ ଭ୍ରାନ୍ତ ବୋଲି ମନେହୁଏ । ଏଥିରେ ଲେଖାଯାଇଛି ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ସିଂହାସନ ଆରୋହଣ ମହାବୀରଙ୍କ ମୃତ୍ୟୁର ୨୧୫ ବର୍ଷ ପରେ ଅନୁଷ୍ଠିତ ହୋଇଥିଲା । ଆହୁରି ମଧ୍ୟ ସେହି ଏକା ଦିନରେ ପାଳକ ଉଜ୍ଜୟିନୀର ଶାସନକାର୍ଯ୍ୟ ଆରମ୍ଭ କରିଥିଲେ । ସେ ୬୦ ବର୍ଷ ଧରି ରାଜ୍ୟ ଶାସନ କରିଥିଲେ । ଏହାପରେ ନନ୍ଦବଂଶର ଶାସନ ୧୫୫ ବର୍ଷ ଧରି ଚାଲିଥିଲା । ଏହାପରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନକାଳ ।୭୦। କିନ୍ତୁ ଏହି ୬୦ ବର୍ଷର ସମୟ ହେମଚନ୍ଦ୍ରଙ୍କର ପରିଶିଷ୍ଟ ପର୍ବରୁ ବାଦ୍ ପଡ଼ିଛି । ପୁରଣଚନ୍ଦ୍ର ଏବଂ କୃଷ୍ଣଚନ୍ଦ୍ର ଘୋଷ ଲେଖିଛନ୍ତି ଯେ, ମହାବୀରଙ୍କ ପରବର୍ତ୍ତୀ ପାଳକଙ୍କ ଷାଠିଏ ବର୍ଷ ନିଶ୍ଚିତ ଭାବରେ ହେମଚନ୍ଦ୍ରଙ୍କ ଦୃଷ୍ଟିର ଆଢୁଆଳରେ ରହିଯାଇଛି ।୭୧। ହେମଚନ୍ଦ୍ର ସ୍ୱୟ ଖ୍ରୀ.ପୂ. ୫୨୭କୁ ମହାବୀରଙ୍କ ମୃତ୍ୟୁକାଳ ଭାବରେ ଗ୍ରହଣ କରିଛନ୍ତି । ସେ କହନ୍ତି ଯେ ଚାଲୁକ୍ୟ ବଂଶର କୁମାରପାଳ ମହାବୀରଙ୍କ ନିର୍ବାଣର ୧୬୬୯ ବର୍ଷ ପରେ ଜନ୍ମ ହୋଇଥିଲେ ।୭୨। ଚାଲୁକ୍ୟ କୁମାରପାଳ ୧୧୪୨ ଖ୍ରୀଷ୍ଟାବ୍ଦରେ ଜନ୍ମଲାଭ କରିଥିବା ଜଣାଶୁଣା ।୭୩। ଏହି ଅନୁସାରେ ମହାବୀରଙ୍କ ମୃତ୍ୟୁ ହୁଏ ୫୨୭ ଖ୍ରୀ.ପୂ.ରେ । ମୁନି ନାଗରାଜ ୫୨୭ ଖ୍ରୀ.ପୂ.କୁ ମହାବୀର (ନାତପୁତ୍)ଙ୍କ ପରିନିର୍ବାଣ କାଳଭାବରେ ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି ।୭୪।

ମୁନି କଲ୍ୟାଣ ବିଜୟ ।୭୫। କୈଳାସ ଚନ୍ଦ୍ର ଶାସ୍ତ୍ରୀ ।୭୬। ଏବଂ ଶାନ୍ତି ଲାଲ ଶାହା ।୭୭। ଏହି ସମୟକୁ ଗ୍ରହଣ କରନ୍ତି କିନ୍ତୁ, ପାଲି ତ୍ରିପିଟକର ଦୃଷ୍ଟାନ୍ତକୁ ପ୍ରତ୍ୟାଖ୍ୟାନ କରନ୍ତି । ବିଜୟେନ୍ଦ୍ର ସୁରି ସେମାନଙ୍କ ସହିତ ଏକମତ ହୋଇଛନ୍ତି । କିନ୍ତୁ ଭାସମ୍ଙ୍କ ପରି ଚିନ୍ତାବ୍ୟକ୍ତ କରି କହିଛନ୍ତି ଯେ, ନିଗନ୍ଥନାତପୁତ୍ ନୁହନ୍ତି, ଗୋସଳକଙ୍କ ମୃତ୍ୟୁ କଥାହିଁ ପାଲି ତ୍ରିପିଟକରେ ଉଲ୍ଲିଖିତ ହୋଇଛି । ସେମାନେ ବୁଧଙ୍କ ମୃତ୍ୟୁ ସମୟକୁ ୫୪୪ ଖ୍ରୀ.ପୂ. ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ ପାଲି ନିକାୟରେ ଉଲ୍ଲିଖିତ ଅନ୍ୟ ପ୍ରମାଣ ଗୁଡ଼ିକୁ ସେମାନେ ଏଡ଼ାଇ ଯାଇଛନ୍ତି ।

ଅନ୍ୟ ପକ୍ଷରେ କେ.ପି. ଜୟସୱାଲ ।୭୯। ରାଧାକୁମୁଦ ମଖାର୍ଜୀ ।୮୦। ଏବଂ କାନ୍ତାପ୍ରସାଦ ।୮୧ ୫୪୫ ଖ୍ରୀ.ପୂ.ରେ ମହାବୀରଙ୍କ ନିର୍ବାଣ ହୋଇଥିବା ମତକୁ ସମର୍ଥନ କରନ୍ତି ।(୫୭+୪୮୮=୫୪୫ ଖ୍ରୀ.ପୂ.)

ବିକ୍ର ସମ୍ବତ୍ ବିକ୍ରମରଙ୍କର ସିଂହାସନ ଆରୋହଣଠାରୁ ଆରମ୍ଭ ହୋଇଥିଲା ଏବଂ ଏହା ମହାବୀରଙ୍କ ମୃତ୍ୟୁର ୪୮୮ ବର୍ଷ ପରେ ହୋଇଥିଲା ବୋଲି ସେମାନେ ମୁଖ୍ୟତଃ ଯୁକ୍ତି ବାଢ଼ନ୍ତି ।

କିନ୍ତୁ ସେମାନଙ୍କର ଦୃଷ୍ଟିକୋଣ ଠିକ୍ ନୁହେଁ, କାରଣ ନିଗନ୍ଥନାତପୁତ୍ଙ୍କ ପରିନିର୍ବାଣ ୫୨୭ ଖ୍ରୀ.ପୂ.ରେ ଘଟିଥିଲା । ଏହା ଅଧିକ ଯୁକ୍ତିସଂଗତ ଏବଂ ବାସ୍ତବମୁଖୀ । ଜେ.କେ ମୁକ୍ତାର ଏହି ମତକୁ ସଫଳତାର ସହିତ ପ୍ରମାଣିତ କରିଛନ୍ତି ।୮୨। ଯମ୍ବୁସ୍ୱାମୀଚାରିନ୍ ଏବଂ ଅନ୍ୟାନ୍ୟ ଗ୍ରନ୍ଥର ସମୂହ ମଧ୍ୟ ଏହାକୁ ସମର୍ଥନ କରନ୍ତି । ଅତି ଅଧିକ ଆଲୋଚନା ଭିତରକୁ ନଯାଇ ଆମେ ୫୨୭ ଖ୍ରୀ.ପୂ.ରେ ନିଗନ୍ଥନାତପୁତ୍ଙ୍କ ମୃତ୍ୟୁ ଘଟିଥିଲା ବୋଲି ନିର୍ଭରତାର ସହିତ ଉପସଂହାର ପହ□ିବା ଉଚିତ୍ ହେବ ।

ନିଗନ୍ଥନାତପୁତ୍ଙ୍କ ମୃତ୍ୟୁସ୍ଥଳୀ

ପୂର୍ବଉଦ୍ଧୃତ ପାଲି ସୂତ୍ର ଅନୁସାରେ ବୁଧ୍ ସାକ୍ୟମାନଙ୍କ ସହିତ ସମାଗମରେ ଥିବାବେଳେ ତାଙ୍କୁ ନିଗନ୍ଥନାତପୁତ୍ ପାଭାଠାରେ ମୃତ୍ୟୁବରଣ କଲେ ବୋଲି ସୂଚନା ଦିଆଗଲା । ବିବିଧ ତୀର୍ଥକଳ୍ପ ପାଭାକୁ ଅପାପପୁରୀ ବୋଲି ବର୍ଣ୍ଣନା କରାଯାଇଛି, ସମ୍ଭବତଃ ତାହାର ଧାର୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏପରି ନାମକରଣ ହୋଇଛି । ମହାବୀର ଜମ୍ଭକରୁ ମହାବଂଶ ଅରଣ୍ୟକୁ ଆସିଲେ ଏକାଦଶ ଗାନ୍ଧାର, ଗୌତମ ଏବଂ ଅନ୍ୟମାନେ ଏଠାରେ ଅବସ୍ଥାପିତ ହେଲେ । ବର୍ଧ୍ମାନ (ମହାବୀର) ଦ୍ୱିଦିବସୀୟ ଉପବାସ ଆଚରଣ କଲେ ଏବଂ ପରେ ଶେଷ ଉପଦେଶ ପ୍ରଦାନ କରିବା ସହିତ ନିର୍ବାଣ ପ୍ରାପ୍ତ ହେଲେ ।୮୩। ପାଭାର ଅବସ୍ଥିତ ସମ୍ପର୍କରେ କେତେକ ବିବାଦ ରହିଛି । ପାରମ୍ପରିକ ପାଭା ଏବେ ବିହାରର ରାଜଗୃହ ନିକଟରେ ରହିଛି ଏବଂ ଏହା ପଭାପୁରୀ ନାମରେ ନାମିତ । ଜାକବି ।୮୪। ଭାବନ୍ତି ଯେ ମହାବୀରଙ୍କ ନିର୍ବାଣ ପ୍ରାପ୍ତି ଏହିଠାରେ ହୋଇଥିଲା । ଅଥଚ ମହାପିଣ୍ଡତ ରାହୁଳ ସାଂକୃତାୟନ ।୮୫।ଙ୍କ ମତରେ ଗୋରଖପୁର ଜିଲ୍ଲାର ପୂର୍ବପଟେ କୁସିନାରା ବା କାସିୟାଠାରୁ ୧୨ କି.ମି. ଦୂରରେ ଅବସ୍ଥିତ ପାପଭରା ଗ୍ରାମହିଁ ପୂର୍ବରୁ ସେହି ପାଭା ଅଟେ । ନାଥୁରାମ ପ୍ରେମି ।୮୬। ରାହୁଳ ସାଂକୃତାୟନଙ୍କୁ ସମର୍ଥନ କରନ୍ତି । ପାଭାରେ ଗୋଟିଏ ସନ୍ଥାଗାର ନିର୍ମାଣ କରାଯାଇଥିବାରୁ ମଲ୍ଲମାନଙ୍କ ରାଜ୍ୟରେ ପାଭା ସଂଯୁକ୍ତ ଥିବା ବହୁ ସମ୍ଭବ ଅଟେ । ଆହୁରି ମଧ୍ୟ କୁହାଯାଏ ଯେ ଏହି ସ୍ଥାନରେ ବୁଧ୍ ତାଙ୍କର ଶେଷଗ୍ରାସ କୁଣ୍ଡଙ୍କ ଗୃହରେ ଭକ୍ଷଣ କରିଥିଲେ । ଫଳରେ ତାଙ୍କୁ ଅଜୀର୍ଣ୍ଣ ଝାଡ଼ା ହୋଇଥିଲା । ଏହାପରେ ସେ ସେହି ସ୍ଥାନ ତ୍ୟାଗ କରି କୁଶୀନାରା ଗମନ କରିଥିଲେ ଏବଂ ସେଠାରେ ପରିନିର୍ବାଣ ପ୍ରାପ୍ତ ହୋଇଥିଲେ ।୮୭।

ଲିଚ୍ଛବିଙ୍କ ପରି ମଲ୍ଲନାମକ ଗଣତନ୍ତ୍ର ବିଶ୍ୱାସୀ ଆଦିବାସୀ ଗୋଷ୍ଠୀ ସେହି ସମୟରେ ଦୁଇଗୋଷ୍ଠୀରେ ବିଭକ୍ତ ହୋଇ ଯାଇଥିଲେ । ଗୋଟିଏ ଗୋଷ୍ଠୀର ରାଜଧାନୀ ପାଭା ଏବଂ ଅନ୍ୟ ଗୋଷ୍ଠୀର ରାଜଧାନୀ କୁସିନାରା ଥିଲା । କଳ୍ପ ସୂତ୍ରରେ ଉଲ୍ଲେଖ ଅଛି ଯେ ନିଗନ୍ଥନାତପୁତ୍ଙ୍କ ମୃତ୍ୟୁ ସଂଧ୍ୟାରେ ସେହି ମହାନ୍ ଜୀନ୍ଙ୍କ ଜୀବନାବସାନକୁ ପ୍ରୋଷଥୋପବାସରେ ଯେଉଁମାନେ ପାଳନ କରିଥିଲେ ସେମାନଙ୍କ ମଧ୍ୟରେ ନଅଜଣ ମଲ୍ଲ, ନଅଜଣ ଲିଚ୍ଛବୀ, ଏବଂ ସେମାନଙ୍କ ଜାତିର ମୁଖ୍ୟଆବୃନ୍ଦ ଅନ୍ୟତମ ଥିଲେ । ସେମାନେ.... ଦିନ ଆଲୋକ

ସଜ୍ଜା କରିବାକୁ ଆଦେଶ ଦେଇଥିଲେ ବୋଲି ମଧ୍ୟ କୁହାଯାଏ । ଯେହେତୁ ପ୍ରଜ୍ଞାର ଆଲୋକ ଚାଲିଯାଇଛି । ଆମ ଆମେ ପାର୍ଥିବ ବସ୍ତୁଦ୍ୱାରା ଆଲୋକ ସଜ୍ଜା କରିବା ।୮୮। ମହାବୀରଙ୍କ ନିର୍ବାଣ ଯେହେତୁ ପ୍ରତ୍ୟୁଷରେ ହୋଇଥିଲା । ଜୈନମାନେ ମହାବୀରଙ୍କୁ ସେହି ସମୟରେ ପୂଜାର୍ଜ୍ଜନା କରିଥିଲେ ଏବଂ ମାଟିଦୀପ ଜଳାଇଥିଲେ । ସମଗ୍ର ଦିବସକୁ ଏବେ ଦୀପାବଳୀ କୁହାଗଲା । ଏହି ପ୍ରମାଣଟି ଆମର ଦୃଷ୍ଟିଭଙ୍ଗୀକୁ ଦୃଢ଼ୀଭୂତି କରୁଛି ଯେ ପାଭା - ନିଗନ୍ଥନାତପୁତ୍‌ଙ୍କ ନିର୍ବାଣ ସ୍ଥଳୀଟି ଗୋରଖପୁର ଜିଲ୍ଲାର ପପଉରା ବ୍ୟତୀତ ଅନ୍ୟ କେହି ନୁହେଁ ।

### ଜୈନ ପରମ୍ପରାରେ ସାଂପ୍ରଦାୟିକ ଭେଦ

ପାଲିନିକାୟ ବର୍ଣ୍ଣନା ଅନୁସାରେ ନିଗନ୍ଥନାତପୁତ୍‌ଙ୍କ ମୃତ୍ୟୁ ପରେ ଜୈନ ପରମ୍ପରାରେ ସଂପ୍ରଦାୟର ଉଦ୍ଭବ ହୋଇଥିବା ବିଶ୍ୱାସ କରାଯାଏ । ନିଗନ୍ଥନାତପୁତ୍‌ଙ୍କ ନିର୍ବାଣପରେ ଜୈନ ପରମ୍ପରାର ଅବସ୍ଥା ସମ୍ପର୍କରେ ସାମଗାମ ସୁତ୍‌ରେ  ବର୍ଣ୍ଣନା କରାଯାଇଛି । କୁଣ୍ଡଙ୍କ ବାର୍ତ୍ତାକୁ ଆନନ୍ଦ ବିଜୟୋତ୍‌ଫୁଲ୍ଲିସିତ ଭାବରେ ବୁଧ୍‌ଙ୍କ ଅବଗତ କରାଇଥିଲେ । ସେ କହିଥିଲେ ନିଗନ୍ଥ ନାତପୁତ୍ ଏଇମାତ୍ର ପାଭାଠରେ ମୃତ୍ୟୁବରଣ କରିଥିଲେ। ତାଙ୍‌କ ମୃତ୍ୟୁରେ ନିଗନ୍ଥମାନେ ଦୁଇ ଭାଗରେ ବଭିକ୍ତ ହୋଇଗଲେ ଏବଂ ଏହାର ପାରସ୍ପରିକ ସଂଘର୍ଷ କଳି ଏବଂ ପରସ୍ପରକୁ ଶବ୍ଦାସ୍ତ୍ରରେ କ୍ଷତାକ୍ତ କରିଦେଲା । (ତସ୍‌କାଳଙ୍କିରିୟାୟଭିନ୍ନା ନିଗନ୍ଥ ଦ୍ୱେଧ ଜାତାଭର୍ଡନ ଜାତ କଳହଜାତ ବିବାଦାପାନ୍ନ୍ୟା ଅନ୍ୟମାନ୍ୟମ୍ ମୁଖସ୍ଥିତି ବିତୁଦନ୍ତା ବିହରନ୍ତି ) । ଆପଣ ଏହି ସିଧ୍ୟାନ୍ତ ଏବଂ ଏବଂ ଶୃଙ୍ଖଳା ବିଦ୍ୟା କଥା ବୁଝିପାରିଲେନି, କିନ୍ତୁ ମୁଁ ଏହାକୁ ବୁଝିଛି । ଆପଣ ବା କିପରି ଏହା ବୁଝିବେ ? ଆପଣ ବିଭ୍ରାନ୍ତି ମଧ୍ୟରେ ଅଛନ୍ତି, ମୁଁ ପୁରାପୁରି ଠକ୍ । ମୁଁ ପ୍ରାସଙ୍ଗିକ କଥାହିଁ କହୁଛି; ଆପଣ କହୁଛନ୍ତି । ଆପଣ ଏ ପର୍ଯ୍ୟନ୍ତ ଯେଉଁ ବିଚାରଧାରାର ପ୍ରବର୍ତ୍ତନ କରିଛନ୍ତି, ତାହା ନୈରାଶ୍ୟଜନକ । ବାଜି ମାରୁଛି, ଆପଣ ଭୁଲ୍ ବୋଲି ସାବ୍ୟସ୍ତ ହେବେ । ଆପଣ ନିଜମତରୁ ଓହରି ଯାଆନ୍ତୁ, ନତୁବା ଯଦିନପାରିବେ, ତେବେ ନିଜକୁ ଜଡ଼ିତ କରନ୍ତୁନାହିଁ । ସତରେ, ନାତପୁତ୍‌ଙ୍କ ଅନୁଗାମୀ ନିଗନ୍ଥମାନେ ମୋ ବିଚାରରେ ହତ୍ୟା କରିବାକୁ ବାହାରି ପଡ଼ିଛନ୍ତି ।୮୯।

ନିଗନ୍ଥମାନଙ୍କ ଭିତରେ ଦେଖା ଦେଇଥିବା ଏହି କାରଣ ସଂପର୍କରେ ବୁଧ୍ କହୁଛନ୍ତି, ସେମାନଙ୍କର ଗୁରୁ ପରମଜ୍ଞାନ ପ୍ରାପ୍ତ ହୋଇନଥିଲେ ଏବଂ ଗୋଟିଏ ମତବାଦକୁ ମନ୍ଦଭାବରେ ପ୍ରତିଷ୍ଠା କରିଥିଲେ, ମନ୍ଦ ଭାବରେ ଜଣାଇଥିଲେ, ମାର୍ଗପ୍ରଦର୍ଶନ କରିବାରେ ବିଫଳ ହେଲେ ଶାନ୍ତି ଆଚରଣ କଲେ ନାହିଁ ।୯୦। ଏହି ମନ୍ତବ୍ୟରୁ ଜଣାପଡ଼େ ଯେ ନିଜ ମୃତ୍ୟୁ ଶଯ୍ୟାରେ ନାତପୁତ୍‌ନିଜ ଉପଦେଶର ବୋକାମି ଏବଂ ନିଷ୍ଫଳତାକୁ ଅନୁଭବ କରିପାରି ନିଜର ଅନୁଗାମୀମାନେ ବୁଧ୍‌ଙ୍କ ଉପଦେଶକୁ ଗ୍ରହଣକରନ୍ତୁ ବୋଲି ଇଚ୍ଛା ପ୍ରକଟ କରିଥିଲେ । ଏହି କାରଣରୁ ନିଜ ମୃତ୍ୟୁର ଅବାବହିତ ପୂର୍ବରୁ ସେ ନିଜର ଦୁଇ ପ୍ରକାର ଶିଷ୍ୟଙ୍କୁ ଦୁଇପ୍ରକାରର ଶିକ୍ଷା ଦେଇଥିଲେ । ଗୋଟିଏ ଗୋଷ୍ଠୀକୁ ସେ କହୁଥିଲେ ଯେ ତାଙ୍କର ବିଚାରଧାରା ହେଉଛି ନାସ୍ତିବାଦୀ (ଉଚ୍ଛେଦ) ଏବଂ ଅନ୍ୟ ଗୋଷ୍ଠୀକୁ ନିଜ ବିଚାରାଧାରା ଶାଶ୍ୱତାବଦ (ସାସ୍) ବୋଲି କହୁଥିଲେ । ଫଳରେ ସେମାନେ ନି ନିଜ ମଧ୍ୟରେ ଭୟଙ୍କର କଳହ କଲେ ଏବଂ ପରମ୍ପରାଟି ଭୁଷୁଡ଼ି ପଡ଼ିଲା ।୯୧।

ଯେହେତୁ ଅସଂହତି ପ୍ରଥମରୁ ଥବଲା ତେଣୁ ଅସଂହତି ପାଇଁ ଉପରଲିଖିତ କାରଣକୁ ନେଇ ଆମେ ବ୍ୟଗ୍ର ହେଉନାହୁଁ । ଜୈନମାନଙ୍କ ଭିତରେ ନିଗନ୍ଥ ନାତପୁତ୍‌ଙ୍କ ଦେହାନ୍ତ ପରେ ଦ୍ୱନ୍ଦ୍ୱ ଉପୁଜିଲା । କିନ୍ତୁ ଯେତେ ଯୋର୍‌ରେ ହୋଇଥିଲା ବୋଲି ବର୍ଣ୍ଣନା କରାଯାଇଛି ସେତେ ପରିମାଣରେ ନୁହେଁ ।୯୨। ତାଙ୍କର ମୃତ୍ୟୁପରେ ସମଧର୍ମୀମାନଙ୍କ ଭିତରେ ଉପୁଜିଥିଲା ବୋଲି ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତି ପ୍ରମାଣ ମିଳିନାହିଁ । ତେଣୁ ପୂର୍ବରୁ ଉଦ୍ଧୃତ ହୋଇଥିବା ଅଂଶଟିକୁ ଦୁଇଟି ଦୃଷ୍ଟିରୁ ବିଚାର କରାଯାଇପାରେ । ହୁଏତ ଏହା ଅତିରଞ୍ଜିତ କରି କୁହାଯାଇପାରେ ନତବୁ ଏହାକୁ ପରବର୍ତ୍ତୀ ସମୟରେ ଯୋଡ଼ିଦିଆଯାଇଛି । ଏଥିରୁ ପ୍ରଥମଟି ଅଧିକ ଯୁକ୍ତିସଂଗତ ପରି ମନେହୁଏ । କାରଣ ବିରୋଧୀ ଗୋଷ୍ଠୀଙ୍କ ଭିତରେ ଥିବା ଅସଂହତି ବା ଭିନ୍ନତାକୁ ସେମାନଙ୍କର ପ୍ରତିପକ୍ଷ ଅତିରଞ୍ଜିତ କରିବେ, ଏହା ଏକ ସାଧାରଣ କଥା, କିନ୍ତୁ ନାସ୍ତିକବାଦୀ ମଞ୍ଜିଯି ଯେ ବିଲ୍‌କୁଲ୍ ନଥିଲା, ତାହନୁହେଁ, ତେବେ ବୌଧ୍ୟଧର୍ମ ପରି ଜୈନଧର୍ମ ପ୍ରତି କୁଣିଅ ବା ଅଜାତସତ୍ତୁ, ଅଶୋକ, ଚେତକ, ସେଣିଅ, ପ୍ରଦ୍ୟୋତ ଏବଂ ଉଦୟନ ।୯୩। ପ୍ରମୁଖ ସହାନୁଭୂତିଶୀଳ ହେବା ଘଟଣାରୁ ଏହା କୁହାଯାଇପାରେ ଯେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ଯେଉଁ ବାରବର୍ଷକାଳ ଦୁର୍ଭିକ୍ଷ ପଡ଼ିଥିଲା, ତାହାରି ଆରମ୍ଭ ନାସ୍ତିକ ପ୍ରବୃତ୍ତି ମୁଣ୍ଡଟେକି ନଥିଲା ।

ପରବର୍ତ୍ତୀ ସମୟରେ ଜୈନ ଧର୍ମ ଆପଣାଛାଏ, ଦୁଇଗୋଷ୍ଠୀରେ ବିଭାଜିତ ହୋଇଗଲା । ଉଦାହରଣସ୍ୱରୂପ : ମୁକ୍ତପାଇବା ପାଇଁ ସଂପୂର୍ଣ୍ଣ ଉଲଗ୍ନ ରହିବା କାର୍ଯ୍ୟକୁ ଜରୁରୀ ଆବଶ୍ୟକତା ବୋଲି ଯେଉଁମାନେ ମାନି ନେଇଥିଲେ ଏବଂ ଏହାକୁ ଆକ୍ଷରିକ ଭାବରେ ମାନିନେବାକୁ ରାଜି ନହୋଇଥିବା ଶ୍ୱେତାମ୍ବର ବୃନ୍ଦ । ଏଥିରୁ ପ୍ରଥମ ଗୋଷ୍ଠୀ ହିଁ ମୂଳ ଗୋଷ୍ଠୀ ଥିଲେ । ପାର୍ଶ୍ୱନାଥ ଏବଂ ମହାବୀରଙ୍କ ସମେତ ସବୁ ତୀର୍ଥଙ୍କର ଦିଗମ୍ବର ଥିଲେ । ପାଲି ସାହିତ୍ୟ ସାରା ମହାବୀରଙ୍କୁ ନିଗନ୍ଥନାତପୁତ୍ ଏବଂ ତାଙ୍କର ଶିଷ୍ୟମାନଙ୍କୁ ନିଗନ୍ଥ ବୋଲି କୁହାଯାଇଛି । ଏହାର କାରଣ ହେଲା ସେମାନେ ସମସ୍ତ ବନ୍ଧନରୁ ମୁକ୍ତ ଥିଲେ । (ଏମ୍ହାକମ୍ ଗନ୍ଥାନା କିଳେସ ପଳିବୁଜ୍ଝନ କିଳେସ ନଥି, କିଳେସ ଗନ୍ଥି ରହିତମ୍ୟମ୍ତି ବ୍ଲ ବାଦିତାୟ ଲଧ୍‌ନାମବସେନ୍ ନିଗନ୍ଥ) ।୯୪। ନିଗନ୍ଥନାତପୁତ୍‌ଙ୍କ ଦେହାନ୍ତ ପରେ ପରେ ଯେଉଁ ଦ୍ୱନ୍ଦ୍ୱ ଉପୁଜିଥିଲା, ତାହା ଦ୍ୱିତୀୟ କିମ୍ବା ତୃତୀୟ ଖ୍ରୀ.ପୂ. ବେଳକୁ ଶ୍ୱେତାମ୍ବର ଏବଂ ଦିଗମ୍ବର ଭାବରେ ବିଭକ୍ତ ହୋଇ ଚୂଡ଼ାନ୍ତ ରୂପ ନେଲା । ଧମ୍ମପଦତ୍ଥକଥା ।୯୫। ରେ ଏହି ଉଭୟ ଦିଗମ୍ବର ଏବଂ ଶ୍ୱେତାମ୍ବରଙ୍କ ପ୍ରସଙ୍ଗ ଉଲ୍ଲେଖ କରାଯିବା ସହିତ ସମାଲୋଚନା ମଧ କରାଯାଇଛି ।୯୬। ।

ଜୈନ ଦର୍ଶନ ସାହିତ୍ୟ

ବୌଧ୍ ସାହିତ୍ୟରେ ମିଳୁଥିବା ଜୈନ ଧର୍ମ ସହିତ ଜୈନ ସାହିତ୍ୟର ଏକ ଯଥାର୍ଥ ମୂଲ୍ୟାଙ୍କନର ଆବଶ୍ୟକତା ଅଛି । ଭାରତୀୟ ଦର୍ଶନ ଏବଂ ଧାର୍ମିକ ଜ୍ଞାନ ଭଣ୍ଡାରକୁ ଜୈନ ଦର୍ଶନର ଅବଦାନ ଏତେ ବ୍ୟାପକ ଯେ ଏଠାରେ ଜୈନ ସାହିତ୍ୟ ସଂପର୍କରେ କେବଳ ସାମାନ୍ୟ କେତେକ ସୂଚନା ଦେବାପାଇଁ ଚେଷ୍ଟା କରିବା ସମ୍ଭବପର ।

ଜୈନ ଦର୍ଶନ ସାହିତ୍ୟକୁ ଚାରିଟି ଶାଖାରେ ବିଭକ୍ତ କରାଯାଇପାରେ ।୯୭।

୧. ସୂତ୍ର ଶାଖା (୬ଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ)

୨. ଅନେକାନ୍ତ ଶାଖା (୩ୟ ଶତାବ୍ଦୀ ୮ମ ଶତାବ୍ଦୀ)

୩. ପ୍ରମାଣ ଶାଖା (୮ମରୁ ୧୭ଶ ଶତାବ୍ଦୀ) ଏବଂ

୪. ନବ୍ୟ ନ୍ୟାୟ ଶାଖା (୧୭ଶ ଶତାବ୍ଦୀରୁ)

ସୂତ୍ର ଶାଖା

ମହାବୀର ବା ନିଗନ୍ଥ ନାତପୁତ୍ ଜୈନଧର୍ମ ଗ୍ରନ୍ଥର ମୂଳକର୍ତ୍ତା ବୋଲି ଦିଗମ୍ବର ଏବଂ ଶ୍ୱେତାମ୍ବର ଉଭୟେ ସ୍ୱୀକାର କରନ୍ତି । ଏଗୁଡ଼ିକ ତାଙ୍କର ଶିଷ୍ୟ ଇନ୍ଦ୍ରଭୂତି ବା ଗୌତମଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା ।୯୮। ସେ ମହାବୀରଙ୍କ ନିର୍ବାଣର ୧୨ ବର୍ଷ ପରେ ରାଜଗୃହଠାରେ ୯୨ ବର୍ଷ ବୟସରେ ମୃତ୍ୟୁଲାଭ କରିଥିଲେ । ଏହାପରେ ଦିଗମ୍ବରଙ୍କ ମତରେ ଏହାପରବର୍ତ୍ତୀ ଗୁରୁବୃନ୍ଦ ସମସ୍ତ ଅଙ୍ଗରେ ବିଶେଷତ୍ୱ ଅର୍ଜନ କରିପାରିଲେ ନାହିଁ । ସମୟ ଯେତିକି ଅତିବାହିତ ହେଲା, ସେମାନଙ୍କର ସେତିକି ହ୍ରାସ ଘଟିଲା ଏବଂ ମହାବୀରଙ୍କ ନିର୍ବାଣର ୬୮୩ ବର୍ଷ ପରେ ସେମାନେ ସଂପୂର୍ଣ୍ଣ ଲୋପ ପାଇଗଲେ ।୯୯। କିନ୍ତୁ ଶ୍ୱେତାମ୍ବରମାନେ ଅଙ୍ଗ ଏବଂ ଉପାଙ୍ଗ ଗୁଡ଼ିକୁ ସଂରକ୍ଷିତ କରି ରଖିଥିବା ଦାବିକରନ୍ତି । ସୂତ୍ରଗୁଡ଼ିକୁ ଆବୃତ୍ତି ମାଧମରେ ଉଭୟ ସଂପ୍ରଦାୟ କିଛି ସମୟ ପାଇଁ ସଂରକ୍ଷିତ କରି ରଖିଥିଲେ ବୋଲି ମୋର ମନେହୁଏ । କିନ୍ତୁ ନିଜକୁ ଅନ୍ୟ ଗୋଷ୍ଠୀ ତୁଳନାରେ ପ୍ରାଚୀନ ବୋଲି ସାବ୍ୟସ୍ତ କରିବା ପାଇଁ କେଶିନ୍ ଏବଂ ଗୌତମ କଥୋପକଥାନ ବା ଜାମାଲି ଉପାଖ୍ୟାନ ଯୋଡ଼ିଦେବା ସହିତ ମୂଳସାହିତ୍ୟର କେତେକ ଅଂଶକୁ ଉଚ୍ଛେଦ କରି ଦେଇଥିଲେ । ଏହାକୁ ଦେଖି ଦିଗମ୍ବରମାନେ ସେମାନଙ୍କର ବୈଧତାକୁ ଅସ୍ୱୀକାର କରିବା ସହିତ ସେହି ଗୋଷ୍ଠୀ ଆଉ ନାହିଁ ବୋଲି ଘୋଷଣା କରିଥାଇପାରନ୍ତି ।

ଶ୍ୱେତାମ୍ବର ସୂତ୍ର ସାହିତ୍ୟ

ଶ୍ୱେତାମ୍ବରମାନେ ଯତ୍ନର ସହିତ ବ୍ୟାପକ ସୂତ୍ର ସାହିତ୍ୟର ସଂରକ୍ଷଣ କରିଛନ୍ତି । ଅବଶ୍ୟ ଏଥିରେ କେତେକ ମିଶ୍ରଣ କରାଯାଇଛି । ଏହା ନିମ୍ନଲିଖିତ ପାଠ ରହିଛି ।୧୦୦।

ଦ୍ୱାଦଶ ଅଙ୍ଗ : (୧) ଆର୍ଯ୍ୟାଙ୍ଗ, (୨) ସୂୟଗଡ଼ଙ୍ଗ (୩) ଠଣାଙ୍ଗ (୪) ସମବାୟାଙ୍ଗ (୫) ବିୟାହପଣ୍ଣତି ବା ଭଗବତି (୬) ନାୟଧମ୍ମ କହା (୭) ଉଭାସଗଡ଼ସାଥ (୮) ଅ□ଗଡ଼ଦସାଂ (୯) ଅଣୁତ୍ତରଭବାୟଦଶାଅ (୧୦) ପଣ୍ହାଭାଗରଶୈମ୍ (୧୧)ବିଭାଗସୂୟ ଏବଂ (୧୨) ଦି□ବାୟ

ଦ୍ୱାଦଶ ଉପାଙ୍ଗ : (୧) ଅବବୈୟ (୨) ରାୟପସେଣିଜ୍ଜ (୩) ଜିବାଭିଗମ୍ ୯୪) ପଣ୍ଣଜଣା (୪) ସୂର୍ଯ୍ୟପଣ୍ଣତି (୬) ଜମ୍ବୁଦିବ ପଣ୍ଣତି (୭) ଚଣ୍ଡପଣ୍ଣତି (୮) ନିର୍ଯ୍ୟାବଲିୟ (୯) କପ୍ପାବଡ଼ମସିଆଅ (୧୦) ପୁର୍ଫିଆଅ (୧୧) ପୁଫୁଚିଲଆଅ (୧୨) ବହ୍ନିଦସାଅ ।

ଦଶପୈଣ୍ : (୧) ଚଉସରଣ (୨) ଆଉରପଚ୍ଚଖାନ୍ (୩) ଭଚ୍ଚିପରିଣୟ (୪) ସନ୍ଥାରଗ (୫) ତଣ୍ଡୁଳ ଭେୟାଲିୟ (୬) ଚଣ୍ଡା ବିଜୟ (୭) ଦେବିଣ୍ଡତ୍ଥିର୍ଥ (୮) ଗଣିବଜଜା (୯) ମହାପଚ୍ଛଖଣା (୧) ବିର□ବ

ଷଡ଼ଚେୟସୁତ୍ (୧) ନିସିହା (୨) ମହାନିସିହ (୩) ଭବହାର (୪) ଆୟାରସାଅବା ଦସାସୁଖଣ୍ଡ (୫) କପ୍ପ ବା ବୃହତ୍କଳ୍ପ (୬) ପ□କପ୍ପ ବା ଜିଅକପ୍ପ ଚତୁମୁଳସୁତ୍ (୧) ଉତ୍ରାଝୟ ବା ଉତ୍ରାଝୟଣ (୨) ଆବସ୍ୟ (୩) ଦସବେୟଳିୟ (୪) ପିଣ୍ଡନିଯୁତ୍

ଦ୍ୱିଚୁଳିକା ସୁତ୍ : (୧) ନନ୍ଦି (୨) ଅଣୁଯୋଗଦାର

ଆଗମ ସାହିତ୍ୟର ବିକାଶ

ଶ୍ରୁତକେବଳି ଭଦ୍ରବାହୁଙ୍କ ବିଚାର ଅନୁଯାୟୀ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନକାଳରେ ବାରବର୍ଷକାଳ ଭୀଷଣ ମରୁଡ଼ି ପଡ଼ିଥିଲେ । ଜୈନ ସନ୍ନ୍ୟାସ ଧର୍ମର ଶୁଧ୍ତା ରକ୍ଷା କରିବା ସକାଶେ ସଂଘ ମଗଧତ୍ୟାଗ କରିବାକୁ ନିଷ୍ପତି ଗ୍ରହଣ କରିଥିଲା । ବିଶାଖା ଚାର୍ଯ୍ୟଙ୍କ ନେତୃତ୍ୱରେ ଦଳେ ସାଧୁ ଦକ୍ଷିଣ ଭାରତକୁ ଚାଲିଗଲେ । କିନ୍ତୁ ସ୍ଥୁଳଭଦ୍ର କେତେକ ସାଧୁଙ୍କ ସହିତ ମଗଧରେ ଅବସ୍ଥାନ କଲେ । ଦୁର୍ଭିକ୍ଷ ଟଳିଯିବା ପରେ ବିଶାଖାଚାର୍ଯ୍ୟ ନିଜର ଅନୁଗାମୀଙ୍କ ସହିତ ମଗଧ ପ୍ରତ୍ୟାବ□ନ କଲେ ଏବଂ ସ୍ଥୁଳଭଦ୍ରଙ୍କ ଶିଷ୍ୟମାନେ ବସ୍ତ୍ର ପ୍ରତି ଅନୁରାଗୀ ହୋଇଥିବା ଦେଖିବାକୁ ପାଇଲେ ।୧୦୧।

ବିଶାଖାଚାର୍ଯ୍ୟ ସେମାନଙ୍କୁ ଦିଗମ୍ବରତ୍ୱ ପାଳନ କରିବାକୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲେ । କିନ୍ତୁ ସ୍ଥୁଳଭଦ୍ର ଏବଂ ତାଙ୍କର ଅନୁଗାମୀମାନେ ବସ୍ତ୍ର ତ୍ୟାଗ କରିବାକୁ ଚାହିଁଲେ ନାହିଁ । ତେଣୁ ଜୈନ ସଂଘରେ ସାଂପ୍ରଦାୟିକ ଦ୍ୱନ୍ଦ୍ୱର ସୂତ୍ରପାତ ହେଲା । ଅନ୍ୟ ପକ୍ଷରେ ବିଶାଖାଚାର୍ଯ୍ୟଙ୍କ ଗୁରୁ ଭଦ୍ରବାହୁ ନିଜର ପ୍ରଖ୍ୟାତ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (ମୁନି ପ୍ରଭାଚନ୍ଦ୍ର) ।୧୦୨। ଙ୍କ ସହିତ ମଗଧଛାଡ଼ି ଦକ୍ଷିଣଭାରତକୁ ଯାତ୍ରା କଲେ । ଦିଗମ୍ବର ପରମ୍ପରା ଅନୁସାରେ ସେ ସେଠାରେ କଲପ୍ର ପର୍ବତ ଶକସମ୍ଙ୍କ ବେଲାଗୋଲା ଶିଳାଲେଖ) ଉପରେ ସମାଧି ମରଣ ଗ୍ରହଣ କଲେ ।୧୦୩।

ଶ୍ୱେତାମ୍ବର ପ୍ରଥା ଅନୁସାରେ କିଛି ଦିନ ପରେ ପାଟଳିପୁତ୍ର, ମଥୁରା ଏବଂ ବିଲଭିଠାରେ ଚାରିଟି ପରିଷଦ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ ଆଚାର୍ଯ୍ୟମାନେ ନିଜର ସର୍ବାନ୍ତକରଣରେ ଆଗମଗୁଡ଼ିକୁ ଏକତ୍ର କରିବାକୁ ଚେଷ୍ଟା କରିଥିଲେ । ଦେବ ବର୍ଧ୍ଗଣିନ୍ କ୍ଷମାଶ୍ରମଣଙ୍କ ସଭାପତିତ୍ୱରେ ବଲ୍ଲଭୀରେ ଅନୁଷ୍ଠିତ ଦ୍ୱିତୀୟ ପରିଷଦର ଫଳସ୍ୱରୂପ ଶ୍ୱେତାମ୍ବର ଜୈନ ସୂତ୍ରର ସାଂପ୍ରତିକ ରୂପ ଦେଖିବାକୁ ମିଳିଲା ବୋଲି କୁହାଯାଏ । ଏହି ପରିଷଦର ସମୟକାଳ ଷଷ୍ଠ ଶତାବ୍ଦୀର ପ୍ରାରମ୍ଭ ସମୟ ବୋଲି ଜଣାପଡ଼େ । (ମହାବୀରଙ୍କ ନିର୍ବାଣତବର ୯୮୦ କିମ୍ବା ୯୯୩ ବର୍ଷପରେ)

ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ ଶ୍ୱେତାମ୍ବର ଆଗମ ଗୋଟିଏ ସମୟର କୀର୍ତ୍ ନୁହେଁ । ଏହା କେତେପୀଢ଼ି ଧରି ଧୀରେ ଧୀରେ ପ୍ରକାଶିତ ହୋଇଛି । ତେଣୁ କେତେକ ଜିନିଷ ବଦଳି ଯାଇଥିବ ବୋଲି ଯଦି

କୁହାଯାଏ, ତାହାହେଲେ ତାହା ମିଛ କଥା ନୁହେଁ ବୋଲି କହିବାକୁ ହେବ ।୧୯୪। ଯାହା ହେଉ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ମୂଲ୍ୟବାନ ପୁରାକାଳରେ ସଂକଳିତ ବସ୍ତୁର ସୁନ୍ଦର ଅଂଶଟି ଅକ୍ଷତ ଅବସ୍ଥାରେ ରହିପାରିଛି । ୱି□ରନିଜ୍ ଠିକ୍ କହିଛନ୍ତି ଯେ ସିଧାନ୍ତ କାମଟି ଗୋଟିଏ ସମୟରେ ଜନ୍ମଲାଭ କରିନଥିବ । ବେଦର୍ଧି ସଂକଳିତ ଯେଉଁ ଅଂଶଟି ଆମ ପାଖରେ ପହ□ିଛି, ତାହା ନିର୍ଦ୍ଦିଷ୍ଟ ସଂପ୍ରଦାୟ ଏବଂ ମଠ ଜୀବନର କଠୋର ଭାବରେ ପ୍ରତିଷ୍ଠା ଲାଭ କରିବା ପରେ ପରେ ନିଶ୍ଚିତ ଭାବରେ ଆରମ୍ଭ ହୋଇଥିବା ସାହିତ୍ୟିକ କାର୍ଯ୍ୟ କଳାପର ଶେଷ ପରିଣତି ହୋଇଥିବ । ଏହା ସମ୍ଭବତଃ ମହାବୀରଙ୍କ ମୃତ୍ୟୁର ବହୁପରେ ଘଟନଥିବ । ତେଣୁ ସୂତ୍ରର ଆଦ୍ୟଭାଗ ମହାବୀରଙ୍କ ପ୍ରଥମ ଶିଷ୍ୟମାନଙ୍କୁ ସମୟର ହେବା ବହୁସମ୍ଭବ ମହାବୀରଙ୍କ ମୃତ୍ୟୁପରେ ଦ୍ୱିତୀୟ ଶତାବ୍ଦୀ ବେଳକୁ ଏହା ହୋଇଥିବ ଯାହାକି ଚନ୍ଦ୍ରଗୁପ୍ତଙ୍କ ସମୟ ଯେଉଁ ସମୟରେ ପାଟଳିପୁତ୍ର ପରିଷଦରେ ପରମ୍ପରାର କଥା ଉଠିଥିଲା । ଅନ୍ୟ ପକ୍ଷରେ ତାହାର ସଦ୍ୟତମ ଅଂଶଟି ଦେବର୍ଧିଙ୍କ ପାଖାପାଖି ସମୟର ହୋଇଥାଇପାରେ । ୧୦୫। ଦେଓ ଏହାକୁ ସମର୍ଥନ କରି ବିଭିନ୍ନ ପ୍ରମାଣ ପ୍ରଦାନ କରିଛନ୍ତି ।୧୦୬।

ପାଲି ସାହିତ୍ୟରେ ସାଦୃଶ

ବୁଧିଙ୍କ ମୃତ୍ୟୁ ପରେ ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀରେ ସଂକଳିତ ପାଲି ଧର୍ମ ଗ୍ରନ୍ଥ ସହିତ ବହୁ ଶତାବ୍ଦୀର ଫଳସ୍ୱରୂପ ବିବେଚିତ ଶ୍ୱେତାମ୍ବର ଜୈନସୂତ୍ରର ବହୁ ସାମଞ୍ଜସ୍ୟ ରହିଛି । ଅନ୍ୟ କଥାରେ କହିଲେ ଜୈନସୂତ୍ର ପାଲି ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଛି । ଭାଷା ଓ ଶୈଳୀ ଏହାର ପ୍ରମାଣ ଦିଅନ୍ତି । ଉଦାହରଣସ୍ୱରୂପ : ଉତ୍ରାଧନ (୯.୪୪) ଏକାଂଶ :

ମାନେ ମାସେ ତୁ ଯୋ ବାଳ କୁସାଗ୍ରେଣମ୍ ତୁ ଭୁଞ୍ଜାଏ

ନ ସ ସୁଖ ଅଧମ୍ମସ କଳମ୍ ଅଘଇ ଶୋଳସିମ୍ ର ନିକଟତମ ସାଦୃଶ୍ୟ ଧର୍ମପଦରୁ ମିଳେ ।

ମାସେ ମାନେ କୁସାଗେନ୍ ବାଳ ଭୁଞ୍ଜେଥ ଭୋଜନମ୍

ନାମ ସଙ୍ଖଟଧମ୍ମାନମ୍ କଳମ୍ ଅଘତି ସୋଳସିମ୍

ଧମ୍ମପଦର ୧୦୩, ୪୦୫ ଏବଂ ୪୦୯ ପାରାଗ୍ରାଫ୍‌କୁ ଉତ୍ରାଧାନର ୯.୩୪, ୨୫:୨୨; ୨୫.୨୪ ସହିତ ତୁଳନା କରାଯାଇପାରେ । ସେହିପରି ୪୯, ୬୬ ଏବଂ ୩୬୨ ପାରାଗ୍ରାଫ ଦସବୈକାଳିକର ୧.୨, ୪.୧, ୧୦.୧୨ ପାରାଗ୍ରାଫ୍ ସହିତ ସମାନ ଧରଣର । ସମାନ ଭାବରେ ଅବଦନ ଶତକର ପୁଣ୍ଡରିକ ଅଧୟନ ଏବଂ ସଧର୍ମ ପୁଣ୍ଡରିକ, ବିପାକ ସୂତ୍ର ଏବଂ ଅବଦନଶତକ, ଏବଂ କର୍ମଶତକ, ଠଣାଙ୍ଗ ଏବଂ ଅଙ୍ଗୁଭର, ଉତ୍ରାଧାନ ଏବଂ ଧମ୍ମପଦ ଏବଂ ଜାତକ ପାତିମୋଖ୍ଖ ବୌଧଧର୍ମ ଗ୍ରନ୍ଥ ଯେପରି ତ୍ରିପ୍ରିଟକ ।୧୦୭। ଭାବରେ ପରିଚିତ ସେହିପରି ଶ୍ୱେତାମ୍ବର ଆଗମଗୁଡ଼ିକ ଗଣିପଟକ ଭାବରେ ପରିଚିତ ।୧୦୮। ଏହିପରି ଭାବରେ ଶ୍ୱେତାମ୍ବର ଆଗମ ଗୁଡ଼ିକ ବୌଧ୍ ଧର୍ମଗ୍ରନ୍ଥ ଦ୍ୱାରା ପ୍ରଭାବିତ ବୋଲି ନିର୍ଦ୍ଦନ୍ଦ୍ୱରେ କୁହାଯାଇପାରେ ।୧୦୯।

ଗଦ୍ୟ ଏବଂ ପଦ୍ୟର ମିଶ୍ରଣ, ନର୍କର ବିଲକ୍ଷଣ ବର୍ଣ୍ଣନା, କିମ୍ବଦନ୍ତୀ ସାହାଯ୍ୟରେ ଧର୍ମ ଶିକ୍ଷା, ନୀତିକଥା, କାହାଣୀ ଡ଼ାଇଲଗ ଏବଂ ଗୀତି-କାବ୍ୟ ପାଲି ଓ ଜୈନ ଧର୍ମ ଗ୍ରନ୍ଥର ବିଶେଷଗୁଣ ଥିଲା । କିନ୍ତୁ ପାଳି ସାହିତ୍ୟ ତୁଳନାରେ ଜୈନ ସାହିତ୍ୟ ଅପେକ୍ଷାକୃତ ଅନାକର୍ଷୀୟ ଶୈଳୀର ଥିଲା । ଓ୍ୱି□ରଜିନ୍ ନିର୍ଦ୍ଦିଷ୍ଟ ଭାବରେ କହିଛନ୍ତି, "କେତେକ ବ୍ୟତିକ୍ରମକୁ ବାଦ୍‌ଦେଲେ ଜୈନଗ୍ରନ୍ଥଗୁଡ଼ିକ ଧୂଳିପରି ଶୁଷ୍କ । କହିବାକୁ ଗଲେ କର୍କଶ ଦ୍ୱରରେ ନିର୍ଦ୍ଦେଶ ଦେବାପରି । ଆମେ ଯେତେଦୂର ସେମାନଙ୍କୁ ଜାଣିଛୁ ବହୁ ବୌଧ୍ ଗ୍ରନ୍ଥ ପରି ସେଗୁଡ଼ିକର ସାଧାରଣ ମଣିଷର ସ୍ୱାର୍ଥ କଥାକ୍ୱିଚିତ୍ ଥାଏ । ତେଣୁ ସେମାନଙ୍କର ଗୁରୁତ୍ୱ ବିଶେଷଜ୍ଞ ପାଖରେ । ସାଧାରଣ ପାଠକକୁ ଆକର୍ଷଣ କରିବା ପରି ସେମାନଙ୍କର କୌଣସି ବିଶେଷ କଥନ ନାହିଁ ।୧୧୦।

ସୂତ୍ର ସାହିତ୍ୟର ଭାଷା ହେଉଛି ଅର୍ଦ୍ଧ ମାଗଧୀ ପ୍ରକୃତ । ବୌଧ୍ ସୂତ୍ରପରି ଗୀତଗୁଡ଼ିକ ଅତିପ୍ରାଚୀନ ଢ଼ା□ରେ ପ୍ରସ୍ତୁତ କରାଯାଇଛି । କିନ୍ତୁ ଭାଷ୍ରଗୁଡ଼ିକ (ନିଯୁତି, ଭାସା, ଚୂର୍ଣ୍ଣି ଏବଂ ଟିକା) ପ୍ରାକୃତ (ଜୈନ ମହାରାଷ୍ଟ୍ରୀ) ଏବଂ ସଂସ୍କୃତରେ ଲିଖିତ ।

ଦିଗମ୍ବର ସୂତ୍ର ସାହିତ୍ୟ

ମରୁଡ଼ି ସମୟରେ ନଷ୍ଟ ହୋଇ ଯାଇଥିବାରୁ ନିଗନ୍ଥ ନାତପୁତ୍‌ଙ୍କ ଉପଦେଶ ସମ୍ବଳିତ ସୂତ୍ରଗୁଡ଼ିକ ଅଲଭ୍ୟ ବୋଲି ଦିଗମ୍ବର ଜୈନମାନେ ବିଶ୍ୱାସ କରନ୍ତି । କିନ୍ତୁ ସେମାନେ ପୁରାତନ ଆଚାର୍ଯ୍ୟମାନଙ୍କ ଲିଖିତ ଆଦ୍ୟକୃତି ଗୁଡ଼ିକୁ ସେମାନଙ୍କର ସୂତ୍ରର ପ୍ରସଙ୍ଗ ଏବଂ ଗଠନତତ୍ୱ ସଂପର୍କିତ ବିସ୍ତୃତ ତଥ୍ୟ ମଧ୍ୟ ସାଇତି ରଖିଛନ୍ତି । ଏହି ହିସାବରେ ଦିଗମ୍ବର ସୂତ୍ର ସାହିତ୍ୟଗୁଡ଼ିକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି, ଅଙ୍ଗପ୍ରବିଷ୍ଟ ଏବଂ ଅଙ୍ଗବାହ୍ୟ ।

(କ) ଅଙ୍ଗପ୍ରବିଷ୍ଟ :

ଅଙ୍ଗପ୍ରବିଷ୍ଟ ୧୨ ପ୍ରକାରର । କେବଳ ଶେଷ ଅଙ୍ଗ ଦ୍ରଷ୍ଟିପ୍ରବାଦକୁ ବାଦ୍‌ଦେଲେ ଅନ୍ୟ ଏଗାରଟି ଯାକ ଶ୍ୱେତାମ୍ବର ଅଙ୍ଗ ସହିତ ସମାନ । ଦ୍ରଷ୍ଟିପ୍ରବାଦ ପା□ ଭାଗରେ ବିଭକ୍ତ । ଯଥା (୧) ପ□ ପରିକ୍ରମା (କ) ଚନ୍ଦ୍ର ପ୍ରଜ୍ଞପ୍ତି (ଖ) ସୂର୍ଯ୍ୟ ପ୍ରଜ୍ଞପ୍ତି (ଗ) ଜମ୍ବିଦ୍ୱୀପ ପ୍ରଜ୍ଞପ୍ତି (ଘ) ଦ୍ୱୀପ ପ୍ରଜ୍ଞପ୍ତି ଏବଂ (ଘ) ବ୍ୟାଖ୍ୟା ପ୍ରଜ୍ଞପ୍ତି (୯୨) ସୂତ୍ର (୩) ଚତୁଃଅନୁଯୋଗ (ଅ) ପ୍ରଥମାନୁଯୋଗ (ଆ) କରଣାନୁଯୋଗ (ଇ) ଦ୍ରବାନୁଯୋଗ (ବର) ଚରଣାନୁଯୋଗ (୪) ଚତୁର୍ଦ୍ଦଶ ପୂର୍ବଗତ : (କ) ଉତପାଦପୂର୍ବ (ଖ) ଅଗ୍ରାୟଣୀ ( ଗ) ବୀର୍ଯ୍ୟାନୁବାଦ (ଘ) ଅସ୍ତିନାସ୍ତିପ୍ରବାଦ ( ଙ) ଜ୍ଞାନପ୍ରବାଦ (ଚ) ସ୍ୱତ୍ପ୍ରବାଦ (ଛ) ଆମ୍ପ୍ରବାଦ (ଜ) କର୍ମପ୍ରବାଦ (ଝ) ପ୍ରତ୍ୟାଖ୍ୟାନ (ଞ) ବିଦ୍ୟାନୁବାଦ (ଟ) କଲ୍ୟାଣବାଦ (ଠ) ପ୍ରାଣବାଦ (ଡ଼) କ୍ରିୟାବାଦ ଏବଂ (ଢ଼) ତ୍ରିଲୋକ ବିନ୍ଦୁସାର । (୫) ପ□.... (କ) ଜଳଗତ (ଖ) ସ୍ଥଳଗତ (ଗ) ମାୟାଗତ (ଘ) ରୂପଗତ ଏବଂ (ଙ) ଆକାଗତ

(ଖ) ଅଙ୍ଗବାହ୍ୟ ଶ୍ରୁତ

ଅଙ୍ଗବାହ୍ୟଶ୍ରୁତ ଚତୁର୍ଦ୍ଦଶୀ ପ୍ରକୀର୍ଣ୍ଣକରେ ବିଭକ୍ତ :

୧. ସମାୟିକ, ୨. ସଂସ୍ତବ, ୩. ବନ୍ଦା, ୪. ପ୍ରତିକ୍ରମଣ, ୫. ବିନୟ, ୬. କୃତିକର୍ମ୍, ୭. ଦଶ ବୈକାଳିକ, ୮. ଉତ୍ରାଧ୍ୟନ, ୯. କଳ୍ପବ୍ୟବହାର, ୧୦. କଳ୍ପାକଳ୍ପ, ୧୧. ମହାକଳ୍ପ, ୧୨. ପୁଣ୍ଡରୀକ, ୧୩. ମହାପୁଣ୍ଡରୀକ ଏବଂ ୧୪. ନିସିଧିକ ।୧୧।

ଜୈନ ସୂତ୍ର ରଚନାଗତ ମୂଳକଥାକୁ ଦିଗମ୍ବର ଏବଂ ଶ୍ୱେତାମ୍ବରମାନେ ସନ୍ଦେହରେ ଏକମତ : ସେମାନେ ବିଶ୍ୱାସ କରନ୍ତି ଯେ ?

(କ) ଜୈନସୂତ୍ର ଉଭୟ ଗୋଷ୍ଠୀ ମଧ୍ୟରେ ସାଂପ୍ରଦାୟିକ ବିଭେଦ ଦୃଷ୍ଟିଦେବା ପୂର୍ବରୁ ସଂକଳିତ, ସଂଯୋଜି ଏବଂ ସ୍ୱୀକୃତ ।

(ଖ) ଦିଗମ୍ବରମାନେ ଶ୍ୱେତାମ୍ବର ସୂତ୍ରକୁ ପରବର୍ତ୍ତୀ ସୃଷ୍ଟିବୋଲି ଦିଗମ୍ବରମାନେ ଅସ୍ୱୀକାର କଲେ ସୁଧ୍ା ଉଭୟଙ୍କ ମଧ୍ୟରେ ବିଭାଜନକୁ ଗ୍ରହଣ କରନ୍ତି ।

ଆଚାର୍ଯ୍ୟ ପରମ୍ପରା

ଦିଗମ୍ବରମାନେ ଭାବନ୍ତି ଯେ ଯେଉଁ ଆଚାର୍ଯ୍ୟମାନେ ଗୋଟିଏ କିମ୍ବା କେତେକ ଅଙ୍ଗ ସଂପର୍କରେ ଜାଣିଥିଲେ ସେମାନେ ନିଜର ଶିଷ୍ୟମାନେ ଅଙ୍ଗଗୁଡ଼ିକୁ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି କି ନାହିଁ ତାହା ନଜାଣି ବାହଲୀଳା ସମ୍ବରଣ କରିବା ଫଳରେ ସୂତ୍ରଗୁଡ଼ିକ କ୍ରମଶଃ ଧୀରେ ଧୀରେ ହଜିଯାଇଛି । ମହାବୀରଙ୍କ ମୃତ୍ୟୁପରେ ଏକ ଆଚାର୍ଯ୍ୟ ପରମ୍ପରା ଆରମ୍ଭ ହେଲା ବୋଲି କ୍ଷତର୍ସଭ ଠାରୁ ଜଣାଯାଏ । ଏହାରି ଅନୁସାରେ ଗୌତମସ୍ୱାମୀ, ସୁଧର୍ମସ୍ୱାମୀ ଏବଂ ଜମ୍ବୁସ୍ୱାମୀ ବାଷଠି ବର୍ଷ ପର୍ଯ୍ୟନ୍ତ ସୂତ୍ର ସଂପର୍କରେ ପ୍ରଗାଢ଼ଜ୍ଞାନ ସଂପନ୍ନ କେବଳିନ୍ ଭାବରେ ସମୟ ଅତିବାହିତ କରିଥିଲେ । ନଦୀ, ନନ୍ଦମିତ୍ର, ଅପରାଜିତା, ଗୋବର୍ଦ୍ଧନ ଏବଂ ଭଦ୍ରବାହୁ ୧୦୦ ବର୍ଷ ପର୍ଯ୍ୟନ୍ତ ଶ୍ରୁତକେବଳୀ ଥିଲେ, ବିଶାଖା, ପ୍ରସ୍ଥିଳ, କ୍ଷତ୍ରିୟ, ଜୟ, ନାଗ, ସିଧ୍ାର୍ଥ, ଦୃଷ୍ଟିସେନ, ବିଜୟ, ବୁଧ୍ିଳ, ଗଙ୍ଗଦେବ ଏବଂ ସୁଧରମ ୧୧ ଅଙ୍ଗ ଏବଂ ଦଶ ପୂର୍ବ ସମୂହର ଜ୍ଞାତାଭାବରେ ୧୮୩ ବର୍ଷ ପର୍ଯ୍ୟନ୍ତ ବିଦ୍ୟମାନ ଥିଲେ । ନକ୍ଷତ୍ର, ଜୟପାଳ, ପାଣ୍ଡୁ, ଧ୍ରୁବସେନ ଏବଂ କଂସ ୨୨୦ ବର୍ଷ ପର୍ଯ୍ୟନ୍ତ ଏକାଦଶ ଅଙ୍ଗର ଜ୍ଞାତ ଥିଲେ ସୁଭଦ୍ରା, ଯଶୋଭଦ୍ର ଏବଂ ଯଶୋବାହୁ ଏବଂ ଲୋହ ୧୧୮ ବର୍ଷ ପର୍ଯ୍ୟନ୍ତ ଆଚାରଙ୍ଗର ଜ୍ଞାତା ଭାବରେ ପରିଚିତ ଥିଲେ । ଏହିପରି ଭାବରେ ମହାବୀରଙ୍କ ମୃତ୍ୟୁର ୬୮୩ ବର୍ଷ ପର୍ଯ୍ୟନ୍ତ ଏହି ଆଚାର୍ଯ୍ୟବୃନ୍ଦ ସଂପୃକ୍ତ ସୂତ୍ର ସଂପର୍କରେ ଯଥାର୍ଥ ଜ୍ଞାନର ଅଧିକାରୀ ଥିଲେ ।୧୧୨।

ଏହାପରେ ଧବଳା, ଜୟଧବଳା ବୃନ୍ଦ ଧରସେନାଚାର୍ଯ୍ୟ ଅଙ୍ଗ ଏବଂ ପର୍ବଗୁଡ଼ିକର ଆଂଶିକ ଜ୍ଞାତା ଥିଲେ । କିନ୍ତୁ ନନ୍ଦିସଂଘ ପ୍ରାକୃତ୍ୟ ପଟ୍ଟାବଳୀ ଏହି ମତକୁ ସମର୍ଥନ କରେନାହିଁ । ଏହା ମତରେ ଗୌତମଙ୍କ ଠାରୁ ଲୋହାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଆଚାର୍ଯ୍ୟ ପରମ୍ପର ୫୬୫ ବର୍ଷ ପର୍ଯ୍ୟନ୍ତ ବ[illegible] ରହିଥିଲା । ଏହାପରେ ଅର୍ହଦବଳୀ, ମାଘନନ୍ଦୀ, ଧାରାସେନ, ଭୁତବଳୀ ଏବଂ ପୁଷ୍ପଦନ୍ତ ଗୋଟିଏ ଅଙ୍ଗ ଜାଣିଥିଲେ । ସେମାନେ ଯଥାକ୍ରମେ ୨୮,୧୨, ୧୯, ୩୦ ଏବଂ ୨୦ ବର୍ଷ ଲେଖାଏଁ ରହିଥିବା ପ୍ରକାଶ । ଏହି ହିସାବ ଅନୁଯାୟୀ ଭୁତାବଳୀ ଏବଂ

ପୁଷ୍ପଦନ୍ତ ୬୮୩ ବର୍ଷର ଅନ୍ତର୍ଭୁକ୍ତ ହୁଅନ୍ତି । ବୃହତ୍‌ପଣିକ ।୧୧୩। ଏହି ମତର ସମର୍ଥକ । ଏଥିରେ ମହାବୀରଙ୍କ ମୃତ୍ୟୁର ୬୦୦ ବର୍ଷ ପରେ ଧରସେଣାଚାର୍ଯ୍ୟ ଦ୍ୱାରା ଜଣିପହୁଡ଼ ରଚିତ ହୋଇଥିଲା ବୋଲି ଉଲ୍ଲେଖ ଅଛି ।

(୨) ଅନେକାନ୍ତ ଶାଖା

ସୌଭାଗ୍ୟବଶତଃ ପୁଷ୍ପଦନ୍ତ ଏବଂ ଭୁତବଳି ଷଟ୍‌ଖଣ୍ଡାଗମ୍‌ର ମଳିତଭାବରେ ରଚନା କରିଥିଲେ । ପୁଷ୍ପଦନ୍ତ ଏହାରଆଦ୍ୟ ଅଂଶ ରଚନା କରିଥିବାବେଳେ ଭୁତବଳି ଶେଷ ଅଂଶତକ ରଚନା କରିଥିଲେ । ଗୁଣଧରାଚାର୍ଯ୍ୟ ଖ୍ରୀ.ପୂ. ପ୍ରଥମ ଶତାବ୍ଦିରେ ଜ୍ଞାପପ୍ରବାହପୂର୍ବର ତୃତୀୟ ପେଜଡ଼ ସପ୍ରାବର୍ତ୍ (ବାସ୍ତୁ ଅଧିକାର) ଭିତରେ କଷାୟପହୁଡ଼ ରଚନା କରିଥିଲେ । ଏହି କୃତିଗୁଡ଼ିକରେ ଜୈନ ଦର୍ଶନର ଆଦିରୂପ ଦେଖିବାକୁ ମିଳେ । ଏହାରି ଭିତ୍‌ରେ ଦିଗମ୍ବର ଜୈନ ଆଚାର୍ଯ୍ୟ ଯଥା କୁଣ୍ଡକୁଣ୍ଡ । ଉମାସ୍ୱାତି, ସମନ୍ତଭଦ୍ର ପ୍ରମୁଖ ନିଜର କୃତି ପ୍ରଣୟନ କରିଛନ୍ତି । ଦିଗମ୍ବର ଜୈନଙ୍କ ବିଶ୍ୱାସ ଅନୁଯାୟୀ ଯେଉଁ ସୂତ୍ରାବଳୀ ହଜିଯାଇଛି, ତାହାକୁ ଶ୍ୱେତାମ୍ବର ଜୈନମାନେ ସାଇତି ରଖିଛନ୍ତି ବୋଲି ପୂର୍ବରୁ କୁହାଯାଇଛି । ତେବେ ମୂଳସୂତ୍ରର ଅନୁପସ୍ଥିତିରେ ଦିଗମ୍ବରମାନେ ପୁଷ୍ପଦନ୍ତ, ଭୁତବଳୀ, ଗୁଣଧରାଚାର୍ଯ୍ୟ, କୁଣ୍ଡକୁଣ୍ଡ, ସ୍ୱାମୀ କାର୍ତ୍ତିକେୟ । ଉମାସ୍ୱାତୀ, ବଟ୍ଟକେର ଏବଂ ଶିବାର୍ଯ୍ୟଙ୍କ ସୂତ୍ର କୃତିଗୁଡ଼ିକୁ ସ୍ୱୀକୃତ ପ୍ରଦାନ କରିଛନ୍ତି ।

ବୌଧ୍ ସାହିତ୍ୟରେ ଆଚାର୍ଯ୍ୟ ସୁମତିଙ୍କ ନାମ ଉଲ୍ଲେଖ କରାଯାଇଛି । ଶାନ୍ତରକ୍ଷିତ ତତ୍ୱସଂଗ୍ରହରେ ତାଙ୍କ ସଂପର୍କରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପରୀକ୍ଷା ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ।୧୧୪। ତାଙ୍କର ନିର୍ଦ୍ଦିଷ୍ଟ ସାହିତ୍ୟିକ ଅବଦାନ ସଂପର୍କରେ ଆମକୁ ନିର୍ଦ୍ଦିଷ୍ଟ ଭାବରେ ଜଣାନାହିଁ ।୧୧୫। କିନ୍ତୁ ଉପରୋକ୍ତ ସୂଚନାରୁ ସେ ଜଣେ ଜୈନତାର୍କିକ ଥିଲେ ବୋଲି ସୂଚନା ମିଳେ, ତାଙ୍କ ସମୟ ସଂପର୍କରେ ମୂଳ ସଂଘ-ସେନ-ଆମ୍ନାୟର ଆଚାର୍ଯ୍ୟ ମଲ୍ଲବାଦିଙ୍କର ସେ ଶିଷ୍ୟ ଥିଲେ ବୋଲି କର୍କସୁବର୍ଣ୍ଣ ବର୍ଷ ତାମ୍ରଲେଖରେ ଉଲ୍ଲେଖ ଅଛି ।୧୧୬। ସେହି ଅଭିଲେଖରେ ଅପରାଜିତ ସୁମତିଙ୍କର ଶିଷ୍ୟ ଥିଲେ ବୋଲି ମଧ ଉଲ୍ଲେଖ ଅଛି । ସକ୍‌ସମ୍ବତ୍ ୭୪୩ର ଏହି ତାମ୍ରଲେଖ ଅଟେ । ମଲ୍ଲବାଦି ନିଜର ନୟଚକ୍ରରେ ଧର୍ମକୀର୍ତ୍ତୀଙ୍କ ନାମୋଲ୍ଲେଖ ନକରି ଦିଙ୍ଗ୍‌ନାଗ (୫ମ ଶତାବ୍ଦୀ)ଙ୍କ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ତେଣୁ, ସେ ଦିଙ୍ଗ୍‌ନାଗଙ୍କ ପରେ ଏବଂ ଧର୍ମକୀର୍ତ୍ତି (୭ମ ଶତାବ୍ଦୀ)ଙ୍କ ପୂର୍ବର ହୋଇଥିବା ବିଶ୍ୱାସ ଯୋଗ୍ୟ, ଭଟ୍ଟାଚାର୍ଯ୍ୟ ତାଙ୍କର ସମୟକୁ ପ୍ରାୟ ୭୨୦ ମସିହା ବୋଲି ଦର୍ଶାଇଛନ୍ତି ।୧୧୭।

ତତ୍ୱ ସଂଗ୍ରହରେ ପାତ୍ରକେଶରୀଙ୍କ ନାମୋଲ୍ଲେଖ ରହିଛି । ପତ୍ରକେଶରୀ ।୧୧୯। ନାମରେ ପରିଚିତ ପାତ୍ରସ୍ୱାମୀଙ୍କ ଦ୍ୱାରା ରଚିତ ପ୍ରସିଧ୍ କାରିକା ।୧୧୮।ରୁ ଶାନ୍ତରକ୍ଷିତ ଉଧୃତ ନେଇଛନ୍ତି । ଦିଙ୍ଗ୍‌ନାଗଙ୍କ ମତବାଦ "ତ୍ରିଲକ୍ଷଣହେତୁ" ର ଖଣ୍ଡନ ନିମନ୍ତେ ରଚିତ ତ୍ରିଲକ୍ଷଣ କଦର୍ଥନମ୍‌ର ସେ ରଚୟିତା ଥିଲେ ବୋଲି ବହୁଲେଖକ ।୧୨୦। ମତ ଦେଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପାତ୍ରସ୍ୱାମୀଙ୍କ ନାମ ବିଦ୍ୟାନନ୍ଦ ବୋଲି ପାଠକ ।୧୨୧। ଏବଂ ବିଦ୍ୟାଭୂଷଣ ।୧୨୨। ଭୁଲ ଅଟେ । ସେ ନିଶ୍ଚିତ ଭାବରେ ଜଣେ ଅଲଗା ଲୋକ ଥିଲେ ।୧୨୩। ଶ୍ରମଣ ବେଲା ଗୋଳା ପ୍ରଶସ୍ତି ।୧୨୪। ରେ ଏବଂ କେତେକ ଅଭିଲେଖ ।୧୨୫। ରେ ତାଙ୍କ

ନାମ ସୁମତିଙ୍କ ସହିତ ଦେଖିବାକୁ ମିଳେ । ତେଣୁ ପାତ୍ରସ୍ୱାମୀ ନିଶ୍ଚିତ ଭାବରେ ଦିଙ୍‌ନାଗଙ୍କ ପରେ ଏବଂ ଶାନ୍ତରକ୍ଷିତଙ୍କ ପୂର୍ବରୁ ରହିଥିବେ । ଏହା ଫଳରେ ତାଙ୍କୁ ୬ଷ୍ଠ ଶତାବ୍ଦୀର ଶେଷ ଅଂଶ ଏବଂ ୭ମ ଶତାବ୍ଦୀର ଆଦ୍ୟଭାଗର ଲୋକ ବୋଲି ବିବେଚନା କରାଯିବା ଯୁକ୍ତିସଂଗତ ।୧୨୬। ଶ୍ରୀଦତ୍ । ୧୨୭। (ପୂଜ୍ୟପାଦଙ୍କ ପୂର୍ବବର୍ତ୍ତୀ) ଜଳ୍ପନିର୍ଣ୍ଣୟର ହେତୁର ଅନ୍ୟତମ ରୂପ ଅନ୍ୟଥାନୁପପତି ପ୍ରତିଷ୍ଠା କରିଥିଲେ ।

ଅନେକାନ୍ତଙ୍କ ସମୟରେ ସ୍ୟାଦବାଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମତବାଦ ଭାବରେ ପ୍ରତିଷ୍ଠାଲାଭ କରିଥିଲେ । ଆଚାର୍ଯ୍ୟ କୁନ୍ଦକୁନ୍ଦଙ୍କ ସପ୍ତଭଙ୍ଗୀକୁ ସମନ୍ତଭଦ୍ର, ସିଧ୍‌ସେଣ, ସୁମତି । ପତ୍ରକେଶରୀ ଏବଂ ଶ୍ରୀଦତ୍ ବିକଶିତ କରାଇଥିଲେ । ଜୈନଧର୍ମର ସମସ୍ତ ପ୍ରସଙ୍ଗରେ ପୂର୍ଣ୍ଣାଙ୍ଗ ଆଲୋଚନା କରିବା ଏହି ସମୟର ସର୍ବବୃହତ୍ ଅବଦାନ । ଅନ୍ୟ ଧାର୍ମିକ ଚିନ୍ତାଧାରା ଉନ୍ମେଷ ଓ ବିକାଶ କ୍ଷେତ୍ରରେ ମଧ୍ୟ ଏହା ଏକ ସୁବର୍ଣ୍ଣ ସମୟ ଥିଲା । ଉଦାହରଣସ୍ୱରୂପ : ଏହି ସମୟରେ ବୈଦିକ ଦାର୍ଶନିକଗଣ ନ୍ୟାୟଭାଷ୍ୟ, ଯୋଗଭାଷ୍ୟ ପ୍ରଭୃତି ରଚନା କରିଥିଲେ । ନାଗାର୍ଜ୍ଜୁନ ଏବଂ ଦିଙ୍‌ନାଗଙ୍କ ପରି ବୌଧ୍‌ତାର୍କିକ ମାନେ ବେଦ ଏବଂ ସମସାୟିକ ଅନ୍ୟ ଦାର୍ଶନିକ ମତବାଦର ଖଣ୍ଡନ କରି ନିଜ ମତବାଦର ପ୍ରତିଷ୍ଠାରେ ମଗ୍ନ ଥିଲେ ।

୩. ପ୍ରମାଣ ଶାଖା

ଏହି ସମୟ ଅନ୍ୟତମ ବୈପ୍ଳବିକ ମତାବଦ ହେଉଛି ପ୍ରତ୍ୟକ୍ଷବାଦ । ଯେତେବେଳେ ପ୍ରାଚୀନତର ଆଗମ ପରମ୍ପରା ପ୍ରତ୍ୟକ୍ଷକୁ ପ୍ରତ୍ୟକ୍ଷବୋଧ ଭାବରେ ଗ୍ରହଣ କରିଥିଲାବେଳେ ନୂଆମତର ପ୍ରବର୍ତ୍ତନମାନେ ତାହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ଇନ୍ଦ୍ରିୟମାନେ ପ୍ରୟୋଗସଧ୍ ଅଭିଜ୍ଞତା ଉପରେ ନିର୍ଭରଶୀଳ ହୋଇଥିବାରୁ ପ୍ରତ୍ୟକ୍ଷବୋଧ ବା ଅନୁଭବ ବୋଲି କିଛି ନାହିଁ । ଇନ୍ଦ୍ରିୟ ଦ୍ୱାରା ଅବବୋଧକୁ ଇନ୍ଦ୍ରିୟ ପ୍ରତ୍ୟକ୍ଷ ଏବଂ ମାନସିକ ଧାରଣା ଦ୍ୱାରା ଅନୁଭୂତିକୁ ଅନିନ୍ଦ୍ରିୟ ପ୍ରତ୍ୟକ୍ଷ ବୋଲି ତେଣୁ କୁହାଯିବା ଉଚିତ୍ । ଅନ୍ୟ ପ୍ରମାଣଗୁଡ଼ିକୁ ପରୋକ୍ଷ ପ୍ରମାଣର ଅନ୍ତର୍ଭୁକ୍ତ କରାଯାଇଛି । ଜିନଭଦ୍ର କ୍ଷମାଶ୍ରମର (୬ଷ୍ଠ ଶତାବ୍ଦୀ) ପ୍ରଥମଥର ପାଇଁ ପ୍ରମାଣକୁ ବିଧିବଧ୍ ଭାବରେ ଦୁଇ ଭାଗରେ ବିଭକ୍ତ କରିଥିଲେ । (୧) ସମବ୍ୟବହାରିକ ପ୍ରତ୍ୟକ୍ଷ ଏବଂ (୨) ପାରମାର୍ଥିକ ପ୍ରତ୍ୟକ୍ଷ ।୧୨୮। ଉଲ୍ଲେଖଯୋଗ୍ୟ ଯେ ସମ୍ବ୍ୟବହା ଶବ୍ଦଟିମୂଳକୁ ବିଜ୍ଞାନବାଦୀ ବୌଧ୍ ମାନଙ୍କର ।

ନିଜ ନିଜର ମତବାଦର ପ୍ରତିଷ୍ଠା ନିମନ୍ତେ ତାର୍କିକ ଆଲୋଚନାର ଆୟୋଜନ କରିବା ଏହି ସମୟର ବିଶେଷତ୍ୱ ଥିଲା । ଧମ୍ମପାଳଙ୍କ ସମୟରେ ଏହିକାମ ପାଇଁ ନାଳନ୍ଦା ବୌଧ୍ ବିଶ୍ୱବିଦ୍ୟାଳୟ ପ୍ରସିଧି ଅର୍ଜ୍ଜନ କରିଥିଲା । ତାଙ୍କର ଛାତ୍ର ଧର୍ମକୀର୍ତ୍ତି ଏବଂ ଅନ୍ୟମାନେ ନିଜ ମତର ବିରୋଧୀମାନଙ୍କ ସହିତ ଦାର୍ଶନିକ ବିତର୍କରେ ଲିପ୍ତ ଥିଲେ । ଅନ୍ୟ ଦର୍ଶନମାନଙ୍କ ତୁଳନାରେ କେତେବେଳେ ବୌଧ୍ ଦର୍ଶନର ଅଧିକ ନିକଟତର ଥିବା ଜୈନ ଦର୍ଶନ ମଧ୍ୟ କିଛି ପରିମାଣର ସମାଲୋଚନାର ସମ୍ମୁଖୀନ ହୋଇଥିଲା । ଅନେକାନ୍ତବାଦ ଓ ବାସ୍ତବତାର ଯେଉଁ ଦ୍ୱୈତ ଚରିତ୍ର କଥା କୁହାଯାଇଛି, ତାହାକୁ ମୁଖ୍ୟତଃ ବିରୋଧ କରାଯାଇଥିଲା । ଏଥିରେ ସମସ୍ତ ଏକ ତରଫା ଚିନ୍ତାଧାରାକୁ ଏକତ୍ର କରିବାକୁ ଉଦ୍ୟମ ହୋଇଥିଲା । ଧର୍ମକୀର୍ତ୍ତିଙ୍କ ପ୍ରମାଣ ବର୍ତ୍ତିକା ଏବଂ

ଦେବେନ୍ଦ୍ର ମତିଙ୍କ ରଚିତ ଏହାର ଭାଷ୍ୟ ପ୍ରମାଣବର୍ତ୍ତିକା, ଟୀକା, ପ୍ରଜ୍ଞାକର ଗୁପ୍ତଙ୍କ ହେତୁ ବିନ୍ଦୁଟୀକା, ଏବଂ ଅନ୍ୟାନ୍ୟ ବୌଧ୍ ଦାର୍ଶନିକମାନଙ୍କର ବହୁକୃତି କୁମାରିଲ, ଈଶ୍ୱରସେଣ ଏବଂ ମଣ୍ଡନମିଶ୍ରଙ୍କ ବୈଦିକ ମତ ତଥା ଉମାସ୍ୱାମୀ, ସମନ୍ତଭଦ୍ର ଏବଂ ସିଧ୍ସେଣଙ୍କ ପରି ଜୈନ ଗୁରୁମାନଙ୍କ ଦୃଷ୍ଟିକୋଣକୁ ଖଣ୍ଡନ କରିବା ସକାଶେ ରଚିତ ହୋଇଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆଚାର୍ଯ୍ୟ ଅକଳଙ୍କ ଏବଂ ହରିଭଦ୍ର ଜୈନଧର୍ମର ବିରୋଧୀମାନଙ୍କ ବିରୋଧରେ ବିତର୍କ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ ।

ହରିଭଦ୍ର ୭୨୦ ରୁ ୮୧୦ ଖ୍ରୀଷ୍ଟାବ୍ଦର ଏବଂ ଅକଳଙ୍କ ୭୨୦ ରୁ ୭୮୦ ଖ୍ରୀଷ୍ଟାବ୍ଦର ଲୋକ ବୋଲି ମହେନ୍ଦ୍ର କୁମାର ପ୍ରମାଣ କରିଛନ୍ତି । ଏହି ଦୁଇ ମହାନ୍ ଦାର୍ଶନିକ ଜୈନ ଧର୍ମକୁ ସୁରକ୍ଷା ପ୍ରଦାନ କରିବା ସହିତ ଯଥା ସମୟରେ ସାଦବାଦ ଏବଂ ଅହିଂସା ଭିତ୍‌ରେ ଏକ ଜୈନଦର୍ଶନର ଭାବଧାରା ଗଢ଼ିତୋଳିଲେ ।୧୨୯।

ବୌଧ୍ ସାହିତ୍ୟରେମାତ୍ର ଥରେ (ଡ଼ି.ଏଚ୍.ପି., ପଢ-୨୪୬) ଉଚ୍ଚାରିତ ହୋଇଥିବା ଅକଳଙ୍କଙ୍କର ବ୍ୟକ୍ତିତ୍ୱ ଅତି ମହତ୍ୱପୂର୍ଣ୍ଣ ଅଟେ । ତାଙ୍କର ସାରସ୍ୱତ ଅବଦାନ ଅତି ଗଭୀର ଓ ବ୍ୟାପକ । ତାଙ୍କର ସମସ୍ତ କୃତି ତତ୍ୱାର୍ଥବାହର୍ତ୍ତିକ, ଅଷ୍ଟସତୀ, ଲଘ୍ୟସ୍ତ୍ରୟ ସ୍ୱବୃତ୍ତି, ନ୍ୟାୟବନିଶ୍ଚୟ ସବିବୃତ୍ତି ସିଧିବିନିଶ୍ଚୟ, ପ୍ରମାଣ ସଂଗ୍ରହଣ ଇତ୍ୟାଦି, ତାଙ୍କର ଅନ୍ତର୍ଭେଦୀ ମନର ଆବେଗପୂର୍ଣ୍ଣ ଏବଂ ଜୈନ ମତର ଅସାଧାରଣର ପ୍ରମାଣ ଅଟନ୍ତି । ବୌଧ୍ ମାନଙ୍କ ଦ୍ୱାରା ବିଭ୍ରାନ୍ତିର ଶିକାର ହେଉଥିବା ଜନସାଧାରଣଙ୍କୁ ସାହାଯ୍ୟ କରିବାପାଇଁ ତାଙ୍କର ହୋଇଥିଲା ଶୌର୍ଯ୍ୟମୟ ଆବିର୍ଭାବ । ନିଜର ରଚନାବଳୀରେ ସେ ବୌଧ୍ ମାନଙ୍କ ବିରୁଧିରେ କଟୁ ବିଦ୍ରୁପ କରୁଥିଲେ । ବିଶେଷ ଧର୍ମକୀର୍ତ୍ତିଙ୍କ ସ୍ୟାଦବାଦର ଭ୍ରାନ୍ତ ଆଲୋଚନାର ଠିକଣା ଜବାବ୍ ସେ ଦେଉଥିଲେ ।୧୩୦। ହରିଭଦ୍ର ଏବଂ ତାଙ୍କର କୃତି ଯଥା - ଶାସ୍ତ୍ରବାର୍ତ୍ତା ସମୁଚ୍ଚୟ, ଅନେକାନ୍ତ ଜୟପତାକା ଏବଂ ଅନେକାନ୍ତାବଦ ପ୍ରବେଶ ମଧ୍ୟ ସାମନ ଗୁଣସଂପନ୍ନ ଥିଲେ । ପରବର୍ତ୍ତୀ ଜୈନ ଦର୍ଶନବିତ୍ ମାନେ ଅକଳଙ୍କ ଏବଂ ହରିଭଦ୍ରଙ୍କର ଦର୍ଶନକୁ ନିଜ ଅନୁସାରେ ଚିତ୍ରଣ କରିଥିଲେ ।

ଏହିପରି ଭାବରେ ପ୍ରମାଣ ଶାଖା ଦେଖିଲା । ଅନେକ ନୂଆ ଦାର୍ଶନିକ ତତ୍ୱ ଓ ସିଧାନ୍ତର ପ୍ରତିଷ୍ଠାକୁ । ସ୍ୟାଦବାଦ ଏବଂ ପ୍ରମାଣର ତତ୍ୱକୁ ପରବର୍ତ୍ତୀ ସମୟରେ ଅକଳଙ୍କ ଏବଂ ତାଙ୍କର ଅନୁଗାମୀମାନଙ୍କ ଦ୍ୱାରା ଅଧିକ ବିକାଶିତ ହେଲା ଏବଂ ସେମାନେ ସ୍ୟାଦବାଦ କଟୁ ସମାଲୋଚକମାନଙ୍କୁ ତାହାରି ନୀତି ଆଧାରରରେ ପରାସ୍ତ କରିଥିଲେ ।

ଏହାହିଁ ହେଉଛି ଜୈନ ଦର୍ଶନ ସାହିତ୍ୟର ସଂକ୍ଷିପ୍ତରୂପ । ଏହା ମନେରଖିବାକୁ ହେବଯେ ଜୈନ ସାହିତ୍ୟ ହେଉଛି ବୈଦିକ ଏବଂ ବୌଧ୍ ସାହିତ୍ୟର ପରବର୍ତ୍ତୀ । ବୈଦିକ ଏବଂ ବୌଧ୍ ଦାର୍ଶନିକମାନେ ବିତର୍କରେ ମଗ୍ନଥିବା ଅବସ୍ଥାରେ ଜୈନ ସାହତ୍ୟର ଲିଖନ ଆରମ୍ଭ ହୋଇଥିଲା । ତେଣୁ ଏହା ସେମାନଙ୍କ ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଜୈନ ଦାର୍ଶନିକମାନେ ବହୁ ବୌଧ୍ ଦାର୍ଶନିକମାନଙ୍କର ସଂସ୍ପର୍ଶରେ ଆସିଲେ । ବୌଧ୍ ସିଧାନ୍ତକୁ ଖଣ୍ଡନ କରିବାରେ ଜୈନ ସାହିତ୍ୟର ସିଂହଭାଗଟି ସଂପୃକ୍ତ ରହିବା ପଛରେ ଏହାହିଁ କାରଣ ଅଟେ ।

### ଜୈନ ଧର୍ମର ପ୍ରସାର

ପାଲି ସାହିତ୍ୟରେ ମୁଖ୍ୟତ ଉତ୍ରା□ଳ କଡା କୁହାଯାଇଛି ଯେଉଁଠି କି ବୌଧ୍ ଧର୍ମ ଜନ୍ମଲାଭ କରିଥିଲା ଏବଂ ବିକଶିତ ହୋଇଥିଲା । ବୌଧ୍ ସାହିତ୍ୟରେ ଇତଃସ୍ତତଃ ଭାବରେ ଜୈନଧର୍ମ ସଂପର୍କରେ ଯେଉଁ ତଥ୍ୟମିଳେ, ସେଥିରୁ ବୁଧ୍ଙ୍କ ସମୟରେ ଜୈନ ଧର୍ମର ପ୍ରସାର ସଂପର୍କରେ ଆଭାସ ମିଳିଥାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବୁଧ୍ ନିଜର ପ୍ରଚାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜୈନଧର୍ମ ଭାରତର ବିଭିନ୍ନ ଅ□ଳରେ ପ୍ରସାରଲାଭ କରିସାରିଥିଲା । କିନ୍ତୁ ପାଲିସାହିତ୍ୟ ଜୈନ ସିଧାନ୍ତକୁ ଅବିକଳ ଉଲ୍ଲେଖନକରି କେବଳ ବୁଧ୍ ଯେଉଁ ଜୈନଧର୍ମ ଅନୁରାଗୀମାନଙ୍କ ସହିତ ଆଲୋଚନା କରିଥିଲେ । କେବଳ ସେହିମାନଙ୍କ ସଂପର୍କରେ ହିଁ ଉଲ୍ଲେଖ କରିଛି ।

ମଗଧ ସବୁପ୍ରକାର ନୂଆ ମତବାଦର ବା ନାସ୍ତିକ ଗୁରୁଙ୍କ ପ୍ରଚାରର ମୁଖ୍ୟ କେନ୍ଦ୍ର ଥିଲା ।୧୩୧। ବୁଧ୍ ମଧ୍ୟ ତାହାକୁ ନିଜର ପ୍ରଚାର ପାଇଁ ବାଛିଥିଲେ । ରାଜଗହ ଏବଂ ନାଳନ୍ଦାରେ ବୁଧ୍ଙ୍କୁ ନିଜର ଅତିବଳବାନ ପ୍ରତିଦ୍ୱନ୍ଦୀଭାବରେ ନିଗନ୍ଥମାନଙ୍କୁ ମୁକାବିଲା କରିବାକୁ ହୋଇଥିଲା । ବିମ୍ବିସାର ଏହି ଉଭୟ ଧର୍ମ ସପକ୍ଷରେ ଥିଲେ ବୋଲି ମନେ କରାଯାଏ, ରାଜଗହରେ ଇସିଗିଲି ପବର୍ତ ପଟେଥିବା କାଳିଶଳି ଉପରେ ଜୈନ ସାଧୁମାନେ ଅତୀତ କର୍ମର ମୂଳୋତ୍ପାଟନ କରି ନିର୍ବାଣ ପ୍ରାପ୍ତି ନିମନ୍ତେ ଆତ୍ମଇନ୍ଦ୍ରିୟ ନିଗ୍ରହର କଠୋର ସାଧନାରେ ବ୍ରତୀ ଥିବା ବେଳେ ସେମାନଙ୍କ ସହିତ ବୁଧ୍ଙ୍କର ସାକ୍ଷାତ ହୋଇଥିଲା । ବୁଧ୍ ସେମାନଙ୍କ ଦୃଷ୍ଟିଭଙ୍ଗୀ ବିରୁଧ୍ରେ ସେମାନଙ୍କୁ କୌଣସି ମତ ବୁଝାଇ ପାରିଲେ ନାହିଁ ।୧୩୨। କିନ୍ତୁ ସେ ଉପାଳି ଗହପତି ।୧୩୩। ଅଭୟ ରାଜକୁମାର ।୧୩୪, ଏବଂ ଅସିବଧିକପୁତ୍ ଗାମିନି ।୧୩୫।ଙ୍କ ଚିନ୍ତାଧାରା ବଦଳାଇବାକୁ ସକ୍ଷମ ହୋଇଥିଲେ । ସେମାନେ ସମସ୍ତେ ନଗନ୍ଥନାତପୁତ୍ଙ୍କ ଶିଷ୍ୟ ଥିଲେ । ବୁଧ୍ ଯଦିଓ ଦିଘତପସ୍ତସି ନାମକ ଜୈନ ସାଧୁ ନିଜ ସପକ୍ଷରେ ହୃଦ୍‌ବୋଧ କରାଇପାରିଥିଲେ, ତଥାପି ସେ ଧର୍ମ ପରିବର୍ତ୍ନ କରିନଥିଲେ ବୋଲି କୁହାଯାଏ । (ଏମ୍. ଆଇ. ୩୭୧) ନିଗ୍ରଧ ଅଜୀବକବାଦର ଅନୁଗାମୀ ଥିଲେ । ସେ ଜୈନ ଧର୍ମର ଚତୁଯାମ ସମ୍ବର ସହିତ ସନ୍ନ୍ୟାସୀ ଧର୍ମର ଅଭ୍ୟାସ କରୁଥିଲେ । ସେ ଜୈନ ଧର୍ମର ଅନୁଗାମୀ ଏବଂ ଅଜୀବକବାଦର ସମର୍ଥକ ଥିଲେ । ସେ ଯାହ ହେଉ ସେ ମଧ୍ୟ ବୌଧ୍ ଧର୍ମରେ ଦୀକ୍ଷିତ ହୋଇନଥିଲେ ।୧୩୬। ଉପରୋକ୍ତ ଘଟଣା ସମୂହର ରାଜଗହ ଏବଂ ନାଳନ୍ଦାରେ ଘଟିଥିଲା । ଏଠାରେ ବୁଧ୍ ଦେଇଥିବା ଧର୍ମୋପଦେଶ ଶିକ୍ଷା (ଉପଦେଶ)ର ଖଣ୍ଡନ କରି ଦିଆଯାଇଥିଲା । ଏଥିରୁ ଜଣାପଡ଼େ ଯେ ମଗଧରେ ଜୈନଧର୍ମର ସ୍ଥିତି ଅତି ଦୃଢ଼ ଥିଲା । ନିଗନ୍ଥନାତପୁତ୍ଙ୍କ ଅନୁଗାମୀମାନଙ୍କ ଉପରେ ବିଜୟଲାଭ କରିନପାରିବା ଘଟଣା ମଧ୍ୟ ଏହାର ଅନ୍ୟ ଏକ ପ୍ରମାଣ ।

ବୁଧ୍ଙ୍କ ସମୟରେ କୋଶଳକୁ ପସେନଦି ଶାସନ କରୁଥିଲେ । ସେ ସମସ୍ତ ଛଅଜଣଯାକ ତିଥିୟଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ୧୩୭। ବୁଧ୍ କୋଶଳରେ ୨୧ ବର୍ଷ ଅବସ୍ଥାନ କରିଥିଲେ । ଏହା ସହିତ ସେ ଏହି ସ୍ଥାନକୁ ଅନେକଥର ଯାତ୍ରା କରିଥିଲେ । ନିଗନ୍ଥ ନାତପୁତ୍ଙ୍କର ମଧ୍ୟ ଏଠାରେ ବହୁସଂଖ୍ୟକ ଶିଷ୍ୟ

ରହିଥିଲେ । ସାବ□ ଏବଂ ସାକେତ ହେଉଛି ସେହି ଦୁଇଟି ପ୍ରମୁଖ ସ୍ଥାନ, ଯେଉଁଠାରେ ବୁଧ୍ ଜୈନମାନଙ୍କୁ ଭେଟୁଥିଲେ ।

ସାବ□ରେମିଗାର ନାମକ ଜଣେ ଅତିଧନୀ ସେଟ୍ ରହୁଥିଲେ । ସେ ଜୈନଧର୍ମର କଠୋର ଅନୁଗାମୀ ଥିଲେ । ତାଙ୍କର ପୁତ୍ର ବଧୁ ବିଶାଖା ସମ୍ଭବତଃ ବୌଧ୍ ଧର୍ମର ଅନୁଗାମୀ ଥିଲେ । ସମ୍ଭବତଃ ସେ ନିଜ ଶ୍ୱଶୁର ମିଗାର ଏବଂ ପରିବାରର ଅନ୍ୟମାନଙ୍କୁ ବୌଧ୍ ଧର୍ମରେ ଦୀକ୍ଷିତ ହେବାକୁ ପ୍ରବର୍ତ୍ତାଇଥିଲେ ।୧୩୮। ସାକେତରେ ଅବସ୍ଥାନ କରୁଥିବା ଅନାଥ ପଣ୍ଡିତକଙ୍କ ଜ୍ୱାଇଁ କାଳକନାମକ ଅନ୍ୟ ଜଣେ ସେଟୀ ନିଗନ୍ଥ ନାତପୁତ୍ଙ୍କୁ ଛାଡ଼ି ବୌଧ ଧର୍ମ ଗ୍ରହଣ କରିଥିଲେ ।୧୩୯।

ରାଜନୈତିକ କ୍ଷେତ୍ରରେ ଶାକ୍ୟମାନେ ସ୍ୱତନ୍ତ୍ର ସତ୍ାର ଅଧିକାରୀ ଥିଲେ । କପଳିବସ୍ତୁ ବୁଧଙ୍କ ଜନ୍ମସ୍ଥାନ ଥିଲା । କିନ୍ତୁ ଶାକ୍ୟମାନେ ତାଙ୍କର ସିଧାନ୍ତର ଦୃଢ଼ ସମର୍ଥକ ନଥିଲେ । ଅନ୍ୟ ପକ୍ଷରେ ବୁଧଙ୍କ ପିତାମାତା ଏବଂ ଜନସାଧାରଣ ପାର୍ଶ୍ୱନାଥ ପରମ୍ପରାର ଅନୁଗାମୀ ହୋଇଥିବାରୁ ଜୈନ ଧର୍ମ ସେଠାରେ ଲୋକପ୍ରିୟତା ହାସଲ କରିଥିଲା । କିନ୍ତୁ, ବୁଧ୍ ଏବଂ ତାଙ୍କର ଅନୁଗାମୀ ମାନେ ଲୋକମାନଙ୍କୁ ସେମାନଙ୍କ ବିଶ୍ୱାସ ବଦଳାଇବାକୁ ଚେଷ୍ଟା କରିଥିଲେ । ବୁଧଙ୍କ ଜଣେ ସଂପର୍କୀୟ ବୋଲି ମନେ କରାଯାଉଥିବା “ମହାନାମ’ ନିଗନ୍ଥନାତପୁତ୍ଙ୍କ ଧର୍ମର ଜଣେ ଅନୁଗାମୀ ଥିଲେ । ବୁଧ୍ ତାଙ୍କୁ କୃଚ୍ଛସାଧନାର ନିରର୍ଥକତା ସଂପର୍କରେ ଦର୍ଶାଇ ତାଙ୍କୁ ବୌଧ ଧର୍ମରେ ଦୀକ୍ଷିତ କରିବାକୁ ଉଦ୍ୟମ କଲେ । ୧୪୦। ଏବଂ ଶେଷରେ ତାହା କରିବାକୁ ସକ୍ଷମ ହେଲେ । ତେଣୁ ଉଭୟ ଚୁଳ - ଦୁଖନ୍ଦ ସୂତ୍ ଏବଂ ସେଖସୂତ୍ ମହାନାମଙ୍କୁ ଶିକ୍ଷା ଦିଆଗଲା ।

ଜୈନ ମିଶନାରୀ କାର୍ଯ୍ୟ କ୍ଷେତ୍ରରେ ଦେବଦହକୁ ଗୁରୁତ୍ୱପୂର୍ଣ୍ଣ ସହର ଭାବରେ ବିବେଚନା କରାଯାଇଥିଲା । ଏଠାରେ ମଧ ନିଗନ୍ଥ ନାତପୁତ୍ଙ୍କ କମ୍ପତତ୍ୱକୁ ବୁଧ୍ ଖଣ୍ଡନ କରିଥିଲେ ।୧୪୧। କିନ୍ତୁ ବୁଧଙ୍କ ମାମୁ ବପ୍ପସାକ୍ୟ ।୧୪୨। ମୋଗଲାନଙ୍କ ଦ୍ୱାରା ବୌଧ୍ ଧର୍ମର ଦୀକ୍ଷିତ ହେବା ବ୍ୟତୀତ ଅନ୍ୟ କେହି ହେଲେ ଜୈନ ଧର୍ମ ତ୍ୟାଗ କରିଥିବା କଥା ନିକାୟମାନଙ୍କରେ ଦେଖିବାକୁ ମିଳେ ନାହିଁ । ବୁଧ୍ ନିଗନ୍ଥ ନାତପୁତ୍ଙ୍କ ଅନୁଗାମୀମାନଙ୍କର ବୌଧ୍ ଧର୍ମ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ନିୟମ କରିଥିବା ଘଟଣାରୁ କେତେକ ନିର୍ଗ୍ରନ୍ଥ ବୌଧ ଧର୍ମ ଗ୍ରହଣ କରିଥିବା ସୂଚିତ ହୁଏ ।

ଲିଛବୀରେ ସେତେବେଳେ ଗଣତାନ୍ତ୍ରିକ ଶାସନ ଚାଲୁଥିଲା । ବୈଶାଳୀ ଏହାର ରାଜଧାନୀ ଥିଲା । ପାର୍ଶ୍ୱନାଥଙ୍କ ସମୟରୁ ଏହା ଜୈନ ଧର୍ମର କେନ୍ଦ୍ରସ୍ଥଳୀ ଥିଲା ।୧୪୩। ନିଗନ୍ଥନାତପୁତ୍ ଏବଂ ତାଙ୍କର ନାତ ଗୋଷ୍ଠୀ ଲିଚ୍ଛବି ମାନଙ୍କ ସହିତ ନିବିଡ଼ ସଂପର୍କ ରଖିଥିଲେ । ନିଜର ଏହି ବାସସ୍ଥଳୀ ବୈଶାଳୀରେ ତାଙ୍କର ଖୁବ୍ ପ୍ରଭାବ ଥିଲା । ପ୍ରଚାର କାର୍ଯ୍ୟ ଭିତରେ ଜୈନ ଧର୍ମ ସେହି ସ୍ଥାନରେ ପ୍ରଚାରରତ ବୌଧ୍ ମାନଙ୍କ ସଂସ୍ପର୍ଶରେ ଆସିଲା, ଜୈନ ଧର୍ମର ବିଶିଷ୍ଟ ପ୍ରଚାରକ ସଚ୍ଚକ ।୧୪୪।ଙ୍କୁ ବୁଧ୍ ଏକ ଧାର୍ମିକ ବିତର୍କରେ ପରାସ୍ତ କଲେ । ସଲ୍ୟକଙ୍କ ପିତାମାତା ମଧ ଜୈନଧର୍ମର ଅନୁଗାମୀ ଥିଲେ ।୧୪୫। ଅନ୍ୟପକ୍ଷରେ ଅଭୟ ଏବଂ ପଣ୍ଡିତକୁ ପାରା ।୧୪୬। ନିଜ ବିରୋଧୀପକ୍ଷର ଉତ୍ର ପ୍ରଦାନର ସନ୍ତୁଷ୍ଟ ନଥିଲେ ।୧୪୭। ଲିଚ୍ଛବିର ସିହନାମକ ଜଣେ

ସୋନପତି  ବୁଧ୍ଙ୍କ ପ୍ରବଚନରେ ପ୍ରଭାବିତ ହୋଇଥିଲେ ଏବଂ ପରେ ତାଙ୍କର ଅନୁଗାମୀ ପାଲଟି ଯାଇଥିଲେ । ନିଗନ୍ଥମାନଙ୍କ ସକ୍ରିୟ ବିରୋଧ ସତ୍ୱେ ବୁଧ୍ ଲିଚ୍ଛବିକୁ ଏକ ନୂତନ ଧର୍ମ ସ୍ଥଳୀରେ ପରିଣତ କରିବାପାଇଁ ନିଜର ଉଦ୍ୟମ ଜାରି ରଖିଥିଲେ ।

ମଲ୍ଲମାନେ ମଧ ଲିଚ୍ଛବିଙ୍କ ପରି ସାର୍ବଭୌମ୍ୟ ଆଦିମ ଜାତି ଥିଲେ । ସେମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲେ । ଯଥା - ପାଭାର ମଲ୍ଲ ଏବଂ କୁସନାରାର ମଲ୍ଲ । ସେମାନେ ଜୈନ ଓ ବୌଧ୍ ଉଭୟଙ୍କୁ ଗ୍ରହଣ କରିଥିଲେ । ପାଭାଠରେ ନିଗନ୍ଥ ନାତିପୁତ୍ ନିର୍ବାଣ ଲାଭ କରିଥିଲେ ।୧୪୮। ମଲ୍ଲ ଏବଂ ଲିଚ୍ଛବୀମାନେ ସେହି ସ୍ଥାନକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାଟିପାତ୍ର ଆଚ୍ଛାଦିତ କରିଦେଇଥିଲେ । ଏଥିରୁ ମଲ୍ଲମାନଙ୍କର ଜୈନଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କଥାଟି ପ୍ରମାଣିତ ହୋଇଥାଏ ।

ଜୈନମାନେ ବାରଣାସୀ, ମିଥିଳା, ସଂହଭୂମି, କୌଶାମ୍ବି ଏବଂ ଅବନ୍ତୀ ଇତ୍ୟାଦି ସ୍ଥାନରେ ନିଜର ପ୍ରଚାର କାର୍ଯ୍ୟ ଚଳାଇଥିଲେ ।  କିନ୍ତୁ ପାଲି ସାହିତ୍ୟରେ ଏସବୁ ସ୍ଥାନରେ ଜୈନ କାର୍ଯ୍ୟକଳାପ ସଂପର୍କରେ କୌଣସି ତଥ୍ୟ ମିଳେନାହିଁ । କେବଳ ଜ୍ଞାନ ଲାଭ କରିବା ପରେ ପରେ ନିଗନ୍ଥନାତପୁତ୍ ବିହାର, ଉତ୍ତର ପ୍ରଦେଶ ଏବଂ ବଙ୍ଗର କେତେକାଂଶ ପ୍ରଚାର କାର୍ଯ୍ୟରେ ଭ୍ରମଣ କରିଥିଲେ । ବୈଶାଳୀର ରାଜା ତଥା ତାଙ୍କର ମାମୁ ଚେତକ ଏବଂ ତାଙ୍କର ଜାମାତା ଉଦୟନ, ଦଧିବାହନ ସାତନିକ, ଚଣ୍ଡ ପ୍ରଦ୍ୟୋତ, ନନ୍ଦିବର୍ଧନ ଏବଂ ବିମ୍ବିସାର ତାଙ୍କୁ ପ୍ରଚୁର ସହଯୋଗ କରିଥିଲେ ।

**ମହାବୀରଙ୍କ ପରେ**

ମହାବୀରଙ୍କ ପରିନିର୍ବାଣ ପରେ ଜୈନ ଧର୍ମ ସାଥି ସୁନାଗ ବଂଶ, ନନ୍ଦବଂଶ, ଖାରବେଳ, ମୌର୍ଯ୍ୟ ବଂଶ, ସାତବାହନ ବଂଶ, ଗୁପ୍ତ ବଂଶ, ପରମାରବଂଶ, ଚନ୍ଦେଲବଂଶ ଏବଂ ଅନ୍ୟମାନଙ୍କ ର ପୃଷ୍ଠପୋଷକତା ଲାଭ କରିଥିଲା । ସେମାନଙ୍କ ମଧ୍ୟରୁ କେତେକ ଜୈନ ଧର୍ମର ଅନୁଗାମୀ ଥିଲେ । ଅନ୍ୟମାନେ ଏହାର ସାହିତ୍ୟିକ ଏବଂ ସାଂସ୍କୃତିକ କାର୍ଯ୍ୟର ବିକାଶ ନିମନ୍ତେ ସମସ୍ତ ପ୍ରକା ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ । ଦକ୍ଷିଣ ଭାରତ ମଧ ଜୈନ ଧର୍ମର ବିରାଟ କେନ୍ଦ୍ରସ୍ଥଳୀ ଥିଲା । ଭଦ୍ରବାହୁ ଏବଂ ବିଶାଖାଚାର୍ଯ୍ୟ ନିଜର ଅନୁଗାମୀଙ୍କ ସହିତ ଦକ୍ଷିଣକୁ ଯାତ୍ରା କରି ବ୍ୟାପକ ପ୍ରଚାର କାର୍ଯ୍ୟ ଚଳାଇଥିଲେ । ଆନ୍ଧ୍ରର ସାତବାହନ, ପଲ୍ଲବ, ପାଣ୍ଡ୍ୟ, ଚୋଳ, ରାଷ୍ଟ୍ରକୂଟ ଇତ୍ୟାଦି ଏହି ଅ□ଳରେ ଧାର୍ମିକ ସହନଶୀଳତାର ପରିଚୟ ଦେଇ ଜୈନଧର୍ମ ଏବଂ ତାହାର ଅନୁଗାମୀମାନଙ୍କୁ ସମସ୍ତ ପ୍ରକାର ରାଜପୃଷ୍ଠପୋଷକତା ଓ ସୁଯୋଗ ପ୍ରଦାନ କରିଥିଲେ । ଜୈନମାନଙ୍କୁ ସେମାନଙ୍କ ଧାର୍ମିକ କାର୍ଯ୍ୟ ନିମନ୍ତେ ପ୍ରଚୁର ଅନୁଦାନ ଦିଆଯାଇଥିଲା । ରାଜନ୍ୟବୃନ୍ଦ ଭବ୍ୟ ଦୈବି ମନ୍ଦିର ଏବଂ ସ୍ଥାପତ୍ୟ ନିର୍ମାଣ କରିଥିଲେ । ସାରା ଭାରତରେ ଜୈନ ସାହିତ୍ୟ କାର୍ଯ୍ୟ ପାଇଁ ବହୁ ସହାୟତା ଦିଆଯାଇଥିଲା । ଏହା ଫଳରେ ଜୈନ ଆର୍ଯ୍ୟମାନେ ସେମାନଙ୍କର ବହୁ କୃତି ସଂସ୍କୃତ, ପ୍ରାକୃତ, ତାମିଲ୍ ତେଲୁ, କନ୍ନଡ଼, ଅପ୍ରଭଂଶ ଏବଂ ଆଧୁନିକ ଭାରତୀୟ ଭାଷାରେ ରଚନା କରିଥିଲେ ।

**ଶ୍ରୀଲଙ୍କାରେ ଜୈନ ଧର୍ମ**

ଶ୍ରୀଲଙ୍କା (ସିଂହଳ)ରେ ପୂର୍ବରୁ ନହେଲେ ସୁଧା ପ୍ରାୟ ୮ମ ଶତାବ୍ଦୀରେ ଜୈନ ଧର୍ମ ଭାରତ ପାରହୋଇ ପ୍ରବେଶ କରିଥିଲା ଏବଂ ଅନ୍ୟତମ ପ୍ରମୁଖ ଧାରାରେ ପରଚିତ ହୋଇଥିଲା । ସେହି ସମୟରେ ଲଙ୍କାର ରତ୍ନଦ୍ୱୀପ ବା ସିଂହଳ ନାମରେ ଏହା (ଶ୍ରୀଲଙ୍କା) ପରିଚିତ ଥିଲା ।୧୪୯। ପାଲି ଭାଷାରେ ରଚିତ ଅତିପ୍ରସିଧ୍ ଏବଂ ନିର୍ଭରଯୋଗ୍ୟ ସିଂହଳୀ ଇତିହାସ "ମହାବଂଶ'ରେ ବୌଧ୍ଧର୍ମ ଶ୍ରୀଲଙ୍କାରେ ପହ□ିବା ପୂର୍ବରୁ ଜୈନଧର୍ମ ତିଷ୍ଠି ରହିଥିବା କଥା ଉଲ୍ଲେଖ ଅଛି । ସେଠାକାର କିମ୍ବଦନ୍ତୀ ଅନୁସାରେ ବିଜୟ ଏବଂ ତାଙ୍କର ଅନୁଗାମୀମାନେ ଲଙ୍କାରେ ନିଜର ରାଜ୍ୟ ପ୍ରତିଷ୍ଠା ଉଦ୍ୟମ କରିବାବେଳେ ଯକ୍ଷିଣୀମାନଙ୍କ ବିରୋଧରେ ସମ୍ମୁଖୀନ ହୋଇଥିଲେ । ବିଜୟଙ୍କ ଦେହାନ୍ତ ପରେ ପାଣ୍ଡୁବାସୁଦେବ ଏବଂ ଅଭୟ ପାଣ୍ଡୁକଭୟ ସମଗ୍ରଦ୍ୱୀପକୁ ତୁମ୍ବରଞ୍ଜନ ନିକଟବର୍ତ୍ତୀ ଧୂମରକ୍ଖ ପର୍ବତରେ ରହୁଥିବା ଚେଟିୟ ନାମକ ଯକ୍ଷିଣୀ ସାହାଯ୍ୟରେ ଦଖଲ କରିଥିଲେ । ଲଙ୍କାର ରାଜଧାନୀ ଅନୁରାଧାପୁରର ବିଭିନ୍ନ ସ୍ଥାନରେ ପାଣ୍ଡୁକା ଭୟ ନିଜର ସହଯୋଗୀ, ଯକ୍ଷ ଏବଂ ଯକ୍ଷିଣୀମାନଙ୍କୁ ଅବସ୍ଥାପିତ କରିଥିଲେ । କେତେକ ସହରକୁ ସେ ନିଜର ସଂପର୍କୀୟମାନଙ୍କୁ ମଧ୍ୟ ଦେଇଥିବା କଥା ଶୁଣିବାକୁ ମିଳେ । ଏହାପରେ ସେମାନଙ୍କ ପାଇଁ ଗୋଟିଏ ସମାଧିସ୍ଥଳ ନିର୍ମାଣ କରିବା ଏବଂ ସହରରେ କାମ୍ୟରହିବା ପାଇଁ ସେ ଶତାଧିକ ଚଣ୍ଡାଳଙ୍କୁ ନିଯୁକ୍ତି ଦେଇଥିଲେ । ସେହି ସମାଧି ସ୍ଥଳରେ ପୂର୍ବପଟେ ଅନ୍ୟତମ ନିଗନ୍ତ 'ଗିରି' ଏବଂ ବିଭିନ୍ନ ସଂପ୍ରଦାୟର ସନ୍ନ୍ୟାସୀମାନଙ୍କ ପାଇଁ ମଧ୍ୟ ଗୃହନିର୍ମାଣ କରିଥିଲେ । ସେହି ଏକ ସ୍ଥାନର ନିଗନ୍ଥ କୁମ୍ଭଣ୍ଡକଙ୍କ ପାଇଁ ଉପାସନା ମନ୍ଦିର ଗଢ଼ାହୋଇଥିଲା । ସେଠାରୁ ପଶ୍ଚିମ ଦିଗ ଆଡ଼କୁ ଏବଂ ଶବର ଜାତୀୟ ଲୋକଞ୍ଜି ଗଳିର ପୂର୍ବପାଟି ନାସ୍ତିକବାଦରେ ବିଶ୍ୱାସ କରୁଥିବା ପା□ଟି ପରିବାର (ନାନା ପାସନନ୍ଦିକ।୧୫୦। ଅବସ୍ଥାନ କରୁଥିଲେ ।

ପା□ଶହ ନାସ୍ତିକ ପରିବାରଙ୍କ ଅବସ୍ଥାନ ଲଙ୍କାର ରାଜା ପଣ୍ଡୁକାଭୟଙ୍କ ପକ୍ଷରୁ ନିଗନ୍ଥମାନଙ୍କ ନିମନ୍ତେ ବିହାର ନିର୍ମାଣ ଘଟଣାରୁ ତାଙ୍କ ଶାସନ କାଳରେ ଶ୍ରୀଲଙ୍କାରେ ଜୈନ ଧର୍ମ ତିଷ୍ଠି ରହିଥିବା କଥା ସୁସ୍ପଷ୍ଟ । ବୁଧ୍ଙ୍କ ମୃତ୍ୟୁ ସମୟ ୫୪୪ ଖ୍ରୀ.ପୂ. ଦୃଷ୍ଟିରୁ ବିଚାର କଲେ ପଣ୍ଡୁକଭୟଙ୍କ ସମୟ ୪୩୮-୩୬୮ ଖ୍ରୀ.ପୂ. ମଧ୍ୟରେ ବୋଲି ଧରିବାକୁ ହେବ । ପଣ୍ଡୁକଭୟଙ୍କ ପୂର୍ବରୁ ଜୈନଧର୍ମ ଶ୍ରୀଲଙ୍କାରରେ ସମ୍ଭବତଃ ପହ□ି ସାରିଥିଲା । ବିଜୟଙ୍କ ପୂର୍ବରୁ ମଧ୍ୟ ଏହା ସେଠାରେ ପହ□ିଥିବା ସମ୍ଭବପର । ଦୋବାନାମ୍ ପିୟ ତିସ୍ସଙ୍କ ଅରି□ଙ୍କ ସହିତ ସେହି ସମୟର ଏକାନାମଧାରୀ ଜୈନ ର୍ତୀର୍ଥଙ୍କର କୌଣସି ସଂପର୍କ ଅଛି କି ନାହିଁ ତାହା ବିଚାର ଯୋଗ୍ୟ ।୧୫୧।

ଶ୍ରୀଲଙ୍କାରେ ବୌଧ୍ ଧର୍ମର ପ୍ରବେଶ ପରେ ମଧ୍ୟ ଜୈନଧର୍ମର ପ୍ରସାର ଅବ୍ୟାହତ ରହିଥିଲା । ଖ୍ରୀ.ପୂ. ୧ମ ଶତାବ୍ଦୀରେ ଏହା ଅବସ୍ଥିତି ବଜାୟ ରହିଥିବା ମହାବଂଶରେ ଉଲ୍ଲେଖ ଅଛି । କୁହାଯାଏ ଯେ ତାମିଲମାନଙ୍କ ସହିତ ଯୁଦ୍ଧରେ ପରାଜୟ ବରଣ କରିବା ପରେ ରାଜା ଭଟ୍ଗାମିନୀ ଅଭୟ ସହରଛାଡ଼ି ପଳାୟନ କରିଥିଲେ । ଗରି ନାମକ ନିଗନ୍ଥ ତାଙ୍କୁ ଦେଖି ଚିତ୍କାର କରି କହିଲେ "ବୃହତ୍କାୟ କୃଷ୍ଣ ସିଂହଳ ପଳାୟନ କରୁଛନ୍ତ" (ପଳାୟତି ମହାକାଳ ସିଂହଳୋ ତି ଭୂଷମ୍ ରବି) । ରାଜା ଏହାକୁ ଶୁଣିଲେ ଏବଂ ମାନସିକ କଲେ - ଯଦି ମୋର ଇଚ୍ଛା ପୂରଣ ହେବ ତେବେ ମୁଁ ଏଠାରେ ବିହାର ନିର୍ମାଣ କରିବି । (ସିଧେ ମମ ମନୋରଥ

ବିହାରମ୍ କାରେସ୍‌ମ) ।୧୫୨। ଏହାର କେତେ ବର୍ଷ ପରେ ଯେତେବେଳେ ସେ ଦମଳି ତଥିକଙ୍କ ଅନୁରାଧାପୁରରୁ ବିତାଡ଼ନା କରି ସିଂହାସନ ପୁନଃ ଆରୋହଣ କଲେ । ସେ ଜୈନଙ୍କ ସଂଘାରାମକୁ ଭାଙ୍ଗି ଦେଲେ ଏବଂ ସେହି ସ୍ଥାନରେ ଅଭୟଗିରି ବିହାର ନିର୍ମାଣ କଲେ ।୧୫୩।

ମହାବଂଶ ଟୀକା ଅନୁସାରେ ବଟ୍ଟଗାମିନୀଙ୍କ ପରବର୍ତ୍ତୀ ରାଜା ଖଲ୍ଲାଠଣାଗଙ୍କ ସମୟରେ ସେହିଠାରେ ଏକ ଦୁଃଖଦ ଘଟଣା ଘଟିଥିଲା । ତାଙ୍କରି ବିରୁଧିରେ ତାଙ୍କର ପୁତୁରା ଷଡ଼ଯନ୍ତ୍ର କରୁଥିବା ଜାଣିପାରି ସେ ଗିରିଙ୍କ ବିହାରକୁ ଯାଇ ନିଜ ଦେହରେ ଅଗ୍ନି ସଂଯୋଗ କରି ଆତ୍ମଦାହ କରିଥିଲେ । ସେହି ସ୍ଥାନରେ ରାଜାଙ୍କର ଜଣେ ଉକ୍ତ ସଂପର୍କୀୟ ବ୍ୟକ୍ତି କୁରୁଣ୍ଡ ଭାସକା ବିହାର ନାମକ ଚୈତ୍ୟ ନିର୍ମାଣ କରିଥିଲେ ।୧୫୪। ସିଂହଳ ବିବବରଣୀ ଅନୁସାରେ ଜୈନଧର୍ମ ସିଂହଳରୁ ଅନେର ପର୍ଯ୍ୟନ୍ତ ବ୍ୟାପିଥିଲା । ଜୈନ ଗ୍ରନ୍ଥ ଅନୁସାରେ ବିଜୟଙ୍କ ପୂର୍ବର ଯକ୍ଷ ରାକ୍ଷସମାନେ ରହୁଥିଲେ । ସେମାନେ କେବଳ ମନୁଷ୍ୟ ନଥିଲେ କିମ୍ବା ଏକ ଉନ୍ନତ ସଭ୍ୟତାର ଅଧିକାରୀ ନଥିଲେ । ଆହୁରୀ ମଧ ବିଶ୍ୱାସରେ ଜୈନ ଥିଲେ ।୧୫୫। ବିବିଧ ତୀର୍ଥକଳ୍ପରେ ଉଲ୍ଲେଖ ଅଛି ଯେ ଲଙ୍କାର କିଷ୍କିନ୍ଧ୍ୟାରେ ରାବଣ ଆଧିଭୌତିକ ଶକ୍ତିମାନଙ୍କ ପୂଜାର୍ଚ୍ଚନା ପାଇଁ ଗୋଟିଏ ଭବ୍ୟ ଜୈନ ମନ୍ଦିର ନିର୍ମାଣ କରିଥିଲେ । (କିଷ୍କିନ୍ଧ୍ୟାମ୍ ଲଙ୍କାୟା ପାଟଳଙ୍କାୟାମ୍ ରତ୍ନପଥରରେ ଗୋଟିଏ ଜୈନ ମୂର୍ତ୍ତି ନିର୍ମାଣ କରିଥିଲେ ଏବଂ ରାମଚନ୍ଦ୍ରଙ୍କ ଦ୍ୱାରା ପରାସ୍ତ ହେବା ପରେ ତାହାକୁ ସମୁଦ୍ରକୁ  ଫିଙ୍ଗି ଦେଇଥିଲେ ବୋଲି କୁହାଯାଏ । କନ୍ନଡ଼ର କଲ୍ୟାଣ ନଗର ରାଜା ଶଙ୍କର ଏହି ମୂର୍ତ୍ତି ସଂପର୍କରେ ଜାଣି ତାହା ସମୁଦ୍ର ଗର୍ଭରୁ ପ୍ରମୁଖ ଜୈନଦେବୀ ପଦ୍ମାବଦୀ ଦେବୀଙ୍କ ସାହାଯ୍ୟରେ ଉଧାର କରିଥିଲେ ।୧୫୬।

ଶ୍ରୀପୁର ଅନ୍ତରୀକ୍ଷ (ଭାରତ)ରେ ଏବେ ମଧ ପୂଜିତ ହେଉଥିବା ପାର୍ଶ୍ୱନାଥଙ୍କ ମୂର୍ତ୍ତିଟି ଶ୍ରୀଲଙ୍କାର ମାଳି ଏବଂ ବିଦ୍ୟାଧରଙ୍କ ଦବାରା ଲଙ୍କାରୁ ଅଣାଯାଇଥିଲା ।୧୫୭। ତେରପୁର ଗୁମ୍ଫାରୁ ଉଧାର କରାଯାଇଥିବା ପାର୍ଶ୍ୱନାଥଙ୍କ ମୁର୍ତ୍ତି ମଧ ଲଙ୍କାରୁ ଅଣାଯାଇଥିଲା ବୋଲି କୁହାଯାଏ ।୧୫୮। ମାଳୟରେ ଜୈନ ରାଜା ଅମିତବେଗ ନିୟମିତ ଲଙ୍କା ଦ୍ୱୀପକୁ ଯାତ୍ରା କରୁଥିଲେ । ତାହା ସଂପର୍କରେ କର କନୁଦଚାରୀ ସୁନ୍ଦର ବର୍ଣ୍ଣନା କରିଛନ୍ତି ।୧୫୯। ଏହି ମାଳୟକୁ କେନ୍ଦ୍ର ଶ୍ରୀଲଙ୍କା ମାଳୟ ଭାବରେ ଚିହ୍ନଟ କରାଯାଇପାରେ ।

ଏଥିରୁ ଜଣା ପଡୁଛି ଯେ ନିଗନ୍ଥନାତପୁତ୍ତଙ୍କ ଜନ୍ମପୂର୍ବରୁ ମଧ ଜୈନ ଧର୍ମ ଶ୍ରୀଲଙ୍କାରେ ଥିଲା । ଜୈନ ସାହିତ୍ୟ ଏବଂପରମ୍ପରା ଅନୁସାରେ ରାବଣଙ୍କ ସାନଭାଇ ବିଭୀଷଣ ଜୈନ ଧର୍ମର ଉପାସକ ଥିଲେ । ଉତ୍ରା□ଳରେ ବୌଧ୍ ତନ୍ତ୍ରଗ୍ରନ୍ଥ ମହାମୟୁରୀରେ ବିଭୀଷଣ ସିଂହଳରେ ଜଣେ ଅଭିଭାବକ ଶ୍ରେଣୀର ପକ୍ଷ ଥିଲେ । ଏହି ଗ୍ରନ୍ଥଟି ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀରେ ଚୀନ ଭାଷାରେ ଅନୁଦିତ ହୋଇଛି । କେଲନୀୟର ବିଭୀଷଣଙ୍କୁ ଏବେ ମଧ ପୂଜା କରାଯାଉଛି । ସେ ଦ୍ୱୀପରେ ପୂଜା ପାଉଥିବା ଚତୁଃଅଭିଭାବକଙ୍କ ମଧରୁ ଅନ୍ୟତମ ବୋଲି ବିବେଚିତ ହୁଅନ୍ତି ।

ଯଦିଓ ଶ୍ରୀଙ୍କାରେ ବୌଧ ଧର୍ମ ଯେଉଁ ଆଧିପତ୍ୟ ବିସ୍ତାର କରିଥିଲା । ତାହା ଜୈନଧର୍ମର ଅବଦମନ ଆଡ଼କୁ ଗତି କରିଥିଲା ବୋଲି ବିଶ୍ୱାସ କରାଯାଇପାରେ ଏବଂ ଉଚ୍ଚଗାମିନୀ ଅଭୟଙ୍କର ଗିରିଙ୍କ ମଠର

ବିଧ୍ୱଂସୀକରଣ ପରି ସମଧର୍ମା ଘଟଣାମାନ ବିଭିନ୍ନ ସମୟରେ ଘଟିଥିବ, ତଥାପି ଜୈନ ଧର୍ମ ଶ୍ରୀଲଙ୍କାରୁ ଅତିକମ୍ ରେ ଅଷ୍ଟମ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଲୋପ ପାଇନଥିଲା । ପ୍ରାୟ ୧୦ମ ଶତାବ୍ଦୀ ବେଳକୁ ।୧୬୦। ମୁନି ଯଶକିର୍ତୀଙ୍କୁ ତତ୍କାଳୀନ ସିଂହଳ ରାଜା ଦେଶର ଜୈନଧର୍ମର ଉନ୍ନତିପାଇଁ କିଛି କରିବାକୁ ଅନୁରୋଧ କରିଥିଲେ ।୧୬୧। ଏଥିରୁ ଜଣାପଡୁଛି ଯେ ସେହି ସମୟରେ ଶ୍ରୀଲଙ୍କାରେ ଜୈନଧର୍ମ କେବଳ ତିଷ୍ଠି ରହିନଥିଲା, ଅଧିକନ୍ତୁ ସିଂହଳର ରାଜାମାନଙ୍କର ପୃଷ୍ଠପୋଷକତା ମଧ୍ୟ ପାଉଥିଲା ।

ଶ୍ରୀଲଙ୍କାରେ ଥିବା ଜୈନ କୀର୍ତ୍ତିମାନଙ୍କ ସଂପର୍କରେ ଶ୍ରୀଲଙ୍କାର ବିଖ୍ୟାତ ପତ୍ନତାତ୍ତ୍ୱିକ ଗବେଷକ ଏସ୍. ପର୍ଣ୍ଣବିତନଙ୍କ ଦୃଷ୍ଟିଭଙ୍ଗୀ ପ୍ରଣିଧାନଯୋଗ୍ୟ ।

ଶ୍ରୀଲଙ୍କାରେ କୌଣସି ଜୈନକୀର୍ତ୍ତି ଦେଖିବାକୁ ମିଳୁନାହିଁ । ଜୈନ ଧର୍ମର ପ୍ରାଚୀନ ସ୍ତୁପ ଏବଂ ବିହାର ଗୁଡ଼ିକ ବୌଧ୍ କୀର୍ତ୍ତିଠାରୁ ଏତେ କମ୍ ପରିମାଣର ଅଲଗା ଜଣାପଡ଼ନ୍ତି ଯେ ଅଭିଲେଖ କିମ୍ବା ପ୍ରତିମାଶାସ୍ତ୍ରର ପ୍ରମାଣ ବ୍ୟତୀତ ଉଭୟଙ୍କୁ ଅଲଗା ଅଲଗା ଚିହ୍ନଟ କରିବା କଷ୍ଟକର । ଜୈନ ମୂର୍ତ୍ତିତତ୍ତ୍ୱ ବର୍ତ୍ତମାନ ସୁଧା ଆମ ବ୍ୟବହାର ଅନୁରୂପ ବିଶେଷ ବିକଶିତ ହୋଇନାହିଁ । ଯେଉଁ ସମୟରେ ଏହି ଧର୍ମ ଶ୍ରୀଲଙ୍କାରେ ଥିଲା, ସେତେବେଳେ ସ୍ଥାୟୀ ପଦାର୍ଥରେ କୌଣସି କୀର୍ତି ନିର୍ମିତ ହୋଇନଥିଲା । ଅଧିକନ୍ତୁ, ଯେତେବେଳେ ଜୈନଧର୍ମ ଅପସୃତ ହୋଇଗଲା, ସେତେବେଳ ବୌଧିମାନେ ତାହାକୁ ଅଧିକାର କରି ନେଇଥିବେ, ଯେପରି ଗିରିଙ୍କ କ୍ଷେତ୍ରରେ ଘଟିଥିଲା ସେହିପରି ଭାବରେ ପୁର୍ବତନ ମତବାଦର ସମସ୍ତ ଚିହନ୍ନ ଲୋପ ପାଇଯାଇଥିଲା । କେତେକ କ୍ଷୁଦ୍ର କ୍ଷୁଦ୍ର ଏବଂ ଚିହ୍ନଟ ହୋଇପାରିନଥିବା ସ୍ତୁପହିଁ ମୁଳତଃ ଜୈନ କୀର୍ତ୍ତି ହୋଇଥାଇପାରେ ।୧୬୨।

ଏହି ପ୍ରକାରର ସାମାନ୍ୟ ସୂଚନା ସବୁରୁ ଜୈନଧର୍ମ ଅତି କମ୍‌ରେ ଖ୍ରୀ. ୮ମ ଶତାବ୍ଦୀରୁ ଶ୍ରୀଲଙ୍କାରେ ରହିଥିବା ପ୍ରମାଣ ମିଳୁଛି । ଯଦି ରାବଣ କିମ୍ବଦନ୍ତୀଙ୍କୁ ବିଶ୍ୱାସ ନିଆଯାଏ, ତେବେ ଏହା ଆହୁରି କିଛି ଶତାବ୍ଦି ପୂର୍ବରୁ ରହିଥିଲା ବୋଲି କୁହାଯିବ । ଏହି କିମ୍ବଦନ୍ତୀଗୁଡ଼ିକର ସତ୍ୟତା ପ୍ରତିପାଦିତ ହୋଇପାରିଲେ ପାର୍ଶ୍ୱନାଥଙ୍କୁ ଅଗ୍ରାଧିକାର ଦେଉଥିବା ଆଦ୍ୟ ଜୈନଧର୍ମଟି ଶ୍ରୀଲଙ୍କାରେ ମଧ୍ୟପଦପାତ କରିଥିଲା ବୋଲି ଆଗ୍ରହର ସହିତ କହିହେବ ।

## ବୌଧ୍ ଧର୍ମ ଏବଂ ଏହାର ସାହିତ୍ୟ

### ବୁଧ୍ ଏବଂ ବୌଧ୍ ଧର୍ମ

ବୌଧ୍ ଧର୍ମ ହେଉଛି ଶୁଧିକରଣର ଏକ ଅଂଶ । ଏହା ମଝିଅମ୍ ପଟିଅଦା (ମଧ୍ୟମ ମାର୍ଗ) ଉପରେ ପର୍ଯ୍ୟବେସିତ, ଯାହା ଦୁଇ ଚରମ କାମେସୁକାମ ସୁଗଲ୍ଲ କାନୁଯୋଗ (ଇନ୍ଦ୍ରିୟ ସୁଖର ଆକାଙ୍‌କ୍ଷା) ଏବଂ ଅତ୍‌କିଳମଠାନୁଯୋଗ (ସନ୍ନ୍ୟାସ ଏବଂ ଆତ୍ମସନ୍ତାପନ)କୁ ଏଡ଼ାଇଯାଏ । ଏହି ମତବାଦଟି ଐତିହାସିକ ପୁରୁଷ ଗୌତମ ବୁଧିଙ୍କ ଦ୍ୱାରା ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଅଭିବ୍ୟକ୍ତ ହୋଇଥିଲା ।

### ବୌଧ୍ ଧର୍ମର ଆଧାର

ବୌଧ୍ ଧର୍ମର ଆଧାର ବା ମୂଳସୂତ୍ରକୁ ନେଇ ଗବେଷକମାନଙ୍କ ମଧ୍ୟରେ କୋଣସି ମତୈକ୍ୟ ନାହିଁ ।

କାରଣ, ତତ୍‌କାଳୀନ ସମସ୍ତ ଦାର୍ଶନିକ ଶାଖାର ପ୍ରଭାବ ବୌଧ୍‌ଧର୍ମ ଉପରେ ପଡ଼ିଛି । ଓଲ୍‌ଡ଼େନ୍ ବର୍ଗ କହନ୍ତି, ବୁଧ୍‌ଙ୍କ ଜନ୍ମର ଶତାଧିକ ବର୍ଷ ପୂର୍ବରୁ ଭାରତୀୟ ଅନୁଚିନ୍ତା ଜଗତରେ ବହୁ ଆନ୍ଦୋଳନ ସୃଷ୍ଟି ହୋଇଥିଲା ଯାହାକି ବୌଧ୍ ଧର୍ମ ସକାଶେ ମାର୍ଗ ପ୍ରସ୍ତୁତ କରିଦେଇଥିଲା ।୨।

ନିର୍ବାଣ ପ୍ରାପ୍ତି ପୂର୍ବରୁ ବୁଧ୍ ଆଳାରକାଳାମ ଏବଂ ଉଦ୍‌କଙ୍କ ନିକଟକୁ ଯାଇ ସେମାନଙ୍କର ଧାର୍ମିକ କାର୍ଯ୍ୟବିଧି ପାଳନ କରିଥିଲେ । ଆଳାରକାଳାମ ସାଂଖ୍ୟ ଦର୍ଶନର ଆଚାର୍ଯ୍ୟ ଥିଲେ ବୋଲି ଅନୁମାନ କରାଯାଏ । କିନ୍ତୁ କୀଥ୍ ସାଂଖ୍ୟ ଏବଂ ବୌଧ୍ ଧର୍ମ ମଧ୍ୟରେ କେତେକ ସାମଞ୍ଜସ୍ୟ ଦର୍ଶାଇବା ଅବସରରେ କହିଛନ୍ତି, ସାଂଖ୍ୟ ପ୍ରଭାବର ପ୍ରମାଣ ଅପ୍ରତ୍ୟକ୍ଷ ଏବଂ ଅସଂପୂର୍ଣ୍ଣ ଅଟେ । ଓଲଡ଼େନ୍ ବର୍ଗ ମଧ୍ୟ କେତେକାଂଶରେ ଏକାପ୍ରକାର ବିଚାରଧାରା ପୋଷଣ କରନ୍ତି ।୪।

ଅନ୍ୟପକ୍ଷରେ ଜାକୋବିଙ୍କ ମତରେ ବୌଧ୍ ଧର୍ମ ପ୍ରାକ୍ ଜୈନ ଧର୍ମୀୟ କୌଣସି ସମଧର୍ମୀ ମତବାଦରୁ ଆସିଛି ।୫। ପାଣ୍ଡେ ମଧ୍ୟ ଏହି ମତକୁ ସମର୍ଥନ କରିଛନ୍ତି । ଅବଶ୍ୟ ସେ ଏହାପ୍ରତି ସେତେଟା ଗୁରୁତ୍ୱ ଦେଇନାହାନ୍ତି ।୬। ପାଲି ସାହିତ୍ୟରେ ଏହି ଦୃଷ୍ଟିକୋଣ ସପକ୍ଷରେ ଥିବା ପ୍ରମାଣ ଭିତ୍ତିରେ ଏହାକୁ ସମର୍ଥନ କରାଯାଇପାରେ । ଅଳାରକଳାକ ଏବଂ ଉଦ୍‌କ ରାମପୁତ୍‌ଙ୍କ ଶିକ୍ଷାଦାନରେ ସନ୍ତୁଷ୍ଟ ନହୋଇ ବୁଧ୍ ଶେଷରେ ଗୟା-ଉରୁବେଲା ପାହାଡ଼କୁ ଗଲେ । ଅନ୍ୟମାନଙ୍କୁ ଅନୁସରଣ କରି ସେ ନିଜେ ନିରଞ୍ଜନ ନଦୀକୂଳରେ ଗୋଟିଏ ସ୍ଥାନ ବାଛିନେଇ ଆନ୍ତରିକତାର ସହିତ ଆତ୍ମସଂଯମ, ଦୈହିକ ଆବେଗ ଏବଂ ପାର୍ଥିବ ଚିନ୍ତା ତ୍ୟାଗ କାର୍ଯ୍ୟରେ ନିଜକୁ ନିମଗ୍ନ କଲେ । ପବିତ୍ର ହୃଦୟରେ ସେ ନିୟମର ସହିତ ଏପରି ଉପକାର କଲେ, ଯାହାକି କୌଣସି ପାର୍ଥିବ ଶରୀରଧାରୀ ମନୁଷ୍ୟ ପକ୍ଷରେ ସଂପୂର୍ଣ୍ଣ ଅସହ୍ୟ । ନୀରବ ସ୍ଥିର ଏବଂ ନିମଗ୍ନଚିତ୍ ଧ୍ୟାନରେ ଥାଇ ସେ ଛଅବର୍ଷ ଅତିବାହିତ କଲେ ।୭। ସେ ନିଜେ କହନ୍ତି ସେ ଚାରିପ୍ରକାରର ଧାର୍ମିକ ଅଭ୍ୟାସର ପରୀକ୍ଷା କରିଛନ୍ତି । ୧. କୃଚ୍ଛସାଧନା (ତପ), ୨. ଆତ୍ମସଂଯମ (ଲୁଖ), ୩. ପରିହାର (ଜେଗୁଚ୍ଛା), ୪. ନିର୍ଜନବାସ (ପବିବିତ୍ତା)।୮। ଏଠାରେ ନିର୍ଜନବାସକୁ ଜୈନଦର୍ଶନର ମତବୋଲି କୁହାଯାଇପାରେ । ଏହି ଦର୍ଶନରେ କୁହାଯାଇଛି, ଟୋପାଏ ଜଳ ଭିତରେ ଥିବ ବିପଦଜନକ ଜୀବାଣୁ କ୍ଷତି କରିବାକୁ ନଆସୁ ବୋଲି ପ୍ରାର୍ଥନା କରି ଜଳପ୍ରତି ଅନୁକମ୍ପା ପ୍ରଦର୍ଶନ ପୂର୍ବକ ବବେକାନୁମୋଦିତ ହୋଇ ମୁଁ ଉପରକୁ ତଳକୁ ଚାଲିବାକୁ ଲାଗିଲି ।୯। ଏହିପରି କାର୍ଯ୍ୟ ପ୍ରସଙ୍ଗରେ ମଝିନିକାୟର ଅନ୍ୟତ୍ର ଉଲ୍ଲେଖ ଅଛି ।୧୦। ନୀତିଶାସ୍ତ୍ର ଅଧ୍ୟାୟରେ ପରବର୍ତ୍ତୀ ସମୟରେ ଆମେ ସେସବୁକୁ ଜୈନ ସାଧନା ସହିତ ତୁଳନା କରି ଦେଖିବା, ବୁଧ୍ ନିଜର ସନ୍ନ୍ୟାସୀ ଜୀବନର ଗୋଟିଏ ପର୍ଯ୍ୟାୟରେ ଜଣେ ଜୈନ ମୁନି ଥିଲେ ବୋଲି ରହିଥିବା ଜୈନ ମତ ସପକ୍ଷରେ ଏହା ସାକ୍ଷ୍ୟ ପ୍ରମାଣ ସ୍ୱରୂପ ହୋଇପାରେ ।

ଆଚାର୍ଯ୍ୟ ଦେବସେନ (ମେଣତାବ୍ଦୀ) କହନ୍ତି ଯେ ବୁଧ୍ ପିହିତ ସର୍ବଙ୍କର ଜଣେ ମହାନ୍ତ ଜ୍ଞାନୀ ଶିଷ୍ୟ ଥିଲେ । ସେ ବୁଧ୍‌ଙ୍କୁ ବର୍ତ୍ତମାନ ସମୟର ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ସଂଘରେ ମୁନି ବୁଧ୍ କୀର୍ତ୍ତି ଭାବରେ ରହିବାକୁ ଆଶିଶ ଦେଇଥିଲେ । କିନ୍ତୁ କିଛି ଦିନ ପରେ ବୁଧ୍ ମାଂସ ଏବଂ ଶୁଖୁଆକୁ ଖାଦ୍ୟ ଆକାରରେ ଗ୍ରହଣ କରିବା ଏବଂ ନାଲି ଲୁଗା ଉପରେ ରଖିବା ସହିତ ସେ ନିଜର ଧର୍ମ ପ୍ରଚାର କରିଥିଲେ ।

ଏପରି ଖାଦ୍ୟଗ୍ରହଣ କରିବାରେ କୌଣସି କ୍ଷତି ନାହିଁ ବୋଲି ସେ କହୁଥିଲେ ।

ସିରି ପାସାଣହତିଥେ ସରଯୁତୀରେ ପଳାସନୟ ରଟ୍‌ଠୋ

ପିହିୟା ସବସ୍ ସିସ୍‌ମ ମହସୁଜ ବୁଧ୍‌କୀର୍ତ୍ତିମୁର୍ଣ୍ଣ

ଚିମି ପୁରାଣାସଣେହିମ୍ ଅହି ଗୟପବ୍ୱା ପରିଭଭୋ

ଉତ୍‌ମ ବରମ୍ ଧରତ୍ୱା ପବ୍‌ତିୟମ୍ ତେଣ ଏୟନ୍ତମ୍

ମାଂସସ୍ଣ□ ଜିବ ଜହା ଫଳେ ଦହିୟ ଦୁଧସକ୍କରଏ

ତମ୍‌ହା ତମ୍ ବାଞ୍ଛିତା ତମ୍ ଭକ୍ଷନ୍ତୋ ଣ ପାବିଙ୍ଗାଠୋ

ମଝମ୍‌ଣ ବଜ୍ଜନିଜ୍ଜମ ଦରଦଭମ୍ ଜହାଜଳମ୍ ତହା ବାଦମ୍

ଇଦିଲୋଏ ଗୋଷିତ୍ ପବିତ୍ୟିମ୍ ସବସାଜ୍ଜମମ ।୧୧।

ତେବେ, ଏହିମତ ସଂପର୍କରେ କୌଣସି ପ୍ରତ୍ୟକ୍ଷ ପ୍ରମାଣନାହିଁ । ଅବଶ୍ୟ ବୁଧ୍ ସ୍ୱୟଂ ଛଅ ବର୍ଷ କାଳ ଯେଉଁ କଠୋର ସାଧନା କରିଥିଲେ । ତାହା ତାଙ୍କ ଉପରେ ଜୈନ ଧର୍ମର ପ୍ରଭାବ ପକାଇଥିବା ତଥା ମନୁଷ୍ୟ ଆଚରଣ ଉପରେ ନୂଆ ଧରଣର କଡ଼ା କଟକଣା (ପ□ନିୟମ - ପ□ବର୍ତ୍ତୁ କ୍ଷେତ୍ରରେ ତାଙ୍କର ଦେବଦତ୍‌ଙ୍କ ସହିତ ବିତର୍କ ମଧ୍ୟ ଦ୍ରଷ୍ଟବ୍ୟ) ହେଉଛି ଆତ୍ମସଂଯମକୁ ଅଶ୍ଳୀଳ ଏବଂ ବ୍ୟର୍ଥ ବୋଲି ଯେଉଁଠାରେ ବିବେଚନା କରାଯିବ, ସେହିପରି ନୂଆ ଧର୍ମ ପ୍ରତିଷ୍ଠାର କାରଣ । ଏହା ବୋଧହୁଏ ବୁଧ୍‌ଙ୍କର ଲକ୍ଷ୍ୟ ଥିଲା ।

ବୌଧ୍ ସାହିତ୍ୟ

ବୌଧ୍ ସାହିତ ସମୃଧ୍, ବିବିଧତାପୂର୍ଣ୍ଣ ଏବଂ ବହୁ ପ୍ରାଚୀ ଓ ଆଧୁନିକ ଭାଷା ଯଥା : ପାଲି, ପ୍ରାକୃତି, ସଂସ୍କୃତି, ତିବ୍ବତୀୟ, ଚୀନା, ନେପାଳୀ, ଜାପାନୀ, ସଂହଳ, ବର୍ମୀୟ, ଥାଇ, କାମ୍ବୋଡ଼ିଆର ଭପୁର, ସୋଗୋଡ଼ିଆନ୍ କଛ ଏବଂ କେନ୍ଦ୍ର ଏସିଆ ଅନ୍ୟ ଭାଷାରେ ଦେଖିବାକୁ ମିଳେ । କିନ୍ତୁ ଏହି ସର୍ବେକ୍ଷଣ ନିମନ୍ତେ ଆମେ କେବଳ ପାଲି ଏବଂ ସଂସ୍କୃତ ଭାଷା ଉପରେ ହିଁ ଦୃଷ୍ଟି ନିବଧ୍ କରିବୁ ।

ବୌଧ୍ ସାହିତ୍ୟକୁ ନିମ୍ନମତେ ବିଭାଗୀକୃତ କରାଯାଇପାରେ । ୧. ପାଲି ସାହିତ୍ୟର ଅନ୍ତର୍ଭୁକ୍ତ (କ) ସୂତ୍ର (ଖ) ସୂତ୍ର ବର୍ହିଭୁତ (ଗ) ଅଣ ସୂତ୍ର ଭିତ୍ତିକ କୃତି, ଅଣସୂତ୍ରକୁ ପା□ ଭାଗରେ ବିଭକ୍ତ କରାଯାଇଛି, ଯଥା (କ)ଅଟ୍‌ଠକଥା (ଖ) ଟୀକା (ଗ) ଟିପ୍ପଣୀ (ଘଂ ସଂଘ (ଙ) ପକରଣ (୨) ସଂସ୍କୃତ ସାହିତ୍ୟର ଅନ୍ତର୍ଭୁକ୍ତ (କ) ହୀନଯାନ (ଖ) ମହାଯାନ କୃତି ।

ପାଲି ସାହିତ୍ୟ

ବୌଧ୍ ଧର୍ମର ଥେରବାଦକୁ ପାଲିସୂତ୍ର ପ୍ରତିନିଧିତ୍ୱ କରେ । ଏହା ତ୍ରିପିଟକ ବା ତିନଝୁଡ଼ି ଭାବରେ ସର୍ବଜନବିଦିତ ।୧୨। ତିନିପିଟକ (ଝୁଡ଼ି) ବା ଅଂଶ ହେଉଛି - ବିନୟ ପିଟକ, ସୁତ୍‌ପିଟକ ଏବଂ

ଅଭିଧମ୍ମପିଟକ । ପ୍ରାଚୀନ ଭାରତର ଅଧିକାଂଶ ଅନ୍ୟ ସାହିତ୍ୟକୃତି ପରି ତ୍ରିପିଟକ ମଧ୍ୟ ବିକାଶିତ ହେବା ପାଇଁ ଏକାଧିକ ଶତାବ୍ଦୀ ବିତିଯାଇଥିଲା । ଏହାର ବିକାଶ ଏବଂ ଉନ୍ନତି କାର୍ଯ୍ୟରେ ତିନିଟି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆଜି ଆମେ ଯେଉଁ ତ୍ରିପିଟକକୁ ଦେଖୁଛୁ ତାହା ତୃତୀୟ ପରିଷଦ ପରେ ସଂପାଦିତ ହୋଇଥିଲା । ଏବଂ ପରିଷଦର ଅଧ୍ୟକ୍ଷ ତ୍ରିପିଟକର ଶେଷକୃତି କଥାବ□ୁକୁ ନିଜେ ସେଥିରେ ସଂଲଗ୍ନ କରିଥିଲେ । ଏହା ଗବେଷକମାନେ ଆଜି ସାଧାରଣ ଭାବର ସ୍ୱୀକାର କରିଛନ୍ତି । ତୃତୀୟ ପରିଷଦରେ ବୌଧିଧର୍ମକୁ ଦେଶ ବାହାରେ ପ୍ରଚାର କରିବାପାଇଁ ନିଷ୍ପତି଼ ଗ୍ରହଣ କରାଯାଇଥିଲା । ତସ୍ଙ୍କର ଶିଷ୍ୟ (ଅନ୍ୟ ମତରେ ଅଶୋକଙ୍କ ସାନଭାଇ) ତଥା ଅଶୋକଙ୍କ ପୁତ୍ର ମହିନ୍ଦଙ୍କୁ ଶ୍ରୀଲଙ୍କାରେ ବୌଧିଧର୍ମର ପ୍ରାରମ୍ଭ କରିବାକୁ ନିଯୁକ୍ତ ଦିଆଗଲା । ଶ୍ରୀଲଙ୍କାରେ ସୂତ୍ରଗୁଡ଼ିକୁ ମୌଖିକ ଭାବରେ ମନେରଖିବାର ପରମ୍ପରା ରହିଥିଲା । ରାଜାବଳଗମ୍ଭଙ୍କ ଶାସନକାଳରେ ଖ୍ରୀ.ପୂ. ୮୪ରେ ଏହାକୁ ଲିପିବଧି କରିବା କାର୍ଯ୍ୟ ଆରମ୍ଭ ହୋଇଥିଲା ।୧୩।

ସୂତ୍ରଗୁଡ଼ିକ ମଧ୍ୟରେ ବିନୟପିଟକ ହେଉଛି ସର୍ବୋଚ୍ଚ । ଏହାକୁ ସୁତ୍‌ପିଟକ ।୧୪। ଅପେକ୍ଷା ପୁରାତନ ବୋଲି ବିବେଚନା କରାଯାଏ । ଏଥିରେ ବୌଧିମାନେ ଦୈନନ୍ଦିନ ଜୀବନରେ ପାଳନ କରିବାକୁ ଥିବା ନୀତିନିୟମ ଅନ୍ତର୍ଭୁକ୍ତ । ବିନୟ ତିନୋଟି ମୁଖ୍ୟ ବିଭାଗରେ ବିଭକ୍ତ (୧) ସୁତ୍‌ବିଭଙ୍ଗ ଏଥିରେ (କ) ମହାବିଭଙ୍ଗ ଏବଂ ଭିକ୍ଷୁବିଭଙ୍ଗ ରହିଛି (୨) ଖଣ୍ଡକ-ଏଥିରେ (କ) ମହାବଗ୍ ଏବଂ (ଖ) କୁଲ୍ଲବଗ (ଗ) ପରିବାର ବା ପରିବାର ପାଥ ରହିଛି ।

ପାତିମୋକ୍ଷ ହେଉଛି ବିନୟପିଟକର ମୁଖ୍ୟ ଅଂଶ । ଏଥିରେ କୁହାଯାଇଛି ଯେ ଜଣେ ଉତ୍ମ ସାଧୁଙ୍କ ଜୀବନ ପାତିମୋକ୍ଷର ସଂଯମ ଦ୍ୱାରା ସଂଯମୀକରଣ । (ପାତିମୋକ୍ଷ ସମ୍ବର ସମ୍ବୁତ) ।୧୫। ଏଥିରେ ୨୨୭ଟି ନିୟମ ରହିଛି । ସେଥିରୁ ୧୫୨ଟି ସମ୍ଭବତଃ ମୌଳିକ ଅଟେ । ଅନ୍ୟଗୁଡ଼ିକ ବିନୟପିଟକକୁ ସଂପୂର୍ଣ୍ଣ କରାଗଲାବେଳେ ସମ୍ଭବତଃ ଯୋଡ଼ି ଦିଆଯାଇଚି । ପାତିମୋକ୍ଷର ଭାଷ୍ୟ ସୁତ୍‌ବିଭଙ୍ଗ ଅଟେ। ଏଥିରେ ପାରାଜିକ ଧମ୍ମ, ସଂଘାଦିସେସଧମ୍ମ, ଅନିୟତଧମ୍ମ, ପାଚିତୟଧମ୍ମ, ସଂଘାଦିସେସଧମ୍ମ, ପଟିଦେଶନିୟଧାମ୍ମ ଏବଂ ଅନିୟତଧମ୍ମ, ପାଚିତିୟଧମ୍ମ, ସଂଘାଦିସେସଧମ୍ମ, ପଟୀଦେଶନିୟଧାମ୍ମ ଏବଂ ସାରାୟଧମ୍ମ । ସୁତ୍‌ବିଭଙ୍ଗର ଅତିରିକ୍ତ ଅଂଶଟି ଖଣ୍ଡକ ଅଟେ ।ଏଥିରେ ବୌଧି ଧର୍ମରେ ଦୀକ୍ଷିତ ହେବାର ସ୍ୱତନ୍ତ୍ର ନିୟମ, ଉପୋସଥ ପରି ବୌଧି ଉତ୍ସବ ଆନୀତ ଖାଦ୍ୟ ଖାଇବା, ଭିକ୍ଷାଭାଗିବା, ଅବସ୍ଥାନ କରିବା ଇତ୍ୟାଦି ବିବିଧ ରହିଛି । ପରିବାରହେଉଛି ପରବର୍ତ୍ତୀ ସମୟର । ଏଥିରେ ୧୯ଟି ବିଭାଗ ରହିଛି । ବୌଧି ମଠଜୀବନଟି ଜୈନ ମଠଜୀବନ ନିୟମ ଶୃଙ୍ଖଳା ଦ୍ୱାରା ପ୍ରଭାବିତ ହୋଇଛି । ଉଦାହରଣସ୍ୱରୁପ, ବସବାସ, ଉପୋସାଥ, ପଭାରଣ ଏବଂ ବୌଧି ଧର୍ମର ଦୀକ୍ଷିତ ହେବାର ନିୟମ ଜୈନ ପରିମ୍ପରାର ନିୟମ ସହିତ ଅତିମାତ୍ରାରେ ସମାନ । ତେଣୁ ଜୈନ ଧର୍ମର ପ୍ରତ୍ୟକ୍ଷ ଉଲ୍ଲେଖର ମାତ୍ରା ଅତିକମ୍ ।

ଆମର ଧମ୍ମଜ୍ଞାନ ସଂପର୍କରେ ଜଣାଇବା ପାଇଁ ସୁତ୍ରିପିଟକ ହିଁ ମୁଖ୍ୟ ଉତ୍ସ । ତେଣୁ ଏହାକୁ ଧମ୍ମ କୁହାଯାଏ । ଏହା ପା□ଟି ନିକାୟରେ ବିଭକ୍ତ । ଦିଘ, ମଜ୍ଝିମ୍ ସଂଯୁତ୍, ଅଙ୍ଗୁତ୍ର ଏବଂ ଖୁଦକ । ପ୍ରଥମ ଚାଟି ମୁଖ୍ୟତଃ ଗଦ୍ୟରେ ଲିଖିତ ଏବଂ ଏଥିରେ ବୁଧି ଓ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ହିଁ

ରହିଛି । ଅନ୍ୟନିକାୟଟି ମୁଖ୍ୟତଃ ପଦ୍ୟରେ ଲିଖିତ ଦୀର୍ଘତମ ୩୪ଟି ସୁତ୍ ୩ଟି ଭାଗରେ ରହିଛି । (ବଗ୍) ଶିଳଖଣ୍ଡ (୧-୧୩) ମହାବଗ୍ (୧୪-୨୩) ଏବଂ ପାତିକ ବଗ (୨୪-୩୪) ଦିଘନିକାୟର ଅନେକ ସୁତରେ ଜୈନଧର୍ମ ବିଶେଷତଃ ନିଗନ୍ଥପୁତନାତ୍‌ଙ୍କ ସଂପର୍କରେ ଉଲ୍ଲେଖ ଅଛି । ତାହା ଭିତରୁ ବ୍ରହ୍ମଜାଲ ସର୍ବାଧିକ ମହତ୍ୱପୂର୍ଣ୍ଣ । (୧) ସାମାନ୍ୟ ଫଳ (୨) କସ୍ସସିଂହନାଦ (୮) ମହାପଣ୍ଟନିର୍ବ୍ାଣ (୧) ପତିକସୁତ୍ (୫୪) ପାଶାଦିକସୁତ୍ (୨୧) ଅଟଶନାଟିୟ ଏବଂ (୩୨ ସଂଗିତି ସୁତ୍‌ରେ ନିଗନ୍ଥନାତପୁତ୍‌ଙ୍କ ଜୀବନୀ ଏବଂ ଅନୁଚିନ୍ତା ସଂପର୍କରେ ପ୍ରଭୂତ ତଥ୍ୟ ରହିଛି । ମଝିମ୍‌ନିକାୟ ମୋଟ୍ ୧୫୨ଟି ବ୍ୟାଖ୍ୟନର ସଂକଳନ ଅଟେ । ଚୂଳସିଂହନାଦ (୧୧) ଚୂଳସଚ୍ଚକ (୩୫), ମହାସଚ୍ଚକ (୮୬) ଉପାଲି (୫୬) କୁକୁରବତିକ (୫୫) ଅଭୟରାଜ୍‌କାର (୫୮) ଦିଘନଖ (୭୪) ସନ୍ଧା(୭୬) ଚୂଳସକୁଳଦାୟୀ (୭୯) ଦେବଦହ (୧୦୧) ଏବଂ ସାମଗାମ (୧୦୪) ରେ ଜୈନ ଧର୍ମର ସ୍ୟାଦବାଦ ଏବଂ ଅନ୍ୟାନ୍ୟ ଅଭିମତ ସଂପର୍କରେ ଉଲ୍ଲେଖ ରହିଛି । ତେଣୁ ଜୈନ ଧର୍ମ ସଂପର୍କରେ ବୌଧ୍ ଧର୍ମର ଧାରଣା ସଂପର୍କରେ ଏଥିରୁ ଯଥେଷ୍ଟ ସହଯୋଗ ମିଳିଥାଏ । ସଂଯୁତ୍ ନିକାୟ ଏବଂ ଅଙ୍ଗୁତ୍ର ନିକାୟରେ ବଭିନ୍ନ ପ୍ରକାର ସୂତ୍ ରହିଛି । ସେଗୁଡ଼ିକ ମଧରେ ପୁରାତନ ପରବର୍ତ୍ତୀ ସମୟର ଛୋଟ ବଡ଼ ସୁତ୍ ସବୁ ଅନ୍ତର୍ଭୁକ୍ତ । ସଂଯୁତ୍ ନିକାୟରେ ୫୬ଟି ସଂଯୁତ୍ ଏବଂ ଅତିକମ୍‌ରେ ସାଥବଗ୍ ୯୧-୧୧), ନିଦାନବଗ (୧୨-୨୨) ଖଣ୍ଡବଗ୍ (୨୩-୩୪) ଷଡ଼ାୟତନ ବଗ୍ (୩୪-୪୫) ଏବଂ ମହାବଗ୍ (୪୫-୫୬) । ଶଙ୍ଖଧାମୁତ୍, ଅଚଳିକସ୍ତୁପସୁତ୍, ଅଚିଳସୁତ୍, ଠଣାଙ୍ଗ ସହିତ ଅଙ୍ଗୁତ୍‌ରନିକାୟର ବହୁ ସାମଞ୍ଜସ୍ୟ ଅଛି । ଏକରୁ ଏଗାରକ୍ରମରେ ଏହା ମୁଖ୍ୟତଃ ଧାର୍ମିକ ପ୍ରସଙ୍ଗରେ ହିଁ ଆଲୋଚନା କରିଛି । ନିକାୟରେ ଥିବା ମୋଟ ସୁତ୍ ସଂଖ୍ୟା ୨୩୦୮। ଏଗୁଡ଼ିକ ୧୦ଟି ଲେଖାଏଁ ସୁତ୍‌ରେ ବିଭକ୍ତ କରାଯାଇଛି । ଅଟ୍‌ଠାଙ୍ଗିକ ସୁତ୍, ଆନନ୍ଦବଗ୍, ତିକନିପାତ, ତପୋଧମ୍ମ ସୁତ୍, ବପ୍ପସୁତ୍ ଏବଂଲୋୟତିକ ସୁତ୍ କେତେକ ପୁରାତନ ଜୈନ ଧାରଣାକୁ ବୁଝିବା ପାଁ ଅତି ସାହାଯ୍ୟପୂର୍ଣ୍ଣ ସୂଚନା ଦେଇଛନ୍ତି । ଖୁଦ୍‌କନିକାୟ କେତେକ କ୍ଷୁଦ୍ର କ୍ଷୁତ୍ର ଅଂଶର ସମାହାର ଏହା ପ୍ରସଙ୍ଗ ଏବଂ ସଜ୍ଜୀକରଣ ଦୃଷ୍ଟିରୁ ବିବିଧତାପୂର୍ଣ ଏବଂ ଅସଜଡ଼ା । ଏହି ନକାୟରେ କୌଣସି ସର୍ବସମ୍ମତି ପ୍ରସଙ୍ଗ ନାହିଁ । ସଂହଳୀ ପରମ୍ପରା ଦୃଷ୍ଟିରୁ ଏଥିରେ ଅଛି (୧) ଖୁଦ୍‌କପାଠ (ଏଥିରେ ମାତ୍ର ନଅଟି ଛୋଟ ଛୋଟ ସୁତ୍ ଅଛି) (୨) ଧମ୍ମପଦ (୪୨୩ଟି ସ୍ମାରକୀ ଗୀତ ସଂଗ୍ରହ (୩) ଉଦାନ (ବୁଧ୍‌ଙ୍କ ପବିତ୍ରବାଣି ସଂକଳନ (୪) ଇତିବୁତ୍‌କ (ଉଦାନଙ୍କ କଥାରେ ଅନୁରୂପ (୫) ସୁତ୍‌ନିପାତ (ଚାରିଟି ଅତି ପ୍ରାଚୀନ ବଗ୍) (୬) ବିମାନବତ୍ଥୁ (୭) ପେତବତ୍ଥୁ (୮) ଥେରଗାଥା (୯) ଥେରିଗାଥା (୧) ଜାତକ (୧୧) ନିର୍ଦ୍ଦେଶ ମହାନିର୍ଦ୍ଦେଶକ ଏବଂ ଗୁଳ ନିର୍ଦ୍ଦେଶ (୧୨) ପଯିସମ୍ଭିଦା - ମଗ୍ (୧୩) ଅପାଦାନ (୧୪) ବୁଧ୍ ବଂଶ ଏବଂ (୧୫) ଚର୍ଯ୍ୟାପିଟକ । ଏମାନଙ୍କ ମଧରୁ ଉଦା (ସତ୍‌ଜଟିଳସୁତ୍) ସୁତନିପାତ (ଧମ୍ମିକସୁତ୍) ଥେରା ପଦାନ (ଅଭୟଥେରାପଦାନ) ଜାତକ (ମହାବୋଧ) ଏବଂ ଧମ୍ମପଦରେ ବିଳମ୍ବରେ ହେଲେ ସୁଧା ଜୈନ ଧର୍ମ ସଂପର୍କରେ ବହୁ ମୂଲ୍ୟବାନ ତଥ୍ୟ ସଂରକ୍ଷିତ ହୋଇ ରହିଛି ।

ଅଭିଧମ୍ମପଟିକ ହେଉଛି ଏକ ପରବର୍ତ୍ତୀ ସମୟର ରଚନା, ବୌଧ୍ ମନସ୍ତତ୍ୱ ଏବଂ ଦର୍ଶନକୁ ଏଥିରେ ବୌଧିକ ବିଶ୍ଲେଷଣ କରାଯାଇଛି । ଏହାର ସୁବ୍ୟବସ୍ଥିତ ଦର୍ଶନ ସହିତ ସଂପର୍କ ନାହିଁ । ଏହା ଧମ୍ମର ବେଳ

ଏକ ଅତିରିକ୍ତ ଖଣ୍ଡ । ୧୬। ଅଭିଧମ୍ମ ଏକ ସମ୍ମାନିତ ବିଶେଷତଃ ବର୍ମାରେ ଅତ୍ୟନ୍ତ ମାନ୍ୟତା ପ୍ରାପ୍ତ ଗ୍ରନ୍ଥ । ନିମ୍ନଲିଖିତ ପୁସ୍ତକଗୁଡ଼ିକୁ ଏଥିରେ ସଂଲଗ୍ନ କରାଯାଇଛି । ୧-ଧମ୍ମସଂଙ୍ଗଣି ୨.ବିଭଙ୍ଗ ୩. କଥାବ□ୁ ୪. ପୁଗଳପଣ୍ୟତି୍ ୫. ଧାତୁକଥା ୬. ଯମକ ଏବଂ ପଟ୍ଠାଣ । ସର୍ବାସ୍ତିବାଦୀ ମାନଙ୍କର ଅଭିଧମ୍ମ ଅନ୍ୟଠାରୁ ସଂପୂର୍ଣ୍ଣ ପୃଥକ । ଏହି ପିଟକରେ ଜୈନ ଧର୍ମ ସଂପର୍କରେ କୌଣସି ଆଭାସ ମିଳେନାହିଁ ।

ପରିତ୍ ବା ମହାପରିତ୍ ଗୋଟିଏ ସୂତଗ୍ରନ୍ଥ । ଏହାକୁ ତାନ୍ତ୍ରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ । ଶ୍ରୀଲଙ୍କାରେ ଏହି ପରିତ୍ ବ୍ୟବହାର ଏବେ ମଧ ଦେଖିବାକୁ ମିଳେ ଏହା ମନ୍ଦକୁ ତଡ଼ି ସୁଖ ଏବଂ ଆନନ୍ଦ ଆଣିଦିଏ ବୋଲି ସେଠାରେ ବିଶ୍ୱାସ କରାଯାଏ ।

ବୌଧ୍ ଲେଖାଗୁଡ଼ିକୁ ଅନ୍ୟତ୍ର ନଅଟି ଅଙ୍ଗରେ ଶ୍ରେଣୀ ବିଭକ୍ତ କରାଯାଇଛି ୧. ସୁତ୍, ୨. ଗେୟ (ଗଦ୍ୟ ଓ ପଦ୍ୟ ମିଶ୍ରିତ) ୩. ଗାଥା (ଗୀତ) ୪. ଉଦାନ (ଆନନ୍ଦଗୀତିକା) ୫. ବୈୟାକରଣ (ବିଶ୍ଳେଷଣ) ୬. ଇତିବୁତ୍କ (ବୁଧ୍ ଏହିପରି କହିଥିଲେ ବୋଲି ବ୍ୟାକ ସାହିତ୍ୟ ସାରଗର୍ଭକ ମନ୍ତବ୍ୟ) ୭. ଜାତକ (ବୁଧ୍ଙ୍କ ପୂର୍ବଜନ୍ମ କଥା) ୮. ଅବ୍ଭୁତ୍ ଧମ୍ମ (ପରିବ୍ରାଜକଙ୍କ ଗଳ୍ପ) ୯. ବେଜ୍ଜଲ (ପ୍ରଶ୍ନୋତ୍ରୀ) । ୧୮।

ସୂତ୍ର ସାହିତ୍ୟ ବ୍ୟତୀତ ଅନ୍ୟ କେତେକ କୃତି ମଧ ରହିଛି । ତାହାକୁ ପରିଶିଷ୍ଟ ସୂତ୍ର ଗ୍ରନ୍ଥ ଭାବରେ ଗ୍ରହଣ ଏବଂ ମାନ୍ୟତା ପ୍ରଦାନ କରାଯାଇଚି । ଏଗୁଡ଼ିକ ହେଲା - ନେତି୍ପକରଣ, ପିଟ୍କୋପଦେଶ, ଏବଂ ମିଳନନ୍ଦପନ୍ହ । ପ୍ରଥମ ଦୁଇଟିକୁ ବର୍ମାରେ ସୂତ୍ର ଭାବରେ ଗ୍ରହଣ କରାଯାଏ । ଉକ୍ତ ଦୁଇଟି କୃତିରେ ଜୈନ ଧର୍ମର ଆଭାସ ମିଳେନାହିଁ । ମିଳିନ୍ଦପନ୍ହାରେ ଅବଶ୍ୟ ଜୈନ ତତ୍ୱର ଉଲ୍ଲେଖ ମିଳେ । ତାହା ହେଉଛି - ଛୋଟ ପୋକ ଥାଆନ୍ତି, ତେଣୁ ତାହାକୁ ଛାଣି ଏବଂ ସିଝାଇ ବ୍ୟବହାର କରିବା ଉଚିତ୍ ।

ତ୍ରିପିଟିକରେ ଅଭିଭାଷର, ଆଳପା, ଗୀତ, କଥନିକା, ବର୍ଣନା ଏବଂ ବିହାରର ନୀତିନିୟମ ଅଧିକାଂଶ ସୂତ୍ର ବୁଧ୍ଙ୍କ ମୁଖ ନିଶ୍ରୁତ । କିନ୍ତୁ ବୁଧ୍ଙ୍କ ପ୍ରକୃତ ଶବ୍ଦକୁ ବାଛିବା ଅତ୍ୟନ୍ତ କଷ୍ଟସାଧ । କାରଣ ତ୍ରିପିଟକରେ ପରସ୍ପର ବିରୋଧୀ କତା, ପୁନରାବୃତି୍, ଏବଂ ପ୍ରକ୍ଷିପ୍ରାଂଶ ରହିଛି - ଯାହାକି ପୁରାତନ ଧାର୍ମିକ କୃତିର ଚାରିତ୍ରିକ ବୈଶିଷ୍ଟ୍ୟ ଅଟେ ।

ରିଜ୍ଡ଼ାଭିସା ।୧୯। ବୁଧ୍ଙ୍କ ସମୟରୁ ଅଶୋକଙ୍କ ସମୟ ପର୍ଯ୍ୟନ୍ତ ବୌଧ୍ ସାହିତ୍ୟର ଏକ କ୍ରମିକ ସାରଣୀ ନିମ୍ନ ପ୍ରକାରର ପ୍ରଦାନ କରିଛନ୍ତି ।

୧. ବୌଧ୍ ମତର ସଂପର୍କିତ ସରଳ ବିକୃତିମାନ ସାଂପ୍ରତି ସାଙ୍କେତିକ ଶବ୍ଦ, ପାରାଗ୍ରାଫ୍ କିମ୍ବା ପଦ୍ୟ ଆକାରରେ ସମସ୍ତ କୃତିରେ ଉପଲବ୍ଧ ।

୨. ସାଙ୍କେତିକ ଶବ୍ଦରେ ଉପାଖ୍ୟାନ ସମୂହ ଦୁଇ କିମ୍ବା ଅଧିକ କୃତିରେ ସଂପ୍ରତି ଉପଲବ୍ଧି ।

୩. ଶୀଳ, ପାରାୟଣ, ଅଷ୍ଟାଦେଶ, ପାତିମୋଖ୍ଖ

୪. ଦିଘ, ମଝିମ, ଅଙ୍ଗୁତ୍ର, ସଂଯୁତ୍ନିକାୟ

୫.   ସୁତ୍‌ନିପାତ, ଥେର ଏବଂ ଥେରିଗାଥା, ଉଦାନ ଏବଂ ଗୁଦ୍‌କ ପାଠ

୬.   ସୁତ୍‌ବିଭଙ୍ଗ ଏବଂ ଖଣ୍ଡକ

୭.   ଜାତକ ଏବଂ ଧମ୍ମପଦ

୮.   ନେଦ୍ଦେଶ, ଇତିଭୁତ୍‌କ ଏବଂ ପତିସମ୍ଭିଦାମଗ୍

୯.   ପେତ ଏବଂ ବିମାନବତ୍ଥୁ, ଅପଦାନ, ଚରିୟ ପିୟକ ଏବଂ ବୁଧ୍ ବଂଶ

୧୦.   ଅଭିଧମ୍ମ ପୁସ୍ତକାବଳୀ । ଏହାର ଶେଷ ଖଣ୍ଡ କଥାବତ୍ଥୁ ଏବଂ ସମ୍ଭବତଃ ଆଦ୍ୟ ଶକ୍ତି ହେଉଛି ପୁଗ୍‌ଲ ପଣ୍ୟତି ।

ଲ' ଏହି ସାରଣୀକୁ ସମୀକ୍ଷା କରିବା ପରେ ନିଜ ମତରେ କହିଛନ୍ତି ଯେ, "ଏହା ଏତେ ପ୍ରଶ୍ନୋତ୍ର ମୂଳକ, ଏତେ ନୀରସ ଓ ସ୍ପଷ୍ଟଏବଂ ଏକବାଗିଆ ଯେ ପାଲି ସୂତ୍ରାବଳୀର ଧାରାବାହିକ ସାରଣୀ ଭାବରେ ଏହା ପଥପ୍ରଦର୍ଶନକାରୀ ବୋଲି ନିଜକୁ ଚିହ୍ନାଇଲେ ସୁଧା ତାହା ଗ୍ରହଣଯୋଗ୍ୟ ନୁହେଁ ।୨୦। ନିଜର ଉପସଂହାରରେ ସେ ପାଲି ସାହିତ୍ୟର ନିମ୍ନମତେ ସାରଣୀ ପ୍ରସ୍ତୁତ କରିଛନ୍ତି ।୨୧।

୧.   ବୌଧ୍ ମତ ସଂପର୍କିତ ସାଙ୍କେତିକ ଶବ୍ଦ ସନ୍ଧା ଭାଷା ଗଦ୍ୟ କିମ୍ବା ଆକାରରେ ଲିଖିତ ସରଳ କଥାମାନ ସଂପ୍ରତି ସମସ୍ତ କୃତିରେ ଦେଖିବାକୁ ମିଳୁଛି ।

୨.   ସାଙ୍କେତିକ ଶବ୍ଦ / ସନ୍ଧା ଭାଷାରେ ରଚିତ ଉପାଖ୍ୟାନ ଦୁଇଟି କିମ୍ବା ଅଧିକ ପୁସ୍ତକରେ ଉପଲବ୍‌ଧ ।

୩.   ବିନା ଉପକ୍ରମଣିକାରେ ପାରାୟଣ ଗୋଷ୍ଠୀଭୁକ୍ତ ଶୀଳ କରି ଷୋହଳଟି ପଦ୍ୟ, ଅଟ୍‌ଠକ ଗୋଷ୍ଠୀର ଚାରିକିମ୍ବା ୧୬ଟି ପଦ୍ୟ ଏବଂ ସିଖଶପଦଙ୍କ ପଦ୍ୟ ।

୪.   ଦିଘ, ଦ୍ୱିତୀୟ ଏବଂ ତୃତୀୟ ଖଣ୍ଡ, ଲୋରାଥେରିଗାଥା, ୫୦୦ ଜାତକ ସଂକଳନ, ସୁତ୍‌ବିଭଙ୍ଗ, ପତିସମ୍ଭିଦାମଗ୍, ପୁଗ୍‌ଲପଣ୍ୟତି ଏବଂ ବିଭଙ୍ଗ ।

୫.   ମହାବଗ୍, କୁଳବଗ୍, ପାତିମୋକ୍ଷର ସଂପୂର୍ଣ୍ଣ ୨୨୭ଟି ନିୟମ ବିମାନବ□ୁ ଏବଂ ପେରବ□ୁ, ଧମ୍ମପଦ ଏବଂ କଥାବତ୍ଥୁ ।

୬.   କୁଳନିର୍ଦ୍ଦେଶ, ମହାନିର୍ଦ୍ଦେଶ, ଉଦାନ, ଇତିଭୁତ୍‌କ, ସୁତ୍‌ନିପାତ, ଧାତୁକଥା, ଯମକ ଏବଂ ପଟ୍‌ଠାଣଣ

୭.   ବୁଧିବଂଶ, ଚର୍ଯ୍ୟାପିଟକ ଏବଂ ଅପାଦାନ

୮.   ପରିବାର ପାଠ

୯.   ଖୁଦ୍‌କ ପାଠ

ସାମଗ୍ରିକ ଭାବରେ ଆମେ କହିପାରିବା ଯେ ପାଲିସୂତ୍ର ସାହି୍ୟ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ସଂକଳନ ହେଉଥିଲା । ଅନ୍ୟ କଥାରେ କହିଲେ, ଶ୍ରୀଲଙ୍କାର ରାଜା ବଟ୍ଟଗାମଣି (ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ)ଙ୍କ

ଶାସନ କାଳର ଶେଷ ପର୍ଯ୍ୟନ୍ତ ଯଦିଓ ସାମାନ୍ୟ ପରିବର୍ତ୍ତ୍ନ ଚୂଡ଼ାନ୍ତ ଲିଖନ ଜାରି ରହିଥିଲା । ତୃତୀୟ ପରିଷଦକୁ ଏହି କାର୍ଯ୍ୟର ସାଧାରର ସୀମାଭାବରେ ଗ୍ରହଣ କରାଯାଇପାରେ । ଏହାକୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଶେଷ ଚାରି ଦଶନ୍ଧି ଭାବରେ ଲ' ଗ୍ରହଣ କରିଛନ୍ତି । ଖ୍ରୀଷ୍ଟାବ୍ଦ ପ୍ରଥମ ଶତକର ମିଳିନ୍ଦ ପହ୍ନକୁ ଭିତ୍ କରି ସେ ଏହି ମତ ଦେଇଛନ୍ତି । ସେଥିରେ ଅଛିଯେ ଯେତେବେଳେ ଏହା ସଂକଳିତ ହେଲା, ସେତେବେଳକୁ ସୂତ୍ରର ତିନିପିଟକ ଏବଂ ପା□ନିକାୟରେ ସୂତ୍ର ବିଭାଜିତ ହୋଇ ସାରିଥିଲା ।୨୨। ସେ ଆହୁରି କହନ୍ତି, 'ସିଂହଳୀ ଭାଷ୍ୟ ମହାଅଟ୍ଟକଥା, ମହାପଚ୍ଚରିୟ, ମହାକୁର୍ଣ୍ଣିୟ, ଅନ୍ଧକ ଏବଂ ବୁଧ୍ଦତ୍, ବୁଧ୍ଘୋଷ, ତଥା ଧମ୍ମପାଳଙ୍କର ଭାଷ୍ରର ସମର୍ଥନକାରୀ ଖ୍ରୀଷ୍ଟାବ୍ଦର ଆରମ୍ଭ ବେଳକୁ ସୂତ୍ର ଚୂଡ଼ାନ୍ତ ଭାବରେ ବନ୍ଦ ହୋଇଗଲା ବୋଲି ମତ ଦିଅନ୍ତି । ତେଣୁ ଆମେ ଅତ୍ୟନ୍ତ ଆଶ୍ୱସ୍ତିର ସହିତ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଶେଷ ଚାରିଦଶନ୍ଧିକୁ ସାଧାରଣ ସୀମାର ସମୟକାଳ ଭାବରେ ଗ୍ରହଣ କରିପାରିବା ।୨୩।

ଏହା ଫଳରେ ଗୋଟିଏ ସନ୍ଦେହ ଉପୁଜିଛି ଯେ ପାଲି ତ୍ରିପିଟକରେ ଆମ ପାଖରେ ଯେଉଁ ସୂତ୍ର ତୃତୀୟ ଶତାବ୍ଦୀଠାରୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ ଯେତେବେଳେ ରଚନା ଅବ୍ୟାହତ ଥିଲା, ସେହି ସମୟରେ ତ୍ରିପିଟକ କରେ ଅନେକ ପରିବର୍ତ୍ତ୍ନ ହୋଇଥାଇପାରେ । ବିଶେଷତଃ ବହୁ ସଂଯୋଗ କରାଯାଇପାରିଥାଏ ଏବେ ଯେଉଁ ପାଲି ତ୍ରିପିଟକ ମିଳୁଛି, ତାହା ତୃତୀୟ ପରିଷଦର ସଂକଳିତ ପାଲି ତ୍ରିପିଟକ ସହିତ ଏବେ ରହିଥିବା ପାଲି ତ୍ରିପିଟକର ବିଶେଷ ସାମଞ୍ଜସ୍ୟ ନାହିଁ, କିନ୍ତୁ ପରବର୍ତ୍ତୀ ସମୟର ସଂଯୋଗୀକରଣ ପ୍ରକ୍ଷିପ୍ତାଂଶ ଏବଂ ସଂଶୋଧନ କାର୍ଯ୍ୟ ଏତେ ବ୍ୟାପକ ଏବଂ ଗୁରୁତ୍ୱପୂର୍ଣ୍ଣ ଭାବରେ ହୋଇନାହିଁ । ଯାହାଫଳରେ କି ସୂତ୍ରକୁ ବୁଧ୍ଙ୍କ ଜୀବନ ଓ ଉପଦେଶ କ୍ଷେତ୍ରରେ ପ୍ରାମାଣିକ ଅଭିଲେଖ ଭାବରେ ଗ୍ରହଣ କରି ହେବନାହିଁ ।

(ଖ) ଅଣସୂତ୍ରୀୟ ସାହିତ୍ୟ

ଆମେ ଯେପିର ପୂର୍ବରୁ କହିଛୁ, ସେହି ଅନୁସାରେ ଅଣସୂତ୍ରୀୟ ସାହିତ୍ୟକୁ ଚାରି ଭାଗରେ ବିଭକ୍ତ କରାଯାଇପାରିବ । ୧. ଅଟ୍ଠକଥା, ୨. ଟୀକା, ୩. ଟିପ୍ପଣୀ, ୪. ପକରଣ । ଏହି ଅଣସୂତ୍ରୀୟ କୃତି ମଧ୍ୟରୁ କେବଳ ଅଟ୍ଠକଥା ଏବଂ ବୁଧ୍ଘୋଷ ମୋର ଅଧ୍ୟୟନ ନିମନ୍ତେ ଆବଶ୍ୟକ । ଭାଷ୍ୟଗୁଡ଼ିକରେ ଜୈନଧର୍ମ ସଂପର୍କରେ ଥିବା ସୂଚନାରୁ ପରବର୍ତ୍ତୀ ବୌଧ୍ ସନ୍ନ୍ୟାସୀଙ୍କର ନିଗନ୍ଥନାତପୁତ୍ଙ୍କ ସଂପର୍କରେ ଧାରଣା ଏବଂ ସେମାନଙ୍କର ଧାରଣା ଆମେ ଜାଣିଥିବା ପ୍ରାମାଣିକ ଉତ୍ସ ସହିତ ଖାପ ଖାଉନାହିଁ ।

ଉଦାହରଣସ୍ୱରୂପ, ଦିଘନିକାୟ ।୨୪। ଏବଂ ମଝିମନିକାୟା ।୨୫।ର ଭାଷ୍ୟରେ ବୁଧ୍ଘୋଷ ନିଗନ୍ଥନାତପୁତ୍ଙ୍କ ମୃତ୍ୟୁ ସଂପର୍କରେ କହିବା ବେଳେ ନାତପୁତ୍ ନିଜ ଧାରାର ଅସରପଣ ଏବଂ ବ୍ୟର୍ଥତାକୁ ଅନୁଭବ କରିପାରେ ନିଜର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ବୌଧ୍ଧର୍ମକୁ ନିଜର ଅନୁଗାମୀଙ୍କ ସହିତ ଗ୍ରହଣ କରିଥିଲେ ବୋଲି ସୂଚାଇଛନ୍ତି । ପରବ□ୀ ସମୟରେ ବୁଧ୍ଘୋଷ ସ୍ୟଦବାଦର ନୀତିକୁ ଭୁଲ ବୁଝିଛନ୍ତି ଏବଂ ଅଭିଯୋଗ କରିଛନ୍ତି ଯେ ନିଗନ୍ଥନାତପୁତ୍ ତାଙ୍କ ଶିଷ୍ୟମାନଙ୍କୁ ଦୁଇ ବିପରୀତଧର୍ମୀ ଦ୍ୱା□ାରେ ଶିକ୍ଷା ଦେଉଥିଲେ । ଜଣକୁ ସେ କୁଆଡ଼େ ତାଙ୍କ ମତ ଉଚ୍ଛେଦବାଦ ଏବଂ ଅନ୍ୟଜଣକୁ ଶାଶ୍ୱତବାଦ ଶିକ୍ଷା

ଦେଉଥିଲେ । ବୁଧ୍ କହନ୍ତି ଯେ ଏହା ଫଳରେସେ ନିଜ ଭିତର ଭୟଙ୍କର ଗଣ୍ଡଗୋଳ କରି ନାତପୁତ୍ଙ୍କ ଧାରାକୁ ଦୁଇ ଭାଗରେ ବିଭକ୍ତ କରିଦେଇଥିଲେ । କାରଣ ସେତେବେଳେ ଧାର୍ମିକ ବିବାଦ ପରସ୍ପର ଭିତରେ ଭୁଲ ବୁଝାମଣାକୁ ଡ଼ାକି ଆଣୁଥିଲା । ଏବଂ ମନଇଚ୍ଛା ନିଜ ମତଲବ୍ ଅନୁସାରେ କେତେକ ମତର ବ୍ୟାଖ୍ୟା କରି ଲୋକଙ୍କୁ ପ୍ରଭାବିତ କରିବା ସକାଶେ କାଳ୍ପନିକ କଥାମାନ ଯୋଡ଼ିଦିଆଯାଉଥିଲା । ଜୈନ ସାହିତ୍ୟରେ ମଧ୍ୟ ଏହିପରି ଦୃଷ୍ଟାନ୍ତ ରହିଛି ।

**ସଂସ୍କୃତ ବୋଧ୍ ସାହିତ୍ୟ**

ଥେରବାଦୀ ବୌଧ୍ ମାନଙ୍କ ଭାଷା ପାଲି ଥିଲା । କିନ୍ତୁ ହିନ୍ଦୁ ଏବଂ ମହାଯାନ ବୌଧ୍‌ମାନେ କେବଳ ସଂସ୍କୃତକୁ ନିଜର ମାଧ୍ୟମ ଭାବରେ ବ୍ୟବହାର କରୁଥିଲେ । ହୀନଯାନ ବୌଧ୍‌ଙ୍କ ଦୁଇଟି ଶାଖା ବୈଭାଷିକ ଏବଂ ସୌତ୍ରାନିକ ଥିବାବେଳେ ମହାଯାନ ମାଧ୍ୟମିକ ବା ଉନୀବାଦ ଏବଂ ଯୋଗାଚାର ବା ବିଜ୍ଞାନବାଦ ଶଖା ଥିଲା । ଏହି ଶାଖାଗୁଡ଼ିକର ବିପୁଳ କୃତି ବହୁ ଭାଷାରେ ଉପଲବ୍ଧ, ନାଗାର୍ଜ୍ଜୁନ, ଆର୍ଯ୍ୟବେଦ, ଧର୍ମକୀର୍ତ୍ତି, ବସୁବନ୍ଧୁ, ଅର୍କତ, ଶାନ୍ତରକ୍ଷିତ, ପ୍ରଜ୍ଞାକର ଗୁପ୍ତ ଜତାରୀ ଇତ୍ୟାଦିଙ୍କ କୃତିରୁ ଜୈନ ଧର୍ମ ସଂପର୍କରେ ବହୁ ତଥ୍ୟ ମିଳେ । ସେମାନେ ସ୍ୟାଦବାଦ ସମେତ ବିଭିନ୍ନ ଜୈନ ଧାରଣାକୁ ବିରୋଧ କରୁଥିଲେ । ବିପୁଳ ପରିମାଣରେ ବୌଧ୍‌କୃତି ନଷ୍ଟ ହୋଇଗଲାଣି । ଏସବୁର ଅନୁବାଦ ତିବ୍ବତ ଏବେ ଚୀନରେ ଅଛି । ତାହାର ବ୍ୟବହାର ଏଠାରେ କରିବା ସମ୍ଭବ ହୋଇନାହିଁ ।

# ୨ୟ ଅଧ୍ୟାୟ

# ଜୈନ ଦର୍ଶନ

**ଗଡ଼ଦ୍ରବ୍ୟ**

ଜୈନ ଧର୍ମରେ ଦ୍ରବ୍ୟ ବା ପଦାର୍ଥ ଯେ କୌଣସି ଅସ୍ତିତ୍ୱକୁ ବୁଝାଏ, ଯିଏ କି ନିଜର ଅସଂଖ୍ୟ ରୂପଗୁଣ ସତ୍ୱେ ସ୍ଥୈର୍ଯ୍ୟର ବିଶେଷ ଗୁରଣ ଅଧିକାରୀ ଅଟେ । ଜୈନଙ୍କର ବାସ୍ତବ ତତ୍ୱରେ ପରମଙ୍କ ଶାଶ୍ୱତ ବାସ୍ତବତା ଏବଂ ହେରାକ୍ଲିସୀୟ ପରିବର୍ତ୍ତନର ସ୍ଥାନ ନାହିଁ ।୧। ଏହା କେବଳ ଭୌତିକ ବାସ୍ତବତାକୁ ଗ୍ରହଣ କରେ । ଏହି ଭୌତିକ ବାସ୍ତବତାର ତିନୋଟି ମୌଳିକ ଗୁଣ ରହିଛି ।(କ) ଉତ୍ପାଦ (ମୌଳିକ), ବ୍ୟୟ (ବିନାଶ) ଏବଂ ଧ୍ରୁବ୍ୟ (ସ୍ଥାୟିତ୍ୱ) ।୨।

ଦ୍ରବ୍ୟ ଗୁଣ ଏବଂ ପର୍ଯ୍ୟାୟର ମୂଳଭିତ୍ତି ମଧ୍ୟ ଅଟେ ।୩। ପଦାର୍ଥକୁ ଛାଡ଼ି ଗୁଣ ନାହିଁ କିମ୍ବା ଗୁଣକୁ ଚାଡ଼ି ପଦାର୍ଥନାହିଁ ।୪। ଶ୍ରେଣୀ ଭାବରେ ଦ୍ରବ୍ୟ ହେଉଛି ଏକକ ଏବଂ ବିବିଧ ଭାବରେ ରହିଥିବା ସବୁ ଜିନିଷର ଅବିଚ୍ଛେଦ୍ୟ ସାରାଂଶ ।୫। ବାସ୍ତବ ପକ୍ଷେ ଏହାକୁ କେହି ତିଆରି କରି ପାରିବେ ନାହିଁ କିମ୍ବା ଧ୍ୱଂସ କରିପାରିବେ ନାହିଁ । ଏହାର କେବଳ ସ୍ଥାୟୀ ଦ୍ରବ୍ୟଗୁଣ ରହିଛି । କିନ୍ତୁ, ରୀତିଦୃଷ୍ଟିରୁ ପ୍ରକୃତି ତିନିପ୍ରକାରର । ଦ୍ରବ୍ୟ ଛଅ ପ୍ରକାରର । ଯଥା - ଜୀବ (ଆତ୍ମା), ପୁଦ୍ଗଳ (ବସ୍ତୁ, ଧର୍ମ (ଗତିନିୟମ) ଅଧର୍ମ (ବିଶ୍ରାମ ନୀତି) ଆକାଶ (ଶୂନ୍ୟ) ଏବଂ କାଳ (ସମୟ), ଦ୍ରବ୍ୟର ପ୍ରଥମ ପା□ ପ୍ରକାରକୁ ଅସ୍ତିକାୟ (ଯେଉଁମାନଙ୍କର ସ୍ଥିତି ଏକ ଶରୀର ପରି ପ୍ରଦେଶ ବା ଇଲାକା ଅଛି) ଏବଂ ଅନସ୍ତିକାୟ ।୭।

ଅନ୍ୟ ଏକ ମତ ଅନୁସାରେ ଏହା ତିନି ପ୍ରକାରର । ଯଥା- ସକ୍ରିୟ, ନିଷ୍କ୍ରିୟ ଏବଂ ସକ୍ରିୟ ନିଷ୍କ୍ରିୟ । ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାପାଇଁ ଯାହାର ସାମର୍ଥ୍ୟ ଅଛି ସେହି ସକ୍ରିୟ ଦ୍ରବ୍ୟକୁ ପୁଦ୍ଗଳ ଏବଂ ଜୀବ କୁହାଯାଏ । ସକ୍ରିୟ ଦ୍ରବ୍ୟର ବୀରୋଧୀ ଗୁଣ ଯାହାର ସେ ନିଷ୍କ୍ରିୟ ଦ୍ରବ୍ୟ । ଏହାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଜଙ୍ଗମତ୍ୱ ନାହିଁ । ଶୂନ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଯଦିଓ ଅନ୍ୟ ଜିନଷରେ ଏହାର ପରିବର୍ତ୍ତିତ ହୁଏ, ତଥାପି କାଳ ନିଷ୍କ୍ରିୟ ଦ୍ରବ୍ୟ ଶ୍ରେଣୀରେ ଗଣ୍ୟ ହୁଏ । ସକ୍ରିୟ ନିଷ୍କ୍ରିୟ ଦ୍ରବ୍ୟ ହେଉଛି ସେହି ସତ୍ୟ ଯାହା ବିନା ପରିବର୍ତ୍ତନ କିମ୍ବା ଗତିରେ ଗତିଶୀଳ । ସେମାନଙ୍କର ସାମାନ୍ୟ ଅବଗାହନ (ସ୍ଥାନ) ଅଛି । ଧର୍ମ ଏବଂ ଧର୍ମଦ୍ରବ୍ୟ ଏହାରି ଅନ୍ତର୍ଭୁକ୍ତ । ଜୀବ, ଧର୍ମ, ଏବଂ ଅଧର୍ମଙ୍କର ଅଗଣିତ ସ୍ଥାନ ବା ପ୍ରଦେଶ ରହିଛି । ଆକାଶ ଅନନ୍ତ ପ୍ରଦେଶ ଏବଂ ପୁଦ୍‌ଗଳର ସୀମିତ ପ୍ରଦେଶ ରହିଛି । କାଳର ଗୋଟିଏ ପ୍ରଦେଶ ।୮। ରହିଛି । ଏହି ଗଡ଼ ଦ୍ରବ୍ୟ ଯଦିଓ ନିଜ ନିଜ ଭିତରେ ଠେଲାପେଲା ହେଉଛନ୍ତି ଏବଂ ପରସ୍ପରକୁ ସ୍ଥାନ ଦେଉଛନ୍ତି ତଥା ଏକା ଆକାଶକୁ ଦଖଲ କରିବା ନିମନ୍ତେ ମିଶଯାଉଛନ୍ତି, ତଥାପି ସେମାନେ ନିଜ ନିଜୁ ଗୁଣକୁ ନିଜର ସ୍ୱାତନ୍ତ୍ୟ ବଜାୟ ରଖୁଛନ୍ତି ।୯। ଆକାଶ, କାଳ, ଜୀବ, ଧର୍ମ ଏବଂ ଅଧର୍ମ ଆକାର ଶୂନ୍ୟ ବା ଅମୂର୍ତ୍ତଦ୍ରବ୍ୟ ଅଟନ୍ତି । ସେମାନେ ସଂପର୍କ, ସ୍ୱାଦୁ, ଆଘ୍ରାଣ, ଶବ୍ଦ ଏବଂ ବର୍ଣ୍ଣ ବିହୀନ । ପୁଦ୍‌ଗଳ (ବସ୍ତୁ) ହିଁ କେବଳ ମୂର୍ତ୍ତ । ଜୀବ ବ୍ୟତୀତ ଏହି ସମସ୍ତ ଦ୍ରବ୍ୟ ଅଚେତନ ଅଟନ୍ତି ।୧୦।

ଅନ୍ୟ ଏକ ବର୍ଗୀକରଣ ଅନୁସାରେ ଦ୍ରବ୍ୟ ବା ତତ୍ୱକୁ ସପ୍ତଶ୍ରେଣୀରେ ବିଭକ୍ତ କରାଯାଇଛି । ଜୀବନ, ଅଜୀବ, ଆଶ୍ରବ, ବନ୍ଧ, ସମ୍ବର, ନିର୍ଝର ଏବଂ ମୋକ୍ଷ । ମୁକ୍ତି ନିର୍ବାଣର ବକ୍ତବ୍ୟକାରୀ ଜୈନମତବାଦର ସଂକ୍ଷିପ୍ତ ସାରକଥା ଜଣାଇବାକୁ ଏହି ସପ୍ତତତ୍ୱକୁ ସଜାଡ଼ି ଉପସ୍ଥାପନ କରାଯାଇଛି । ଜୀବନ ଏବଂ ଅଜୀବ ପ୍ରଥମ ଦୁଇଜଣଙ୍କର ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଅନ୍ତର୍ଭୁକ୍ତ ଅଟେ । ସଂସାରରେ ଜୀବର ଦୂରାବସ୍ଥାର କାରଣ ହେଉଛି କର୍ମକାର୍ଡ ତାହା ଏହାରି ଭିତରକୁ ଚାଲିଆସେ । ସମ୍ବର ଏବଂ ନିଜର ହେଉଛନ୍ତି ମୁକ୍ତି ପଥରେ ଦୁଇଟି ଅବସ୍ଥା । ଯାହା ଭିତରେ କର୍ମ ବସ୍ତୁର ପ୍ରବାହ ପ୍ରଥମେ ବନ୍ଦ ହୋଇଯାଏ । ଏବଂ ସାରା କର୍ମବସ୍ତୁ ଧୋଇ ହୋଇଯାଏ । ଏହାପରେ ଜୀବନ ସଂପୂର୍ଣ୍ଣ ଭାବରେ କର୍ମବସ୍ତୁରୁ ସଂପୂର୍ଣ୍ଣ ମୁକତ ହୋଇ ସନ୍ନ୍ୟାସୀ ପାଲଟିଯାଏ । ଏହି ସପ୍ତତତ୍ୱ ଚିରନ୍ତ ଏବଂ ସତ୍ ଅଟନ୍ତି ।

ଜୀବନ (ଆତ୍ମା)

ଆମବା ସଂପର୍କରେ ଜୈନମତ ଅନ୍ୟ ଦର୍ଶନର ମତାମତ ସହିତ ମୋଟାମୋଟି ଭାବରେ ଏକାପ୍ରକାରର । ତଥାପି, କେତେକ କ୍ଷେତ୍ରରେ ଏହାର ପୃଥକ୍ ମତ ରହିଛି । ଏହି ମତ ଅନୁସାରେ ଏହାକୁ କେହି ସୃଷ୍ଟି କରିନାହାନ୍ତି । ଏହାର ଆରମ୍ଭ ବୋଲି କିଛିନାହିଁ । ଏହି କ୍ଷେତ୍ରରେ ବିବାହଦର ଅବକାଶ ନାହିଁ । ଏହାର ବିବାଦୀୟ କ୍ଷେତ୍ରଟି ହେଉଛି ଏହାର ପ୍ରକୃତି । ଋଗ୍‌ବେଦ ।୧୨। ସଂହିତା ଅନୁସାରେ ଯେତେବେଳେ ଜଣେ ଲୋକ ମରିଯାଏ ସେ ନିଜର ପିତାମାତାମହଙ୍କ ଦୁନିଆକୁ ଚାଲିଯାଏ ଏବଂ ସେଠାରେ ଅବାଧ ଓ ପରିପୂର୍ଣ୍ଣ ଜୀବନର ଅଧିକାରୀ ହୋଇ ରହିଥାଏ । ଶତପଥ ବ୍ରାହ୍ମଣ ।୧୩। ଅନୁସାରେ ଏହା ଭଲ ଓ ମନ୍ଦ କର୍ମର ଫଳ ଭୋଗ କରେ । ଏହାରି ବହୁବଚନକୁ ଉପନିଷଦଗୁଡ଼ିକ ବିରୋଧ କରନ୍ତି କଠୋପନିଷଦ ।୧୬। ଅନୁସାରେ ଏହା ଶାଶ୍ୱତ ଏବଂ ଶରୀରଠାରୁ ପୃଥକ୍ । ଆମବା ବିଭିନ୍ନ ଜନ୍ମ ଭିତର ଦେଇ ଘୁରିବୁଲିବା ପାଇଁ ଅବିଦ୍ୟା ହିଁ ଦାୟୀ ।୧୭। ଆହୁରି ମଧ୍ଯ ଗଉଡ଼ପାଦ କହନ୍ତି ଯେ ଏହା ଏହା ଏକମେବ । ଏହା ଜନ୍ମଲାଭ କରେନାହିଁ କିମ୍ବା ସୃଷ୍ଟି ହୁଏ ନାହିଁ । ମାୟାହିଁ ବାରମ୍ବାର ଜନ୍ମନେବାର କାରଣ ଅଟେ । ଶଙ୍କର ଗୌଡ଼ପାଦଙ୍କ ମତକୁ ସମର୍ଥନ କରନ୍ତି । ସେ କହନ୍ତି, “ଅତି ସାଧାରଣ ଏବଂ ସଂପୂର୍ଣ୍ଣ କଥାରେ କହିଲେ ମାୟା ସକାଶେ ମହାନ୍ ଆତ୍ମା (ଆତ୍ମନ୍) ତିନିଟି ପର୍ଯ୍ୟାୟ (ଚାଲିବା, ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନବିବହୀନ ନିଦ୍ର ଯିବା) ଦେଇ ଗତି କରେ । ଏରପିକି ଦଉଡ଼ିଟିଏ ମଧ୍ଯ ସାପପରି ଦେଖାଯାଏ ।୧୮।

ସାଂଖ୍ୟ ଏବଂ ଯୋଗ ପଧ୍ଧତି ଉଭୟେ ବାସ୍ତବତଃ ଏକ ।୧୯। ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ସାଂଖ୍ୟ ସିଧ୍ଧାନ୍ତର କଥା କହିବାବେଳେ ଯୋଗ କେତେକ ଅଭ୍ୟାସକରଣ ନିମନ୍ତେ ପରାମର୍ଶ ଦେଇଥାଏ । ଏହି ଦର୍ଶନରେ ଆମବାକୁ ପୁରୁଷ ଭାବରେ ଗ୍ରହଣ କରାଯାଇଛି । କିନ୍ତୁ ତାହାକୁ ନିଷ୍କ୍ରିୟ ଏବଂ ପ୍ରକୃତି ବା ବସ୍ତୁ ସହିତ ଅ ସଂପୃକ୍ତ ବୋଲି ଦର୍ଶାଯାଇଛି । ପୁରୁଷ ପ୍ରକୃତିର ଭାଗ୍ୟ ଦ୍ୱାରା ପ୍ରଭାବିତ ହୁଏନାହିଁ ।୨୦।

ନ୍ୟାୟ ଏବଂ ବୈଶେଷିକ ଦର୍ଶନ ମତରେ ଆତ୍ମା ନିଜର କୃତକର୍ମ ପାଇଁ ଦାୟୀ । ଏହା ଶାଶ୍ୱତ ଏବଂ ସଚେତନତା ଏବଂ ଆକାଙ୍‌କ୍ଷା ପରି ଅଶଶଶ୍ୱତୀ ଗୁଣର ଅଧିକାରୀ ଅଟେ । ଜ୍ଞାନ ଆତ୍ମାଠାରୁ ପୃଥକ୍ ଏବଂ

ଏହା ଆପଣାଛାଏଁ ଜ୍ଞାନର ଅଧିକାରୀ ହେବାକୁ ସମର୍ଥ । ଅର୍ଥାତ୍ ଜ୍ଞାନ ପ୍ରକୃତିଗତ ଭାବରେ ଜାରିବାର ଶକ୍ତିରୁ ବ□ିତ ଅଟେ ।୨୧। ବୁଧିଙ୍କ ମତରେ ଦୁଃଖର ବିଳାସ ପାଇଁ ଏହା ଭୂମିକା ଅତ୍ୟନ୍ତ ଗୌଣ, ତାଙ୍କ ଦୃଷ୍ଟିରେ ସମଗ୍ର ବିଶ୍ୱ କେତେକ ଖଣ୍ଡରେ ବିଭକ୍ତ । ଯଥା - ରୂପ (ଶରୀର), ବେଦନା (ଅନୁଭବ), ସାନ୍ୟା (ପ୍ରତ୍ୟକ୍ଷ ଅନୁଭୂତି) ସଙ୍ଖାର (ସମଟ୍ଟେ) ଏବଂ ବିନ୍ୟାଶ (ସଚେତନତା), ଆମ୍ା ସମେତ ସବୁକିଛି ମୂଳତତ୍ୱ ବା ତନ୍ମାତ୍ରଭାବରେ ବିଶ୍ଳେଷିତ । ଏହାକୁ ସେମାନଙ୍କ ଭିତରେ ଅନୁଭବ କରିହେବ । ରଥଟିଏ ଯେମିତ କେବଳ ଚକ, ଫ୍ରେମ ଇତ୍ୟାଦିର ସମାହାର ସେହିପରି ସବୁକିଛି ଆମ୍ା ରହିତ । ଜଣେ ଯଦି ନିର୍ବାଣ ବା ମୁକ୍ତି ପାଇବାକୁ ଚାହେଁ ତେବେ ମୁଁ କିମ୍ବା ମୋର କୁ ସାଂସାରିକ କ୍ରିୟାକଳାପ ସହିତ ଜଡ଼ିଥ କରିବା ଅନୁଚିତ୍ । ଏହାକୁ ବୌଧ୍ ଧର୍ମର ଆନତ୍ା ଭାବରେ ନାମିତ ହୋଇଛି ।୨୨।

ଜୈନଧର୍ମ ଆମ୍ାକୁ କେନ୍ଦ୍ର ବିନ୍ଦୁ ଭାବରେ ଗ୍ରହଣ କରେ । କର୍ମର ବିନଷ୍ଟି ଏବଂ ନିର୍ବାଣପ୍ରାପ୍ତି ନିମନ୍ତେ ଏହା ସଂପର୍କରେ ଯଥାର୍ଥ ଜ୍ଞାନ (ଭେଦଜ୍ଞାନ ବା ଆମ୍ଜ୍ଞାନ) ଲାଭ କରିବା ଜରୁରୀ । ଜୈନ ମତରେ ଆମ୍ାର ପ୍ରକୃତିକୁ କେବଳ ଅନେକାନ୍ତବାଦର ନିର୍ଦ୍ଦିଷ୍ଟ ନୀତିରୁ ବୁଝିହେବ । ସେହି ନିର୍ଦ୍ଦିଟ୍ଟେ (ନିଶ୍ଚୟନ) ମୁତବକ ଆମ୍ା ଜ୍ଞାନର ପ୍ରକୃତି ଏବଂ ଦୃଷ୍ଟିକୋଣରୁ ପ୍ରକୃତ ଧାରଣକାରୀ ଅଟେ (ଅହମେକୋ ଖଲୁ ସିଧ୍ ବଂଶନମିୟ ସତ୍ରୁପୀ ।୨୪। ଏହା ଗନ୍ଧଶୂନ୍ୟ, ଶବ୍ଦଶୂନ୍ୟ ଏହା ଅନୁମାନ ବିବର୍ଜିତ, କୌଣସି ନିର୍ଦ୍ଦିଷ୍ଟ ଶୀରୀକ ଆକାରର ନୁହେଁ, ବୋଧଗମ୍ୟ ନୁହେଁ, ଏହା ଅନନୁଭବନୀୟ । ଏହାକୁ ଭାବରେ ଚିତ୍ରଣ କରାଯାଇଛି ।୨୫। ଆଚାର୍ଯ୍ୟ ନେମିଚନ୍ଦ୍ର ଆମ୍ାକୁ ଉପଯୋଗ (ସଚେତନତା)ରୁ ଚିହ୍ନିହେବ ବୋଲି କହିଛନ୍ତି । ଏହା ଆକାର ଶୂନ୍ୟ (ଅମୁର୍ତ୍ତି) ଜଣେ ଅଭିକର୍ତ୍ା (କତ୍ା) ନିଜର ଶରୀର ସଦୃଶ ବିସ୍ତାରିତ (ସଦେହ ପରିମାଣ) । ସେ କର୍ମଫଳର ଭୋଗକାରୀ, ସେ ସଂସାର ନିବାସୀ (ସଂସାରତ୍ଥ) । ସେ ସିଧ୍ ଏବଂ ପ୍ରରୋହଣ ଗୁଣ ସଂପନ୍ନ (ବିସ୍ସସୋଧ ଧଗୈ ।

ଜୀବ ଉପଶମ କତ୍ା ସନ୍ଦେହ ପରିମାଣ

ଭତ୍ା ସଂସାର□ ସିଧ୍ ସ ବିସ୍ସୋଧଗୈ ।୨୬।

ଏହିପରି ଭାବରେ ଜୈନଧର୍ମରେ ଆମଦ ଦ୍ୱୈତ ଚରିତ୍ର ସମ୍ପନ୍ନ ବୋଲି ଆମେ ଦେଖିଲୁ । ବାସ୍ତବ ଦୃଷ୍ଟିରୁ ଦେଖିଲେ ଏହା ପ୍ରତ୍ୟେ ସ୍ଥିତିରେ ସମାନ ଅବସ୍ଥାରେ ରହିଥାଏ ଯେତେବେଳେ କି ପ୍ରକୃତରେ ଏହା ପର୍ଯ୍ୟାବାଚୀ ପାଲଟିଯାଏ ଏବଂ ବିଭିନ୍ନ ସଂଖ୍ୟା, ସ୍ଥାନ ଏବଂ ରୂପ ଇତ୍ୟାଦିରେ ପରିଗତ ହୋଇଥାଏ ।

### (୨) ପୁଦ୍ଗଳ (ବସ୍ତୁ)

ପ୍ରତ୍ୟେକ ଜିନିଷ ଇନ୍ଦ୍ରିୟ, ଶରୀର, ମନ, କର୍ମ ଏବଂ ଅନ୍ୟ ପାର୍ଥୀବ ବସ୍ତୁ ଦ୍ୱାରା ଜାଣିହୁଏ ଏବଂ ଉପଭୋଗ କରିହୁଏ । ସ୍ପର୍ଶ କରିହୁଏ । ଚାଖିହୁଏ, ଆଘ୍ରାଣ କରିହୁଏ ଏବଂ ସେଗୁଡ଼ିକର ବର୍ଣ୍ଣ ଅଛି । ଶବ୍ଦ, ବନ୍ଧ, ସୌକ୍ଷ୍ମ୍ୟ, ସ୍ଥୌଲ୍ୟ, ସଂସ୍ଥାନ, ଭେଦ, ତମସ୍, ଛାୟା ଏବଂ ଆତପ ହେଉଛନ୍ତି ପଦ୍ମଳର ବିବିଧରୂପ । ପରମାଣୁ (ଅଣଉ) ଏବଂ ଅଣୁ (ସ୍କନ୍ଧ) ଗତ ଦୁଇ ପ୍ରମୁଖ ରୂପରେ ଏହା ଦ୍ୱିବିଧା ।୨୮। ସେମାନେ ମିଳିତ

ହୋଇ ବାସ୍ତବକୁ ଗଠନ କରନ୍ତି ।

ଜୈନ ଧର୍ମରେ ବ୍ରହ୍ମାଣ୍ଡର ପ୍ରକୃତି ବାସ୍ତବ ପ୍ରକୃତି ଉପରେ ପର୍ଯ୍ୟବେସିତ । ଏହାର ତିନିଟି ଭେଦ ରିହଛି ଯଥା - ଉତ୍ପାଦ, ବ୍ୟୟ ଏବଂ ଧ୍ରୌବ୍ୟ । ଯାହା ଅଛି କିନ୍ତୁ କେବେ ହେଲେ ବିନିଷ୍ଟ ହେବନାହିଁ । ଯାହା ନାହିଁ ଏବଂ କେବେହେଲେ ତିଆରି ହୋଇପାରିବ ନାହିଁ କିନ୍ତୁ ବ୍ୟବାହାରିକ ଦୃଷ୍ଟିରୁ ନିଜଗୁଣ ଏବଂ ପ୍ରକାରରେ ସେମାନେ ପରିବର୍ତ୍ତିତ ହୋଇ ଯାଆନ୍ତି ।୨୯। ଏହି ବାସ୍ତବ ପ୍ରଣାଳୀ ବିଶ୍ୱବ୍ରହ୍ମାଣ୍ଡରେ ଅସୀମ ଏବଂ ଶାଶ୍ୱତ ଚରିତ୍ରବତ୍ା ହିଁ ଆଣିଦିଏ । ଜୈନ ଧର୍ମରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଛଅଟି ଦ୍ରବ୍ୟର ସଂକ୍ଷିପ୍ତସାର ଭାବରେ ଦର୍ଶାଯାଇଛି । ସେହି ଦ୍ରବ୍ୟଗୁଡ଼ିକ ଅଣୁର ବିନିମୟ ଏବଂ ସଂଯୋଗରୁ ସୃଷ୍ଟି । ଜୈନ ଦର୍ଶନ ଅନୁସାରେ ଅଣୁ ହେଉଛି ପୁଦ୍‌ଗଳର କ୍ଷୁଦ୍ରତମ ଏକକ । ଏହାର ଅନ୍ତରୀଣ ସଂଯୋଗକାରୀ ଶକ୍ତି (ସ୍ନେହ) ଏବଂ ଅଭିଭାଜ୍ୟ ଏକକ ଦ୍ୱାରା ହିଁ ଏହାକୁ ବିଶେଷ ଭାବରେ ଚିହ୍ନିତ କରାଯାଇଛି । ଅଣୁ ହେଉଛି ପରମାଣୁ ମାନଙ୍କର ସମାହାର ଯାହାକି ଶେଷରେ ବସ୍ତୁର ସମାହାରରେ (ସ୍କନ୍ଧ) ।୩୦।ରେ ପରିଣତ ହୁଏ । ଅଣୁ ଏକ ଅଦୃଶ୍ୟ ସତ୍ା । ଏହା ସାଧାରଣ ମଣିଷଣ ଉପଲବ୍‌ଧର ବହିର୍ଭୁତ୍ ।

ପୁଦ୍‌ଗଳ ଦ୍ରବ୍ୟ ସବୁବେଳେ ସ୍କନ୍ଧ ଏବଂ ପରମାଣୁରେ ରୂପାନ୍ତରିତ ହୋଇଥାଏ । ଉପାଦାନ କାରଣ ଏବଂ ନିମିତ୍ କାରଣ ଏଥିପାଇଁ ଦାୟୀ । ଉଦାହରଣସ୍ୱରୂପ - ମାଠିଆ ନିର୍ମାଣ କ୍ଷେତ୍ରରେ ମାଟି ହେଉଛି ଉପାଦନା କରଣ ଏବଂ ବାଡ଼ିପାଣି ଇତ୍ୟାଦି ହେଉଛନ୍ତି ନିମିତ୍ କାରଣ, ପ୍ରତ୍ୟେକ ସତ୍ା । ଏହି ଦୁଇକାରଣ ଦେଇ ଗତିକରେ ଏବଂ ନିଜର ସମରୂପ ପ୍ରାପ୍ତ ହୁଏ ।

ଏହିପରି ଭାବରେ ବ୍ରହ୍ମାଣ୍ଡ ଅବିଭକ୍ତ ବୋଲି ଜୈନ ଦର୍ଶନରେ କୁହାଯାଇଛି । ତାହାବାସ୍ତବରେ ଅସ୍ପଷ୍ଟ, ଶାଶ୍ୱତ, ସ୍ୱୟଂସ୍ଥିତି ଏବଂ ଅସୀମ । ଏହାର ପାରସ୍ପରିତ ସଂପର୍କର ପ୍ରାୟୋଗିକ କ୍ଷେତ୍ରରେ ତାହା ଅସ୍ଥାୟୀ, ପ୍ରତିଭାସିକ, କ୍ଷଣଭଙ୍ଗୁର ଏବଂ ସସୀମ । କାଳବଦା, ସ୍ୱଭାବବାଦ, ନିୟତିବାଦ, ଯଦୃଚ୍ଛାବାଦ ପୁରୁଷବାଦ, ଈଶ୍ୱରବାଦ ଏବଂ ଭୁତିବାଦ ଇତ୍ୟାଦିକୁ ଏହି ବାଦଟି ସଂପୂର୍ଣ୍ଣ ଖଣ୍ଡନ ଓ ପ୍ରତ୍ୟାଖ୍ୟାନ କରେ ।

ସଂପୃକ୍ତ ସୃଷ୍ଟି ମତବାଦ ବିରୁଧ୍‌ରେ କର୍ମମତବାଦ ଗଢ଼ି ଉଠିଥିଲା ବୋଲି ଅନୁମାନ କରାଯାଇଛି । ଜୈନ ମତରେ ଆତ୍ମାର ଭୋଗ ଏବଂ କଷାୟ କର୍ମବସ୍ତୁକୁ ଆକର୍ଷଣ କରି କର୍ମଶରୀରରେ ପରିଣତ କରନ୍ତି । ଆତ୍ମା ସ୍ୱକୀୟ ଆନ୍ତର ପ୍ରକୃତିରେ ସଂପୂର୍ଣ୍ଣ ନିର୍ଦ୍ଦୋଷ ବା ବିଶୁଦ୍‌ଧ, କର୍ମଗତ ସଂପର୍କ ଜନ୍ମପରେ ଜନ୍ମ ପାଇଁ ବାଧ କରେ । ତାହାହିଁ ବନ୍ଧନରେ ପ୍ରକୃତି । ଅମୂର୍ତ୍ ଆତ୍ମାକୁ ମୂର୍ତ୍ କର୍ମହିଁ ପ୍ରଭାବିତ କରେ । ଆଧ୍ୟାତ୍ମିକତା ଏବଂ ଭୋତିକତାର ସୁଦୃଢ଼ ସମ୍ବନ୍ଧ ବିଶ୍ୱବ୍ରହ୍ମାଣ୍ଡର ଅବସ୍ଥିତି ପାଇଁ ମାର୍ଗ ସଜାଡ଼ିଦିଏ । ପ୍ରାରମ୍ଭବୋଲି ତାହାର କିଛିନାହିଁ, ଦ୍ରବ୍ୟକର୍ମ ହେଉଛି ଆବରଣ ମାତ୍ର । ବିଚ୍ଛେଦ ଏବଂ ପଥଭ୍ରଷ୍ଟ ପରି ନାମ୍ ଭାବକର୍ମକୁ ଏହା ଆବାହନ କରିଆଣେ । ଉଭୟ କର୍ମ ପାଇଁ ଏହାହିଁ କାରଣ ଏବଂ ପରିଣତିରୂପକ ପାରସ୍ପରିକ ସଂପର୍କ ଅଟେ ।

ଏହି କର୍ମଗୁଡ଼ିକୁ ପୁନଶ୍ଚ ଶହେଚାଳିଶ ଭାଗରେ ବିଭକ୍ତ କରାଯାଇଛି । ଗୋମତ୍‌ସାର କର୍ମକାଣ୍ଡ ପ୍ରଭୃତିରେ ଏହାର ଉଲ୍ଲେଖ ରହିଛି ।

ଆତ୍ମା ଭିତରକୁ କର୍ମ ବସ୍ତୁର ଅନ୍ତରୀଣ ପ୍ରବାହକୁ ଆଶ୍ରବ ଏବଂ କର୍ମବସ୍ତୁ ଦ୍ୱାରା ଆତ୍ମାର ଦାସତ୍ୱ ପ୍ରାପ୍ତି ଅବସ୍ଥାକୁ ଜୈନ ଧର୍ମରେ ବନ୍ଧ ବୋଲି କୁହାଯାଇଛି । କାରଣ ଏବଂ ପରିଣତି ଭାବରେ ଉଭୟେ ପରସ୍ପରର ସଂପର୍କିତ । ଆଶ୍ରବ ଦାସତ୍ୱର ପ୍ରମୁଖ କାରଣ, ଆତ୍ମା ଭିତରେ କର୍ମବସ୍ତୁର ଅନ୍ତରୀଣ ପ୍ରବାହର ବନ୍ଦହେବାକୁ ସମ୍ୱର କହନ୍ତି ଏବଂ ପ୍ରବାହିତ ହେବାକୁ ନିର୍ଜର । ମନ୍ଦ ଚିନ୍ତା ଏବଂ ଦୈନବୋଧିକା ସଂସାର ଏପରିକି ନର୍କରେ ମଧ୍ୟ କ୍ଳେଶ ଡ଼ାକି ଆଣିଥାଏ । ମୁକ୍ତି ବା ନିର୍ବାଣର ସୁଖ ସହିତ ଏହାକୁ ତୁଳନା କଲେ ସ୍ୱର୍ଗର ସୁଖ ମଧ୍ୟ ନିରର୍ଥକ ପରି ଲାଗେ ।୩୧।

ଏହିପରି ଭାବରେ ସମ୍ୱର ଏବଂ ନିର୍ଜର କର୍ମର ବିନଷ୍ଟୀକରଣ ଏବଂ ଆତ୍ମପବିତ୍ରତାର ଉନ୍ମେଷ ଘଟାଏ । ଏହାକୁ ମୋକ୍ଷ କହନ୍ତି । ଉପାସ୍ୱାମୀଙ୍କ ମତରେ ମୋକ୍ଷ ହେଉଛି ସକଳ କର୍ମବସ୍ତୁରୁ ମୁକ୍ତ ଏକ ସ୍ୱାଧୀନ ଅବସ୍ଥା । ଯିଏ ଦାସତ୍ୱର ସକଳ କାରଣ ବିନାଶ ଘଟଶଇ କର୍ମବନ୍ଧନରୁ ମୁକ୍ତ କରିପାରେ ।୩୨। ପୂଜାପାଦ ନିଜର ସର୍ବାର୍ଥସିଧିରେ ମୋକ୍ଷକୁ ଆତ୍ମା ଶୁଧିର ସର୍ବୋଚ୍ଚ ଅବସ୍ଥା । ପ୍ରଜ୍ଞାର ଅଚିନ୍ତନୀୟ ଦୃଢ଼ ମନୋଭାବ ଏବଂ ଅଖଣ୍ଡ ପରମାନନ୍ଦ ବୋଲି ସୂଚାଇଛନ୍ତି । ଏହି ଆତ୍ମା କର୍ମର ମିଳିନତା ଦୋଷମୁକ୍ତ ଏବଂ ଶରୀରଠାରୁ ମଧ୍ୟ ମୁକ୍ତ ।୩୩।

(୩-୪) ଧର୍ମ ଏବଂ ଅଧର୍ମ

ଧର୍ମ ଏବଂ ଅଧର୍ମ ଦ୍ରବ୍ୟ ଜୈନ ଧର୍ମରେ ବିଶେଷ ଅର୍ଥ ବହନ କରନ୍ତି । ଧର୍ମକୁ ଚଳପ୍ରଚଳ ସାହାଯ୍ୟକାରୀ ଏକପ୍ରକାରର ନଭୋବାୟୁ ଭାବରେ ଗ୍ରହଣ କରାଯାଇଥାଏ । ମାଛ ପାଣିରେ ପହଁରିବା ପରି ପୁଦ୍ଗଳ ଏବଂ ଜୀବ ଧର୍ମ ସାହାଯ୍ୟରେ ଗତି କରନ୍ତି । ଅଧର୍ମ ଠିକ୍ ଧର୍ମର ବିପରୀତ ଅଟେ । ଏହା ଛାଇ ପଥିକକୁ ବିଶ୍ରାମ ନେବାରେ ସାହାଯ୍ୟ କରିବାପରି ପୁଦ୍‌ଗଳି ଏବଂ ଜୀବଙ୍କୁ ସାହାଯ୍ୟ କରିଥାଏ ।

**୫. ଆକାଶ ଦ୍ରବ୍ୟ**

ଜୈନ ଧର୍ମର ଆକାଶ ସକଳ ସତ୍‌ାଙ୍କ ରହଣୀସ୍ଥଳ । ଏହାକୁ ଅନନ୍ତ ପ୍ରଦେଶୀ ଅମୂର୍ତ୍ତିକ ଏବଂ ନିଷ୍କ୍ରିୟ ତଥା ସାବୟବୀ ବୋଲି କୁହାଯାଏ । ଏହା ଦୁଇପ୍ରକାରର ଲୋକାକାଶ ଏବଂ ଆଲୋକାକାଶ । ଏଥିରୁ ଦ୍ୱିତୀୟଟି ଦ୍ରବ୍ୟ ସହିତ ସତ୍‌ତବ୍ୟାପ୍ତ । କିନ୍ତୁ ଅନ୍ୟଟି ତାହାର ବିପରୀତ ଗୁଣ ଧର୍ମୀ । ଲୋକ ତିନି ଭାଗରେ ବିଭିକ୍ତ ଉର୍ଧ୍ୱଲୋକ, ମଧ୍ୟଲୋକ ଏବଂ ଅଧଲୋକ । ସେଗୁଡ଼ିକ ସ୍ୱର୍ଗବାସମ, ମନୁ୍ୟେ, ଅନ୍ୟପ୍ରାଣୀ ତଥା ନର୍କଗାମୀ ମାନଙ୍କର ବାସସ୍ଥଳୀ, ଲୋକାକାଶଶାଶ୍ୱତ, ଅସୀମ, ଆକାର ପ୍ରକାର ଶୂନ୍ୟ, କ୍ରିୟାହୀନ ଏବଂ ଏହା କେବଳ ପୂର୍ଣ୍ୟାତ୍ମାଙ୍କ ଦୃଷ୍ଟିପଥାରୁହିଁ ହୋଇପାରେ ।

୬. କାଳଦ୍ରବ୍ୟ

କାଳକୁ ଜୈନ ଧର୍ମର ଦ୍ବିଭାଗରେ ବିଭକ୍ତ କରାଯାଇଛି । ବ୍ୟବହାରକାଳ ଏବଂ ପାରମାର୍ଥିକ କାଳ ।

ପ୍ରଥମଟି ପଦାର୍ଥକୁ ପରିବର୍ତ୍ତନରେ ସାହାଯ୍ୟ କରେ ଏବଂ ଅନ୍ୟଟିକୁ ନିରବଚ୍ଛିନ୍ନତାରୁ ବୁଝିହୁଏ । ସମୟ ଏକ ଆକୃତି ନୁହେଁ, ବରଂ ଆମେ ଏହାକୁ ଘ□ା ମିନିଟ୍ ଇତ୍ୟାଦି ଜରିଆରେ ଜାଣିପାରୁଥିବାରୁ ଏହାକ ଏକ ବାସ୍ତବତା ଅଟେ ।୩୬।

**ବୌଧ୍ ସାହିତ୍ୟରେ ଷଡ଼୍ଦ୍ରବ୍ୟ**

ଜୈନ ଧର୍ମରେ ଯେଉଁ ଷଡ଼୍ଦ୍ରବ୍ୟ କଥାର ଉଲ୍ଲେଖ ରହିଛି, ତାହା ପରବର୍ତ୍ତୀ ସମୟର ସଂସ୍କୃତ ବୌଧ୍ ସାହିତ୍ୟ ଏବଂ ପାଲି ସୂତ୍ରରେ ଦେଖିବାକୁ ମିଳେ ।

୧. ଜୀବ ସଂପର୍କରେ ଜୈନ ମତ - ସାକ୍ୟ ମହାନାମାଙ୍କ ସହିତ ଆଳାପ ସମୟରେ ବୁଧ୍ ନିଗନ୍ଥନାତପୁତ୍ଙ୍କ ସିଧାନ୍ତ ସଂପର୍କରେ କହିଛନ୍ତି - "ଯଦି ମନ୍ଦ କର୍ମ ବୋଲି କିଛି ଅଛି ଏବଂ ତୁମେ ତାହା କରିଛ ତେବେ କୃଚ୍ଛ୍ରସାଧନା ଦ୍ୱାରା ଏହାର ଫଳାଫଳ ନଭୋଗିବାପାଇଁ ଚେଷ୍ଟାକର । ଭବିଷ୍ୟତରେ ମନ୍ଦକର୍ମ ଠାରୁ ଦୂରେଇ ରହିବା ସକାଶେ ଜଣେ କାୟାସଂଯମ 'କାୟେନ ସମ୍ବୁତା' । ବା୍ ସଂଯମ (ବାଚାୟ ସଂସ୍ମୁତ) ,ବଂ ଚିନ୍ତା ସଂଯମ (ମନସା ସଂଯମ)କୁ ଅଭ୍ୟାସ କରିବା ଦରକାର । ପୂର୍ବକର୍ମର ସମାପନ କଲେ ଏବଂ ନୂତନ କର୍ମର ପ୍ରାର୍ମଭ ନକଲେ ଭବିଷ୍ୟତରେ ତାପାଇଁ ତ୍ରୁଟିର ସମ୍ଭାବନା ରହିବନାହିଁ । ଏହାଦ୍ୱାରା ଭବିଷ୍ୟତରେ କର୍ମ କ୍ଷେତ୍ରରେ ମଧ୍ୟ ଅବନତିର ସମ୍ଭାବନା ନଥିବ । (ଆୟତିମ୍ ଅନବସଭ) କର୍ମର ବିନଷ୍ଟି ଅର୍ଥ ଦୁର୍ଭାଗ୍ୟ ବିନଷ୍ଟି, ମନ୍ଦର ବିନଷ୍ଟି ଅର୍ଥ ଅନୁଭବର ବିନଷ୍ଟି  ଅର୍ଥ ସମସ୍ତ ପ୍ରକାର ଅମଙ୍ଗଳକର ପରିସମାପ୍ତି ।" ବୁଧ୍ ଆହୁରି ମଧ୍ୟ କହିଛନ୍ତି, 'ତାହା ଆମ୍ଭମାନଙ୍କ ଦ୍ୱାରା ଗୃହୀତ; ଏହା ଆମ୍ଭମାନଙ୍କର ଆନନ୍ଦ ପ୍ରଦାନକାରୀ; ତେଣୁ ଆମେ ଆହ୍ଲାଦିତ ।୩୭।"

ଏହାହିଁ ଜୈନମାନଙ୍କର ତତ୍ୱ ବା ସାତଟି ଅବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ଉପକ୍ରମଣିକା । ନିଗନ୍ଥନାତପୁତ୍ଙ୍କ ଅନୁଚିନ୍ତା ସଂପର୍କରେ ନିମ୍ନମତେ ଉଲ୍ଲେଖ ରହିଛି ।

୧. ଆତ୍ମାର ସ୍ଥିତି

୨. ପୂର୍ବକର୍ମ ଅନୁସାରେ ସୁଖ କିମ୍ବା ଦୁଃଖ ଭୋଗ

୩. ଯଥାର୍ଥଜ୍ଞାନ ସାହାଯ୍ୟରେ ସନ୍ନ୍ୟାସୀସାଧନ ମାଧ୍ୟମରେ ଜଣେ କର୍ମବସ୍ତୁରୁ ବ□ିତ ହୋଇପାରେ ।

୪. କର୍ମବସ୍ତୁର ସଂପୂର୍ଣ୍ଣ ଅବରୋଧ ଫଳରେ ଜଣେ ଦୁଃଖର ଅବାଧେ କରିପାରେ ।

ଦୁଃଖ ନଥିଲେ ବେଦନା ନାହିଁ । ବେଦନାର ଅନୁପସ୍ଥିତି ଦୁଃଖର ସମାପ୍ତି ଆଡ଼କୁ ବାଟ କଢ଼ାଇ ନିଏ । ଏହାକୁ ମୋକ୍ଷ କରନ୍ତି । ଏଠାରେ ପ୍ରଥମ କଥାଟି ଜୀବ ଏବଂ ଅଜୀବର ପ୍ରତିନିଧିତ୍ୱ ଦ୍ୱିତୀୟଟି ଆଶ୍ରବ ଏବଂ ବନ୍ଧ, ତୃତୀୟଟି ସମ୍ବର ଏବଂ ନିର୍ଜରକୁ ଏବଂ ଶେଷଟି ମୋକ୍ଷ କଥା କହେ ।

ଦୀର୍ଘ ନିକାୟର ବ୍ରହ୍ମଜାଲସୁଲଭରେ ବାଷଠି ପ୍ରକାରର ସମସାମୟିକ ଦାର୍ଶନିକ ମତସଂପର୍କରେ ଉଲ୍ଲେଖ ରହିଛି । ଏଗୁଡ଼ିକ ମୁଖ୍ୟତଃ ଦୁଇ ପ୍ରକାରର । ପ୍ରଥମ - ପୂର୍ବନ୍ତାନୁଦିତ୍ଥି । ଅତୀତର ଅଠରଟି

ଆଧାର ସହିତ ବିଷୟ ବା ପଦାର୍ଥର ଅନନ୍ତକାଳର ପ୍ରାରମ୍ଭିକତା ଜଡ଼ିତ ବୋଲି ଏହା ସୂଚିତ କରେ । ଦ୍ୱିତୀୟ ଅପରନ୍ତାନୁଦିଟ୍ଠି । ଭବିଷ୍ୟତର ଚଉରାଦେଶ ଆଧାର ସଂପର୍କରେ ଏହା ସୂଚିତ କରିଥାଏ । ସେହି ସମୟର ସମସ୍ତ ସମସାମୟିକ  ସମସାମୟିକ ଦାର୍ଶନିକ ମତଗୁଡ଼ିକ ଏହି ଦୁଇଭାଗରେହିଁ ବିଭକ୍ତ ବୋଲି ଦର୍ଶାଇ ସ୍ୱୟଂ ବୁଧ୍ ଏହା ବାହାରେ ଅନ୍ୟ କୋଢରସି ମତ ନାହିଁ ବୋଲି କହିଛନ୍ତି । (ନତ୍ତ୍ ଇତା ବହିଦ୍ଧା)୩୮।

ପୁବନ୍ତାନୁଦିଟ୍ଠି ଅନୁଯାୟୀ ପଦାଥର୍ଦ ବା ବିଷୟର ଅଠର ପ୍ରକାର ନିମ୍ନ ପ୍ରକାରର ।୩୯।

୧. କେତେକ (ସସ୍ମତତ୍ୱବାଦୀ) ଚାରିପ୍ରକାରରେ ମତପୋଷଣ କରିଛନ୍ତି ଯେ ଅତ୍ (ଅମ୍ା) ଏବଂ ଲୋକ ଶାଶ୍ୱତ ଅଟନ୍ତି ।

୨. କେତେକ (ଏକ ଛତଶତବାଦୀ) ଚାରିପ୍ରକାରରେ ସତପୋଷଣ କରନ୍ତି ଯେ ଆମ୍ା ଏବଂ ବ୍ରହ୍ମାଣ୍ଡ କେତେକାଂଶରେ ଶାଶ୍ୱତ ଏବଂ କେତେକାଂଶରେ ଶାଶ୍ୱତ ବାନିତ୍ୟ ନୁହଁନ୍ତି ।

୩. ବ୍ରହ୍ମାଣ୍ଡ ସସମୀ କିମ୍ବା ଅସୀମ ଅଥବା ସସୀମ ଏବଂ ଅଥବା ସୀମଯୁକ୍ତ ନୁହେଁ କି ଅନନ୍ତ ନୁହେଁ ବୋଲି କେତେକ (ଅନ୍ତାନନ୍ତବାଦୀ)ଙ୍କା ମତ ।

୪. କେତେକ (ଅମର ବିକ୍ଷେପବାଦୀ) ଚତୁସ୍ପଥ ଭିତରେ ଭୂଆଁ ବୁଲୁଥାନ୍ତି ଏବଂ ଗୋଟିଏ ସ୍ପଷ୍ଟ ଉତ୍ର ଦେବାକୁ ମନା କରିଦିଅନ୍ତି ।

୫. କେତେକ (ଅଧିଚ୍ଚସମୁପନ୍ନବାଦୀ) ଦ୍ୱିମାର୍ଗ ଉପରେ ଜୋର୍ ଦେଇ ଆମ୍ା ଏବଂ ବ୍ରହ୍ମାଣ୍ଡର କାରଣ ରହିତ ଉତ୍ପତ୍ତି୍ ହୋଇଛି ବୋଲି କୁହନ୍ତି ।

ଅପରନ୍ତାଦିଟ୍ଠି ।୪୦। ବା ଭବିଷ୍ୟତ ସଂପର୍କରେ କହିବାକୁ ଯାଇ ବୁଧ୍ ବୟାଳିଶ ପଥ କଥା କହିଛନ୍ତି ।

୧. ଉଧ୍ମାଘାଟନିକ ସନ୍ନିବାଦୀମାନେ ଷୋଡ଼ଶ ପ୍ରକାରେ ଆମବା ମୃତ୍ୟୁପରେ ସଚେତନ ରହିଥାଏ ବୋଲି କହନ୍ତି ।

୨. ଉଧ୍ମାଘାଟନିକ ଅସନ୍ନିବାଦୀମାନେ ଷୋଡ଼ଶ ପ୍ରକାରେ ଆମ୍ା ମୃତ୍ୟୁପରେ ଅସଚେତନ ରହେ ବୋଲି ମତ ଦିଅନ୍ତି ।

୩. ଉଧ୍ମାଘାଟନିକା ନେବସ୍ନି - ନାସାନ୍ନିବାଦୀମାନେ ଅଷ୍ଟବିଧ ଉପାୟରେ ଏହା ମୃତ୍ୟୁପରେ ଅସେତନ ରହେ ବୋଲି ଦର୍ଶାଇଥାନ୍ତି ।

୪. ଉଚ୍ଛେଦବାଦୀ ଏ ସପ୍ତପ୍ରକାରେ ଆମ୍ାଧ୍ୱଂସ ପ୍ରାପ୍ତ ହୁଏ ବୋଲି କୁହନ୍ତି ।

୫. ଦିଟ୍ଠଧମ୍ମ ନିବାଣବାଦୀମାନେ ଜୀବନର ଆନନ୍ଦ ନିର୍ବାଣରେ ପ□ ପ୍ରକାରର ବୋଲି କହନ୍ତି । ଏହା ଚୈତନ୍ୟଗତ ସୁଖରୁ କିମ୍ବା ଅନ୍ୟ ଚାରିଟି ପରମାନନ୍ଦରୁ ବୋଲି ସେମାନଙ୍କର ମତ ।

ଏହି ଅଭିମତ ବ୍ୟତୀତ ଉଧ୍ମାଘାଟନିକ ସନ୍ନିବାଦ ସଂପର୍କରେ ଏଠାରେ ଆଲୋଚନା କରାଯାଇଛି ।

ଏହି ସନ୍ନିବାଦ ମତରେ ଆମବା ସଚେତନ ଏବଂ ଶାଶ୍ୱତ ଅଟେ । ବୁଧ୍ଙ୍କ ଭାଷାରେ, ସନ୍ନ୍ୟାସୀ, ପରିବ୍ରାଜକ ଏବଂ ବ୍ରାହ୍ମଣ ଯେଉଁମାନେ କି ଷୋଡ଼ଶ ମାର୍ଗର ଅନୁସରଣକାରୀ ସୋମନେ ମୃତ୍ୟୁପରେ ଆତ୍ମା ସଚତେନ ରହେ ଏବଂ ତାହା ନଷ୍ଟହୋଇଯାଏନାହିଁ ବୋଲି ବିଶ୍ୱାସ କରନ୍ତି ।" ଏହି ଷୋଡ଼ଶ ମାର୍ଗ ହେଉଛି :-

୧. ଆତ୍ମାର ଆକାର ଅଛି ( ରୁପି ଅତ୍। ହୋତି ଅରଗ୍ ପରମ୍ ମରଣାସନ୍ନି)

୨. ଆତ୍ମାର ଆକାର ଶୂନ୍ୟ (ଅରୁପି ଅତ୍। ହୋତି ଅରଗ ପରମ୍ ମରଣା)

୩. ଆତ୍ମାର ଆକାର ଅଛି ଏବଂ ନାହିଁ (ରୁପି ଚ ଅରୁଧ୍ ଅତ୍। ହୋତି)

୪. ସସୀମ ଅଟେ (ଅନ୍ତଭା ଅତ୍। ହୋତି)

୫. ନିଃରୁପ ନଥିଲା କିମ୍ବା ନାହିଁ (ନେଭରୁପି ନିରୁପି ଅତ୍। ହୋତି)

୬. ଉଭୟ ଅଛି (ଅନ୍ତଭା ଚ ଅନନ୍ତଭାଚ ଅତ୍।ହୋତି)

୭. କୌଣସିଟି ନାହିଁ (ନେଭନ୍ତଭା ନାନନ୍ତଭା ଚ ଅ□। ହୋତି୍)

୮. ସତେଚନତା ର ଗୋଟିଏ ତରିକାର ଅଧିକାରୀ (ଏକ ତ୍ସନ୍ନି ଅତ୍। ହୋତି)

୯. ସଚେତନତାର ବିଭିନିନ ତରିକାର ଅଧିକାରୀ (ନାନାତ୍।ସନ୍ନି ଅତ୍। ହୋତି)

୧୧. ସ୍ୱଳ୍ପ ସଚେତନତା ସଂପନ୍ନ (ପରିତ୍ସନ୍ନଅତ୍। ହୋତି)

୧୨. ଅସୀମ ସଚତନତା ସଂପନ୍ନ (ଅପ୍ପମାନାସନ୍ନି ଅତ୍। ହୋତି)

୧୩. ସଂପୂର୍ଣ୍ଣ ସୁଖୀ (ଏହାନ୍ତସୁଖି ଅତ୍। ହୋତି)

୧୪. ସଂପୂର୍ଣ୍ଣ ଦୁଃଖୀ (ଏକାନ୍ତଦୁଃଖି ଅତ୍। ହୋତି)

୧୫. ଉଭୟ (ସୁଖଦୁଃଖ ଅତ୍। ହୋତି)

୧୬. କୌଣସିଟି ନୁହେଁ (ଅଦୁଃଖମସୁଖି ଅତ୍। ହୋତି)

ଆତ୍ମାର ପ୍ରକୃତି ସଂପର୍କିତ ଷୋଡ଼ଶତତ୍ୱ ସଂପର୍କରେ ଉଦ୍‌ଦାଣ ।୪୨। ରେ ମଧ୍ୟ ଉଲ୍ଲେଖ ଅଛି । ସେଥିବରେ ଥିବା ପ୍ରସଂଗ ଗୁଡ଼ିକ ବହୁ ସମଣ ଏବଂ ବ୍ରାହ୍ମଣଙ୍କ ମଧ୍ୟରେ ପୂର୍ବରୁ ବିତର୍କିତ ଏବଂ ଉଦ ମ ଘାଟନିକ ସନ୍ନିବାଦରେ ଆମବା ସଂପର୍କିତ ଉଲ୍ଲେଖର ସମଗୋତ୍ରୀୟ ବୋଲି କୁହାଯାଏ । ଅନିର୍ଦ୍ଦିଷ୍ଟ ପ୍ରଶ୍ନାବଳୀର ତାଲିକାରେ ସାମାନ୍ୟ ଅଲଗା ହେଲେ ମଧ୍ୟ ଏକାକଥାର ଆଲୋଚନା କରାଯାଇଛି ।୪୩। ପାଲି ସାହିତ୍ୟରେ ଅନ୍ୟତ୍ର ମଧ୍ୟ ଏହି ଧରଣର ପ୍ରଶ୍ନ ସବୁର ଆଲୋଚନା ହୋଇଛି ।୪୪।

ଉପରଲିଖିତ ସଂପୃକ୍ତ ମତାମବତ ବ୍ୟତୀତ ନିଗନ୍ଥନାତପୁତ୍ଙ୍କ ଅନୁଚିନ୍ତା ପ୍ରତି ମଧ୍ୟ ଲକ୍ଷ୍ୟ କରିବା କଥା । ଆମେ ପୂର୍ବରୁ ଦେଖୁଛୁ ଯେ ଜୈନ ଧର୍ମ ଶାଶ୍ୱତବାଦ ଏବଂ ଶୂନ୍ୟ ବାଦର ମିଶ୍ରଣ ବୋଲି ବୁଧ୍ଘୋଷ

ବିଚାର କରନ୍ତି । ଏହାଯଦି ପ୍ରାକ୍ ବୌଧ୍ ପରମ୍ପରା ହୋଇଥାନ୍ତା ତେବେ ନିଗନ୍ଥନାତପୁତ୍ଙ୍କ ଦୃଷ୍ଟିଭଙ୍ଗୀ ଏହି ଦୁଇ ଚିନ୍ତାଧାରାର ପାଲି ସାହିତ୍ୟରେ ନିଶ୍ଚିତ ଭାବର ସ୍ଥାନ ପାଇଥାନ୍ତା । ସସ୍ତବାଦା କହୁଥିବା ଆମବାର ଶାଶ୍ୱତପଣ ବାସ୍ତବ ଦୃଷ୍ଟିରୁ ଉଲ୍ଲିଖିତ ହୋଇଥାନ୍ତା ଏବଂ ଉଚ୍ଛେଦବାଦ କହୁଥିବା ଆତ୍ମାର ଆଶାଶ୍ୱପଣ କଥାଟି ପ୍ରାୟୋଗିକ ଦୃଷ୍ଟିଭଙ୍ଗୀରୁ ଲିଖିତ ହୋଇଥାଆନ୍ତା । ଏହାର ଅର୍ଥ ନିଶ୍ଚୟନୟ ମତରେ ଆମବା ଶାଶ୍ୱତ ଏବଂ ସଚେତନ ତଥା ବ୍ୟବହାରନୟ ଅନୁସାରେ ଏହା ଶାଶ୍ୱତ ନୁହେଁ ଏବଂ ପରିବର୍ତ୍ତନ ଶୀଳ । ଆହୁରି ମଧ୍ୟ ଜୈନ ଧର୍ମର ପରି ଆମବା ଦେହର ପ୍ରତ୍ୟେକ ଅଙ୍ଗରେ ପରିବ୍ୟାପ୍ତ ବୋଲି ଏହା କହେ । ଆତ୍ମା ଆକାର ଶୂନ୍ୟ ଏବଂ ସଚେତନ ବୋଲି ଜୈନଧର୍ମର ମଧ୍ୟ ମତ ।୪୫। ବୁଧ୍ଘୋଷ ସୁଧା ଜୈନ ଧର୍ମର ଏହି ମତ କଥା ଉଲ୍ଲେଖ କରିଛନ୍ତି ।୪୬।

ପୋଟ୍ଠପାଦ ଅ□। (ଆତ୍ମା) ତତ୍ତ୍ୱ ସଂପର୍କରେ କହନ୍ତି :

୧. ଅତ୍ାର ଆକାର ଅଛି । ଖାଦ୍ୟ ଗ୍ରହଣ କରୁଥିବା ଚତୁଃ ଉପାଦାନରୁ ଏହାର ତିଆରି । (ଓଟାରିକମ୍ଖୋ। ଅରମ୍ ଭନ୍ତେ, ଅତ୍ାନମ୍ ପଚ୍ଚେମି ରୁପିମ୍ ଚତୁମହାଭୁକ୍ତକମ୍ କବଳିକାରାହାରଭଗମ୍ତ)

୨. ଅତ୍ା ମାନସସମ୍ଭୁତ (ମନୋନୟ) ଏବଂ ଇନଦ୍ରିୟ ସମେତ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗଭରା (ମନୋମୟମ୍ ଖୋ ଅହମ୍ ଭନ୍ତେ, ଅତ୍ାନମ୍ ପଚ୍ଚେମି ସମ୍ଙ୍ଗପଚ୍ଚଙ୍ଗିମ୍ ଅହିନ୍ଦ୍ରିୟମ୍ତ)

୩. ଅତ୍ା ଆକାଶୂନ୍ୟ ଏବଂ ସଚେତନ (ଆରପିମ୍ ଖୋ ଅହମ୍ ଭନ୍ତେ, ଅତ୍ାନମ୍ ପଚ୍ଚେମି ସନ୍ନ୍ୟାମୟମତି)

୪. ସଚେତନତା ବା ସଞ୍ଜନତା ଅତ୍ାଠାରୁ ପୃଥକ (ଅନ୍ନ୍ୟାଭା ସନ୍ନ୍ୟା ଅନ୍ନ୍ୟାଭା ଅଭାତି)

ଏହି ମତଗୁଡ଼ିକ ଭିତରୁ ସମ୍ଭବତଃ ପ୍ରଥମଟି ଜୈନ ମତ ବୋଲି ଗୁରଗ୍ ବିଚାର କରନ୍ତି । କାରଣ ବୁଧ୍ ଯେଉଁ ଅ□ଳରେ ସକ୍ରିୟ ଥିଲେ ସେହି ଇଲାକା ଜୈନ ଧର୍ମରେ ସମୃଧ୍ ଥିଲା ବୋଲି ତାଙ୍କର ମତ ।୪୮। ଏଥିରୁ ଜଣାଯାଏ ଯେ ସଂପୃକ୍ତ ପ୍ରଥମ ମତଟି ଚାର୍ବକ୍ ପନ୍ଥୀଙ୍କର ଅଟେ । ସେମାନେ ଆତ୍ମା ଶରୀର ପରି ଚାରି ଉପାଦାରେ ଗଢ଼ାବୋଲି କହୁଥିଲେ ।୪୯। ଏପରି ବିଚାରଧାରାକୁ ଜୈନ ଧର୍ମ ଗ୍ରହଣ କରେନାହିଁ । ତୃତୀୟ ମତକୁ ଅବଶ୍ୟ ଆମବା ସଂପର୍କିତ ଜୈନ ମତ ବୋଲି ଗ୍ରହଣ କରାଯାଇପାରେ । କାରଣ, ଜୈନଧର୍ମରେ ଆତ୍ମା ଆକାରଶୂନ୍ୟ ଏବଂ ସଚେତନ ବୋଲି ଆମେ ଆଗରୁ ଜାଣିସାରିଛୁ ।

ଜୈନ ମତରେ ଆତ୍ମା ପ୍ରକୃତିଗତ ଭାବରେ ଶାଶ୍ୱ ଏବଂଶରୀର ଅନୁସାରେ ଏହା ପ୍ରସାରିତ ହୋଇପାରେ ବୋଲି ବସୁବନ୍ଧୁ ଉଲ୍ଲେଖ କରିଛନ୍ତି ।୫୦।

ଚତୁଃଶତକରେ ମଧ୍ୟ ସମଗ୍ର ଶରୀରରେ ଆତ୍ମା ବିଛେଇ ହୋଇରହିଥିବା କଥା କେତେକ ଦାର୍ଶନିକ ମତ ଦେଇଥିବା କଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଏହା ମରିଷ କିମ୍ବା ପଶୁର ଶରୀର ଅଙ୍ଗଭଙ୍ଗୀ ଅନୁସାରେ ସଙ୍କୁଚିତ ଏବଂ ପ୍ରସାରିତ ହୁଏ। ତେରଉ ଗୋଟିଏ ମହୁମାଛି, ପକ୍ଷୀ,ହାତି ଇତ୍ୟାଦି ସେମାନଙ୍କର ଶରୀର ଅନୁସାରେ ଆତ୍ମାର ଅଧିକାରୀ ହୋଇଛନ୍ତି ।୫୧। ଚତୁଃଶତକରେ ଉଲ୍ଲିଖିତ ଏହି ଅଭିମତ

ନିଶ୍ଚିତଭାବରେ ଜୈନ ଆମବା ତତ୍ୱ ସହିତ ସଂପୃକ୍ତ । ଗୋଟିଏ ବଖରା ଅନୁସାରେ ଦୀପରୁ ବାହାରୁଥିବା ଆଲୁଅ ଯେମିତି ସଂକୁଚିତ ବା ପ୍ରସାରିତ ହୁଏ ସେହିପରି ପ୍ରଦେଶର ସଂକୋଚନ ଏବଂ ପ୍ରସାରଣ ଅନୁସାରେ ଆତ୍ମା ମଧ୍ୟ ପ୍ରସାରିତ ବା ସଂକୁଚିତ ହୋଇଥାଏ ବୋଲି ଉମାସ୍ୱାତି (ଉମାସ୍ୱାମୀ) କହିଛନ୍ତି । ଏହି କାରଣରୁ ହିଁ ପିମ୍ପୁଡ଼ି କିମ୍ବା ହାତୀର ଆତ୍ମା ଗଗନ ଅଧିକାରୀ ହୁଏ ।୫୨।

ଆଚାର୍ଯ୍ୟ ଶାନ୍ତରକ୍ଷିତ ନିଜର ତତ୍ୱସଂଗ୍ରହରେ ଆତ୍ମା ପରୀକ୍ଷା ନାମକ ସ୍ୱତନ୍ତ୍ର ଅଧ୍ୟାୟ ଲେଖିଛନ୍ତି । ଏଥିରେ ସେ ପ୍ରାୟ ସବୁ ମତବାଦର ଖଣ୍ଡନ କରି ଆମବା ସଂପର୍କିତ ଜୈନ ମତବାଦକୁ ଗ୍ରହଣ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ବୌଧ୍ ଧର୍ମର ସଂବେଗ ତତ୍ୱ ଭିତ୍ରେ ତାହାକୁ ଖଣ୍ଡନ କରିଛନ୍ତି ।

ଜୈନ ମତରେ ଆତ୍ମାତତ୍ୱଟି ଦ୍ରବ୍ୟାର୍ଥକନୟ ଏବଂ ପର୍ଯ୍ୟାଥିକନୟ ଉପରେ ପର୍ଯ୍ୟବେସିତ ବୋଲି ସେ ଦର୍ଶାଇଛନ୍ତି । ସେ କହନ୍ତି, ଆତ୍ମାର କେବଳ ସଚେତନ ଗୁଣଟି ଅଛି । (ଚିଲକ୍ଷଣ ଏବାତ୍ମା) । ପଦାର୍ଥ କ୍ଷେତ୍ରରେ ଏହା ସବୁ ପରିସ୍ଥିତିରେ ଏକାପ୍ରକାର ଅବସ୍ଥାରେ ରହେ (ଅନୁଗତାତ୍ମକ) । ପ୍ରକୃତିରେ ଏହି ଅବସ୍ଥାପନ୍ନ ହୋଇଥିବା ବେଳେ ଆକାରରେ ଭିନ୍ନ ଭିନ୍ନ କାରଣକୁନେଇ ଏହା ପରିବର୍ତ୍ତନ ହୋଇପାରେ (ବ୍ୟବୃତ୍ୟାତ୍ମକ) । ଆତ୍ମାର ଏହି ଦୈତ ଅବସ୍ଥାକୁ ପ୍ରତ୍ୟକ୍ଷ ଅବଧାରଣ  ଦ୍ୱାରା ଧାରଣା କରିହେବ । ଏଥିପାଇଁ ଅନ୍ୟ ପ୍ରମାଣ ଲୋଡ଼ାନାହିଁ । ଏହିପରି ଭାବରେ ସଚେତନତା ବା ସଜ୍ଞାନା ସବୁ ଅବସ୍ଥାରେ ଅପରିବର୍ତ୍ତିତ ରହେ । ସତ୍ାଗତଦୃଷ୍ଟି କୋଣରୁ ଏହା ତାହାର ଆନନ୍ଦ ଏବଂ ଶାନ୍ତି ରୂପ ଯେତେବେଳେକି ଅନୁକ୍ରମିକ କାରଣଗୁଡ଼ିକ ଗୋଟିକ ପରେ ଗୋଟିଏ ଭିନ୍ନ ଅବସ୍ଥାରେ ଉପସ୍ଥିତ ହୁଅନ୍ତି । ଏଗୁଡ଼ିକୁ ସ୍ପଷ୍ଟଭାବରେ ବୁଝିହୁଏ ।୫୩।

ଶାନ୍ତରକ୍ଷିତ ଜୈନମାନଙ୍କ ପକ୍ଷରେ ଉପରୋକ୍ତ ମତଗୁଡ଼ିକର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି । ପଦାର୍ଥ ପର୍ଯ୍ୟାୟ କ୍ରମିକ ଯଦି କାରଣଠାରୁ ପୃଥକ୍ ତା'ହେଲେ ଏହା ଭିତରେ କୌଣସି ପାର୍ଥକ୍ୟ ସମ୍ଭବ ନୁହେଁ । କାରଣ ସ୍ଥାନ, କାଳ, ଏବଂ ପ୍ରକୃତି କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ । ତେଣୁ ଉଭୟେ ଏକବୋଲି ସେ କହିଛନ୍ତି । ତଥାପି ଉଭୟେ ସଂଖ୍ୟା ଏବଂ ଅନ୍ୟ କେତେକ କ୍ଷେତ୍ରର ପରସ୍ପରଠାରୁ ପୃଥକ୍ । ଉଦାହରଣସ୍ୱରୂପ ସଂଖ୍ୟା କ୍ଷେତ୍ରରେ ପଦାର୍ଥ ଏକ ହେଲେ ସୁଧା କାରଣ ଗୁଡ଼ିକ ଏକାଧିକ ପ୍ରକୃତିଗତ ଭାବରେ ଜଣେ ସଂକ୍ଷିପ୍ତ ଅନ୍ୟଟି ବ୍ୟାପକ । ଗୋଟିଏ ପାତ୍ର ସଂଖ୍ୟାଗତ ଭାବରେ ଏକ ହେଲେ ସୁଧା ତାହାର ବର୍ଣ୍ଣ ଏବଂ ଅନ୍ୟାନ୍ୟ କଥା ଅନେକ । ଏହିପରି ଭାବରେ ସେମାନଙ୍କର କାର୍ଯ୍ୟଧାରା ମଧ୍ୟ ପୃଥକ । ଏହିପରି ଭାବରେ ପଦାର୍ଥ କାରଣଠାରୁ ସଂପୂର୍ଣ୍ଣଭିନ୍ନ ମଧ୍ୟ ନୁହେଁ । ତେଣୁ ଆତ୍ମା ଏବଂ ତାହାର ରୀତି ସଂପୂର୍ଣ୍ଣଭିନ୍ନତା ସଂପନ୍ନ ନୁହଁନ୍ତି । ପଦାର୍ଥ ଦୃଷ୍ଟିରୁ ଦେଖିଲେ ସଚେତନତା ହେଉଛି ଏହାର ଚରିତ୍ରବତ୍ା । ଏହା ଶାଶ୍ୱତ ଏବଂ ନିତ୍ୟ ପର୍ଯ୍ୟାୟକ୍ରମିକ କାରଣଦୃଷ୍ଟିରୁ ଦେଖିଲେ ଏହା ଆନନ୍ଦ, ଦୁଃଖପୂରି ନିଜର ଭୂମିକା ପରିବର୍ତ୍ତନ କରୁଥାଏ ।୫୪।

ନରସିଂହଙ୍କ ଉଦାହରଣ ଜରିଆରେ ଜୈନମାନେ ବିରେଧୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥାନ୍ତି । ସେମାନେ କହନ୍ତି ଯେ ନରସିଂହଙ୍କ ପରି ଆତ୍ମାର ଦ୍ୱୈତ ଚରିତ୍ର କ୍ଷେତ୍ରରେ କୌଣ ଆତ୍ମ ବିରୋଧିତା ନାହିଁ ।

କାରଣ ଆତ୍ମ ହେଉଛି ନିର୍ଭାଗ ବା ନିରପେକ୍ଷ । ତେଣୁ ଏହାର ଦ୍ୱୈତ ଭୂମିକାରେ ଥାଏ ଏବଂ ପୃଥକ୍ ଭାବରେ ଚିହ୍ନାପଡ଼େ ନାହିଁ ।

ଶାନ୍ତରକ୍ଷିତା ଜୈନ ଧର୍ମରେ ଆମବା ତତ୍ୱ ସଂପର୍କରେ ଯାହା କହିଛନ୍ତି, ଅର୍ଚ୍ଚଟ ନିଜର ହେତୁବିନ୍ଦୁତିକା ।୫୬। ରେ ତାହାର ଉଲ୍ଲେଖ କରିଛନ୍ତି । ଏହି ସିଧାନ୍ତର ଖଣ୍ଡନ ନିମନ୍ତେ କରାଯାଇଥିବା ବିତର୍କ ମଧ ଏକା ପ୍ରକାରର । ସେମାନଙ୍କ ମତରେ ଏହି ସିଧାନ୍ତର ମୁଖ୍ୟ ତ୍ରୁଟି ହେଉଛି ଆତ୍ମା ବିରୋଧିତା । ଯାହାକି ଜୈନମାନଙ୍କ ଦ୍ୱାରା ଗୃହୀତ ନୁହେଁ । ଗୋଟିଏ ସତ୍ାର ଦୁଇଟି ରୂପ ହୋଇନପାରେ ବୋଲି ଶାନ୍ତରକ୍ଷିତ ଯୁକ୍ତିବାଢ଼ନ୍ତି । ତାଙ୍କ ମତରେ ଯଦି ଗୋଟିଏ ମୌଳିକ ପଦାର୍ଥ କାରଣ ସହିତ ସଂଯୁକ୍ତ ହୁଏ । ତେବେ ସେଥିବରେ ଭିନ୍ନତା ବୋଲି କିଛି ରହିବାନାହିଁ । ଏହି କ୍ଷେତ୍ରରେ ତାହା ରୂପାନ୍ତରିତ ହେବାକୁଯୋଗ୍ୟ ବିବେଚିତ ହେବନାହିଁ ।୬୫। ପଦାର୍ଥ ଏବଂ ତାହାର ରୂପାନ୍ତରର ଏକୀଭୂତ ରୂପ ପଦାର୍ଥକୁ ଗୋଟିକ ପରେ ଗୋଟିଏ କାରଣ ଧାରାରେ ବ□ନ କରିବାକୁ ବ୍ୟାପୃତ ହେବ କିମ୍ବା ସଂପୃକ୍ତ କାରଣଗୁଡ଼ିକ ନିଜେ ପଦାର୍ଥ ସହିତ ମିଶିଯିବେ । ତେଣୁ, ସେମାନଙ୍କ ଭିତରେ କୌଣସି ଭିନ୍ନତା ରହିବ ନାହିଁ ଏବଂ ଏହି ସିଧାନ୍ତ ଅମୂଳକ ସାବ୍ୟସ୍ତ ହେବ ।୫୮। ନରସିଂହ ସମ୍ପର୍କରେ ସେ କହନ୍ତି ଯେ ଏହା ବହୁ ଅଣୁର ସାମହାର । ତେଣୁ ଏହି ପ୍ରକୃତିଗତ ଭାବରେ ଦ୍ୱୈତ ପରି ଦେଖାଯାଉଛି । (ଅନେକାଣୁ ସମୂହାମ୍ ସ ତଥୈକ ପ୍ରତୀୟତେ)୫୯। ଏହିପରି ଭାବରେ ଶାନ୍ତରକ୍ଷିତଙ୍କ ସହିତ ଅର୍ଚ୍ଚନ ।୬୦। ଜଣେ ଦୁଇ ପ୍ରକାର ରୂପ ନେବାକୁ ଅସମର୍ଥ ବୋଲି ଦ୍ୱାହି ଦେଇ ସଂପୃକ୍ତ ସିଧାନ୍ତକୁ ଖଣ୍ଡନ କରିଛନ୍ତି । ନଚେତ୍ ଶାଶ୍ୱତପଣ ଏବଂ ଦ୍ୱୈତ ପ୍ରକୃତି ଉଭୟେ ତା ଅସତ୍ୟ ଏବଂ ଏବଂ ଅବିଶ୍ୱାସନୀୟ ।

ଫଳରେ ଅତ୍ମାର ଦ୍ୱୈତ ଚରିତ୍ର ଅଣ ସାମଗ୍ରିକବାଦ ଉପରେ ପର୍ଯ୍ୟବେସିତ । ଏହାକୁ ବୌଧ୍ ଦାର୍ଶନିକମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ସ୍ୟାଦବାଦ ଅଧ୍ୟାୟରେ ଏହି ବିରୋଧିତା ବିରୁଧିରେ ଜୈନମତ ସଂପର୍କରେ ଆଲୋଚନା କରାଯିବା । ଅଧିକନ୍ତୁ ଅଣ ସାମଗ୍ରିକବାଦ ଦ୍ୱାରା ଆତ୍ମାର ଦ୍ୱୈତ ଚରିତ୍ର ସଂପର୍କରେ ପ୍ରଦତ୍ ମତ ବ୍ୟତୀତ ଏହି ଦ୍ୱୈତକୁ ନେଇ କୌଣସି ଅନ୍ୟ ଆତ୍ମ ବିରୋଧିତା ନାହିଁ ।

୨. ଆଜୀବ ଅଥବା ପୁଦ୍ଗଳ (ବସ୍ତୁ) : କର୍ମର ପ୍ରକୃତି

ଏକ ପାର୍ଥିବ ଆତ୍ମା କର୍ମକୁ ଆକର୍ଷିତ କରେ ଏବଂ ତାହାପରେ ସେମାନେ ମିଳିତ ରୂପରେ ପାରସ୍ପରିତ ସଂପର୍କବଧ୍ ହୋଇଯାଆନ୍ତି । ଜୈନ ଧର୍ମ ଅନୁସାରେ ଏହି ସଂପର୍କର ଆରମ୍ଭ ନାହିଁ ଏବଂ ଏହା ଜଣେ ମୁକ୍ତି ବା ନିର୍ବାଣ ପାଇବା ପର୍ଯ୍ୟନ୍ତ ଅବ୍ୟାହତ ରହିଥାଏ । ଆତ୍ମା ଏବଂ କର୍ମଙ୍କୁ ଦୁଇଟି ସତ୍ା ଭାବରେ ପରସ୍ପରଠାରୁ ଅଲଗା କରିଦିଆଯାଇପାରିବ ।

ଜୈନ କର୍ମସିଧାନ୍ତ ସଂପର୍କରେ ପାଲି ସାହିତ୍ୟରେ ବହୁ ମୂଲ୍ୟବାନ୍ ତଥ୍ୟ ରହିଛି । ତାହା ମଧ୍ୟରେ ତ୍ରିଯୋଗ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବାକ୍ୟ, କର୍ମ ଏବଂ ଅନୁଚିନ୍ତା ସାହାଯ୍ୟରେ କର୍ମ ଏବଂ ଆତ୍ମା ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ ବୋଲି ଏଥିରେ କୁହାଯାଇଛି । ଏହାକୁ ତ୍ରିଦଣ୍ଡ କର୍ମ ମଧ କୁହାଯାଏ ।୬୧। ବୁଧ୍ ତ୍ରିଦଣ୍ଡକର୍ମକୁ ମଧ ସ୍ୱୀକୃତି ପ୍ରଦାନ କରିଛନ୍ତି କିନ୍ତୁ ଅନ୍ୟ ଭାବରେ ବୁଧ୍ ପୁରୁଣା ଦାର୍ଶନିକ ଏବଂ ନୀତିଶାସ୍ତ୍ରିୟ

ପରିଭାଷାକୁ ନୂଆଭାବରେ ଅର୍ଥ କରିଥିଲେ । ଏବଂ ତାହା ଉପରେ ଭିତ୍‌କରି ନୂଆ ମତବାଦର ପ୍ରତିଷ୍ଠା କରିଥବଲେ ବୋଲି ସମସ୍ତେ ଜାଣନ୍ତି । ପ୍ରସିଧ୍ ତ୍ରିଯୋଗ ଅଥବା ତ୍ରିଦଣ୍ଡ ମୂଳତଃ ଜୈନ ମତ ଅଟେ । ଏହାକୁ ଖଣ୍ଡନ କରିବା ପୂର୍ବରୁ ବୁଧ୍ ନିଜେ ନିଗନ୍ଥାନାତପୁତ୍‌ଙ୍କୁ କହିଥିଲେ । ନିଗନ୍ଥନାତପୁତ୍‌ଙ୍କ ନୀତିଶିକ୍ଷା ଅନୁସାରେ କେତେ ପ୍ରକାରର ତ୍ରୁଟିପୂର୍ଣ୍ଣ କର୍ମ ଅସତ୍ ପରିଣାମକୁ ଆବାହନ କରିଥାନ୍ତି ବୋଲି ବୁଧ୍ ନାଳନ୍ଦାଠାରେ ଦିଘତପସି୍‌ଙ୍କୁ ପ୍ରଶ୍ନ କରିଥବଲେ । କାୟାଦଣ୍ଡ ଏ କ୍ଷେତ୍ରରେ ସର୍ବାଧିକ ମାରାତ୍ମକ ବୋଲି ଦିଘତପସି୍ ବୁଧିଙ୍କୁ ଉତ୍ତରା ଦେଇଥିଲେ ।୬୨।

ଏଠାରେ ଦଣ୍ଡ ଅର୍ଥାତ୍ ଦୁଚରିତ ବା ଶାରୀରିକ ମନ୍ଦ ବ୍ୟବହାର କଥା କୁହାଯାଉଛି । ଏହା ପାର୍ଥିବ ଆତ୍ମାକୁ ଦୁଃଖ ଜୈନ୍ୟମୟ କରିଦିଏ । କାୟାଦଣ୍ଡ, ବାଚିଦଣ୍ଡ ଏବଂ ମନୋଦଣ୍ଡ ସ୍ଥାନରେ ବୁଧ୍ କାୟ କମ୍ମ, ବାଚିକମ୍ ଏବଂ ମନୋକମ୍ମ ବୁଧ୍ କହିଥିଲେ । ବୁଧ୍ ଏବଂ ଜୈନଙ୍କ ମଧ୍ୟରେ କମ୍ ଏବଂ ଦଣ୍ଡ ଶବ୍ଦର ବ୍ୟବହାରକୁ ନେଇ ଜୈନ ଏବଂ ବୁଧିଙ୍କ ମଧ୍ୟରେ ବିବାଦ ଘଟିଥିଲା । କାରଣ ଜୈନମାନେ କର୍ମ ଶବ୍ଦକୁ ରୀତି ବା ପଧ୍ତି ପାଇଁ ବ୍ୟବହାର କରୁଥିଲେ । ବୌଧ୍‌ମତରେ ଏହା ଇଚ୍ଛାଶକ୍ତିର କାର୍ଯ୍ୟ ଭାବରେ ସ୍ୱୀକୃତ । ଆତ୍ମାକୁ ବସ୍ତୁରେ ପରିଣତ କରିସାରିବାର କାର୍ଯ୍ୟଗତ ଶେଷକଥାଟିକୁ ଜୈନମାନେ କର୍ମଭାବରେ ଗ୍ରହଣ କରୁଥିଲେ । ଦଣ୍ଡ ଏବଂ କର୍ମ ଉଭୟଙ୍କର ଜୈନ ଧର୍ମରେ ଅର୍ଥ ସମାନ । କମ୍ ଅର୍ଥରେ ଦଣ୍ଡର ବ୍ୟବହାରକୁ ଠଣାଙ୍ଗରୁ ଦେଖିବାକୁ ମିଳେ ।(୩:୧୨୬)

କର୍ମ ବାକ୍ୟ ଏବଂ ଚିନ୍ତାକୁ ନେଇ ବୁଧ୍ ଜୈନଙ୍କ ମଧ୍ୟରେ ମତପାର୍ଥକ୍ୟ ପରିଲକ୍ଷିତ ହୁଏ । କର୍ମ,ବାକ୍ୟ ଏବଂ ଅନୁଚିନ୍ତା ଭିତରୁ କେଉଁଟି ଅଧିକ ଖରାପ । ବୁଧ୍ ଅନୁଚିନ୍ତା (ମନୋଦଣ୍ଡ) କୁ ସବୁଠାରୁ ବେଶୀ ଖରାପ ବୋଲି କହିଥିବା ବେଳେ ଜୈନମାନେ କର୍ମ (କାୟାଦଣ୍ଡକୁ) ସବୁଠାରୁ ଅଧିକ ମନ୍ଦବୋଲି କହିଥାନ୍ତି । ନିଗନ୍ଥମାନେ ମନୋଦଣ୍ଡର ଗୁରୁତ୍ୱ ବୁଝିପାରୁନଥିଲେ ବୋଲି ମଝିମନିକାୟର ଉପାଳି ସୁତ୍‌ରେ ପ୍ରଦତ୍ ଏହି ବିବାଦର ଉଲ୍ଲେଖରୁ ମନରେ ଧାରଣା ହୁଏ । ପ୍ରକୃତରେ ଏହା ନୁହେଁ । ଏଥିପାଇଁ ଅଧିକ ସଫେଇ ଦେବା ଆବଶ୍ୟକ । ନିଗନ୍ଥନାତପୁତ୍ କୌଣସି କ୍ଷେତ୍ରରେ ଉଦ୍ଦେଶ୍ୟ ଏବଂ ଇଚ୍ଛାଶକ୍ତିକୁ ବିରୋଧ କରୁଥିବା ଶାରୀରିକ କ୍ରିୟାକୁ ବିରୋଧ କରୁନଥିଲେ । ତ୍ରୁଟି ଏବଂ ଦୁର୍ଘଟଣା ପରି କର୍ମଗୁଡ଼ିକ କାୟଦଣ୍ଡର ଅନ୍ତର୍ଭୁକ୍ତ ହୋଇନଥିଲା । କେବଳ କାୟଦଣ୍ଡକୁ ସାଧାରଣ ଶାରୀରିକ କ୍ରିୟା ଭାବରେ ଗ୍ରହଣ ନକରି କାର୍ଯ୍ୟରେ ପରିଣତ ହୋଇଥିବା ଅନୁଚିନ୍ତା ଭାବରେ ଗ୍ରହଣ କଲେ ଚିନ୍ତାର ପୁର୍ବବର୍ତ୍ତୀ ଅବସ୍ଥାର ଏହି କାର୍ଯ୍ୟଗୁଡ଼ିକ ହୋଇଥିବାରୁ ଏହାକୁ କାୟଦଣ୍ଡର ଅନ୍ତର୍ଭୁକ୍ତ କରିହେବ ଏବଂ ନାତପୁତ୍‌ଙ୍କ ତ୍ରିକାର୍ଯ୍ୟ ଜନିତ ଅଭିମତକୁ ଗୁରୁତ୍ୱ ପ୍ରଦାନ କରିବା ସମ୍ଭବ ହେବ ।

ଭାବଶୂନ୍ୟ ସନ୍ନ୍ୟାସକୁ ଆଚାର୍ଯ୍ୟ କୁନ୍ଦକୁନ୍ଦଦେବ ବିରୋଧ କରିଛନ୍ତି । ଅନୁଚିନ୍ତା ଏବଂ ଉଦ୍ଦେଶ୍ୟର ଉଦ୍ଦେଶ୍ୟ ଏବଂ ଗାମ୍ଭୀର୍ଯ୍ୟ ଉପରେ ଦୋଷର ପ୍ରଭାବ ନିର୍ଭର କରେ । ଯଦି ଜଣେ ଅନ୍ୟର କ୍ଷତି କରିବା କଥା ମନରେ ଚିନ୍ତା କରେ ଏବଂ ପ୍ରକୃତରେ କୌଣସି କ୍ଷତି ଘଟାଏନାହିଁ । ତଥାପି ସେ ମନ୍ଦଚିନ୍ତା ପାଇଁ ଦୋଷୀ ବିବେଚିତ ହେବ । ଅପରପକ୍ଷରେ ଜଣେ କୌଣସି ମନ୍ଦଚିନ୍ତା ନକରି ଅସଚେତନ ଭାବରେ ଯଦି କ୍ଷତି

ସାଧନର ମାଧ୍ୟମ ପାଲଟିଗଲା, ତେବେ ସେ ନୈତିକ ଦୃଷ୍ଟିରୁ ସେହି କାମ ପାଇଁ ଦାୟୀ ହେବ ନାହିଁ । ଉଦାହରଣସ୍ୱରୂପ ଜଣେ ଡ଼କାୟତ ଡକାୟତିରେ ବିଫଳ ହେବା ସତ୍ତ୍ୱେ ଦୋଷୀ ସାବ୍ୟସ୍ତ ହେବାବେଳେ ଜଣେ ଡ଼ାକ୍ତର ସମସ୍ତ ଯତ୍ନପୂର୍ଣ୍ଣ ପ୍ରଚେଷ୍ଟାସତ୍ତ୍ୱେ ଜଣେ ରୋଗୀ ଅପରେସନ୍ ବେଳେ ମରିଗଲେ ଡ଼ାକ୍ତରଙ୍କୁ ସେଥିପାଇଁ ଦୋଷୀ ସାବ୍ୟସ୍ତ କରାଯାଏ ନାହିଁ ।୬୩। କିନ୍ତୁ କେବଳ ଖରାପ ଚିନ୍ତା କରି ଖରାପ କାମ କରୁଥିବା ଲୋକ ତୁଳନାରେ ଖରାପଚିନ୍ତା ଓ ଖରାପ କାମ କରୁଥିବା ଲୋକ ନିଜର ତ୍ରୁଟି ପାଇଁ ଅଧିକ ଦାୟୀ ଏବଂ ଅଧିକ ଦୋଷୀ ବୋଲି ସାବ୍ୟସ୍ତ ହୁଏ ।

ଅଭିଧାୟାପି ହି ହିଂସା ଫଳଭାଜନମ୍ ଭବତ୍ୟେକଃ

କୃତ୍ୱା ପ୍ୟପରୋ ହିଂସା ଫଳଭାଜନମ୍ ନସ୍ୟାତ୍ ।୬୪।

ଏହିପରି ଭାବର ଜୈନ ଧର୍ମରେ କାୟାଦଣ୍ଡ ମନୋଦଣ୍ଡ ଏବଂ ବାଚିଦଣ୍ଡ ଅପେକ୍ଷା ଅଧିକ ଖରାପ ବୋଲି ବିବେଚି ହୁଏ । ବୁଧ୍ ଏହି ଏକା କଥା କହିଛନ୍ତି । କିନ୍ତୁ ଏହାକୁ ଅନ୍ୟ ଭାବରେ ବୁଝାଇଛନ୍ତି । ଏହା ହେଉଛି ଏକମାତ୍ର ସ୍ଥାନ, ଯେଉଁଠାରେ ଉଭୟେ ପରସ୍ପରକୁ ବିରୋଧ କରିନାହାନ୍ତି । ଗୋଟିଏ ନିଷ୍ପତ୍ତିର କାର୍ଯ୍ୟକାରୀତଦା ପୂର୍ବରୁ ଉଦ୍ଦେଶ୍ୟକୁ ଅଧିକ ଗୁରୁତ୍ୱ ଦେବା ଜୈନ ଧର୍ମ ପରି ବୌଧ୍ ଧର୍ମରେ ମଧ୍ୟ ଦେଖାଯାଏ ।

ଏହି ସଂପର୍କିତ ଅନ୍ୟ ଗୋଟିଏ କଥା ଅଙ୍ଗୁତ୍ର ନିକାୟରୁ ମିଳିଛି । ଏଥିରେ ନିଗନ୍ଥନାତପୁତ୍‌ଙ୍କୁ କ୍ରିୟାବାଦୀ କୁହାଯାଇଥିବା ବେଳେ ବୁଧ୍‌ଙ୍କୁ କ୍ରୀୟାବାଦୀ ଏବଂ ଅକ୍ରିୟାବାଦୀ ବୋଲି କୁହାଯାଇଛି । ଲିଚ୍ଛବୀବାସୀ ସଂହି ବୁଧ୍‌ଙ୍କୁ ଦେଖା କରିବାକୁ ଅନୁମତି ମାଗିଥିଲେ ଏବଂ ନିଗନ୍ଥନାତପୁତ୍ କିପରି ତାଙ୍କୁ ବୁଧ୍ ଅକ୍ରିୟାବାଦ ସଂପର୍କରେ ଶିକ୍ଷା ଦେଇଛନ୍ତି ବୋଲି କହିନଥିଲେ । ଗୋଟି କାହାଣୀରେ ସେ ସଂପର୍କରେ ବର୍ଣ୍ଣନା କରାଯାଇଛି । ତଥାପି ସିହ ବୁଧ୍‌ଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେହି ସମୟରେ ହିଁ ସେ ଅକ୍ରିୟାବାଦୀ କି ନୁହଁନ୍ତି, ସେ ସଂପର୍କରେ ପଚାରି ବୁଝିଥିଲେ । ମନ୍ଦକର୍ମରୁ କିପରି ନିବୃତ୍ ରହିବାକୁ ହେବ, ସେ ସଂପର୍କରେ ଶିକ୍ଷା ଦେଉଥିବାରୁ ସେ ଅକ୍ରିୟାବାଦୀ ଅଟନ୍ତି ଏବଂ ଉତ୍ତମ କର୍ମ କିପରି କରିବାକୁ ହେବ ସେ ସଂପର୍କରେ ଶିକ୍ଷା ଦେଇଥିବାରୁ ସେ କ୍ରିୟାବାଦୀ ଅଟନ୍ତି । ବୁଧ୍‌ଙ୍କ ଉତ୍ତର ନିମ୍ନମତେ ଥିଲା ।

ଜଣେ ମୋ ସଂପର୍କରେ କହିପାରେ ଯେ ସନ୍ନ୍ୟାସୀ ଗୌତମ ଅକ୍ରିୟାନୀତିକୁ ଗ୍ରହଣକରି ଅକ୍ରିୟା ସିଧାନ୍ତର ଶିକ୍ଷା ଦେଉଛନ୍ତି ଏବଂ ଏହି ମାର୍ଗରେ ନିଜର ଶିଷ୍ୟମାନଙ୍କୁ ଆଗେଇ ନେଇଛନ୍ତି । ସନ୍ନ୍ୟାସୀ ଗୌତ କ୍ରିୟାବାଦକୁ ଗ୍ରହଣ କରିଛନ୍ତି ବୋଲି ମଧ୍ୟ ଜଣେ ସଠିକ୍ ବୟାନ ଦେଇପାରେ । ବିବିଧ ପ୍ରକାର ଦୁଷ୍ଟ ଏବଂ ମନ୍ଦ କାମ କରୁନାହିଁ ବୋଲି ମୁଁ ଦାବିକରୁଛି । ତାହେଲେ ସନ୍ନ୍ୟାସୀ ଗୋତମ କ୍ରିୟାବାଦକୁ ଗ୍ରହଣ କରିଛନ୍ତି ବୋଲି ତା'ହେଲେ ଜଣେ କିପରି ମୋ ସଂପର୍କରେ କହିପାରିବ ? ମୁଁ ଶରୀର, ବଚନ ଏବଂ ଅନୁଚିନ୍ତା ଉତ୍ତମ ଆଚରଣ କରୁଛି ବୋଲି ଦାବିକରୁଛି । ମୁଁ ବିବିଧ ପ୍ରକାର ଉତ୍ତମ କାର୍ଯ୍ୟ କରୁଛି ବୋଲି ଦାବି କରୁଛି ।୬୫।

ଏଠାରେ ପ୍ରଶ୍ନ ଉଠୁଛି ଯେ ନିଗନ୍ଥନାତପୁତ୍ କାହିଁକି ବୁଧ୍‌ଙ୍କ ଅକ୍ରିୟାବାଦୀ ବୋଲି ସମାଲୋଚନା

କରିଥିଲେ ? ବୁଧ୍ ଏହାର କାହିଁକି ବା ଉତ୍ର ଦେଲେ ? ସୂତ୍ରକୃତାଙ୍ଗ ବୌଧ୍ ମାନଙ୍କୁ ଅକ୍ରିୟାବାଦୀଙ୍କ ଅନ୍ତର୍ଭୁକ୍ତ କର । କାରଣ ସେମାନେ ଆତ୍ମାର ସ୍ଥିତିକୁ ଅସ୍ୱୀକାର କରନ୍ତି ଏବଂ କର୍ମକୁ ମଧ ଅସ୍ୱୀକାର କରନ୍ତି ।୬୬। ଏହା ଅକ୍ରିୟାବାଦକୁ ନିମ୍ନପ୍ରକାରେ ବିଭାଗିକରଣ କରିଛି ।

୧. ପୃଥିବୀ, ଜଳ, ଅଗ୍ନି, ବାୟୁ - ଏହି ପ□ ତତ୍ୱର ଅପସାରଣରେ ପ୍ରାଣୀସ୍ଥିତି ହରାଏ । ଶରୀର ବିନଷ୍ଟିରେ ବ୍ୟକ୍ତିଟି ସ୍ଥିତି ହରାଏ । ପ୍ରତ୍ୟେକ ବ୍ୟକତିର ବ୍ୟକ୍ତିଗତ ଆତ୍ମା ରହିଛି । ଶରୀର ତିଷ୍ଠି ରହିଥିବା ପର୍ଯ୍ୟନ୍ତ ଆତ୍ମା ରହିଥାଏ ।

୨. ଯେତେବେଳେ ମଣିଷ କାମନକରେ କିମ୍ବା ଅନ୍ୟ ଦ୍ୱାରା କାମ କରାଏ ସେତେବେଳେ ଆତ୍ମା କାମ କରେ ନାହିଁ କି କରାଏ ନାହିଁ ।

୩. ପ□ତତ୍ୱବାଦ ଆତ୍ମା ହେଉଛି ଅନ୍ୟ ଏକ ତତ୍ୱ ଅର୍ଥାତ୍ ଷଡ଼ତତ୍ୱ । ଏହି ଷଡ଼ତତ୍ୱର ବିନଷ୍ଟି ନାହିଁ ।

୪. ସୁଖ, ଯନ୍ତ୍ରଣା ଏବଂ ଆନନ୍ଦ କେବଳ ଆତ୍ମା ଦ୍ୱାରା ସମ୍ଭବ ନୁହେଁ । କିନ୍ତୁ ବ୍ୟକ୍ତିକ ସତ୍ା ଏହା ଅନୁଭବ କରେ।

୫. ବିଶ୍ୱ ବ୍ରହ୍ମାଣ୍ଡ ଭଗବାନଙ୍କ ସୃଷ୍ଟି କିମ୍ବା ପ୍ରତିପାଳିତ, ଏହା ବିଶୃଙ୍ଖଳିତରୁ ଜନ୍ମିତ ।

୬. ବିଶ୍ୱ ବନ୍ଦହୀନ ଏବଂ ଶାଶ୍ୱତ ଅଟେ ।

ସଂପୃକ୍ତ ସମସ୍ତ ମତବାଦ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ ହୋଇ ତତ୍କାଳୀନ ଚାରିଦଶ ଅଗ୍ରଗଣ୍ୟ ଚିନ୍ତକଙ୍କ ସହିତ ଜଡ଼ିତ ହୋଇଛି । ତାହାହେଲା ଆଜୀତଙ୍କ ନିରୀଶ୍ୱରବାଦ, କାତ୍ୟାୟନଙ୍କର ଶାଶ୍ୱତବାଦ, କାଶ୍ରପଙ୍କର ସାମୁଦାୟିକବାଦ ଏବଂ ଗୋସାଲଙ୍କ ନିୟତିବାଦ ।

କ୍ରିୟାବାଦର ପ୍ରକାର ଭେଦ ଜୈନ ଧର୍ମ ସ୍ତରର ନୁହେଁ, ସେଗୁଡ଼ିକ ହେଲା ଁ

୧. ଜଣେ ସଚ୍ଚୋଟ ମଣିଷର ଆତ୍ମା ବଦ କର୍ମରୁ ମୁକ୍ତ ହୋଇ ପରମାନନ୍ଦରେ ପହ□ିବାକୁ ସମର୍ଥ ହୁଏ । କିନ୍ତୁ ଚରମ ଆନନ୍ଦ କିମ୍ବା ଘୃଣାଗତ ଅବସ୍ଥାରୁ ପୁଣି ଥରେ ସ୍ଖଳିତ ହେବାକୁ ଆରମ୍ଭ କରେ ।

୨. ଯଦି ଜଣେ ଲୋକ କାହାରିକୁ ଉଦ୍ଦେଶ୍ୟମୂଳକ ଭାବରେ ହତ୍ୟ କରିବାକୁ ଯାଇ ଶିଶୁବୋଲି ଭୁଲରେ କୁଷ୍ମାଣ୍ଡକୁ ଆଘାତ କରେ, ସେ ହତ୍ୟା ଦୋଷରେ ଦୋଷୀ ହେବ, ଯଦି ଜଣେ ଲୋକ କୁଷ୍ମାଣ୍ଡ ରାନ୍ଧିବା ଉଦ୍ଦେଶ୍ୟରେ କୁ୍ମୋଣ୍ଡ ବୋଲି ଭ୍ରମବଶତଃ ଗୋଟିଏ ଶିଶୁକୁ ରାନ୍ଧିପକାଏ । ତା'ହେଲେ ସେ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହେବନାହିଁ ।

ସୂତ୍ରକୃତାଙ୍ଗରେ ପ୍ରଦତ୍ ଏହି ତଥ୍ୟ କ୍ରିୟାବାଦ କିମ୍ବା ଅକ୍ରିୟାବାଦର ମର୍ମାର୍ଥ ପ୍ରକାଶ ପାଇଁ ଯଥେଷ୍ଟ ନୁହେଁ । ଅନ୍ୟ ଗୋଟିଏ ଜାଗାରେ ଏହି ସୂତ୍ରକୃତାଙ୍ଗ ଅପେକ୍ଷାକୃତ ଭଲ ଭାବରେ ଏକାକଥାକୁ ବିଶ୍ଲେଷଣ କରିଛି । କ୍ରିୟାବାଦ ଆତ୍ମା ଅଛି କାର୍ଯ୍ୟ କରୁଛି ଏବଂ କର୍ମ ଦ୍ୱାରା ପ୍ରଭାବିତ ହେଉଛି ବୋଲି ଏହି ଗ୍ରନ୍ଥ ଦର୍ଶାଇଛି । ଏହିଗ୍ରନ୍ଥ ଆହୁରି ମଧ କହିଛି ଯେ ବୈଶେଷିକ ଏବଂ ନ୍ୟାୟବାଦୀଙ୍କ ସହିତ ଜୈନ ଧର୍ମରେ ଏହି

ଦୃଷ୍ଟିକୋଣ ସାଧାରଣ ଭାବରେ ଗୃହୀତ । ଅକ୍ରିୟାବାଦ ଅନୁସାରେ ଆତ୍ମା କାର୍ଯ୍ୟ କରେ ନାହିଁ କିମ୍ବା କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହି ଜୈନମତ ବୌଧ୍ଙ୍କ ଦ୍ୱାରା ସର୍ବାନ୍ତକରଣରେ ଗୃହୀତ । ଏହା ସହିତ ବେଦାନ୍ତ, ସାଂଖ୍ୟ ଏବଂ ଯୋଗପନ୍ଥୀ ମାନେ ମଧ୍ୟ ଏହାକୁ ଗ୍ରହଣ କରନ୍ତି।୬୮। ବୁଧ୍ ଆତ୍ମାର ନେତି କଥାକହୁଥିବା ଦୃଷ୍ଟିରୁ ନିଗନ୍ଥନାତପୁତ୍ ତାଙ୍କୁ ଅକ୍ରିୟାବାଦୀ ସ୍ୱାଭାବିକ୍

ବୌଧ୍ ମାନେ ଆତ୍ମାର ସ୍ଥିତିକୁ ଅସ୍ୱୀକାର କରୁଥିବା ଦୃଷ୍ଟିରୁ ସେମାନେ ଅକ୍ରିୟାବାଦୀ ଅଟନ୍ତି ବୋଲିର ଶିଳାଙ୍କଙ୍କର ମତ । କିନ୍ତୁ ପ୍ରକୃତିରେ ଏହି ଅସ୍ୱୀକୃତି ପରି ଗୋଟିଏ ସାଧାରଣ କଥା ପାଇଁ ବୌଧ୍ ଧର୍ମକୁ ଅକ୍ରିୟାବାଦର ଅନ୍ତର୍ଭୁକ୍ତ କରିବା ଠିକ୍ ନୁହେଁ । ବୁଧ୍ ସଂପୂର୍ଣ୍ଣ ଭାବରେ ନୈତି ଦାୟିତ୍ୱ ଏବଂ କାମଖା ଓ ଅନୁଚିନ୍ତାର ଭଲଭନ୍ଦ ପରିଣତ ଉପରେ ବିଶ୍ୱାସ କରେ । ଜୈନମାନେ ବୌଧ୍ମତର ଏହି ଅଂଶଟି ସଂପର୍କରେ ସଂପୂର୍ଣ୍ଣ ସଚେତନ ନଥିବା ପରି ମନେହୁଏ । ଅଧିକନ୍ତୁ, ବୁଧ୍ ନିଜେ ନିଜର ସମସାମୟିକ ଦାର୍ଶନିକ ମଖ୍ଖଳି ଗୋସାଲଙ୍କୁ ଅକ୍ରିୟାବାଦକୁ ଭିତ୍ କରି କଟୁ ସମାଲୋଚନା କରିଥିବା କଥାଟିକୁ ସମସାମୟିକ ଦାର୍ଶନିକ ମାନେ ଏଡ଼ାଇଯିବା ଆଶ୍ଚର୍ଯ୍ୟର କଥା ।

ନିଗନ୍ଥନାତପୁତ୍ଙ୍କର କର୍ମବାଦ ସଂପର୍କରେ ଅନ୍ୟ ଏକ ସୂଚନା ମଝିମନିକାୟରେ ଦେଖିବାକୁ ମିଳେ । ତାହାରି ଅନୁସାରେ ଯଥାର୍ଥଜ୍ଞାନ  ଓ କୃଚ୍ଛ୍ରସାଧନା ବଳରେ କର୍ମର ପ୍ରବାହକୁ ବନ୍ଦ କରିଦିଆଯାଇପାରେ ।୬୯। ମହାବୋଧବ ଜାତକରେ ମଧ୍ୟ କର୍ମ ସଂପର୍କିତ ଜୈନମତକୁ ଠାବ କରିହେବ।୭୦। ସେଥିରେ ଗୋଟିଏ ଜାଗାରେ କୁହାଯାଇଛି ଯେ ବୋଧିସତ୍ୱ ଥରେ ବ୍ରାହ୍ମଣ ପରିବାର ଜନ୍ମଗ୍ରହଣ କରିଥିଲେ । ବୟସ କ୍ରମରେ ସେ ଭିକ୍ଷା କରୁକରୁ ବାଣାସୀରେ ପହ□ିଲେ । ସେଠାରେ ସେ ରାଜୋଦ୍ୟାନରେ ରହି ରାଜାଙ୍କ ଖାଦ୍ୟ ଗ୍ରହଣ କଲେ । ପରବର୍ତ୍ତୀ ସମୟରେ ରାଜା ତାଙ୍କ ପାଇଁ ପତ୍ର କୁଡ଼ିଆଟିଏ ତିଆରି କରିଦେଲେ ଏବଂ ପ୍ରତିଦିନ ଧାନୀଙ୍କୁ ଦର୍ଶନ ପାଇଁ ତିନିଥର ଆସିବାକୁ ଲାଗିଲେ । ଏହିପରି ଭାବରେ ବାରବର୍ଷ ବିତିଗଲା ।

ଏବେ ରାଜାଙ୍କ ପାକରେ ପା□ଜଣ ପାର୍ଷଦ ଅଛନ୍ତି ଯେଉଁମାନେକି ତାଙ୍କୁ ଜାଗତିକ ଏବଂ ଆଧାତ୍ମିକ ପ୍ରସଙ୍ଗରେ ପରାମର୍ଶ ଦିଅନ୍ତି । ସେମାନଙ୍କ ମଧ୍ୟରୁ ଜଣେ କାରଣ ବା କର୍ମର ସ୍ଥିତିକୁ ପ୍ରତ୍ୟାଖ୍ୟାନ କରନ୍ତି । ଅନ୍ୟଜଣେ ସବୁକିଛି ଜଣେ ସର୍ବୋଚ୍ଚସତ୍ତାଙ୍କ କର୍ମ ବୋଲି ବିଶ୍ୱାସ କରନ୍ତି । ତୃତୀୟ ଜଣକ ପୂର୍ବ କର୍ମର ମତ ସପକ୍ଷରେ ଯୁକ୍ତି କରନ୍ତି । ମୃତ୍ୟୁରେ ହିଁ ସଂପୂର୍ଣ୍ଣ ମୁକ୍ତି ବୋଲି ଚତୁର୍ଥ ଜଣଙ୍କର ବିଶ୍ୱାସ । ପ□ମ ଜଣକ କ୍ଷତ୍ରିୟ ଜାତିର । ପୁନର୍ଜନ୍ମ ଦ୍ୱାରା ଏହି ପୃଥିବୀର ଲୋକମାନଙ୍କ ଜୀବନ ବିଶୁଧ୍ ହୁଏ ବୋଲି ସେ ବିଶ୍ୱାସ କରନ୍ତି ନାହିଁ । ସର୍ବୋଚ୍ଚ ସତ୍ତାଙ୍କ କର୍ମରେ ବିଶ୍ୱାସୀ ସେହି ଜଣକ ପୃଥିବୀ ତାଙ୍କରି ଦ୍ୱାରା ନିର୍ମିତ ବୋଲି ବିଶ୍ୱାସ କରନ୍ତି ସେ ଶିକ୍ଷା  ଦିଅନ୍ତି । ଉଚ୍ଛେଦବାଦର ବିଶ୍ୱାସୀ ଜଣକ କେହି ହେଲେ ଅନ୍ୟ ଜଗତକୁ ଯାଆନ୍ତିନାହିଁ ବରଂ ଏହି ଧରାର ହିଁ ସର୍ବନାଶ ହୁଏ ବୋଲି ମତ ଦିଅନ୍ତି । କ୍ଷତ୍ରିୟ ଜଣକ ଶିକ୍ଷା ଦିଅନ୍ତି ଯେ ଜଣକର ନିଜ ପିତାଙ୍କ ହତ୍ୟା ବିନିମୟରେ ସୁଧ୍ଧା ଜଣକର ନିଜର ଆଗ୍ରହ ଇଚ୍ଛା ଭାବରେ ପ୍ରକଟିତ ହେବା ଆବଶ୍ରକ । ଏହି ଲୋକମାନେ ରାଜାଙ୍କ ବିଚରାଳାୟରେ ଜଜ୍ଭାବରେ ନିଯୁକ୍ତି ପାଇଥିଲେ ଏବଂ ଲା□ର ଲୋଭରେ ଜମିର ପ୍ରକୃତ ମାଲିକକୁ ସୁଧ୍ଧା ଉପଯୁକ୍ତ ନ୍ୟାୟରୁ ବ□ିତ କରୁଥିଲେ ।

ଏମାନଙ୍କ ମଧ୍ୟରୁ ତୃତୀୟ ପାର୍ଷଦ ଜଣକ ନିଗନ୍ଥନାତପୁତ୍ଙ୍କ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରିବା ପରି ଜଣାପଡୁଥିଲେ । ସେ ପୂର୍ବ କର୍ମ ଅନୁଯାୟୀ ସବୁକିଛି ଘଟେ ବୋଲି ପ୍ରଚାର କରୁଥିଲେ । ଏପରି ପୂର୍ବକର୍ମ କେବଳ ପରିପକ୍ୱ ହେବାପରେ ହିଁ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି ଏବଂ ତାହାପରେ ଆବଶ୍ୟକ ମାନସିକ ଅବସ୍ଥା ସୃଷ୍ଟିକରି ତାହାରି ମାଧ୍ୟମରେ ସେ ବ୍ୟକ୍ତିକୁ ବନ୍ଧନ କରନ୍ତି ।୭୨।

ମହାବୋଧି ଜାତକର ବୋଧିସତ୍ୱ ଏହି ତତ୍ୱ ସମେତ ରାଜାଙ୍କ ପ□ପାର୍ଷଦଙ୍କ ମତକୁ ବିରୋଧ କଲେ । ରାଜାତାଙ୍କୁ ବିଚାରକ ଭାବରେ ଯୋଗଦେବାକୁ ଅନୁରୋଧ କରନ୍ତେ ସେ ତାହାକୁ ଗ୍ରହଣ କରି ଅଳ୍ପଦିନରେ ଖୁବ୍ ପ୍ରସିଧ୍ ହୋଇ ଉଠିଲେ ବୋଲି କୁହାଯାଏ । ପ□ପାର୍ଷଦ ତାଙ୍କ ଉପରେ କ୍ରୋଧାନ୍ୱିତ ହୋଇ ସେ ଗଣତନ୍ତ୍ରର ପ୍ରତିଷ୍ଠା ଚାହୁଁଛନ୍ତି ବୋଲି ରାଜାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ତେଣୁ ରାଜାତାଙ୍କୁ ବରଖାସ୍ତ କରିବା ସହିତ ହତ୍ୟା କରିବାକୁ ଉଦ୍ୟମ କଲେ । ବୋଧିସତ୍ୱ ଏହା ଜାଣିପାରିଲେ ଏବଂ ପୁଣିଥରେ ହିମାଳୟ ଅଭିମୁଖେ ଯାତ୍ରା କଲେ ।

ତାଙ୍କୁ ପୁଣିଥରେ ସହର ଭିତରକୁ ପ୍ରବେଶ କରାଇନଦେବା ଉଦ୍ଦେଶ୍ୟରେ ବୋଧିସତ୍ୱ ରାଣୀଙ୍କ ସାହାଯ୍ୟରେ ରାଜାଙ୍କୁ ହତ୍ୟା କରିବାକୁ ଇଚ୍ଛା କରିବା କଥା ପ□ପାର୍ଷଦ ପ୍ରଚାର କଲେ । ଫଳରେ ରାଣୀଙ୍କୁ ମୃତ୍ୟୁଦଣ୍ଡ ମିଳିଲା । ଏହାଦ୍ୱାରା ରାଜପୁତ୍ରମାନେ ରାଜାଙ୍କର ଶତ୍ରୁ ହୋଇଗଲେ । ଏହି ସମୟ ମଧ୍ୟରେ ବୋଧିସତ୍ୱ ଷଡ଼ଯନ୍ତ୍ର ଖବର ପାଇଲେ ଏବଂ ରାଜାଙ୍କ ଜୀବନ ରକ୍ଷା କରିବାକୁ ସହରରେ ଆସି ପହ□ିଲେ । ସେ ଗୋଟିଏ ସୀମାନ୍ତ ଗ୍ରାମରେ ପହ□ିଲେ ଏବଂ ଗ୍ରାମବାସୀଙ୍କ ପ୍ରଦତ୍ ମାଙ୍କଡ଼ ମାସଂ ଭକ୍ଷଣ କରି ତାହାର ଛାଲଯିକୁ ଭିକ୍ଷା କଲେ । ଛାଲକୁ ସେ କୁଡ଼ିଆ ପାଖରେ ଶୁଖାଇଲେ । ଏହାପରେ ସେ ବାରଣାସୀ ସହରକୁ ଯାଇ ସେଠାରେ ଗୋଟିଏ ଉଦ୍ୟାନରେ ମାଙ୍କଡ଼ ଛାଲଟିକୁ ବିଛାଇ ବସିଲେ । ରାଜା ନିଜର ପାର୍ଷଦଙ୍କ ଗହଣରେ ତାଙ୍କୁ ଦର୍ଶନ କରିବାକୁ ଆସିଲେ । ବୋଧିସତ୍ୱ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ଛାଲଟିକୁ ଘସିବାରେ ଲାଗିଲେ । ଏମିତି କାହିଁକି କରୁଛନ୍ତି ବୋଲି ରାଜା ତାଙ୍କୁ ପଚାରିଲେ । ବୋଧିସତ୍ୱ କହିଲେ ମାଙ୍କଡ଼ଟି ମୋର ବହୁତ ଉପକାର କରିଥିଲା । କିନ୍ତୁ ମୁଁ ତାର ମାଂସ ଖାଇଛି । ପାର୍ଷଦମାନେ ଭାବିଲେ ଯେ ଏହି ଲୋକଟି ମାଙ୍କଡ଼ଟିର ଜୀବନ ନେଇଥିବାରୁ ଅନୁତାପ କରୁଛି । ବୋଧିସତ୍ୱ ଜଣକ ପରେ ଜଣକୁ ସମ୍ବୋଧନକରି ପ୍ରତ୍ୟେକଙ୍କର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କଲେ ଏବଂ ସେମାନଙ୍କ ମତକୁ ସମାଲୋଚନା କଲେ ।

ତୃତୀୟ ପାର୍ଷଦଙ୍କ ମତ ଯାହାକି ଜୈନ ଧର୍ମର ପ୍ରତିନିଧିତ୍ୱ କରୁଥିଲେ ବୋଲି ବିଚାର କରାଯାଏ, ତାହା ହେଉଛି –

ପୂର୍ବ କୀର୍ତ୍ତିରୁ ଆହୁରି ରହିଛି ଉଭୟ ପରମାନନ୍ଦ ଓ ବିଷାଦ

ଏହି ମର୍କଟ ତାର ଧାର ଶୁଝୁଛି,ତା'ରି ଚାତୁର୍ଯ୍ୟ, ପୂର୍ବପାପ

ପ୍ରତିଟି କାମରେ ଅଳ୍ପ ଅଳ୍ପ ହୋଇ ଧାରଶୁଝି ହେଉଛି, ତେବେ ପାପ କେଉଁଠୁ ଆସୁଛି ?

ଯଦି ଏଇ ବିଶ୍ୱାସ ତୁମ ମନରେ ଅଛି ଏବଂ ମତ ସତ ହୁଏ

ତା'ହେଲେ ମୋ କାମ ଠିକ୍ ଯେତେବେଳେ ମୁଁ ମାଙ୍କଡ଼କୁ ଓଲଟାଇ ଦେଲି

ତୁମେ'ତ କେବଳ ଦେଖଣାହାରୀ ତା'ର ପାପମୟ ତୁମର ଧର୍ମମତ

ତେଣୁ, ତୁମେ ଆଉ ମୋରକାମକୁ ଦୋଷ ଦେବାପାଇଁ କୌଣସି କାରଣ ନାହିଁ ।"

ମଝିମନିକାୟ ।୭୩। ମଧ୍ୟ କର୍ମ ସଂପର୍କିତ ଜୈନମତକୁ ସମର୍ଥନ କରେ । ଜୈନ ଆଗମନ ଅନୁସାରେ ଆତ୍ମା ସବୁ କର୍ମଫଳକୁ ଭୋଗିଥାଏ । ୭୪। ବୁଧ୍ ଏହି ମତର ସମାଲୋଚନା କରିଥିଲେ ସୁଧା ଏଥିରେ ସେ ସଂପର୍କରେ କୌଣସି ଉଲ୍ଲେଖଯୋଗ୍ୟ ବିତର୍କ ଦେଖିବାକୁ ମିଳେ ନାହିଁ । ମହାବୋଧି ଜାକ ଜାତକ ସାହିତ୍ୟର ଏକ ପରବର୍ତ୍ତୀ ସଂସ୍କରଣ । କେବଳ ପା□ଶହ ଜାତକ କାହାଣୀ ଜାତକ ଗୁଡ଼ିକର ଅଯେ ।୫୭। ଏବଂ ଏଥବରେ ଏହାର କ୍ରମୋନ୍ନତିର ଦୃଷ୍ଟାନ୍ତ ଦେଖାଯାଏ ବୋଲି ଶିଳାଙ୍କ ମତ ଦେଇଛନ୍ତି ।

ଅଙ୍ଗୁତ୍ରୀୟ ନିକାୟ ।୭୬। ର ଅକ୍ରିୟା ସଂପର୍କିତ ପାରମ୍ପରିକ ମତ କ୍ଷେତ୍ରରେ ସମାନ ଚିନ୍ତାଧାରାକୁ ଦେଖିବାକୁ ମିଳେ । (ତିନିମାରି ଭି୍ଭେ ତିଥାୟତନାନଯାନି ପଣ୍ଡିତେ୍ଥି ସମାନୁଞ୍ଜ ଯମାନାନି ଅକ୍ରିୟାୟ ସନ୍ତୁହନ୍ତି) ଏହା ନିମ୍ନ ପ୍ରକାରର ।

୧. କେତେକ ପରିବ୍ରାଜକ ଏବଂ ବ୍ରାହ୍ମଣଙ୍କ ମତରେ ଯେତେ ସୁଖ ଦୁଃଖ ଅଥବା ନିରପେକ୍ଷ ଭାବ ଅନୁଭୂତ ହୁଏ ସେସବୁ ପୂର୍ବକର୍ମର ଫଳ । (ଯାମ୍ କିମ୍ ଚାୟମ୍ ପୁରିସପୁଗ୍‌ଲ ପତି ସମ୍ୱେଦେତି ସୁଖମ୍ ବା ଦୁଃଖମ୍ ବା । ଅଦୁଃଖ ମସୁଖନ ବା ସବମ୍‌ତମ୍ ପୂବ୍ୱେକତ ହେତୁତି)

(୨) ସବୁସୁଖଦୁଃଖର କାରଣ ହେଉଛନ୍ତି ସର୍ବ ସର୍ବନିୟନ୍ତା (ଇସ୍‌ର ନିମ୍ମାନହେତୁ)

(୩) ଏହି ସୁଖ ଓ ଦୁଃଖ ସବୁ ଅକାରଣ ଓ ନିଃସର୍ତ୍ତଯୁକ୍ତ ବୋଲି ଅନ୍ୟମାନେ କୁହନ୍ତି । (ଅହେତୁ ଅପଚ୍ଚୟା)

ଏହି ତ୍ରିତତ୍ୱ ମଧ୍ୟରୁ ପ୍ରଥମଟି ନିଗନ୍ଥନାତପୁତ୍‌ଙ୍କ ସହିତ ସଂପୃକ୍ତ ଏଥିରେ ସନ୍ଦେହ ନାହିଁ । ଏହି ମତକୁ ସମାଲୋଚନା କରି ବୁଧ୍ ଦର୍ଶାଇଥିଲେ ଯେ ପୂର୍ବ କର୍ମ ଭିତ୍ତିରେ ଲୋକମାନେ ହତ୍ୟାକାରୀ ଚୋର ମିଛୁଆ ଇତ୍ୟାଦି ହୋଇଯିବେ । ବର୍ତ୍ତମାନର କାମପାଇଁ ଯାହାଙ୍କର ପୂର୍ବକର୍ମହିଁ ନିମିତ କାରଣ, ତାହା କରିବାକୁ କୌଣସି ଇଚ୍ଛାନହିଁ । ଉଦ୍ୟମନାହିଁ କିମ୍ବା ସେମାନେ ତାହା କରିବାକୁ ଅଥବା ସେଥିରୁ ନିବୃତ୍ ହେବାକୁ ଚାହୁଁନାହାନ୍ତି । କ୍ରିୟା ବା ଅକ୍ରିୟାର ଆବଶ୍ୟକତାକୁ ପ୍ରକୃତରେ ଖୋଜିଲେ ମିଳିବନାହିଁ । ସମଣଶବ୍ଦଟିକୁ ତୁମ ପ୍ରତି ପ୍ରଯୁଜ୍ୟ ହେବନାହିଁ, କାରଣ ତୁମେ ଅଜଣା କଥାରେ ଭୁଆଁ ବୁଲିବା ଅବସ୍ଥାରେ ରହିଛ ।୭୭।

ଏଠାରେ ପ୍ରଥମ ମତ ସଂପର୍କରେ ବୁଧ୍‌ଙ୍କର ତର୍କଣା ହେଉଛି ଯଦି ସବୁକିଛି ପୂର୍ବକର୍ମ ଅନୁସାରେ ହେଉଛି, ତାହେଲେ ସେଥିରୁ ନିବୃତ ରହିବାକୁ ଉଦ୍ୟମ କରିବା ଉଚିତ୍ ନୁହେଁ । ଯେତେବେଳେ ବୁଧ୍‌ଙ୍କୁ ନିଗନ୍ଥନାତପୁତ୍ ଅକ୍ରିୟାବାଦୀ ବୋଲି କହିଥିଲେ । ସେତେବେଳେ ସମ୍ଭବତଃ ସେ ଏକଥା ଜାଣିଥିଲେ । ଆଚାର୍ଯ୍ୟ କୁନ୍ଦକୁନ୍ଦଙ୍କ ମତରେ ପୂର୍ବକର୍ମ ବସ୍ତୁଗୁଡ଼ିକ କେବଳ ପରିପକ୍ୱ ସମ୍ବଳିତ କୃଚ୍ଛସାଧନା ସଂପର୍କରେ କହିଛନ୍ତି । ସ୍ୱୟଂ ବୁଧ୍ ଏହି ତତ୍ୱ ସଂପର୍କରେ ସନ୍ତୋଷ ବ୍ୟକ୍ତ କରିଥିବା ଆମେ ପୂର୍ବରୁ ଦେଖିଛୁ ।୭୯।

ପୁରାଣ କସ୍ସପଙ୍କ ଘୋଷଣା ଅନୁସାରେ ଛଅ ପ୍ରକାରର ବିଭିନ୍ନ ଜାତି (ଛଳାଭିଜାଳି) ସଂପର୍କରେ ଅଙ୍ଗୁତ୍ରନିକାୟା ।୮୦। ରେ ଉଲ୍ଲେଖ ରହିଛି ।

୧. କଳାଜାତି (କାହ୍ନାଭିଜାତି ପଣ୍ୟତା) - ମାଂସକଟାଳି, ବାଣୁଆ, ଜେଲ କର୍ମଚାରୀ ଇତ୍ୟାଦି

୨. ନୀଳଜାତ (ନୀଳଭିଜାତ ପଣ୍ୟତା) - ନିଜ ପାର୍ଶ୍ୱରେ କ□ାରଖବ ଚଳୁଥିବା ସନ୍ନ୍ୟାସୀ ଏବଂ ଏହି ଧରଣର କାମ କରୁଥିବା ଅନ୍ୟ ସମସ୍ତେ (ଭିଖ୍‌ଖୁ କ□କ ବିଚ୍ଚିକ୍ ଯେବ ପଣ ଅଦ୍ୟେପି କେଚି କାମବାଦା କରିୟାବାଦା)

୩. ଲୋହିତ ଜାତି (ଲୋହିତାଭିଜାତ ପଣ୍ୟତା) - ନିଗନ୍ଥମାନଙ୍କ ଗୋଷ୍ଠୀ

୪. ହଳଦିଆ ଜାତି (ହଦିଦ୍‌ଦାଭିଜାତି) - ଧଳା ବୋଲିହୋଇଥିବା ଘରମାଲିକ ଏବଂ ଅଜୀବକଙ୍କର ଅନୁଗାମୀ

୫. ଧଳା ଜାତି (ସୁଖାଭିଜାତି) - ଅଜୀବକ ବୃନ୍ଦ

୬. ଖା□ଧଳା (ପରମ୍ସୁଖାଭିଜାତି) - ପୁରାଣ କସ୍ପ ଯେଉଁଥିରେ ସଂପୃକ୍ତ

ଏହି ଶ୍ରେଣୀ ବିଭାଗ କଥା ବୁଧ୍ ଆନନ୍ଦଙ୍କଠାରୁ ଶୁଣିଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜ ଚିନ୍ତାଧାରା ଅନୁସାରେ ଛଅଟି ଶ୍ରେଣୀବୋଲି ଘୋଷଣା କରିଥିଲେ । ଏହି ଛଅଟି ଶ୍ରେଣୀ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲେ । କଳା ଏବଂ ଧଳା । ଏହି ଶ୍ରେଣୀ ବିଭାଗ ମନୁଷ୍ୟର ଭଲ ଓ ମନ୍ଦ କର୍ମକୁ ନେଇ । ଜୈନମାନେ ମଧ୍ୟ ପ୍ରାୟ ଏହି ଏକା ଛଅ ଶ୍ରେଣୀରେ ବିଭାଜିତ । କିନ୍ତୁ ସେମାନଙ୍କ ସଂପର୍କରେ ପାଲି ସାହିତ୍ୟରେ କିଛି ଉଲ୍ଲେଖ କରାଯାଇନାହିଁ । ଏହି ବିଭାଗୀକରଣ ପାଇଁ ଜୈନଙ୍କର ଲେଶ୍ୟ ବୋଲି ନିର୍ଦ୍ଦିଷ୍ଟ ଶବ୍ଦଟିଏ ଅଛି ।

ଲେଶ୍ୟା ହେଉଛି ମନର ବିଭିନ୍ନ କ୍ରିୟା କର୍ମଦ୍ୱାରା ପ୍ରଭାବିତ ଆତ୍ମାର ବିଭିନ୍ନ ଅବସ୍ଥା । ତାହାକୁ ଛଅଟି ପ୍ରକାରର ବିଭକ୍ତ କରାଯାଇଛି - କୃଷ୍ଣ, ନୀଳ, କାପୋଟ, ପୀତ, ପାଦ୍ମ ଏବ ଶୁକ୍ଳ।୮୧। ଏଗୁଡ଼ିକ ମନର କର୍ମଭିତ୍ତିକ ଅବସ୍ଥା । ସମସ୍ତ ଲେଶ୍ୟ ଭିତରେ କୃଷ୍ଣ ହେଉଛି ସବୁଠାରୁ ନିକୃଷ୍ଟ ଏବଂ ପୀତ ଅନ୍ୟ ତିନିଟି ତୁଳନାରେ ନିକୃଷ୍ଟ ।ଅନ୍ୟ ଏକ ବିଭାଗୀକରଣ ଅନୁସାରେ ଏହି ଛଅଟି ବିଭାଗୀକରଣ ଦୁଇ ଭାଗରେ ହିଁ ବିଭକ୍ତ । ତାହା ହେଉଛି ଦ୍ରବ୍ୟରେ ଲେଶ୍ୟ ଏବଂ ଭାବଲେଶ୍ୟ । ବୁଧ୍ ଏବଂ ଯୋଗଶାସ୍ତ୍ରର ବିଭାଗୀକରଣ ସହିତ ଏହା ସମାନ।୮୨। ପାଲି ସୂତ୍ରରେ ଲେଶ୍ୟ କଥା ଉଲ୍ଲେଖ ନଥିବାରୁ ଶ୍ରମଣ ପରମ୍ପରାକୁ ନକଲ କରି ଜୈନ ଶାସ୍ତ୍ରରେ ପରବର୍ତ୍ତୀ ସମୟରେ ଏହା ସୃଷ୍ଟି କରାଯାଇଛି ବୋଲି କୁହାଯାଇପାରେ ।

ମାନସ, ବଚନ ଏବଂ କାୟଭିତ୍ତିରେ ତିନି ପ୍ରକାରର ଯୋଗ ସଂପର୍କରେ ଅଙ୍ଗୁତ୍ର ନିକାୟ ।୮୩। ରେ ବର୍ଣ୍ଣନା କରାଯାଇଛି । ଅଜ୍ଞାନ ବା ଅଭିଜ୍ଞ ହେତୁ ଆତ୍ମା ଭିତରକୁ କର୍ମବସ୍ତୁର ବହନ ଫଳରେ ଏହାର ସୃଷ୍ଟି ବୋଲି ଏଥିରେ କୁହାଯାଇଛି ।୮୪। କପିଳବାସ୍ତୁରେ ବପ୍ପ ନାମକ ନିଗନ୍ଥନାତପୁତ୍ରଙ୍କର ଜଣେ ଅନୁଗାମୀ ଯୋଗଲ୍ଲାୟନଙ୍କୁ ସାକ୍ଷାତ କରିବାକୁ ଗଲେ । ବପ୍ପଙ୍କୁ ମୋଗଲାୟନ କହିଲେ - ବପ୍ପ ଏଠାରେ କେହି ଜଣେ

ଶରୀର, ବାକ୍ୟ ଏବଂ ଅନୁଚିନ୍ତା ମଧ୍ୟରେ ଅଛି ଯିଏକି ଅବହେଳା ଜାତିରକି ଜ୍ଞାନ ଉଦ୍ରେକ କ୍ଷେତ୍ରରେ ବାଧା ଉପୁଜାଉଛି । (କାୟେନ ସମ୍ବୁତୋ ବାଚାୟ ସମ୍ବୁତୋ, ମନସା ସମ୍ବୁତୋ ଅଭିଜଜାରଜ୍ଜୁପାଦା)। ଏହାପରେ ସେ ବପ୍ପଙ୍କୁ ପ୍ରଶ୍ନ କରୁଛନ୍ତି ଯେ ଭବିଷ୍ୟତରେ ମନୁଷ୍ୟ ଭିତରକୁ ଆସବ ଯନ୍ତ୍ରଣା ଦେଇ ବୋହି ଆସିବାର କୌଣସି କାରଣକୁ କ'ଣ ସେ ଦେଖି ପାରୁଛନ୍ତି । (ପସ୍‌ସିନୋ ତ୍ୱମ୍ ବପ୍ପ, ତମ୍‌ଠାଣମ୍ ଯତୋ ନିଦାନମ୍ ପୁରୀଷମ୍, ଦୁଃଖବେଦନୀୟ ଆସବା ଆସବେୟମ୍ ଅଭିସମ୍ପରାୟମ୍ ଇତି) । ଉତରରେ ବପ୍ପ କହୁଛନ୍ତି, ମହାଶୟ, ମୁଁ ଏହି କାରଣକୁ ଦେଖିପାରୁଛି । ଏହି କ୍ଷେତ୍ରରେ ଗୋଟିଏ ନିର୍ଦ୍ଦିଷ୍ଟ ମନ୍ଦ କର୍ମ ରହିଛି, ତାହା ପରିଣତି ଅବସ୍ଥାରେ ପହ□ନାହିଁ । ତଥାପି ଏହା ଆସବକୁ ନେଇ ଯନ୍ତ୍ରଣା ଦାୟୀ ଅବସ୍ଥାରେ ଭବିଷ୍ୟତରେ ମନୁଷ୍ୟ ଭିତରକୁ ପ୍ରବାହିତ ହେବ । (ପସ୍‌ମହମ୍ ଭନ୍ତେ, ତନ୍  ଠାଣମ୍ ଇଧ୍‌ସୁ ଭନ୍ତେ ପୂବେ୍‌ପାକମ୍ମମ୍ କତମ୍ ଅଭିପକ୍କଭିପାପାମ୍ ତତୋ ନିଦାନମ୍ ପୁରୀକ୍ଷମ୍ ଦୁଃଖବେଦନୀୟ ଆସବେୟମ୍ ଅଭିସମ୍ପାରାୟାମ୍) । ଏହି ସମୟରେ ସେହି ସ୍ଥାନକୁ ବୁଧ୍ ଆସିଲେ, ଏବଂ କଥାବାର୍ତ୍ତା ଅବସରରରେ ସେ ବପ୍ପଙ୍କୁ କହିଲେ, 'କାୟିକ କର୍ମ ଫଳରେ  ଏହି ଆସବମାନେ ଆସନ୍ତି ଏବଂ ଜଣେ ଲୋକ କାୟିକ କର୍ମକୁ ଜାବୁଡ଼ିଧରି ବିରକ୍ତି ଏବଂ ଦୁଃଖ ଭୋଗ କରେ; ଏଥିରୁ ଜଣାପଡୁଛି ଯେ ଦୁଃଖ ପ୍ରଦାନକାରୀ ଆସବଗୁଡ଼ିକ ତାହା ଭିତରେ ନଥାନ୍ତି ।"

ନିଜର ପୁରଣା କାମକୁ ଛାଡ଼ି ସେ କୌଣସି ନୂଆ କାମ କରେ ନାହିଁ । ସେ ଏହା ସହିତ ନିରବଚ୍ଛିନ୍ନ ଭାବରେସଂପର୍କରରେ ଜାଣିବାକୁ ସମର୍ଥ ହୁଏ । ଏହି ଏକା କଥାର ବାଚସ ସମାରମ୍ଭ ପଚ୍ଚୟ ଏବଂ ମନୋସମାରମ୍ଭ ପଚ୍ଚୟରେ ପୁନରାବୃତ୍ତି ହୋଇଛି । ବୁଧ୍ ଏହି କଥାଯିକୁ ତିନିଥର ପୁନରାବୃତ୍ତି କରିଛନ୍ତି । ଏହାର ଉତ୍ର ଦେଇ ଉପାଳି କହିଲେ, ଏହା ହୋଇପାରିବା ନାହିଁ, ଏହାପରେ ବୁଧ୍ ନିଜର ଦୃଷ୍ଟିକୋଣ ସଂପର୍କରେ ବ୍ୟାଖ୍ୟା କରି କହିଲେ, ବପ୍ପ ଜଣେ ସନ୍ନ୍ୟାସୀ ହସିାବରେ ହୃଦୟଙ୍କର ଯଥାର୍ଥ ଭାବରେ ଉନ୍ମୁକ୍ତ ଏବଂ ସେ ଷଟ୍ ପର୍ଯ୍ୟାୟର ଅଧିକାରୀ ଆଖିରେ ଜିନିଷଟିଏ ଦେଖିବ ସେ ଆହ୍ଲାଦିତ ହୁଅନ୍ତ ନାହିଁ କିମ୍ବା ବିଷାଦିତ ହୁଅନ୍ତି ନାହିଁ ବରଂ ଅବିଚଳିତ ଏକାଗ୍ରତିତ୍ ଏବଂ ବୋଧ୍ ଅବସ୍ଥାରେ ରହିଥାନ୍ତି । କାନରେ ଶବ୍ଦ ଶୁଣି.... ନାକରେ ଅତର ଶୁଂଘି.... ଜିଭରେ ପୋଦନାକୁ ଚାଖି ।

ମୋକ୍ଷତତ୍ୱ

ଜୈନଦର୍ଶନ ଅନୁସାରେ ଜୈନମାନଙ୍କର ମୋକ୍ଷ ଦଶା ସଂପର୍କରେ ମଝିମନିକାୟର ପ୍ରସିଧ୍ ପ୍ରସଙ୍ଗ ସୂଚନାରେ ବର୍ଣ୍ଣିତ ଜୈନକୃଚ୍ଛ୍ରସାଧାନ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି । ବୁଧ୍ କହନ୍ତି ଯେ.. କୃଚ୍ଛ୍ରସାଧନ ବଳରେ ସମସ୍ତ ଯନ୍ତ୍ରଣା ବା ଦୁଃଖ ଧ୍ୱଂସ ହୋଇଯିବ (ସବ୍‌ମ୍ ଦୁଃଖମ୍ ନିଜ୍ଜିଣାମ୍ ଭବିସ୍‌ତି) ଜୈନ ଧର୍ମ ଅନୁସାରେ ଏହାର ଅର୍ଥ ସମସ୍ତ କର୍ମବସ୍ତୁର ମୁକ୍ତିହିଁ ମୋକ୍ଷବା ବିମୁକ୍ତି ।୯୧। କୁନ୍ଦକୁନ୍ଦ କହନ୍ତି ଯେ ଯଦି କର୍ମର ସର୍ତ୍ତ ସାମୟିକ ଭାବରେ ଇନ୍ଦ୍ରିୟ ଏବଂ ଚିନ୍ତା ଜରିଆରେ ସାମୟିକ ଭାବରେ ଲୋପ ପାଇଥାଏ । ତେବେ କର୍ମ ଝରଣାର ପଥରୋଧ ହୋଇଯାଏ । ଯେତେବେଳେ କର୍ମ ଝରଣାର ବାଟ ବନ୍ଦ ହୋଇଯାଏ ସେତେବେଳେ ଦ୍ରବ୍ୟକର୍ମ ଚେଇଁ ଉଠନ୍ତି । ଦ୍ରବ୍ୟକର୍ମ ସଂପୂର୍ଣ୍ଣ ଭାବରେ ଉଭାନ୍ ହୋଇଯିବା ପରେ ସାଧକ ସର୍ବଜ୍ଞ ଓ ଦ୍ରଷ୍ଟା ପାଲଟିଯାଆନ୍ତି ଏବ ଅସରନ୍ତି ଏବଂ ଅସରନ୍ତି ପରମ୍ ଆନନ୍ଦର ଦଶାରେ ଉପନୀତ ହୁଅନ୍ତି । ଏହା ଜୀବନର ଦୁଖ ସ୍ପର୍ଶ

କରିନଥିବା ସମସ୍ତ ଅବସ୍ଥା ଇନ୍ଦ୍ରିୟାନୁଭବକୁ ଅତିକ୍ରମ କରିଥାଏ ।

ହେତୁଭାବେ ନିୟମା ଜାୟଦୀ ନ୍ୟନୀସ୍ତ ଆସବଣିରୋଧ

ଆସବ ଭାବେଣ ବୀଣା ଜାୟଦି କମ୍ମସ ଦୁ ନିରୋଧ

କମ୍ମସାଭାରବେଣ ବା ସମ୍ହୁ ସବଳୟ ଦସ୍ ଯ

ପାବଦି ଇନ୍ଦ୍ରିୟ ରାହିଦମ୍ ଅଭାବହାମ୍ ସୁହ ମଣନ୍ତମ୍ ।୯୨।

ସମଣ, ବ୍ରାହ୍ମଣ ଏବଂ ପରିବ୍ରାଜକ ମାନଙ୍କ ମଧରେ ବିତର୍କିତ ହେଉଥିବା ସାଧାରଣ ପ୍ରସଙ୍ଗଗୁଡ଼ିକ ସଂପର୍କରେ ପାଲି ସାହିତ୍ୟରେ ଉଲ୍ଲେଖ କରାଯାଇଛି । ବ୍ରହ୍ମାଣ୍ଡର ପ୍ରକୃତି ସଂପର୍କିତ ଜୈନମତ ସଂପର୍କରେ ବ୍ରହ୍ମଜାଲ ସୁତ୍‌ରେ ବର୍ଣ୍ଣିତ ହୋଇଛି । ତାହା ସଂପର୍କରେ ସମସାମୟିକ ଗୁରୁମାନେ ଶିକ୍ଷା ଦେଉଥିବା ଚାରିଟି କତା ହେଉଛି ।୯୩।

୧. ଏହି ଜଗତ ସସୀମ ଏବଂ ସୀମବଧ୍ (ଅନନ୍ତ ବାସ ଅୟମ୍ ଲୋକ ଅପରିୟନ୍

୨. ଏ ଅସୀମ ଏବଂ ସୀମାହୀନ (ଅନନ୍ତ ବାସ ଅୟମ୍‌ଲୋକ ଅପରିୟନ୍ତ)

୩. ଏହା ସସୀମ ଏବଂ ଅସୀମ ଉଭୟ (ଅନ୍ତବା ସ ଅୟମ୍‌ଲୋକ ଅପଶୟନ୍ତ)

୪. ଏହା ସସୀମ ନୁହେଁ କିମ୍ବା ଅସୀମ ନୁହେଁ (ନେଭାୟମ୍ ତକ ଅନ୍ତବାଦ ପନନତ)

ଏଥିରୁ ତୃତୀୟ ମତଟି ନିଗନ୍ଥ ନାତପୁତ୍‌ଙ୍କର ବୋଲି ମନେ ହୁଏ । ବୁଧ୍‌ଘୋଷ ଏହି ଦୃଷ୍ଟିକୋଣର ବିଶ୍ଳେଷଣ କରିନାହାନ୍ତି । ଜଣକର ମାନସିକ ଧାରଣା କିମ୍ବା ଦୃଷ୍ଟିକୋଣ ଅନୁସାରେ ବିଶ୍ୱର ସସୀମତା କିମ୍ବା ଅସୀମତାର କଳନା ନିର୍ଭରଶୀଳ ବୋଲି ସେ କେବଳ ସୂଚାଇଛନ୍ତି ।୯୪। ସମ୍ଭବତଃ ସେ ଏଠାରେ ତର୍କ ବଚନର ଦାର୍ଶନିକ ଦିଗଟିକୁ ଛାଡ଼ିଯାଇଛନ୍ତି । ଯଦି ଆମେ ଦୈତବାଦ ଦୃଷ୍ଟିରୁ ଦେଖିବା ତା'ହେଲେ ଏହାର ଗୁଢ଼ ଅର୍ଥକୁ ସହଜରେ ଜାଣିବେ । ଦ୍ରବ୍ୟ ଏବଂ କ୍ଷେତ୍ରରୁ ଆମେ ତାହାକୁ ଚିହ୍ନଟ କରିପାରିବା, ଜଗତ ହେଉଛି ସସମୀମ ଏବଂକାଳ ଓ ଭାବ ଦୃଷ୍ଟିରୁ ଏହା ଅସୀମ ।

ବିଭିନ୍ନ ମତ ସଂପର୍କିତ ତଥ୍ୟାବଳୀ ସାହିତ୍ୟରେ ବାରମ୍ବାର ପୁନରାବୃତ୍ ହୋଇଛି । କିନ୍ତୁ ସେମାନେ ପୂର୍ବରୁ କ'ଣ କୁହାଯାଇଥିଲା । ସେମ ସଂପର୍କରେ କୌଣସି ଆଖିଦୃଶିଆ ଉଲ୍ଲେଖ କରିନାହାନ୍ତି । ପରବର୍ତ୍ତୀ ସମୟର ବୌଧ୍ ଦାର୍ଶନିକ ସାହିତ୍ୟରେ ଏହା ସଂପର୍କରେ ଅବଶ୍ୟ ଅଧିକ ସୂଚନା ମିଳିଥାଏ । ସାଧାରଣଗତ ବିକାଶ ସଂପର୍କିତ ଆଲୋଚନା ସଂପର୍କରେ ଏଥିରୁ ଆଭାସ ମିଳେ ।

ଶାନ୍ତରକ୍ଷିତ ଆଚାର୍ଯ୍ୟସୁରୀ ନାକମ ଜଣେ ଜୈନ ଦାର୍ଶନିକଙ୍କ ଅଭିମତ ସଂପର୍କରେ ସ୍ୱଭାବବାଦର ଖଣ୍ଡନ ଅବସରରେ ଉଲ୍ଲେଖ କରିଛନ୍ତି । ଏଥିରେ ବିଶ୍ୱପ୍ରକୃତି ସଂପର୍କରେ ଜୈନ ମତ ସଂପର୍କରେ ଦର୍ଶାଯାଇଛି । କିନ୍ତୁ ତାହାକୁ ବୁଝିବା ପୂର୍ବରୁ କେଉଁ ଭିତ୍‌ରେ ଏହା ଆଧାରିତ ତାହା ଜାଣିବା ଉତ୍‌ମ ହେବ । ଜୈନ ଏବଂ ବୌଧ୍

ତାର୍କିକମାନେ ସ୍ୱାଭବ ବାଦ ସପକ୍ଷରେ ନଥିବାରୁ ଏହା ଏକ ସାଧାରଣ ଭିତ୍‌ଭୂମି ପ୍ରସ୍ତୁତି କରିଛି । ତତ୍‌ସଂଗ୍ରହସ୍ଥିତ ଏହି ମତାନୁସାରେ ବସ୍ତୁ ନିଜଠାରୁ କିମ୍ବା ଅନ୍ୟଠାରୁ ସୃଷ୍ଟି ହୁଏନାହିଁ । ତାହା କାରଣ ଉପରେ ର୍ନିଭରଶୀଳ ନୁହେଁ । ଏହି ତତ୍ୱର ଅଭିବ୍ୟକ୍ତିକାରୀ ଏହାକୁ ପ୍ରମାଣ କରିବା ପାଇଁ ପ୍ରଶ୍ନ କରିଛନ୍ତି - କିଏ ପଦ୍ମ ଫୁଲ ଏବଂ ତାର କେଶର ଭିତରେ ପାର୍ଥକ୍ୟ ସୃଷ୍ଟି କରିଛି ? କାହାଦ୍ୱାରା ମୟୁରର ବର୍ଣ୍ଣାଳୀ ଭରା ଡ଼େଣା ଏବଂ ସେହିପରି ଜିନିଷ ତିଆରି ହୋଇଛି । ଏହିପରି ତର୍କଣା ଅନ୍ୟ ଜିନିଷ ପାଇଁ ମଧ୍ୟ କରାଯାଇପାରେ । ଉଦାହରଣସ୍ୱରୂପ କ□ାର ତୀକ୍ଷ୍ଣତା ଏବଂ ଅନ୍ୟଗୁଣ ନିଶ୍ଚିତ ଭାବରେ କାରଣବିହୀନ ଅଟନ୍ତି । ଏହାର କାରଣ ହେଉଛି ସେମାନେ ପ୍ରକୃତି ପ୍ରଭାବରେ ଆମ ଚତୁର୍ଦ୍ଦିଗରେ ରହିଛନ୍ତି ।୯୫।

ଏହି ମତ ବିରୁଧିରେ ଶାନ୍ତରକ୍ଷିତ ଯୁକ୍ତି କରି କହନ୍ତି ଯେ ଯଦି ତୁମେ କୌଣସି କାରଣକୁ ସ୍ୱତଃସିଧ୍ ଭାବରେ ଗ୍ରହଣ କରିବ ନାହିଁ, ତେବେ କିଛି ହେଲେ ବିନା ଯଥେଷ୍ଟ ପ୍ରମାଣରେ ପ୍ରମାଣିତ ହୋଇପାରିବ ନାହିଁ । ଫଳରେ ତୁମ ଦୃଷ୍ଟିକୋଣକୁ ଗ୍ରହଣ କରିହେବ ନାହିଁ । ଏହାପରେ ସେ ଆଶ୍ଚର୍ଯ୍ୟ ସୁରୀଙ୍କ ମତକୁ ସମର୍ଥନ କରିଛନ୍ତି । ସେ କହନ୍ତି ଯେ ଆଚାର୍ଯ୍ୟ ସୁରି ଜଣେ ଦୈନ ଦାର୍ଶନିକ ଭାବରେ ବସ୍ତୁସ୍ୱୟମ୍ ମତବାଦକୁ ମଧ୍ୟ ବିରୋଧ କରନ୍ତି । ସୁରୀଙ୍କ କଥା ଅନୁସାରେ ଜଣେ କାରଣ ନାହିଁ ବୋଲି ଘୋଷଣା କଲେ ସପକ୍ଷରେ କିଛି କହିବାକୁ ଥିଲେ ବା ଅନ୍ୟ କଥାରେ ସାମାନ୍ୟ ଦୃଢ଼ ଉକ୍ତି ଜରିଆରେ କି'ଲାଭ ହେବ ସେକଥା କହିବାର ଉସଂହାରଟିକୁ ମଧ୍ୟ ବିନଷ୍ଟ କରିଦିଏ ।୯୬।

ଏଠାରେ ସୁରୀଙ୍କ ମତକୁ ଶାନ୍ତରକ୍ଷିତ ଉଲ୍ଲେଖ କରିବା ଘଟଣାରୁ ଜୈନ ମତ ସହିତ ତାଙ୍କର ମତୈକ୍ୟ ଥିବା ଦୃଢ଼ୀଭୂତ ହୁଏ । ଭଗବାନ ବିଶ୍ୱବ୍ରହ୍ମାଣ୍ଡର ନିୟନ୍ତା ବୋଲି ରହିଥିବା ମତ ବିରୋଧ କରୁଥିବା ପର୍ଯ୍ୟନ୍ତ ସ୍ୱାଭାବବାଦ ଠିକ୍‌ଅଛି । କିନ୍ତୁ ଯଦି ଏହା ଅହେତୁକ ବାଦର ଅର୍ଥକୁ ମଧ୍ୟ ଗ୍ରହଣ କରିନିଏ, ତାହେଲେ ତାହା ଜୈନଦର୍ଶନରେ ଗୃହୀନ ହେବନାହିଁ । ଏହି ମତ ଅନୁସାରେ ବିଶ୍ୱରେ ପ୍ରକୃତିଦତ୍ ଅସଂଖ୍ୟ କାରଣ ଏବଂ ଅସଂଖ୍ୟ ପରିଣତ ରହିଛନ୍ତି । କିନ୍ତୁ ଏସବୁର ବିକାଶ ନିମନ୍ତେ ଅନ୍ୟ ଜିନିଷର ମଧ୍ୟ ଆବଶ୍ୟକତା ରହିଛି । ଉଦାହରଣସ୍ୱରୂପ ମାଟି ପତ୍ରଟିଏ ତିଆରି କରିପାରିବ । କିନ୍ତୁ ବାଡ଼ି ଚକ୍ ଇତ୍ୟାଦି ଉପରେ ମଧ୍ୟ ଏହା ନିର୍ଭର କରେ । ପଦ୍ମ ପଙ୍କରୁ ଜନ୍ମ ହୁଏ କିନ୍ତୁ ଏହାର ସୌନ୍ଦର୍ଯ୍ୟ ଓ ସୁଗନ୍ଧ ହେଉଛି ଏହାର କାରଣ । ତେଣୁ କେବଳ ପ୍ରକୃତି ବା ସ୍ୱଭାବ ଗୋଟିଏ ବସ୍ତୁର ଜନ୍ମପାଇଁ ଦାୟୀ ବୋଲି ଘୋଷଣା କରାଯାଇଥିବା ଅଭିମତ ଜୈନ ଧର୍ମରେ ଗ୍ରହଣୀୟ ନୁହେଁ । ସ୍ୱଭାବ ବାଦର ଏହି ଚିନ୍ତାଧାରାକୁ ସୂତ୍ରକୃତାଙ୍ଗ ମଧ୍ୟ ସମାଲୋଚନା କରିଛି ।

କଃ କ□କାନାମ୍ ପ୍ରକରୋତି ତୈକ୍ଷଣମ୍

ବିଚିତ୍ରଭାବମ୍ ମୃଗ ପକ୍ଷୀନାନ୍ୟ ଚ

ସ୍ୱଭାବତଃ ସର୍ବମିଦମ୍ ପ୍ରବୃତ୍ମ

ନ କାମଚରୋଷ୍ଟି କୁତଃ ପ୍ରଯନ୍ ।୯୭।

ବହିର୍ବିଶ୍ୱ ସଂପର୍କିତ ବିଚାରଣା ଅବସରରେ ଶାନ୍ତରକ୍ଷିତ ବ୍ରହ୍ମାଣ୍ଡ ପ୍ରକଢତି ସଂପର୍କିତ ଜୈନ ଧାରଣା

ସଂପର୍କରେ ଉଲ୍ଲେଖ କରିଛନ୍ତି । କମଲଶିଳ ଯିଏକି ଶାନ୍ତ ରକ୍ଷିତଙ୍କର ଜଣେ ବିଖ୍ୟାତି ଭାଷ୍ୟକାର । ସେ ବର୍ଣ୍ଣନା କରି କହିଛନ୍ତି ଯେ ବ୍ରହ୍ମାଣ୍ଡ ହେଉଛି ବର୍ହିବିଶ୍ୱର ଅପ୍ରତ୍ୟକ୍ଷଣ । ସେମାନେ ଏହାର ପ୍ରକୃତିକୁ ବସ୍ତୁସଦୃଶ ବୋଲି ବର୍ଣ୍ଣନା କରିଛନ୍ତି (ପ୍ରତିବିମ୍ବାଦି ସନ୍ନିଭଂ) । ଏହି ଦାବିକୁ ସମର୍ଥନ କରି ସେମାନେ କହନ୍ତି ଯେ ସମଗ୍ର ବ୍ରହ୍ମାଣ୍ଡ ତ୍ରିସ୍ତରୀ ୟ ରୂପ ଅଟେ । (ଆଧିଭୌତିକ ଏବଂ କାଳ୍ପନିକ) ଯାହାକି କେବଳ ମାତ୍ର କାଳ୍ପନିକ ଅଟେ । ଧାରାବାହିକ କାରଣର ବିଭିନ୍ନତା ଦେଇ ଏହି କଳ୍ପନା ଅସରନ୍ତି ଏବଂ ଅଶୁଧ୍ ରୂପବନ୍ତ ହୋଇଥାଏ । କାରଣ, ସେମାନେ ସତ୍ୟକୁ ଅନୁଭବ କରିନଥାନ୍ତି । କିନ୍ତୁ କର୍ମରହିତ ବ୍ୟକ୍ତି ପାଇଁ ଏହା ଶୁଧ୍ ବିବେଚିତ ହୁଏ । ବୌଧ୍ ଧର୍ମ ଅନୁସାରେ ବ୍ରହ୍ମାଣ୍ଡର ପ୍ରକୃତିକୁ ରହିଛି ଏବଂ ସମସ୍ତ ପ୍ରାଣୀଙ୍କୁ ପ୍ରଭାବିତ କରୁଛି । ସମଗ୍ର ବ୍ରହ୍ମାଣ୍ଡ ସଂପର୍କିତ ଏହି ଚିନ୍ତାଧାରା ଦୁଇଟି ଆଧାର ଉପର ପର୍ଯ୍ୟବେସିତ । (୧) ବର୍ହିବଶ୍ୱର ସତା୍ ନଥିବାରୁ ତାହାର କେହି ଉପଲବ୍ଧିକାରୀ ନାହାନ୍ତି ।

୨. ପ୍ରତ୍ୟେକ ଅବବୋଧ ଉପଲବ୍ଧ ଏବଂ ଉପଲବ୍ଧିକାରୀ ହୀନ୍ନ ଅଟେ କାରଣ ଏହା କେବଳ ଅବବୋଧ ।

ଜଣକର ମାନସିକତା ଉପରେ ଗୋଟିଏ ବସ୍ତୁଜନିତ ଉପଲବ୍ଧି ନିର୍ଭର କରିବା ଜନିତ ବିଚାରଧାରା ପ୍ରତିଷ୍ଠା ହେଉଛି ଏହି ମତବାଦର ମୁଖ୍ୟ ଉଦ୍ଦେଶ୍ୟ । ବାସ୍ତବତା କ୍ଷେତ୍ରରେ ଉପୁଜୁଥିବା ପାର୍ଥକ୍ୟ ପାଇଁ କଳ୍ପନାର ପାର୍ଥକ୍ୟଦାୟୀ ଅଚାର୍ଯ୍ୟ ଆର୍ଯ୍ୟଦେବଙ୍କ ଦାର୍ଶନିକ କୃତି ଚତୁଶକତକ ଉଦାହରଣ ନିଆଯାଇପାରେ, 'ଜଣେ ମହିଳାଙ୍କ ମୃତ ଶରୀର ବିଭିନ୍ନ ଭାବନାର ଉଦ୍ରେକ କରେ । ଜଣେ ସାଧୁଙ୍କ ବିଚାରରେ ସଂସାର ଭିତରେ ରହିବାର ଏହା ପରିଣତି ଅଟେ । ଜଣେ ମୋହାଚ୍ଛନ୍ନ ମଣିଷ ତାହାର ଯୌନାକାଙ୍କ୍ଷାର ପୂର୍ତ୍ତିକାରୀ ସୌନ୍ଦର୍ଯ୍ୟ କଥା ଭାବେ ଅନ୍ୟ ଜଣେ ରୋଷେଇଆ ଏହାକୁ ରୋଷେଇ ଉଦ୍ଦେଶ୍ୟରେ ନିଏ । ତେଣୁ ଜଗତ ମନଗଢ଼ା କଥା ବ୍ୟତୀତ ଆଉ କିଛି ନୁହେଁ । ଯଦି ଏହା ଠିକ୍ ସେୟା ନୁହେଁ ତେବେ ବାସ୍ତବତାର କଳନା ହୋଇଯାଇଥାଆନ୍ତା । ସଂକେତ ଅଥବା ସଂସ୍କାର ମାଧ୍ୟମରେ ।

ଏହି ପରିପ୍ରେକ୍ଷୀରେ ଶାନ୍ତରକ୍ଷିତ ସୁମତିଙ୍କ ବିଚାରଧାରା ସଂପର୍କରେ ଉଲେଖ କରିଛନ୍ତି । ଏବଂ ପରେ ତାହାକୁ ବୌଧ୍ ମତରେ ଖଣ୍ଡନ କରିଛନ୍ତି । ଆଚାର୍ଯ୍ୟ ସୁମତି ।୯୮। ଯୁକ୍ତିଯୁକ୍ତ ଯେ ନିର୍ଦ୍ଦିଷ୍ଟ ସାମଗ୍ରିକ ଭାବରେ ସବୁ ଜିନିଷର ଦୁଇଟି ଦିଗ ଅଛି । ଏହି ସାମଗ୍ରିକ ବା ବ୍ରହ୍ମାଣ୍ଡ ହେଉଛି ପରମାଣୁ ମାନଙ୍କର ସାମହାର ଏବଂ ତାହା ସାଧାରଣ ଓ ଅସାଧାରଣ ଭେଦରେ ବିଭକ୍ତ । ଏହା ମଧ୍ୟରୁ ସାଧାରଣ ରୂପଟି ଇନ୍ଦ୍ରିୟ ବୋଧ ଏବଂ ସାଧାରଣ ବୋଲି ଗୃହୀ ପରମାଣୁ ରହସ୍ୟମୟ ଅନ୍ତର୍ଭୁକ୍ତ । ଏହାର ଅର୍ଥ ହେଉଛି ଅଣୁ ସଂକ୍ଷିପ୍ତ ଅଂଶଯି ଯାହା ତଥାକଥିତ ଭାବରେ ସ୍କନ୍ଧ ଭାବରେ ଜଣାଶୁଣା ତାହା ଆମର କଳ୍ପନାର ସାମଗ୍ରିକ ରୂପ ବ୍ରହ୍ମାଣ୍ଡ ଏବଂ ପରମାଣୁ ଏହାକୁ ଆମେ ଉପଲବ୍ଧ କରିପାରୁ । କିନ୍ତୁ ପରମାଣୁ ଏତେ ରହସ୍ୟପୂର୍ଣ୍ଣ ଯେ ଆମେ ତାହାର ଉପଲବ୍ଧ କରିପାରୁନାହିଁ । ତାହା କିରପାରନ୍ତି କେବଳ ତାପସମାନେ ।

ଏହିପରି ଭାବରେ ଜୈନଧର୍ମ ଦୃଷ୍ଟିରେ ବହିର୍ବିଶ୍ୱ ମନଗଢ଼ା କଥା ନୁହେଁ, ତାହା ପରମାଣୁଙ୍କ ସମାହାର, ଏହାକୁ ଜ୍ଞାନୁଭାବ ଆଧାରିତ ବର୍ହିବିଶ୍ୱକୁ ପ୍ରତିନିଧିତ୍ୱ କରୁଥିବା ସତା୍ର ଉପଲବ୍ଧ ବୋଲି କହି ଏଡ଼ାଇ ଦେଇ

ହେବ ନାହିଁ । ସତ୍ତାର ବିବିଧ ନାମ ଥିବାରୁ ଏହା ମନଗଢ଼ା କଥା ହୋଇପାରେ । କିନ୍ତୁ ଏହାର ଅସ୍ତିତ୍ୱକୁ ଏଡ଼ାଇ ଦିଆଯାଇନପାରେ । ସତ୍ତା ହେଉଛି ପରମାର୍ଥ ସତ୍ ବା ବିଜ୍ଞାନ । ଜ୍ଞାନ ସତ୍ତା ଉପରେ ନିର୍ଭରଶୀଳ ହୋଇପାରେ । କିନ୍ତୁ ସତ୍ତା ଜ୍ଞାନ ଉପରେ ନିର୍ଭରଶୀଳ ନୁହେଁ । ଧରିତ୍ରୀର ଅଗଣିତ ଜିନିଷକୁ ମଣିଷ ଖାଲି ଆଖିରେ ଦେଖିବାକୁ ସମର୍ଥ ନୁହେଁ, କିନ୍ତୁ ତାହା ବୋଲି ସେମାନେ ଅସ୍ତତ୍ୱଶୂନ୍ୟ ନୁହଁନ୍ତି ।୯୯।

ଶାନ୍ତରକ୍ଷିତ ଏହି ସହିତ ଏକମତ ନୁହଁନ୍ତି । ତାଙ୍କ ବିଚାରରେ ଏହା ହେଉଛି କେତେକ ଦୁର୍ମତି ମଣିଷ (ଦୁର୍ମତୟଃ) ପରିକଳ୍ପନା । ଗୋଟିଏ ଜିନିଷର ଦୁଇଟି ଆକାର ନିଶ୍ଚିତ ଭାବରେ ଭିନ୍ନ ଭିନ୍ନ ହେବ ବୋଲି ସେ ଯୁକ୍ତି କରନ୍ତି । ତେଣୁ ଗୋଟିଏ ଜିନିଷର ଦୁଇଟ ଆକାର ଅଛି ବୋଲି କହିବା ଠିକ୍ ନୁହେଁ । ଦ୍ୱିତୀୟ ଏବଂ ସବୁଠାରୁ ମର୍ମସ୍ପର୍ଶ ବିତର୍କରେ କୁହାଯାଇଛି ଯେ ସତ୍ତାର ନିର୍ଦ୍ଦିଷ୍ଟ ଆକାର ବ୍ରହ୍ମାଣ୍ଡର ଆକାରଠାରୁ ସଂପୂର୍ଣ୍ଣ ପୃଥକ୍ ନୁହେଁ । ପୂର୍ବୋକ୍ତଟିକୁ ଇନ୍ଦ୍ରିୟ ଦ୍ୱାରା ବୁଝିବାକୁ ସକ୍ଷମ ହେବାର ବହୁ ସମ୍ଭାବନା ଅଛି । ସେପରି କ୍ଷେତ୍ରରେ ସାଧାରଣ ଆକାରଟି ଇନ୍ଦ୍ରିୟବୋଧର ଅଧୀନ ଏବଂ ଅସାଧାରଣ ଆକାରଟି ରହସ୍ୟବୋଧର ଅଧୀନ ବୋଲି ସ୍ପଷ୍ଟଭାବରେ ଅଲଗା ଅଲାଗ କରି କରହିବେନାହିଁ ।୧୦୦।

ଏହି ବିରୋଧିତାର ଜବାବ୍ ଜୈନ ଦାର୍ଶନିକମାନେ ହେଉଛନ୍ତି । ସେମାନଙ୍କ ମତରେ ଦ୍ରବ୍ୟାର୍ଥୀକନୟ ଦୃଷ୍ଟିରୁ ବାସ୍ତବତାଟି ଏକାଧରଣର ଜିନିଷ କିନ୍ତୁ ପର୍ଯ୍ୟାୟର୍ଥବନୟ ଦୃଷ୍ଟିରୁ ଏହାର ପ୍ରକାର ଭେଦ ପରସ୍ପରଠାରୁ ପୃଥକ । ଦୈତବାଦ ଦୃଷ୍ଟିରୁ ଏଥିରେ ଆତ୍ମ ବିରୋଧତାର ପ୍ରଶ୍ନ ନାହିଁ ।୧୦୦।

ଶବ୍ଦର ପ୍ରକୃତି

ତତ୍ୱସଂଗ୍ରହଷର ଶାନ୍ତରକ୍ଷିତ ନିଜ ମତର ପ୍ରତିଷ୍ଠା ପରିପ୍ରେକ୍ଷୀରେ ମୀସାଂସକମାନଙ୍କର ଜଗତର ପ୍ରକୃତି ସଂପର୍କରେ ଗୋଟିଏ ମତର ଉଲ୍ଲେଖ କରିଛନ୍ତି । ଜଗତ ଶାଶ୍ୱତ ବୋଲି ମୀମାଂସକମାନେ ମତ ଦିଅନ୍ତି । ତେଣୁ ବେଦର କେହି ଲେଖକ ନାହାନ୍ତି । ଏହା ହେଉଛି ପ୍ରମାଣିକ, ବିଶ୍ୱସ୍ତ ଏବଂ ଅପୌରୁଷୟ । ଏହିପରି ଭାବରେ ଶବ୍ଦର ଏକାନ୍ତ ସୁନିର୍ଦ୍ଦିଷ୍ଟ ଅର୍ଥ ବାହାର କରିଛନ୍ତି ଦାର୍ଶନିକମାନେ, ସେମାନଙ୍କ ମଧ୍ୟରୁ ଜୈନମାନେ ଗୁଣରେ ଶବ୍ଦ ପାରମାଣବିକ ଅଟେ ବୋଲି ମତ ଦେଇଛନ୍ତି । ଏହି କାରିକାରେ ଦୁଇ ପ୍ରକାର ଶବ୍ଦ ଏହି ପ୍ରସଙ୍ଗରେ ଉଲ୍ଲେଖ ଅଛି । ସାମାନ୍ୟ ଏବଂ ବିଶେଷ ବାସ୍ତବତା ସଂପର୍କରେ ଏହାହିଁ ଜୈନମାନଙ୍କର ମୁଖ୍ୟମତ ।

ବେଦର ଆଧାତ୍ମିକ ଉତ୍ପତ୍ତି ସଂପର୍କରେ ଜୈନ ଏବଂ ବୌଧ୍ ଉଭୟେ ଏକା ବାଟର ବାଟୋଇ । ମୀମାସଂସକମାନଙ୍କ ବିରୁଧିରେ ଦୁହେଁ ଗୋଟିଏ ପ୍ରକାରର ଯୁକ୍ତି ବାଢ଼ିଛନ୍ତି । ନିଜ ନିଜ ମୌଳିକ ନୀତି ଉପରେ ଆଧାର କରି ଏହି ଯୁକ୍ତି କରାଯାଇଛି । ତେଣୁ ବେଳେ ବେଳେ ଉଭୟଙ୍କ ମତ ଭିନ୍ନ ଭିନ୍ନ ହୋଇଛି ।

ବୌଧ୍ ମାନଙ୍କ ମତରେ ଶବ୍ଦମାନେ ନିଜ ନିଜର ଅର୍ଥମାନଙ୍କ ପ୍ରତିନିଧି ନୁହଁନ୍ତି । କାରଣ ସେମାନଙ୍କୁ ଅତୀତ ଏବଂ ଭବିଷ୍ୟତର ବାସ୍ତବତାକୁ ସୁଧା ଚିହ୍ନଟ କରିବା ନିମନ୍ତେ ବ୍ୟବହାର କରାଯାଏ । ଯଦି ସେମାନଙ୍କ ଭିତରେ ଅବିଚ୍ଛେଦ୍ୟ ସଂପର୍କ ଥାଆନ୍ତି, ତାହେଲେ ସେମାନଙ୍କ ବ୍ୟବହାରଟି କଟକଣା ମୁକ୍ତ ହୋଇଯାଇଥାନ୍ତା । ଏବଂ କୌଣସି ଅର୍ଥ ବା ହାରନ୍ତାନାହିଁ । ତେଣୁ ସେମାନେ ଶବ୍ଦ କେବଳ ସାର୍ବଜନୀନ କାଳ୍ପନିକ ବାସ୍ତବତାକୁ

ଚିହ୍ନଟ କରିଥାଏ ବୋଲି ଭାବନ୍ତି ।୧୦୩।

ଅନ୍ୟ ପକ୍ଷରେ ଜୈନମାନେ ନିଜର ଗୋଟିଏ ମତ ଦେଇ ଶବ୍ଦ ସାର୍ବଜନୀନ ଏବଂ ବ୍ୟକ୍ତିଗତ ବା ସାମାନ୍ୟ ଏବଂ ବିଶେଷ ବୋଲି ଦୁଇଭାଗରେ ବିଭକ୍ତ କରିଛନ୍ତି । ଯଦି ଶବ୍ଦ ବହିର୍ଜଗତର ଅସ୍ତିତ୍ୱ ସଂପର୍କରେ ଜଣାଇବାକୁ ଯୋଗ୍ୟ ହୋଇନଥାନ୍ତେ । ତେବେ ସେମାନେ ଅର୍ଥଶୂନ୍ୟ ହୋଇଥାନ୍ତେ ଏବଂ ସେହି କାରଣରୁ ଅଦରକାରୀ ହୋଇଯାଇଥାନ୍ତେ । ଏହା ଫଳରେ ଜ୍ଞାନର ଭୂମିକା ବୋଲି ହିଁ କିଛିନଥାନ୍ତି ।୧୦୪। କୁନ୍ଦକୁନ୍ଦ କୁହନ୍ତି ଯେ ବସ୍ତୁଗତ ଦ୍ରବ୍ୟ ଚାରି ପ୍ରକାରର । ଯଥା - ସ୍କନ୍ଧ, ସ୍କନ୍ଧଦେଶ, ସ୍କନ୍ଧପ୍ରଦେଶ, ଏବଂ ପରମାଣୁ । ପରମାଣୁ ମାନଙ୍କ ସାମଗ୍ରିକ ରୂପ ହେଉଛନ୍ତି ସ୍କନ୍ଧ, ଅନ୍ୟ ଦୁଇଟି ଆଣବିକ ଗଠନ ଭିତ୍ରେ ପୃଥକ୍ । ଶେଷଟି ହେଉଛି ଗୋଟିଏ ପ୍ରାଥମିକ ଅଣୁ ଯାହାର ଅନ୍ୟ ତିନୋଟି ବିସର୍ଗ ରହିଛି ।୧୦୫। ପରମାଣୁକୁ ବିଭାଜିତ କକରିହେବ ନାହିଁ । (ପରମାଣୁ ଟେବ ଅବିଭାଜି) ।୧୦୬। ସ୍କନ୍ଧ ଯେତେବେଳେ ପରସ୍ପରକୁ ଆଘାତ କରନ୍ତି, ସେତିକିବେଳେ ଶବ୍ଦ ଜାତ ହୁଏ । ସ୍କନ୍ଧ ଦ୍ୱାରା ଉପୁଜୁଥିବା ଶବ୍ଦ ପ୍ରାକୃତିକ (ସ୍ୱାଭାବିକ) କିମ୍ବା କୃତ୍ରିମ (ପ୍ରାୟୋଗିକ) ହୋଇପାରେ ।୧୦୭। ମେଘର ଘଡ଼ଘଡ଼ି ଏବଂ ସମୁଦ୍ର ଗର୍ଜନ ପ୍ରାକୃତିକ ଶବ୍ଦ ଅଟନ୍ତି । କୃତ୍ରିମ ଶବ୍ଦ ଉଦ୍ଦେଶ୍ୟକୂଳମ ଅଟେ । ତାହାକୁ ଦୁଇଭାଗ ଯଥା-ଭାଷାତ୍ମକ ଏବଂ ଅଭାଷାତ୍ମକ ଭେଦରେ ବିଭକ୍ତ କରାଯାଇଛି । ଭାଷାଶବ୍ଦ ଅକ୍ଷରାତ୍ମକ ଏବଂ ଅଣାକ୍ଷରାତ୍ମକ ଅଟେ । ଭାଷାଗତ ଶବ୍ଦ ଅକ୍ଷରାତ୍ମକ ହୋଇପାରେ ଏବଂ ଅଣାକ୍ଷରାତ୍ମକ ହୋଇପାରେ । ଅକ୍ଷରାତ୍ମକ ଶବ୍ଦ ବର୍ଣ୍ଣଗତ ଶବ୍ଦରୁ ତିଆରି, ଅଣକ୍ଷାରାତ୍ମକ ଶବ୍ଦ ବର୍ଣ୍ଣଗତ ଶବ୍ଦରୁ ତିଆରି । ଅଣକ୍ଷରାତ୍ମକ ଶବ୍ଦ ଚାରି ପ୍ରକାରର । ଚମଡ଼ା ଛାଉଣୀଦିଆ ବାଦ୍ୟଯନ୍ତ୍ରରୁ ଉତ୍ପନ୍ନ ତତଶବ୍ଦ, ବୀଣା ଇତ୍ୟାଦିରୁ ଉତ୍ପନ୍ନ ବିତତ ଶବ୍ଦ,ତାଳ ପ୍ରଭୃତି ଧାତବ ଯନ୍ତ୍ରରୁ ଉତ୍ପନ୍ନ ଘନ ଏବଂ ଫୁଙ୍କାବାଦ୍ୟରୁ ଉତ୍ପନ୍ନ ବିତତ ଶବ୍ଦ, ତାଳ ପ୍ରଭୃତି ଧାତବ ଯନ୍ତ୍ରରୁ ଉତ୍ପନ୍ନ ଘନ ଏବଂ ଫୁଙ୍କାବାଦ୍ୟରୁ ଉତ୍ପନ୍ନ ସଉସିର ଶବ୍ଦ ।୧୦୮। ଏହି ଶବ୍ଦ ଗୁଡ଼ିକ ଶୁଣିହେବ ଏବଂ ଜାଣିହେବ । କାରଣ ସେଗୁଡ଼ିକ ଦୌଦଗଳିକ ।

(୩,୪,୬) ଧର୍ମ ଅଧର୍ମ, ଏବଂ କାଳ ଦ୍ରବ୍ୟ

ପାଲି ସାହିତ୍ୟରେ ଧର୍ମ ଅଧର୍ମ ଏବଂ କାଳଦ୍ରବ୍ୟ ଭିତରେ କୌଣସି ଫରକ୍ ନାହିଁ । ବୌଧ୍ଙ୍କର ଧର୍ମାଷ୍ଟିକାୟ ପଟିଚ୍ଚସମୁଦପ୍ପାଦ ସହିତ ପ୍ରାୟ ସମାନ । କିନ୍ତୁ ସେମାନେ ଅଧର୍ମାଷ୍ଟିକାୟ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ । କାଳଧର୍ମକୁ ବୌଧ୍ ଧର୍ମରେ ପ୍ରଜ୍ଞାପ୍ତି ମାତ୍ର ବୋଲି ଅଟ୍ଠଶାଳିନୀରେ ଦର୍ଶାଯାଇଛି ।୧୦୯।

(୫) ଆକାଶ ଦ୍ରବ୍ୟ

ମୀମାସଂକଙ୍କର ତତ୍ୱ ସଂଗ୍ରହରୁ ଆକାଶ ସଂପର୍କିତ ଜୈନ ଧାରଣା ସଂପର୍କରେ ସୂଚନା ମିଳେ । ଘଟର କାର୍ଯ୍ୟର ଚିରନ୍ତନତା ସଂପର୍କରେ ମୀମାସଂକଙ୍କର ଦୃଷ୍ଟିକୋଣ ବିରୁଧ୍ରେ ସେ ପ୍ରଶ୍ନ କରିଛନ୍ତି । ଶ୍ରବଣଯନ୍ତ୍ରକୁ ଆକାଶ ଭାଭବରେ ଗ୍ରହଣ କଲେ ବହୁବିରୋଧ ହେବ ବୋଲି ସେମାନେ ମତଦିଅନ୍ତି । ଉଦାହରଣସ୍ୱରପୂ ବ୍ୟାପ୍ତି ଦୃଷ୍ଟିରୁ ସବୁପ୍ରକାର ଶବ୍ଦ ଏବଂ ସମସ୍ତ ବାଦ୍ୟଯନ୍ତ୍ର ସମସ୍ତଙ୍କର ସଂପର୍କ ଏକା ପ୍ରକାରର । ତା'ହେଲେ କେବଳ ଶ୍ରବଣଯନ୍ତ୍ରକୁ ଭିତ୍ତିକରି କିପରି ଉତ୍ର ଦେଇହେବ ? ଆକାଶ ଅଙ୍ଗବିହୀନ ହୋଇଥିବା ଦୃଷ୍ଟିରୁ ତାହାକୁ

ସତ୍ ଭାବରେ ଗ୍ରହଣ କରି ହେଉନଥିବା ଦୃଷ୍ଟିରୁ ଏହା ଶ୍ରବଣଯନ୍ତ୍ର ଅଟେ ବୋଲି କହି ମୀମାସଂସକ ଉତ୍ର ଦେବାକୁ ଉଦ୍ୟମ କରନ୍ତି । ସେମାନେ ଜୈନ ଏବଂ ସାଂଖ୍ୟନିତିକୁ ସମର୍ଥନ କରନ୍ତି, କାରଣ ଉଭୟେ ଶ୍ରବଣ ଯନ୍ତ୍ର ବିଭିନ୍ନ ଅଂଶ ବିଶେଷର ସମାହାର ବୋଲି ରହିଥିବା ମତକୁ ସମର୍ଥନ କରନ୍ତି । ଜୈନୈ ରାରହତୈ ଶର୍ଙ୍ଗୈଶ୍ଚ ନୀରବଦୟବସ୍ୟ ବ୍ୟୋମ୍ ନିଶିଧ୍ୟାତ୍ୱତ୍ ।୧୧୦।

ଶାନ୍ତରକ୍ଷିତ ଏବଂ କମଳଶୀଳ ଏହି ମତର ଖଣ୍ଡନ କରିଛନ୍ତି । ଯଦି ଆକାଶକୁ ଶାଶ୍ୱତ ବୋଲି ଧରିବ, ତା'ହେଲେ ଅଦୃଶ ଆକାଶ ଶାଶ୍ୱତ ଅଟେ ବୋଲି ରହିଥିବା ମତର ସବୁପ୍ରକାର ବିରୋଧ ମତ ବ୍ୟବହାର ଯୋଗ୍ୟ ହେବ ।୧୧୧। ଏହି ମତରେ ଥିବା ତ୍ରୁଟିକୁ ଶାନ୍ତରକ୍ଷିତ ନିମ୍ନମତେ ଚିହ୍ନଟ କରିଛନ୍ତି । ଯଦି ଆପଣ ଶାଶ୍ୱତ ହେଲା ଏବଂ ଏହା ବିଭିନ୍ନ ଅଶଂକୁ ନେଇ ଗଠିତ । ତା'ହେଲେ ଶବ୍ଦ ଏହା ଏକାପ୍ରକାର ହୋଇ ରହିବା ଉଚିତ୍ । ତାଙ୍କର ଏହି ଦୃଷ୍ଟିକୋଣର ସମର୍ଥନକାରୀ ଅନ୍ୟ ଗୋଟିଏ ପରିକଳ୍ପନା ହେଉଛି ଯଦି ଏହା ଶାଶ୍ୱତ ତେବେ ଏହା କାହାରି କାମରେ ଲାଗିବ ନାହିଁ । ତେଣୁ ଶାଶ୍ୱତ ସୂତ୍ରରୁ ଉପୁଜିଥିବା ଧାରଣା ଗୁଡ଼ିକ ଏକକାଳୀନ ଉଭା ହୋଇଯିବା କଥା । ଏହି କାରଣରୁ ଆକାଶ ଶାଶ୍ୱତ ନୁହେଁ କିମ୍ବା କେତେକ ଅଂଶ ବିଶେଷର ସମାହାର ନୁହେଁ ବୋଲି ସେ ଉପସଂହାରରେ ପହ[illegible]ଛନ୍ତି ।୧୧୨। ଅଭିଧର୍ମକୋଷ ଆକାଶ (୧.୫) ଗ୍ରନ୍ଥରେ ଅସଂସ୍କୃତ ଧର୍ମ ବିଷୟରେ ଉଲ୍ଲେଖ କରାଯାଇ ତାହା ତତ୍ରକାଶମନାର୍ତ୍ତି ବା ଢ଼ାଙ୍କୁଣୀ ବିହୀନ ବୋଲି କୁହାଯାଇଛି ।୧୧୩। ବୁଧ୍ଘୋଷ ଆକାଶକୁ ଅସୀମ ବୋଲି କହିଛନ୍ତି ।୧୧୪।

ଜୈନ ମତେ ଆକାଶ ଶାଶ୍ୱତ ଏବଂ ସାବୟବ ବା ବିଭିନ୍ନ ଅଂଶ ଧାରଣକାରୀ ଅଟେ । ପ୍ରଦେଶର ଅସରନ୍ତି ଅଂଶକୁ ଧାରଣ କରି ସେ ଜୀବ ଏବଂ ଅଜୀବକୁ ଦିଏ । ଆକାଶର ବ୍ୟୁତ୍ପତ୍ତି ବିଜ୍ଞାନ ସ୍ୱୟଂ ସୂଚନା ଦିଏ ଯେ ଏହା ଶୂନ୍ୟତା ଭିତରକୁ ଅନ୍ୟାନ୍ୟ ଜିନିଷକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ ।୧୧୫। ଏହି ପ୍ରବେଶ କାର୍ଯ୍ୟକୁ ଅବଗାହ ନାମକ ଶବ୍ଦ ଦ୍ୱାରା ପ୍ରକାଶ କରାଯାଏ । ବିଭିନ୍ନ ସ୍ଥାନ ଆକାଶର ବିଭିନ୍ନ ଅଂଶକୁ ଅଧିକାର କରିଥାନ୍ତି । ବସ୍ତୁ ଅଂଶକୁ ଧାରଣ କରି ରଖିଛି ବୋଲି ଏହାର ବିବିଧତା ସୂଚନା ଦିଏ ।୧୧୬।

ଉପସଂହାର

ବୌଧ୍ ସାହତ୍ୟରେ ମିଳୁଥିବା ଜୈନ ଦର୍ଶନ ହୋଇଥିବା ଏହି ସଂକ୍ଷିପ୍ତ ଆଲୋଚନାର ସାରାଂଶ ହେଲା ;

୧. ଜୈନ ଦର୍ଶନର ଷଡ଼ଦ୍ରବ୍ୟ ଏବଂ ସପ୍ତତତ୍ୱ ପ୍ରଥମେ ପାଲି ସାହିତ୍ୟରେ ଥିଲା ଏବଂ ପରବର୍ତ୍ତୀ ସମୟରେ ସଂସ୍କୃତ ବୌଧ୍ ସାହିତ୍ୟରେ ତାହାକୁ ଖଣ୍ଡନ କରାଗଲା ।

୨. ସଂପ୍ରତି ପ୍ରଚଳିତ ବାଷଠିଟି ଦାର୍ଶନିକ ମତ ସଂପର୍କରେ ବ୍ରହ୍ମ ଜାଲସୂତ୍ର ଏବଂ ଅନ୍ୟାନ୍ୟ କୃତିରେ ଦେଖିବାକୁ ମିଳେ । ଜୈନମତଟି ଉଚ୍ଛେଦବାଦ ଏବଂ ଶାଶ୍ୱତବାଦ ଉଭୟ ରୂପରେ ପରିଚିତ ।

୩. ଜୈନ ଦର୍ଶନ ଅନୁସାରେ ଆତ୍ମା ହେଉଛି ଆକାରଶୂନ୍ୟ ଏବଂ ସଚେତନ ।

୪.	ପାର୍ଥିବ ଆତ୍ମା କର୍ମକୁ ଆକର୍ଷଣ କରେ ଏବଂ ତା'ପରେ ଉଭୟଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ପ୍ରତିଷ୍ଠିତ ହୋଇଯାଏ । ଏହି ସଂପର୍କର ଆରମ୍ଭ ବୋଲି କିଛି ନାହିଁ ଏବଂ ଏହା ମୃତ୍ୟୁ ପର୍ଯ୍ୟନ୍ତ ଅତୁଟ ରହେ ।

୫.	କର୍ମର ବିଧ୍ୱଂସ ବା ବିନାଶ ତ୍ରିଯୋଗ ଉପରେ ଏବଂ ସଠିକ୍ ଜ୍ଞାନ ସଂପନ୍ନ କୃଚ୍ଛ୍ରସାଧାନ ଉପରେ ନିର୍ଭର କରେ ।

୬.	ମନୋଦଣ୍ଡ ଅପେକ୍ଷା କାୟାଦଣ୍ଡ ନିକୃଷ୍ଟତର । ଅର୍ଥାତ୍ ସବୁ ମନ୍ଦ କର୍ମର ମୂଳଉତ୍ସ ହେଉଛି 'ଉଦ୍ଦେଶ୍ୟ'। ଆତ୍ମ କର୍ମଫଳ ଭୋଗିବାକୁ ବାଧ୍ୟ । ତେଣୁ ସବୁକିଛି ହେଲା ପୂର୍ବକର୍ମର ଫଳ ।

୭.	ବ୍ରହ୍ମାଣ୍ଡକୁ ଭଗବାନ ସୃଷ୍ଟି କରିନାହାନ୍ତି, ଏହା ପରମାଣୁଙ୍କ ସମାହାର କେବଳ ।

୮.	ଶବ୍ଦର ଚରିତ୍ରବତ୍ା ହେଲା ପରମାଣୁ

୯.	ଆକାଶ ନିତ୍ୟ ଏବଂ ଏହାର ବିଭିନ୍ନ ଅଂଶ ଅଛି ।

ଏହି ତଥ୍ୟରୁ ଏତିକି ସୂଚନା ମିଳେ ଯେ ସମସ୍ତ ତ୍ରୁଟି ସତ୍ୱେ ବୌଧ୍ ଗବେଷକମାନେ ଗ୍ରହଣ କରିଥିବା ଜୈନ ଦର୍ଶନର ଜ୍ଞାନଗୁଡ଼ିକ ଅତି ଉଚ୍ଚକୋଟୀର ଥିଲା ।

ତୃତୀୟ ଅଧ୍ୟାମ

## ଜୈନ ନୀତିଶାସ୍ତ୍ର

### ଜୈନ ଗୃହସ୍ଥଙ୍କ କାର୍ଯ୍ୟ

ସଠିକ୍ ଜୀବନଧାରା ଦ୍ୱାରାହିଁ ମନରୁ କର୍ମବସ୍ତୁର ଅପସାରଣ କରି ମୁକ୍ତିପାଇବା ସମ୍ଭବପର ବୋଲି ନୀତିଶାସ୍ତ୍ର କୁହେ । ମନୁଷ୍ୟ ପ□ପାପରୁ ବିରତ ରହିବା ଉଚିତ୍ । ଏହି ପାପଗୁଡ଼ିକ ହେଲା - ହିଂସା, ଅସତ୍ୟ, ସ୍ତେୟ, ଅବ୍ରହ୍ମ ଏବଂ ପରିଗ୍ରହ ।୧। ସଂକଳ୍ପ ଦୁଇପ୍ରକାରର । ଅଣୁବ୍ରତ ବା ପ□ପାପରୁ ସୀମିତ ମୁକ୍ତି ଏବଂ ମହାବ୍ରତ ବା ପା□ପାପରୁ ସଂପୂର୍ଣ୍ଣ ମୁକ୍ତି । ଏଥିରୁ ପ୍ରଥମଟି ଗୃହସ୍ଥ ଏବଂ ଦ୍ୱିତୀୟଟି ସନ୍ନ୍ୟାସୀମାନଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରତ୍ୟେକ ସଂକଳ୍ପ ନିମନ୍ତେ ପା□ପ୍ରକାର ତାଲମ୍ ବା ଭାବନା ବ୍ୟବସ୍ଥା ଅଛି । ଏହା ସାଧକ ଭିତରେ ସ୍ଥିରିତା ଆଣିବା ନିମନ୍ତେ ଉଦ୍ଦିଷ୍ଟ ।୨।

ଉପରିକଥିତ ପ□ବ୍ରତକୁ ପ୍ରତିମା ବା ବ୍ରତ ଅଥବା ପକ୍ଷ, ଚର୍ଯ୍ୟା ଏବଂ ସାଧନା ଭିତ୍ତିରେ ସମସ୍ତ ଆଚାର୍ଯ୍ୟ ଗ୍ରହଣ କରିଥିଲେ । ଗୁଣବ୍ରତ, ଶିକ୍ଷାବ୍ରତ, ମୂଳଗୁଣ ଏବଂ ପ୍ରତିମ କ୍ଷେତ୍ରରେ ସାମାନ୍ୟ ମତପାର୍ଥକ୍ୟ ଥିଲା । ମହାନ୍ ଆଚାର୍ଯ୍ୟ କୁନ୍ଦକୁନ୍ଦ ପ୍ରତିମା ଭିତ୍ତିରେ ଗୃହସ୍ଥମାନଙ୍କର କର୍ତ୍ତବ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ସେ କେବଳ ଗୁଣବ୍ରତ ଗୁଡ଼ଇକର ନାମ ଉଚାରଣ କରିଥିଲେ ଯଥା - ଦିକ୍ ପରିମାଣ, ଅନର୍ଥ ଦଣଡ଼ ବର୍ଜ୍ଜନ ଏବଂ ଭୋଗପେଭୋଗ ପରିମାଣ ଏବଂ ଶିକ୍ଷାବ୍ରତ ଇତ୍ୟାଦି ଏବଂ ସାମୟିକ ପ୍ରୋଷଧ, ଅତିଥିପୂଜା ଏବଂ ସଲ୍ଲେଖଣା । ସ୍ୱାମୀ କାର୍ତ୍ତିକେୟ ତାଙ୍କୁ ଅନୁସରଣ କରିଥିଲେ ସୁଧା ଦେଶଭକାଶିକକୁ ସଲ୍ଲେଖଣା ବସୁନନ୍ଦୀ ସ୍ଥାନରେ ଏବଂ ଶିକ୍ଷାବ୍ରତ ସ୍ଥାନରେ ସଲ୍ଲେଖାଣକୁ ସ୍ଥାନିତ କରିଛନ୍ତି । ଏହି ଆଚାର୍ଯ୍ୟମାନେ ବ୍ରତର ଅଷ୍ଟମୂଳଗୁଣ

କିମ୍ୱାଆତିଚାର ସଂପର୍କରେ ବିଶେଷ କିଛି ବର୍ଣ୍ଣନା କରିନାହାନ୍ତି ।

ବାରବ୍ରତକୁ ଭିତ୍‌କରି ଗୃହସ୍ଥମାନଙ୍କ ଆଚାର ବ୍ୟବହାର କିପରି ହେବା ଉଚିତ୍ ସହ ସଂପର୍କିତ ପ୍ରବକ୍ତାଙ୍କ ମଧ୍ୟରେ ଆଚାର୍ଯ୍ୟ ଉମାସ୍ୱାମୀ ଏବଂ ସାମନ୍ତଭଦ୍ର ଅଗ୍ରଗଣ୍ୟ ଅଟନ୍ତି । ଉମାସ୍ୱାମୀ ବ୍ରତକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମ - ଅଗାରି - ଯିଏ ଅଣୁବ୍ରତ ପାଳନ କରନ୍ତି, ଦ୍ୱିତୀୟ - ଅନାଗାରୀ - ଯିଏ ମହାବ୍ରତ ପାଳନ କରନ୍ତି । ସେ ଅତିଚାର ସଂପର୍କରେ ସଯନ୍ ବର୍ଣ୍ଣନା କରିଥିଲେ ମଧ୍ୟ ଅଷ୍ଟମୂଳଗୁଣ ଏବଂ ପ୍ରତିମା ସଂପର୍କରେ କିଛି କହିନାହାନ୍ତି । କୁନ୍ଦ କୁନ୍ଦଙ୍କ ପ୍ରଦତ୍ ବ୍ରତ ନାମଗୁଡ଼ିକ ଉମାସ୍ୱାମୀ ଗ୍ରହଣ କରିନାହାନ୍ତି । ସେମାନଙ୍କୁ ସେ ଦିଗବ୍ରତ, ଦେଶବ୍ରତ ଏବଂ ଅନର୍ଥ ଦଣ୍ଡବ୍ରତ ତତା ସାମୟିକ, ପ୍ରସୋଧପ୍ରାବସ ଉପଗେ ପରି ଭୋଗ ପରିମାଣ ଏବଂ ଅତିଥି ସମ୍ବିଭାଗ ଭାବରେ ଶିକ୍ଷା ବ୍ରତରେ ଦର୍ଶାଇଛନ୍ତି । ଦେଶାଭିଷେକ ଗୁଣବ୍ରତର ଅନ୍ତର୍ଭୁକ୍ତ ହୋଇଛି । ଭୋଗୋପଭୋଗ ପରିମାଣ ଶିକ୍ଷାବ୍ରତର ଅନ୍ତର୍ଭୁକ୍ତ ହୋଇଛି । ସାମନ୍ତଭଦ୍ର କୁନ୍ଦକୁନ୍ଦଙ୍କ ମତୁ ଅନୁସରଣ କରିଛନ୍ତି । କାର୍ତ୍ତିକେୟ ଏବଂ ଉମାସ୍ୱାମୀ ତାହାକୁ ସମୀକ୍ଷାତ୍ମକ ଢ଼ା□ାରେ ଉପସ୍ଥାପନ କରିଛନ୍ତି । ସେ ଦେଶାଭକାଶକକୁ ଶିକ୍ଷାବ୍ରତର ଅଂଶ ଭାବରେ ଗ୍ରହଣ କରିବା ସହିତ ସଲେଖଣ ସ୍ଥାନରେ ବୈୟାବ୍ରତ୍ୟକୁ ସ୍ଥାନିତ କରିଛନ୍ତି । ରତ୍ନାକରନ୍ଦକ ଶ୍ରବକାଚାରରେ ମୂଳଗୁଣକୁ ସ୍ଥାପନ କରିବା କ୍ଷେତ୍ରରେ ସେ ପ୍ରଥମ ଆଚାର୍ଯ୍ୟ ଅଟନ୍ତି।

ଗୃହସ୍ଥମାନଙ୍କ କାର୍ଯ୍ୟାବଳୀକୁ ପକ୍ଷ, ଚର୍ଯ୍ୟା ଏବଂ ସାଧନା ଭିତ୍‌ରେ ଯେଉଁ ଆଚାର୍ଯ୍ୟମାନେ ବର୍ଣ୍ଣନା କରିଛନ୍ତି, ଜୀନସେନ ସେମାନଙ୍କର ସଂପର୍କରେ ଆଦି ପୁରାଣରେ ବର୍ଣ୍ଣନା କରିଛନ୍ତି । ପରବର୍ତ୍ତୀ ସମୟରେ ଆଚାର୍ଯ୍ୟମାନେ ଏହି ତିନୋଟି ମାର୍ଗରୁ ଯାହାକୁ ହେଲେ ଅନୁସରଣ କରିଛନ୍ତି । ପାଲି ସାହିତ୍ୟରେ ବ୍ରତ ସଂପର୍କିତ କୌଣସି ବିବାଦୀୟ ନାମର ଉଲ୍ଲେଖ ନାହିଁ । ତେଣୁ ଆମେ ଏହି ଉପସଂହାରରେ ପହ□ଛୁ ଯେ ପାଶ୍ୱନାଥ ବା ନିଗନ୍ଥନାତପୁତ୍ଙ୍କ ସମୟରେ ଏହିପରି କୌଣସି ପରମ୍ପରା ହିଁ ନଥିଲା ।

ପୁନର୍ଜନ୍ମ ପାଇଁ ପ□ପାପ ଦାୟୀ ଅଟନ୍ତି । ତେଣୁ ସେମାନଙ୍କୁ ଦୁଃଖ ବୋଲି କୁହାଯାଇଛି । ଦୁଃଖର ଅପସାରଣ ନିମନ୍ତେ ୧. ମୈତ୍ରୀ ସମସ୍ତ ପ୍ରାଣୀଙ୍କ ନିମନ୍ତେ ଧ୍ୟାନ କରିବାକୁ ପଡ଼ିବ । ପ୍ରମୋଦ - ଅଧବକ ଯୋଗ୍ୟ ବ୍ୟକ୍ତିଙ୍କ ସନ୍ଦର୍ଶନରେ ଆନନ୍ଦିତ ହେବାକୁ ପଡ଼ିବ କାରୁଣ୍ୟ- ଦୁଃଖୀଙ୍କ ପାଇଁ କରୁଣାର୍ଦ୍ର ହେବାକୁ ପଡ଼ିବ ଏବଂ ମଧ୍ୟସ୍ଥ ଅବନୟେଷ୍ଣୁ - ନିନ୍ଦା ଓ ପ୍ରଶଂସାକୁ ଏକାଭାବରେ ଗ୍ରହଣ କରିବାକୁ ହେବ ।୩।

ପାଲି ସାହିତ୍ୟରେ ଜୈନ ଗୃହସ୍ଥଙ୍କ କର୍ତବ୍ୟାଚାର

ଜୈନ ଗୃହସ୍ଥମାନଙ୍କ କର୍ତ୍ତବ୍ୟ ସଂପର୍କରେ ପାଲିସାହିତ୍ୟରେ ବିକ୍ଷିପ୍ତ ଭାବରେ ଉଲ୍ଲେଖ ରହିଛି । କିନ୍ତୁ, ସେଗୁଡ଼ିକ ବ୍ରତମାନଙ୍କର କ୍ରମବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳେ ।

ଦୀଘ୍ନିକାୟର ସାମାନ୍ୟଫଳ ସତ୍ ରେ ଚତୁପାର୍ଶ୍ୱରେ ନିଗନ୍ଥନାତପୁତ୍ଙ୍କର ମତର ଏକ ଅଂଶବିଶେଷ ରୂପେ ଉଲ୍ଲେଖ କରାଯାଇଛି । ଏହା ସଠିକ୍ ତଥ୍ୟ ନୁହେଁ । କାରଣ ଚତୁର୍ଯ୍ୟାମସମ୍ବର ହେଉଛି ପାର୍ଶ୍ୱନାଥଙ୍କର । ଏହି ନିଗନ୍ଥନାତପୁତ୍ଙ୍କ ମତର ନୁହେଁ । ଏହା ସଂପର୍କରେଅ ।ମେ ପରବର୍ତ୍ତୀ ସମୟରେ ଆଲୋଚନା କରିବା । ପାର୍ଶ୍ୱନାଥଙ୍କର ଏହି ଚାରିବ୍ରତକୁ ନିଗନ୍ଥନାତପୁତ୍ ସଂଶୋଧନ କରିଥିଲେ । ପାର୍ଶ୍ୱନାଥଙ୍କ ଅନୁଗାମୀମାନେ କିଛି

ମାତ୍ରାରେ ଆରାମ କରିବା ତାଙ୍କର ଦୃଷ୍ଟିକୁ ଆସିବାରୁ ବ୍ରହ୍ମଚର୍ଯ୍ୟକୁ ଏକ ସ୍ୱତନ୍ତ୍ର ବ୍ରତ ଭାବରେ ପାଳନ କରିବା ଉଦ୍ଦେଶ୍ୟରେ ସେ ଏହି ସଂଶୋଧନ କରିଥିଲେ । ଏହିପରି ଭାବେ ପାର୍ଶ୍ୱନାଥଙ୍କ ବିରୋଧୀ ନିଗନ୍ଥନାତପୁତ୍ ପ□ବ୍ରତ ଉପରେ ଏକ ନୂତନ ଶୃଙ୍ଖଳାର ଆୟମାରମ୍ଭ କରିଥିଲେ ।୪। ତାଙ୍କର ଏହି ଉଦ୍ଭାବନ ସଂପର୍କରେ ବୌଧ୍ମାନେ ପ୍ରାୟ କିଛି ଜାଣିନଥିଲେ ।

ଅସିବନ୍ଧକପୁତ୍ ଗାମିମୀ ନାମକ ଜଣେ ବୌଧ୍ ଗୃହସ୍ଥ ବୁଧ୍ଙ୍କ ସାକ୍ଷାତ କରିବା ନିମନ୍ତେ ନାଳନ୍ଦାକୁ ଯାଇଥିଲେ । ବୁଧ୍ଙ୍କର ଗୋଟିଏ ପ୍ରଶ୍ନର ଉତ୍ର ଦେଇ କହିଲେ ଯେ - ନିଗନ୍ଥନାତପୁତ୍ ନିଜର ଜଣେ ସେବକଙ୍କୁ ଗୋଟିଏ ମତ ସଂପର୍କରେ ଉପଦେଶ ଦେଇଥିଲେ । ସେହି ଉପଦେଶରେ ହତ୍ୟାକାରୀ (ପାଣମ୍ ଅତି ପତେତି) ଚୋର (ଅଦିନମ୍ ଆଦିୟାତି) ଯୌନାଚାରୀ (କାମେଷୁଇଚ୍ଛା ଚରିତି) ମିଥ୍ୟାଚାରୀ (ମୂକ୍ଷାଭଣତି) ପାପାମୋଚନ ସ୍ଥାନକୁ (ସ ଆପାୟିକ ନେରୟିକ) ଯିବେ ବୋଲି ଉପଦେଶରେ କହିଥିଲେ । ସଂକ୍ଷେପରେ ଜଣଭକର ଭାଗ୍ୟ ତା'ର ଜୀବନ ଯାତ୍ରା ଉପରେ ନିର୍ଭର କରେ ।୫।

ଏହି ଉଦାହରଣଟି ନିଗନ୍ଥନାତପୁତ୍ଙ୍କ ଗୃହସ୍ଥ ଅନୁଗାମୀମାନଙ୍କ ସହିତ ଜଡ଼ିତ । କିନ୍ତୁ ଯେଉଁ ବ୍ରତ କଥା କୁହାଯାଇଥିବା ସ୍ଥାନରେ ଚାରିଟି ବ୍ରତକଥାର ଉଲେଖ ଅଛି । ପା□ଟିର ନୁହେଁ । ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'କୁଶଳୀ' । ଏହାକୁ କାମେଷୁମିଛା କରତି ଜରିଆରେ ପରିଗ୍ରହରୁ ଅଲଗା କରିଦିଆଯାଇଛି । ପାଲି ସାହିତ୍ୟର ଏହି ଦୃଷ୍ଟାନ୍ତରେ ବ୍ୟକ୍ତିଗତ କଥାଟିକୁ ବୁଝାଇଛି । ଏଥିରୁ ଜଣାପଡୁଛି ଯେ ନିଗନ୍ଥନାତପୁତ୍ ପାର୍ଶ୍ୱନାଥଙ୍କ ଧର୍ମରେ କରିଥିବା ପରିବର୍ତନ ସଂପର୍କରେ ବୌଧ୍ମାନେ ଜାଣିଥିଲେ । କିନ୍ତୁ ପରିଗ୍ରହ ସ୍ଥାନରେ କୁଶୀଳକୁ ବିନା ବିଚାରରେ ଗ୍ରହଣ କରାଯାଇନାହିଁ । କହିବା ଅପେକ୍ଷା ତାହା ବୁଝି ହୋଇନଥିଲା ବୋଲି କହିବା ଅଧିକା ଯୁକ୍ତିସଂଗତ ମନେହୁଏ ।

ଅଙ୍ଗୁତ୍ରନିକାୟରେ ଜୈନ ଧର୍ମର ପ□ବ୍ରତ ସଂପର୍କରେ ପଢ଼ିବାକୁ ମିଳେ ।୬। ନିଗନ୍ଥନାତପୁତ୍ ଏହି ପା□ ବ୍ରତ ପାପ ନିକଟରେ ପହ□ିବା ପାଇଁ ପା□ଟି ବାଟ ବୋଲି ନିଗନ୍ଥନାତପୁତ୍ କହିଥିବା ଏହି ନିକାୟରୁ ଜଣାପଡ଼େ । ଉକ୍ତ ପ□ବ୍ରତ ହେଲା ।

୧. ପ୍ରାଣି ମାନଙ୍କର ବିନାଶ (ପାଣାତିପତି ହୋତି)

୨. ଦିଆଯାଇନଥିବା ଜିନିଷ ନେଇଯିବା (ଅଦିନ୍ନାଦାୟୀହୋତି)

୩. ଅସତ୍ର ମନଭରି ଉପଭୋଗ (ଅବ୍ରହ୍ମଚାରୀ ହୋତି)

୪. ମିଛ କହିବା (ମୁଷାବାଦୀ ହୋତି)

୫. ମଦ୍ୟ ଓ ନିଶାଦ୍ରବ୍ୟ ସେବନ (ସୁରା ମେରୟ ମଜ୍ଜପ୍ପମାଦେତଥାୟୀ ହୋତି)

ଏହା ମଧ୍ୟ ଆଂଶିକ ଭାବରେ ଠିକ୍ । ପ୍ରଥମ ଚାରି ପ୍ରକାର ପାପ ଯଦିଓ ଜୈନ ଶୃଙ୍ଖଳା ଅନୁଯାୟୀ ଲେଖାଯାଇନାହିଁ, ତଥାପି ଆଂଶିକ ଠିକ୍ ଲେଖାଯାଇଛି । ପ□ମଟି ପରିଗ୍ରହ ବୋଲି ଲେଖାଯିବା ଉଚିତ୍

ହୋଇଥାନ୍ତା । ଜୈନ ଗ୍ରନ୍ଥ ଅନୁସାରେ ସୁରା ମେ ଇୟମଜ୍ଜପ୍ପମା ଦତ୍‌ଥାନ ହିଂସାର ଗୋଟିଏ ଲକ୍ଷଣ ସିନା ସଂପୂର୍ଣ୍ଣ ପୃଥକ୍ ବିଭାଗ ନୁହେଁ । ଏହି ତାଲିକାଟି ପରିଗ୍ରହକୁ ସଂପୂର୍ଣ୍ଣ ଭାବରେ ଭୁଲିଯାଇଛି ।

ଏହି ଉଦାହରଣ ଆମକୁ ଦୁଇଟି କଥା ମନେ ପକାଇଦିଏ (୧) ପାର୍ଶ୍ୱନାଥ ଅଭିମତ ଅନୁସାରେପାପ ଚାରିପ୍ରକାରର ଏବଂ (୨) ନିଗନ୍ଥନାତପୁତ୍ର ପ□ପାପ କଥା ଯେଉଁଥିରେ କି ନାତପୁତ୍ ଶେଷ ପାପଟିକୁ ଦୁଇ ଭାଗରେ ବିଭକ୍ତ କରି ଅକୁଶୀଳ ଏବଂ ଅପରିଗ୍ରହ ନାମରେ ନାମିତ କରିଛନ୍ତି । ସଂପୃକ୍ତ ଉଦାହରଣ ଗୁଡ଼ିକରେ ଥିବା ଦୋଷ ଗୁଡ଼ିକ ହେଉଛି (୧) ସେମାନେ ଜୈନ ପରମ୍ପରାକୁ ଅନୁସରଣ କରିନାହାନ୍ତି । (୨) ପରିଗ୍ରହ ଯାହାକି ପାପର ଶେଷ ପର୍ଯ୍ୟାୟ, ତାହାକୁ ପାଲି ସାହିତ୍ୟ ଏଡ଼ାଇ ଯାଇଛି । ପାଲି ତ୍ରିପିଟକର ସଂକଳକ ହୁଏତ ନିଗନ୍ଥନାତପୁତ୍‌ଙ୍କ ସଂସ୍କାର ସଂପର୍କରେ ବିଶେଷ ଅବଗତ ନଥିବେ କି ସେମାନେ ଏହାକୁ ଗୁରୁତ୍ୱ ଦେଇ ନଥିବେ ବୋଲି ମନେହୁଏ ।

ପାଲିସୂତ୍ରରେ ସର୍ବତ୍ର ପରିଗ୍ରହକୁ କୌଣସିରେ ବ୍ୟବହାର ନହେବା ଏକ ଗୁରୁତ୍ୱପୂର୍ଣ୍ଣ କଥା । ଭାରତୀୟ ପୁରାତତ୍ୱ ପ୍ରତି ପରିଗ୍ରହ ହେଉଛି ଜୈନ ଧର୍ମର ସବୁଠାରୁ ମହାର୍ଘ ଅବଦାନ । ପାର୍ଶ୍ୱନାଥଙ୍କ ପରମ୍ପରା ସହିତ ଜଡ଼ିତ ହେବାବେଳେ ଏହା ସର୍ବାନ୍ତକରଣରେ ଏକ ନୂଆ ଧାରଣା ଭାବରେ ସଂଲଗ୍ନ ହୋଇଥିଲା । ଏହା ବିଶୃଙ୍ଖଳାର ସମସ୍ତ କାରଣ ଏବଂ ନିରାକରଣ କଥା କହିଥିଲା ଏବଂ ଅନୈତିକତାର ତୃଣମୂଳର ଉତ୍ପାଟନ ପାଇଁ ସ୍ୱୀକୃତି ମଧ୍ୟ ଲାଭ କରିଥିଲା । ମାନବିକ କର୍ମ ଉପରେ ଆକାଙ୍‌କ୍ଷା ଏବଂ ଦୋଷ ଦୁର୍ବଳତାର ଭୂମିକା ଭିତ୍‌କରି ଏହାର ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ପାର୍ଶ୍ୱନାଥୀୟ ନୈତିକ ଗୁରୁତ୍ୱ ବୁଧ୍ କିମ୍ବା ତାଙ୍କର ଅନୁଗାମୀମାନେ ଠିକ୍ ଭାବରେ ବୁଝିପାରିନଥିଲେ । କାରଣ, ସେମାନେ ଯଦି ତାହା କରିଥାନ୍ତେ, ତାହେଲେ ସେମାନେ ପାର୍ଶ୍ୱନାଥଙ୍କ ବ୍ରତ ବୌଧ୍ ଧର୍ମର ଦ୍ୱିତୀୟ ମହାନ୍ ସତ୍ୟ ସହିତ ଦୁଃଖର ନିଦାନ ଭାବରେ ଯେ ସଂପୂର୍ଣ୍ଣ ସମଧର୍ମୀ ଏହା ଜାଣିପାରିଥାନ୍ତେ ।

ହିଂସା ସଂପର୍କରେ ଜୈନ ମତ କ'ଣ ତାହା ନିକାୟରେ ନଥିଭୁକ୍ତ ହୋଇ ରହିଛି । ହିଂସାର କାରଣ ଏବଂ ତାହାର ନିରାକରର କଥା ଏଥିରେ ଅଛି । ମଜ୍‌ଝିମନିକାୟ କରେ ଯେ ନିଗନ୍ଥ ମାନେ ତିନି ପ୍ରକାରର ହିଂସା ସଂପର୍କରେ ସୂଚାଇଛନ୍ତି । ୧. କୃତ, ୨. କାରିତ୍ ଏବଂ ୩. ଅନୁମୋଦନ । ହିଂସା କରାଇବା କିମ୍ବା ହିଂସାପ୍ରତି ସହମତ ହେବ । ନିଜେ ହିଂସା କରିବା ସହିତ ସମାନ । କାରଣ ଗୋଟିଏ କାର୍ଯ୍ୟ କରିବା କିମ୍ବା କରାଇବା ଭିତରେ ନିଜର ପ୍ରତ୍ୟକ୍ଷ ବା ପରୋକ୍ଷ ଅଂଶ ଗ୍ରହଣଟି ସ୍ୱୟଂ ସଂପୃକ୍ତ ହୋଇଥାଏ । ତେଣୁ ଯିଏ ହିଂସାଠାରୁ ଦୂରେଇ ରହିବାକୁ ଚାହିଁବ ସିଏ ଅନ୍ୟକୁ କଷ୍ଟ ଦେବା ପରି ପଦଟିଏ ସୁଧ୍ା କଥା କହିବ ନାହିଁ, ଅନ୍ୟକୁ କ୍ଷତିକରିବା ପରି କୌଣସି କାମ କରିବା ନାହିଁ । ଅନ୍ୟର କ୍ଷତି ହେବା ପରି କୌଣସି ଚିନ୍ତାକୁ ମନରେ ଆଶ୍ରୟ ଦେବନାହିଁ । କୌଣସି ତୃତୀୟ ପକ୍ଷକୁ କଷ୍ଟହେବା ପରି କାମରେ ଜଣକୁ ନିୟୋଜିତ କରିବ ନାହିଁ, ଅନ୍ୟର ମନ୍ଦ ଚିନ୍ତାକରି ପରିହାସ କରିବ ନାହିଁ ଏବଂ କାର୍ଯ୍ୟ ଶବ୍ଦ କିମ୍ବା ଅନୁଚନ୍ତାରେ ଜଣକୁ କଷ୍ଟ ଦେବା କାମରେ କାହାରିକୁ ନିୟୋଜିତ କରିବନାହିଁ ।୭।

ଅନ୍ୟଗୋଟିଏ ସ୍ଥାନରେ ମଝିମ୍‌ନିକାୟରେ ଉଲେଖ ଅଛି ଯେ ବିଘତ ପସ୍‌ସ ନାଳନ୍ଦାରେ ବୁଧ୍‌ଙ୍କୁ ଜଣାଇଲେ ନିଗନ୍ଥନାତପୁତ୍ କମ୍‌କମ୍‌କୁ ତ୍ୟାଗ କରିନାହାନ୍ତି କିନ୍ତୁ ତାଙ୍କର ଉପଦେଶ ଦଣ୍ଡଦଣ୍ଡ ଉପରେ ପର୍ଯ୍ୟବେସିତ ।୯। ତାଙ୍କ ମତରେ ମନ୍ଦ କର୍ମ ୩ ପ୍ରକାରର ।୧. କାୟଦଣ୍ଡ-ବାସୀଦଣ୍ଡ, ଏବଂ ମନୋଦଣ୍ଡ । ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଅନ୍ୟଦୁଇଟି ତୁଳନାରେ କାୟଦଣ୍ଡ ଅଧିକ ଦିଗତପସ୍‌ସିଙ୍କ କଥାକୁ ପ୍ରଶଂସା କଲେ ଏବଂ ଗୋତକମୁ ସଠିକ୍ ଭାବରେ ସାଧୁ ସାଧୁ ତପସୀ ବୁଝାଇ ଦେଇଛନ୍ତି ବୋଲି କହିଲେ । କାରଣ ମନର ଗୋଟିଏ ସାଧାରଣ ଭୁଲ ଶରୀର ଗୋଟିଏ ଗୁରୁତର ଭୁଲ୍ ଅପେକ୍ଷା ଗୁରୁତର ବିବେଚିତ ହେବ । କିମ୍ ହି ଶୋଭିତ କବୋ ମନୋଦଣ୍ଡ ଇମାସ୍ ଏବ୍ ଓଳାରିକସ୍ କାୟଦଣ୍ଡସ୍ ଉପନିଧା । ଅଥ କୋଃ କାୟଦଣ୍ଡ ବା ମହାସଭଜ୍ଜତରୋ ପାଦସ୍....) । ଏହାପରେ ଉପାଳି ପଚାରିଲେ , ଅସୁସ୍ଥ ଥିବା ସତ୍ୱେ ନିଗନ୍ଥ ଯିଏକି ମୃତ୍ୟୁବରଣ କରନ୍ତି ତା'ହେଲେ ତାଙ୍କ ପାଇଁ ସିଏ କେଉଁ ପ୍ରକାରର ପରିଣତି ରଖିଦେଇ ଯିବେ ? ଉପାଳୀ ଉତ୍ର ଦେଇ କହିଲେ ଯେ ସେ ମନାସ୍ ଦେବଗଣଙ୍କ ମଧ୍ୟରେ ଜନ୍ମ ନେବେ । ସେ ଆହୁରି ମଧ୍ୟ କହିଲେ ଯେ ନାତପୁତ୍‌ଙ୍କ ମତରେ ମୃତ୍ୟୁପୂର୍ବରୁ ସେ ମନର ଅନୁଗତ ହୋଇଥିବାରୁ ତାଙ୍କର ଦେଶଷର ମାତ୍ରା ଖୁମ୍ କମ୍ ବୁଧ୍ କହୁଛନ୍ତି, 'ତୁମେ ଯେମିତି କହିଲ ଜଣେ ଗୃହସ୍ଥ ସେହିପରି ଯନ୍ ନିଅନ୍ତି । ତୁମର ପୂର୍ବ ବିବୃତିଟି ପରବର୍ତ୍ତୀ ବିବୃତି ସହିତ ମେଳ ଖାଉନାହିଁ କିମ୍ବା ପରବର୍ତ୍ତୀ ପୁର୍ବବର୍ତ୍ତୀ ସହିତ । (ମନସି କରୋହି, ଗହପତି... ନାଖୋ ତେ ସନ୍ଧୟତି ପୁରିମେନ ବା ପଚ୍ଛିମମ୍, ପଚ୍ଛିମେନ ବା ପୁରିମମ୍) ଏହାପରେ ପୁଣି ଉପାଳୀ ପ୍ରଶ୍ନ କଲେ ଯିବା କିମ୍ବା ଆସିବା ବାଟରେ ଚତୁର୍ଦ୍ଦିଗ ଅନେକ ପ୍ରକାରର କ୍ଷୁଦ୍ର କ୍ଷୁଦ୍ର ବିନାଶକାରୀ ଜୀବଙ୍କୁ ଆଣି ନିଗନ୍ଥନାତପୁତ୍‌ଙ୍କୁ ବାଧା ଦେଲେ । ନାତପୁତ୍ ଏହି କ୍ଷେତ୍ରରେ ଜଣେ ଗୃହସ୍ଥଙ୍କ ପାଁ କ'ଣ କରିବେ ? ନାତପୁତ୍ କହିଲେ ଯେ ଉଦ୍ଦେଶ୍ରପୂର୍ଣ୍ଣ ଭାବରେ ନହେଲେ ଦୋଷ ଦେବାର କିଛି ନାହିଁ । କିନ୍ତୁ ଯଦି ସେ ଉଦ୍ଦେଶ୍ୟ ରଖି କରନ୍ତି ତେବେ ଏହା ଗୁରୁତର ଦୋଷାବହ ଏବଂ ଏହା ମନର ଭ୍ରାନ୍ତିର ଅନ୍ତର୍ଭୁକ୍ତ ହେବ । (ଚମ୍ କିମ୍ପ ମନ୍ନ୍ୟାସୀ, ଗହପତି ଇଧସ୍ ନିଗନ୍ଥ... ସ ଅଭିକ୍ଖମନ୍ତେ । ବହୁ ଖୁଦ୍‌ଦକେପନ ସଂଘଠମ୍ ଆପଦେତି । ଇମାସ୍‌ପନ୍, ଗହପତି ଇଧସ ନିଗନ୍ଥନାପୁତ୍ କମ୍ ବିପାକମ୍ ପନ୍ନାପେତି ଇତି ? ବାସନ୍ୟ ଚେତନିକମ୍ ଭନ୍ତେ । ନିଗନ୍ଥନାତପୁତ୍ ନୋ ମହାସାଭାଜ୍ଜମ... ମନୋଦଣ୍ଡସ୍ମିନ୍ ଭନ୍ତେ । ତା'ପରେ ବୁଧ୍ କହୁଛନ୍ତି - ଯଦି ଜଣେ ଲୋକ ଏଠାକୁ ଗୋଟିଏ ଖୋଲା ଖଣ୍ଡା ଆଣି ଆସେ ଏବଂ କହେ ଯେ ମୁହୂର୍ତ୍‌କ ଭିତରେ ନାଳନ୍ଦାର ସବୁ ଜିଅନ୍ତା ମଣିଷକୁ ଗୋଟାଏ ମାସଂ ଗଦାରେ ପରିଣତ କରିଦେବି, ଗୋଟିଏ ମାଂସ ଟେଳାରେ ପରିଣତ କରିଦେବି, ତୁମେ ସେ ବିଷୟରେ କ'ଣ କହିବ ? ସେଇ ଲୋକ ଗୋଟିଏ ମୁହୂର୍ତ୍ତରେ ଗୋଟିଏ ସେକେଣ୍ଡରେ କ'ଣ ନାଳନ୍ଦାର ସବୁ ଜୀଅନ୍ତା ମଣିଷକୁ ମାସଂଗଦାରେ ପରିଣତ କରିଦେଇ ପାରିବ ? ଉପାଳୀ ଉତ୍ର ଦେଇଛନ୍ତି " ଦଶଜଣ କାହିଁକି, କୋଡ଼ିଏ, ତିରିଶ, ଚାଳିଶ ଲୋକ ଏପରିକି ପଚାଶଲୋକ ଗୋଟିଏ ମୁହୂର୍ତ୍ତ୍‌ରେ, ଗୋଟିଏ ସେକେଣ୍ଡରେ ନାଳନ୍ଦାର ସବୁ ଜୀଅନ୍ତା ପ୍ରାଣୀଙ୍କୁ ଗୋଟିଏ ମାଂସ ଗଦାରେ ପରିଣତ କରିପାରିବେ ନାହିଁ, ତାହେଲେ ଏହି ଅବସ୍ଥାରେ କ'ଣ ଜଣେ ଗୁରୁତ୍ୱପୂର୍ଣ୍ଣ ଲୋକ କିପରି ବାହାରି ପାରିବ ? ବୁଧ୍ ପୁଣି ଥରେ ଉପାଳୀଙ୍କ କଥାରେ ଥିବା ପରସ୍ପର ବିରୋଧୀ ବକ୍ତବ୍ୟ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ ।୧୦।

ପ୍ରକୃତରେ ଆସକ୍ତି ଏବଂ ଉଦ୍ଦେଶ୍ୟ ଜୈନ ଧର୍ମରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ସେହିମାନେ ହିଁ ହିଂସାର ମୂଳ ସୂତ୍ରଧର । ଜଣେ ଯଦି ଆଚରଣ ବିଧିକୁ ସଚେତନ ଭାବେ ପାଳନ କରେ, ଆଗକୁ ଚାହିଁ ବାଟ ଚାଲେ । ପୋକଜୋକଙ୍କର ମଧ୍ୟ କ୍ଷତି ନକରିବାକୁ ଚେଷ୍ଟା କରେ, ଅଥଚ ଗୋଟିଏ ପୋକକୁ ପାଦରେ ଅଚାନକ ଦଳିଦିଏ, ତାହେଲେ ତାକୁ ହିଂସା ଦେଶରେ ଦାୟି କରାଯିବ ନାହିଁ । ଜଣେ ଯଦି ବେଖାତିର ଭାବରେ ଅଥବା ଉଦ୍ଦେଶ୍ୟମୂଳକ ଭାବରେ ତାହାକରେ, ତେବେ ସେହି ଜୀଅନ୍ତା କୀଟ ମରୁ କିମ୍ବା ବ□ୁ ସେଥିପାଇଁ ସେ ଦାୟୀ ହେବ । କାରଣ ଦୁଃଖର ପ୍ରଭାବରେ ଜଣେ ଲୋକ ପ୍ରଥମେ ନିଜକୁ ନିଜେ ଆହତ କରେ – ଅନ୍ୟ ଜଣେ ସେହି ସମୟରେ ଆହତ ହେଲାକି ନାହିଁ ସେଥିପ୍ରତି ତାର ଦୃଷ୍ଟି ନାହିଁ ।

ଯୁକ୍ତାଚାରଣସ୍ୟ ସତ୍ ଓ ରାଗାଦ୍ୟାବେଶ ମନ୍ତରେଣାପି

ନହି ଭବତି ଯାତୁ ହିଂସା ପ୍ରାଣବ୍ୟାପାର ପଣାଦେବ

ବ୍ୟୁତ୍ଥାନା ଭସ୍ଥାୟମ ରାଗାଦିନାମ୍ ବାସପ୍ରବୃତ୍ୟାୟାମ୍

ସୟନ୍ତମ୍ ଜୀବନ ମା ବା ଧାବତ୍ୟଗ୍ରେ ଧ୍ରୁବମ୍ ହିଂସା

ଯମ୍ଵା ସକାସାୟ ସନ୍ ହନ୍ତ୍ୟାମ୍ଵା ପ୍ରଥମମାତ୍ମନାତ୍ମନମ୍

ପଶ୍ଚାଜୟେତ ନାବା ପ୍ରାଣୟନ୍ତରାଣମ୍ ତୁ ।୧୧।

ହିଂସାରୁ ନିବୃତ୍ ରହୁନଥିବା ଲୋକ ଏବଂ ହିଂସାକୁ ପ୍ରଶୟ ଦେଉଥିବା ଲୋକ ଉଭୟେ ଆଚରଣ କରନ୍ତି । ଯେତେବେଳେ ମନରେ, ଶରୀର କିମ୍ବା ଭାଷଣରେ ସ୍ୱେଚ୍ଛାଚାରୀ କାର୍ଯ୍ୟକଳାପ ପ୍ରକାଶପାଏ । ତାହା ହିଂସାର ଅନ୍ତର୍ଭୁକ୍ତ ହୁଏ । ତରବାରୀକୁ କେବଳ ଧରିଲେ ଜଣକୁ ହିଂସାକଲା ବୋଲି କହିହେବ ନାହିଁ । ଏହି ଖଣ୍ଡା ଧରିବା କାହାରି ଆଘାତର କାରଣ ହେଲେ ସୁଧା ତାହାକୁ ହିଂସା କୁହାଯିବ ନାହିଁ । ତେଣୁ ହିଂସାର ସମସ୍ତ ସମ୍ଭାବନାକୁ ରୋକିବା ନିମନ୍ତେ ଏହି ଧରଣର ଜିନିଷ କ୍ଷତି ଘଟାଇବାର ସମ୍ଭାବନା ଥିବା ଦୃଷ୍ଟିରୁ ଜଣେ ଏହାକୁ ଧରିବାକୁ ଇଚ୍ଛା ମଧ୍ୟ କରିବା ଉଚିତ୍ ନୁହେଁ ।୧୨।

ଏହିପରି ସମସ୍ତ ଉଦାହରଣରୁ ଉଦ୍ଦେଶ୍ୟ ହିଁ ଆଘାତାର ମୁଖ୍ୟ କାରଣ ବୋଲି ଜୈନ ଧର୍ମରେ ବିଶ୍ୱାସ କରାଯାଉଥିବା ଜଣାପଡ଼େ । ଯଦି ଉଦ୍ଦେଶ୍ୟମୂଳକ ଭାବରେ ଶରୀରରେ ଆଘାତ ହୋଇଛି ତେବେ ଏହାକୁ ଅଧିକ ଦାୟୀବୋଲି ବିବେଚନା କରାଯିବ । ଯଦି ଜୀବନ୍ତ ପ୍ରାଣୀର ଅନିଚ୍ଛାକୃତ ହତ୍ୟାକୁ ଦୋଷ ବୋଲି ଧରାଯାଏ, ତେବେ ଧରାରେ ଅହିଂସକ ବୋଲି କେହି ରହିବେ ନାହିଁ । କାରଣ ନିଜ ଅଜଣାତରେ ମଣିଷ ବହୁସଂଖ୍ୟାରେ ମାରିଦେବା ସବୁପ୍ରକାର ପ୍ରାଣିହାନୀକର ସତ୍ୱରେ ପୃଥିବୀ ଭରପୁର ।

ବିଶ୍ୱଗଜୀବଚିତ୍ ଲୋକେ କ୍ୱା ଚରନ୍ କୋ ପ୍ୟାମୋକ୍ଷତ୍

ଭାବୈକ ସାଧନୌ ବନ୍ଧ ମୋକ୍ଷୌ ଚେନ୍ନାଭବିଷ୍ୟତାମ୍ ।୧୩।

ମାଂସ ଭକ୍ଷଣ ସଂପର୍କତ ଜୈନ ମତ ସଂପର୍କରେ ବିଜୟ ପିଟକରେ ସମର୍ଥନକାରୀ କଥା କୁହାଯାଇଛିଯେ

ଲିଚ୍ଛବିର ଜଣେ ସେନାପତି ତଥା ନିଗନ୍ଥନାତପୁତ୍ଙ୍କର ଜଣେ ଅନୁଗାମୀ ବୁଧ୍ଙ୍କୁ ମାଂସ ବାଢ଼ିଥିଲେ । ଏକଥା ଜାଣିପାରି ନିଗନ୍ଥ ଗୁଣୁଗୁଣୁ ହୋଇ ବୈଶାଳୀର ଗଳି କନ୍ଦିରେ ହାତ ହଲାଇ ବୁଲିବାକୁ ଲାଗିଲେ । ଆଜି ସିଂହ ସେନାପତି ଗୋଟାଏ ମୋଟା ଜନ୍ତୁକୁମାରି ଭୋଜନ ସମୟରେ ବୁଧ୍ଙ୍କୁ ମାସଂ ଦେଇଛି । ବୁଧ୍ ଏହି ମାଂସକୁ ତାଙ୍କରି ଉଦ୍ଦେଶ୍ୟରେ ମରାଯାଇଥିବା ଜାଣି ଭକ୍ଷଣ କଲେ ।୧୪। ସିହ ବୌଧ୍ ଧର୍ମ ଗ୍ରହଣ କରିବା ପରେପରେ ଏହି କତା କୁହାଯାଇଛି । ତେଣୁ ନିଗନ୍ଥମାନେ ଉଭୟଙ୍କୁ ଦାୟୀ କରିବାକୁ ଚେଷ୍ଟା କରିଥାଇପାରନ୍ତି । ଯାହାବି ହେଉ ଏହା ଦୃଷ୍ଟାନ୍ତ ଆମକୁ ସୂଚାଇ ଦେଉଛି ଯେ ଜୈନ ମାନେ ସଂପୂର୍ଣ୍ଣ ଭାବରେ ମାଂସ ଭକ୍ଷଣର ବିରୋଧୀ ଥିଲେ । ବୁଧ୍ଙ୍କ ଅନୁଗାମୀମାନେ ଜୈନମାନଙ୍କର ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିବା ବିଶ୍ୱାସ ଯୋଗ୍ୟ । ଜୀବକ ବୁଧ୍ଙ୍କ ସାକ୍ଷାତ୍ କରନ୍ତି ଏବଂ ପଚାରନ୍ତି ଯେ ବୁଧ୍ଙ୍କ ବ୍ୟବହାର ପାଇଁ ପଶୁ ବଧ୍ କରାଯାଉଥିବା କ'ଣ ସତ ! ବୁଧ୍ ଉତ୍ର ଦିଅନ୍ତି ଯେ ଜଣକର ଅଭିପ୍ରାୟରେ ବ୍ୟବହାର ହେବାଲାଗି ।

* * *